# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଜୁଲାଇ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 28/2025 | Page 14 | ₹ 7.00

୫୧ଶ ଭାଗ ୨୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 243 | ମୂଲ୍ୟ ₹୭/-




ଭୁବନେଶ୍ୱରରେ ରବିବାର ପ୍ରବଳ ବର୍ଷା ହୋଇଥିବାବେଳେ ୫ ଜଣ ଯୁବକ ଏକ ପଲିଥିନ୍ ଘୋଡ଼ାଇ ଯାଉଛନ୍ତି। **(ଫଟୋ– ବିକାଶ ନାୟକ)**

## ୨୦ ହଜାର ଟଙ୍କାରେ ଶିଶୁକନ୍ୟା ବିକ୍ରି ଅଭିଯୋଗ

**ଟିଟିଲାଗଡ଼,୨୭।୭(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଶିଶୁବିକ୍ରି ଘଟଣା ମନରୁ ନ ଲିଭୁଣୁ ପୁଣି ଟିଟିଲାଗଡ ବ୍ଲକରେ ଏକ ଶିଶୁକନ୍ୟା ବିକ୍ରି ଖବର ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ଟିଟିଲାଗଡ଼ ବ୍ଲକର ବାଗଡେର ଗାଁର ଏକ ଅଭାବୀ ଦମ୍ପତି ନିଜ ଶିଶୁକନ୍ୟାକୁ ୨୦ ହଜାର ଟଙ୍କାରେ ଅନ୍ୟ ଏକ ଦମ୍ପତିଙ୍କ ହାତକୁ ଟେକିଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଖବର ମିଳିବା ପରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ଲାଇନର ଏକ ଚାରି ଜଣିଆ ଟିମ୍ ଟିଟିଲାଗଡ଼ ଗସ୍ତ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**କାମ୍ବୋଡିଆ-ଥାଇଲାଣ୍ଡ**

# ହରିଦ୍ୱାର ମନସାଦେବୀ ମନ୍ଦିରରେ ଦଳାଚକଟା

## ୬ ମୃତ, ୨୮ ଆହତ

**ହରିଦ୍ୱାର,୨୭।୭(ପି.ଟି.)**

ହରିଦ୍ୱାରର ପାହାଡ଼ ଶୀର୍ଷରେ ଥିବା ମନସା ଦେବୀ ମନ୍ଦିରରେ ରବିବାର ସକାଳେ ଅନେକ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବାବେଳେ ଦଳାଚକଟା ଘଟି ୬ ଜଣଙ୍କ ମୃତ୍ୟୁ ହେବା ସହ ୨୮ ଆହତ ହୋଇଛନ୍ତି। ମନ୍ଦିରକୁ ଯାଇଥିବା ପାହାଚ ରାସ୍ତା ଅତ୍ୟନ୍ତ ସଂକୀର୍ଣ୍ଣ ହୋଇଥିବାରୁ ଭିଡ଼ ପ୍ରବଳ ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ କରେଣ୍ଟକୁ ନେଇ ଗୁଜବ ପ୍ରଚାରିତ ହୋଇଯିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଫଳରେ ଦଳାଚକଟା ଘଟିଲା ବୋଲି ହରିଦ୍ୱାର ଏସ୍ଏସ୍ପି ପ୍ରମେନ୍ଦ୍ର ସିଂ ଡୋବାଲ କହିଛନ୍ତି। ଆହତ ଅବସ୍ଥାରେ ୩୪ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ଘଟିଛି।

ଅନ୍ୟପକ୍ଷରେ ବିଦ୍ୟୁତ୍ ତାର ଛିଡ଼ିବା ଖବରକୁ ମନ୍ଦିର ପ୍ରଶାସନ ପକ୍ଷରୁ ଖଣ୍ଡନ କରାଯାଇଛି। ମନ୍ଦିର ପାହାଚରେ ପ୍ରବଳ ଭିଡ଼ ମଧ୍ୟରେ ଜଣେ ଶ୍ରଦ୍ଧାଳୁ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ମନସା ଦେବୀ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ରବୀନ୍ଦ୍ର ପୁରୀ କହିଛନ୍ତି। ଭିଡ଼ ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା ଓ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଥିଲା। ଏହା ସତ୍ତ୍ୱେ ଗହଳି ଅଧିକ ହେଲା ଏବଂ ଜଣେ ଭକ୍ତ ଖସିପଡ଼ିବାରୁ ଦଳାଚକଟା ଘଟିଲା ବୋଲି ପୁରୀ କହିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅତ୍ୟଧିକ ଭିଡ଼ ଯୋଗୁ ଧାଡ଼ିରେ ଅପେକ୍ଷା କରିଥିବା ଲୋକେ ପରସ୍ପରକୁ ଠେଲିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା।

ପ୍ରତିବର୍ଷ ଶ୍ରାବଣ ମାସରେ ବିଶେଷ କରି ହର କୀ ପୌରି ଏବଂ ମନସା ଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥାଏ। ରବିବାର ଛୁଟିଦିନ ଥିବାରୁ ୫୦୦ ଫୁଟ୍ରୁ ଅଧିକ ଉଚ୍ଚରେ ଅବସ୍ଥିତ ଶିବାଲିକ ପାହାଡ଼ ଶୀର୍ଷଭାଗରେ ଥିବା ମନ୍ଦିରକୁ ଯାଇଥିବା ସଂକୀର୍ଣ୍ଣ ପ୍ରବେଶ ପଥରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ସେମାନଙ୍କ ମଧ୍ୟରେ ବହୁସଂଖ୍ୟାରେ ମହିଳା ଓ ଛୋଟ ପିଲା ଥିଲେ। ଦଳାଚକଟା ପରେ ହସ୍ପିଟାଲ ବାହାରେ ପରିବାର ସଦସ୍ୟ ସେମାନଙ୍କ ସମ୍ପର୍କୀୟଙ୍କ ସମ୍ପର୍କରେ ଜାଣିବା ପାଇଁ ଅପେକ୍ଷା କରିଥିବା ଦେଖାଯାଇଛି। ଘଟଣାର ମାଜିଷ୍ଟ୍ରେଟସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ଗୁଜବ ପ୍ରଚାର କରିଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସେ ଗଣମାଧ୍ୟମକୁ ଜଣାଇଛନ୍ତି। ଦଳାଚକଟା ଘଟଣାରେ ଲୋକଙ୍କ ଜୀବନ ଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍ଡିଆର୍ଏଫ୍) ଏବଂ ଅଗ୍ନିଶମ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ସମେତ ଆହତମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ହରିଦ୍ୱାର ଜିଲା ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ପଚାରି ବୁଝିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନଙ୍କ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଗୁରୁତର ୫ ଜଣଙ୍କୁ ଋଷିକେଶସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

# ମାଟିତଳୁ ମିଳିଲା ୩୫ ଲକ୍ଷ ଟଙ୍କା

**ଷ୍ଟିଲ୍ ଟିଫିନ୍‌ରେ ରଖିଥିଲେ ମାଓବାଦୀ**

**ବଣାଇଁ,୨୭।୭(ପ୍ରଦୀପ ତ୍ରିପାଠୀ)**

ଓଡ଼ିଶା ସୀମାନ୍ତ ଚାଇବସାର ସରଣ୍ଡା ଜଙ୍ଗଲରେ ସୁରକ୍ଷାକର୍ମୀମାନେ କୋମ୍ବିଂ ଅପରେଶନ ସମୟରେ ମାଟିତଳେ ପୋତା ହୋଇଥିବା ୩୫ ଲକ୍ଷ ଟଙ୍କା ଜବତ କରିଛନ୍ତି। ମାଓବାଦୀମାନେ ଉକ୍ତ ଟଙ୍କାକୁ ବିଡ଼ା ବିଡ଼ା କରି ପ୍ୟାକିଂ କରି ଷ୍ଟିଲ୍ ଟିଫିନ୍‌ରେ ରଖିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ରାଞ୍ଚି ଆଇଜି ଏକ ପ୍ରେସ୍ ବିବୃତିରେ ଉଲ୍ଲେଖ କରିଛନ୍ତି। ସେମାନେ ଏହି ଟଙ୍କାକୁ ମାଓବାଦୀ କାର୍ଯ୍ୟକଳାପରେ ଲଗାଉଥିଲେ ଓ ଦଳର କ୍ୟାଡରମାନଙ୍କୁ ମଧ୍ୟ ଦରମା ଦେଉଥିବା ନେଇ ଗୋଇନ୍ଦା ବିଭାଗର ସୂଚନା ରହିଥିଲା। କେବଳ ସେତିକି ନୁହେଁ, ଏହି ଅର୍ଥ ଚଳିତ ମାସ ୨୮ ତାରିଖଠାରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପାଳିତ ହେବାକୁଥିବା ମାଓବାଦୀଙ୍କ ଶହୀଦ ସପ୍ତାହ ପାଇଁ ସଂଗୃହୀତ ହୋଇଥିଲା। ଓଡ଼ିଶା – ଝାଡ଼ଖଣ୍ଡ ସୀମା ସଂଲଗ୍ନ ଅଞ୍ଚଳରେ ଥିବା ବିଭିନ୍ନ ରେଲୱେ ସାଇଡିଂ, ଖଣି, କାମ କରୁଥିବା ଠିକାଦାରଙ୍କ ନିକଟରୁ ଏହି ଅର୍ଥ ସଂଗୃହୀତ ହୋଇଥିବା ସନ୍ଦେହ କରାଯାଉଛି।

ପ୍ରକାଶଯୋଗ୍ୟ ଯେ, ଠିକ୍ ୨ ମାସ ତଳେ ମେ' ୨୭ରେ ଓଡ଼ିଶା – ଝାଡଖଣ୍ଡ ସୀମା ସଂଲଗ୍ନ ବାଙ୍କୋ ପଥର ଖାଦାନରୁ ମାଓବାଦୀମାନେ ୫ ଟନ୍ ବିସ୍ଫୋରକ ଲୁଟ କରି ଓଡ଼ିଶାରେ ଚହଳ ସୃଷ୍ଟି କରିଥିଲେ। ଏହି ଘଟଣା ପରେ ଉଭୟ ରାଜ୍ୟର ପୋଲିସ ସତର୍କ ରହିବା ସହ ଝାଡ଼ଖଣ୍ଡରେ ☞ପୃଷ୍ଠା–୪

# କର୍ପୋରେଟର ଅମରେଶ ଜେନା ଗିରଫ

**ବଳାତ୍କାର ମାମଲା**

- କହିଲେ, 'ଅର୍ଚ୍ଚନା ମୋତେ ଫସାଇଦେଇଛନ୍ତି'
- ଅମରେଶ କର୍ମର ଫଳ ଭୋଗୁଛନ୍ତି : ଅର୍ଚ୍ଚନା
- ବିଜେଡିରୁ ଅମରେଶ ନିଲମ୍ବିତ

**ଭୁବନେଶ୍ୱର,୨୭।୭ (ସତ୍ୟଜିତ୍ ରାଉତ)**

ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଧୀନ ୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁଙ୍କୁ ଶେଷରେ ବାଲେଶ୍ୱର ଜିଲାରୁ କମିଶନରେଟ୍ ପୋଲିସ ରବିବାର ଗିରଫ କରିଛି। ବରହମ୍ପୁର ଥାନା ଅନ୍ତର୍ଗତ କଳାକାଦ ଗାଁରେ ଅମରେଶ ଆତ୍ମଗୋପନ କରିଥିଲେ। ଏହା ଜଣାପଡ଼ିବା ପରେ ଲକ୍ଷ୍ମୀସାଗର ଥାନାର ଏକ ଟିମ୍ ସେଠାରେ ଚଢ଼ାଉ କରି ଅମରେଶଙ୍କୁ ଧରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଅଣାଯାଇ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ହାଜର କରାଯାଇଥିଲା।



ଜାମିନ ନାମଞ୍ଜୁର ପରେ ତାଙ୍କୁ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅମରେଶ ଗିରଫ ହେବା ପରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଛି। ଏନେଇ ଦଳ ପକ୍ଷରୁ ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନା ଏକ ନିଲମ୍ବନ ଆଦେଶ ଜାରି କରିଛନ୍ତି। ଦଳରେ ବିଶୃଙ୍ଖଳାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଜେନା କହିଛନ୍ତି। ଅନ୍ୟପକ୍ଷରେ ଅମରେଶଙ୍କୁ ଫେରାର କରାଇବା ଅଭିଯୋଗରେ ଶନିବାର ୫ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିବାବେଳେ ସେମାନେ ଏବେ ଜେଲରେ ଅଛନ୍ତି। ଅମରେଶଙ୍କୁ ପୋଲିସ ଟିମ୍ ଡାକ୍ତରୀ ମାଇନା ପାଇଁ ☞ପୃଷ୍ଠା–୪

# ଇନ୍‌କମ୍ ସାର୍ଟିଫିକେଟରେ ବାର୍ଷିକ ଆୟ ୩ ଟଙ୍କା

**ସତ୍ନା, ୨୭।୭ (ପି.ଟି.)**

ମଧ୍ୟପ୍ରଦେଶର ସତ୍ନା ଜିଲାର କୋଠି ତହସିଲ ଅନ୍ତର୍ଗତ ନାଓଗାଁ ନିବାସୀ ରାମସ୍ୱରୂପ (୪୫) ନାମକ ଜଣେ କୃଷକଙ୍କର ଆୟ ପ୍ରମାଣପତ୍ର ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏହି ପ୍ରମାଣପତ୍ରରେ ରାମସ୍ୱରୂପଙ୍କ ବାର୍ଷିକ ଆୟ ମାତ୍ର ୩ ଟଙ୍କା ହୋଇଥିବା ଲେଖାହୋଇଛି। ଗତ ଜୁଲାଇ ୨୨ରେ ଜାରି କରାଯାଇଥିବା ଉକ୍ତ ଆୟ ପ୍ରମାଣପତ୍ରରେ କୋଠି ତହସିଲଦାର ସୌରଭ ଦ୍ୱିବେଦୀଙ୍କ ଦସ୍ତଖତ ରହିଛି। କଂଗ୍ରେସର ମଧ୍ୟପ୍ରଦେଶ ୟୁନିଟ୍ ପକ୍ଷରୁ ଏହି ପ୍ରମାଣପତ୍ରର ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରାଯାଇ ରାଜ୍ୟର ଭାଜପା ସରକାରଙ୍କୁ ଟାର୍ଗେଟ କରାଯାଇଛି।



प्र.क्र. RS/429/0111/47635/2025 /बी-121/2025 दिनांक 22/07/2025

**आय प्रमाण-पत्र**

(जारी होने की तिथि से तीन वर्ष तक मान्य)

प्रमाणित किया जाता है कि श्री/श्रीमती/कु. **रामस्वरूप** पिता/पति **श्याम लाल** निवासी **नायगाव** तहसील **कोठी** जिला **सतना** (मध्यप्रदेश) की/के परिवार की समस्त स्त्रोतों की वार्षिक आय रुपये 3 (शब्दों में **तीन रूपये मात्र** ) है।

(आवेदक द्वारा प्रस्तुत घोषणा पत्र के आधार पर जारी)

Saurabh Dwivedi
तहसीलदार

କ୍ୟାପ୍ଶନ୍‌ରେ କଂଗ୍ରେସ ପକ୍ଷରୁ ଲେଖାଯାଇଛି, ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଶାସନରେ ଭାରତର ସବୁଠାରୁ ଗରିବ ବ୍ୟକ୍ତି ମଧ୍ୟପ୍ରଦେଶରେ ରହୁଛନ୍ତି। ଏହା ତାଙ୍କ ଆୟ ପ୍ରମାଣପତ୍ର। ତାଙ୍କର ବାର୍ଷିକ ଆୟ ମାତ୍ର ୩ ଟଙ୍କା। ସେହିପରି ମାସିକ ଆୟ ମାତ୍ର ୨୫ ପଇସା ଏବଂ ଦିନକର ଆୟ ୧ ପଇସାରୁ ମଧ୍ୟ କମ୍। ସୋସିଆଲ ମିଡିଆରେ କଂଗ୍ରେସର ଉକ୍ତ ପୋଷ୍ଟ ଦ୍ରୁତଗତିରେ ଭାଇରାଲ ହେବାରେ ଲାଗିଛି। ଏହି ଇନ୍‌କମ୍ ସାର୍ଟିଫିକେଟ ଭାରତର ସବୁଠାରୁ ଗରିବ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିଥିବା ନେଇ କେତେଜଣ ୟୁଜର୍ସ କହିଛନ୍ତି। କଂଗ୍ରେସର ଉକ୍ତ ପୋଷ୍ଟ ଭାଇରାଲ ହେବା ପରେ ଆୟ ପ୍ରମାଣପତ୍ର ଜାରି କରିଥିବା ତହସିଲଦାର ଦ୍ୱିବେଦୀ ନିଜ ସଫେଇରେ କହିଛନ୍ତି, ଏହା ଏକ ଟାଇପିଂଗତ ଭୁଲ୍ ଥିଲା। କିରାଣୀଙ୍କ ଦ୍ୱାରା ତ୍ରୁଟି ଯୋଗୁ ଏପରି ହୋଇଥିଲା। ଏବେ ଉକ୍ତ ତ୍ରୁଟିକୁ ସଂଶୋଧନ କରାଯାଇଛି। ତ୍ରୁଟି ସମ୍ପର୍କରେ ଜଣାପଡ଼ିବା ପରେ ଗତ ୨୫ ତାରିଖରେ ରାମସ୍ୱରୂପଙ୍କ ପାଇଁ ଏକ ନୂତନ ଆୟ ପ୍ରମାଣପତ୍ର ଜାରି କରାଯାଇଥିଲା। ରାମସ୍ୱରୂପଙ୍କ ବାର୍ଷିକ ଆୟ ୩ ଟଙ୍କା ନୁହେଁ ବରଂ ୩୦ ହଜାର ଟଙ୍କା ବୋଲି ତହସିଲଦାର କହିଛନ୍ତି। ତାଙ୍କର ମାସିକ ଆୟ ୨,୫୦୦ ଟଙ୍କା ହୋଇଥିବା ସେ କହିଛନ୍ତି।




## ସଂକ୍ଷେପରେ

### ଚର୍ଚ୍ଚରେ ଆକ୍ରମଣ, ୩୪ ମୃତ

କିନ୍‌ଶାସା, ୨୭।୭

ଆଫ୍ରିକୀୟ ଦେଶ କଙ୍ଗୋର ପୂର୍ବବର୍ତ୍ତୀ ଅଞ୍ଚଳରେ ଥିବା କୋମାଣ୍ଡାସ୍ଥିତ ଏକ କ୍ୟାଥୋଲିକ୍ ଚର୍ଚ୍ଚରେ ରବିବାର ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସମର୍ଥିତ ବିଦ୍ରୋହୀ ସଙ୍ଗଠନ ଆଲାଇଡ୍ ଡେମୋକ୍ରାଟିକ ଫୋର୍ସ (ଏଡିଏଫ୍) ଆକ୍ରମଣ କରିଛି। ଏଥିରେ ୩୪ ଜଣ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଛି। ଏନେଇ ଜଣେ ସ୍ଥାନୀୟ ସିଭିଲ ସୋସାଇଟି ନେତା ଡିୟୁଦୋନେ ଦୁରାନ୍ଥାବୋ ସୂଚନା ଦେଇଛନ୍ତି। ଆକ୍ରମଣକାରୀ ବିଦ୍ରୋହୀ ସଙ୍ଗଠନ ଏଡିଏଫ୍‌ର ସଦସ୍ୟ ହୋଇଥିବା ସେ କହିଛନ୍ତି। ଆତତାୟୀମାନେ ଚର୍ଚ୍ଚ ମଧ୍ୟରେ ଏବଂ ପରିସରରେ ଥିବା ଲୋକଙ୍କୁ ଗୁଳିକରି ହତ୍ୟା କରିଥିବା ସହ ଚର୍ଚ୍ଚ ନିକଟସ୍ଥ ଅନେକ ଘର ଏବଂ ଦୋକାନକୁ ଜାଳି ଦେଇଥିବା ସେ କହିଛନ୍ତି। ପ୍ରକାଶ ଯେ, ଏଡିଏଫ୍ ହେଉଛି ଆଇଏସ୍ ସମର୍ଥିତ ଏକ ବିଦ୍ରୋହୀ ସଙ୍ଗଠନ, ଯାହା ଉଗାଣ୍ଡା ଏବଂ କଙ୍ଗୋର ସୀମାରେ ସକ୍ରିୟ ରହି ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରିଥାଏ।

### ଗାଜାର ୩ ଅଞ୍ଚଳରେ ଇସ୍ରାଏଲ୍‌ର ସୀମିତ ଯୁଦ୍ଧବିରତି

ଡେଇର୍ ଅଲ୍-ବଲାହ, ୨୭।୭

ହମାସ୍ ବିରୋଧରେ ଇସ୍ରାଏଲ୍ ୨୧ ମାସ ହେଲା ଯୁଦ୍ଧ ଚଳାଇଥିବାବେଳେ ଗାଜାରେ ଦୁର୍ଭିକ୍ଷ ସ୍ଥିତି ସଙ୍ଗିନ ହୋଇଛି। ଏହାକୁ ଅନ୍ତର୍ଜାତୀୟ ସ୍ତରରେ କଡ଼ା ସମାଲୋଚନା କରାଯାଇଛି। ଅନେକ ଲକ୍ଷ ଲୋକ କ୍ଷୁଧାରେ ରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ଗାଜାର ୩ଟି ଜନବହୁଳ ଅଞ୍ଚଳରେ ଦୈନିକ ୧୦ ଘଣ୍ଟା ଯୁଦ୍ଧ ବନ୍ଦ ରଖିବାକୁ ଇସ୍ରାଏଲୀ ସେନା ରବିବାର ଘୋଷଣା କରିଛି। ଫଳରେ ସେଠାରେ ଥିବା କ୍ଷୁଧିତଙ୍କ ନିକଟରେ ମାନବୀୟ ସହାୟତା ପହଞ୍ଚିପାରିବ। ଜନବହୁଳ ଗାଜା ସିଟି, ଡେଇର୍ ଅଲ୍-ବଲାହ ଏବଂ ମୁଓ୍ୱାସିରେ ଅଧିକ ପରିମାଣରେ ମାନବୀୟ ସହାୟତା ପହଞ୍ଚାଇବା ପାଇଁ ସାମରିକ ବିରାମ ଆରମ୍ଭ ହୋଇଛି। ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ପ୍ରତ୍ୟହ ସ୍ଥାନୀୟ ସମୟ ସକାଳ ୧୦ଟାରୁ ରାତି ୮ଟା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ରହିବ। ସହାୟତା ସାମଗ୍ରୀ ଯେଉଁ ରାସ୍ତା ଦେଇ ଯାଉଛି ସେଠାରେ ସେନା ସୁରକ୍ଷା ଯୋଗାଇଦେବା ସହ ଅନ୍ୟ ସ୍ଥାନରେ ଆକାଶମାର୍ଗରୁ ଅଟା, ଚିନି ପ୍ୟାକେଟ୍ ଓ ଡବା ଖାଦ୍ୟ ପକାଯିବ ବୋଲି ଇସ୍ରାଏଲୀ ସେନା କହିଛି।

# ମନ୍ଦିରରେ ୩୦ ବର୍ଷର ବର୍ବରତା

**ଏକ ମନ୍ଦିର ସହର, ଜଣେ ରହସ୍ୟଜନକ ହ୍ୱିସିଲବ୍ଲୋୟର ଏବଂ ତାଙ୍କ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି। ଦକ୍ଷିଣ ଭାରତର ଏକ ମନ୍ଦିରରେ ପ୍ରାୟ ୩ ଦଶନ୍ଧି ଧରି ବ୍ୟବସ୍ଥିତ ଢଙ୍ଗରେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା କରାଯିବା ପରେ ପୋତି ଦିଆଯାଉଥିଲା। ଏ ସମ୍ପର୍କରେ ୪୮ ବର୍ଷୀୟ ହ୍ୱିସିଲବ୍ଲୋୟରଙ୍କ ମୁହଁ ଖୋଲିବା ପରେ ଏହି ପାପ କାହାଣୀ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ହ୍ୱିସିଲବ୍ଲୋୟରଙ୍କ ଆବିର୍ଭାବ ନ୍ୟାୟରୁ ବଞ୍ଚିତ ଅନେକ ଶହ ସ୍ୱଳ୍ପବୟସ୍କା, ଯୁବତୀ ଓ ମହିଳାଙ୍କ ପୋତି ହୋଇ ରହିଥିବା ବେଦନାକୁ ଉଜାଗର କରିଛି, ଯାହାକୁ ପୋଲିସ ତଦନ୍ତ ନ କରି ଅଣଦେଖା କରିଆସିଥିଲା। ସେ ବିଧିବଦ୍ଧ ଅଭିଯୋଗ କରିବା ପରେ କର୍ଣ୍ଣାଟକ ସରକାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି।**



କର୍ଣ୍ଣାଟକ ଧର୍ମଶାଳାର ମଞ୍ଜୁନାଥ ମନ୍ଦିର।

- ଅନେକ ଶହ ସ୍ୱଳ୍ପ ବୟସ୍କା, ଯୁବତୀ, ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ପୋତି ଦିଆଯାଇଛି
- ମୁହଁ ଫିଟାଇଲେ ପୂର୍ବତନ ସଫେଇ କର୍ମଚାରୀ, ତଦନ୍ତ ପାଇଁ ଏସ୍‌ଆଇଟି ଗଠିତ

ବେଙ୍ଗାଲୁରୁ, ୨୭।୭



ହ୍ୱିସିଲବ୍ଲୋୟରଙ୍କୁ ବୟାନ ରେକର୍ଡ ପାଇଁ କୋର୍ଟକୁ ନିଆଯିବାବେଳର ଦୃଶ୍ୟ।

ଜୁଲାଇ ୧୧ରେ କର୍ଣ୍ଣାଟକର ଧର୍ମଶାଳା ସହରସ୍ଥିତ ବେଲଥାଙ୍ଗଡ଼ି କୋର୍ଟରେ ହାଜର କରାଯିବାବେଳେ ହ୍ୱିସିଲବ୍ଲୋୟରଙ୍କ ମୁହଁ କଳା ହୁଡ୍‌ରେ ଢଙ୍କାଯାଇଥାଏ। ତାଙ୍କ ହାତରେ ଥାଏ କେତୋଟି କଙ୍କାଳର ଅବଶେଷ, ଯାହାକୁ ସେ ବଳାତ୍କାର ପୀଡ଼ିତାଙ୍କୁ ପୋତାଯାଇଥିବା ଏକ ଗଣସମାଧିରୁ ଆଣିଥିବା ଦାବି କରିଥିଲେ। ବ୍ୟକ୍ତି ଜଣକ ନିଜକୁ ୮୦୦ ବର୍ଷ ପୁରୁଣା ଉକ୍ତ ମନ୍ଦିରର ଜଣେ ପୂର୍ବତନ ସଫେଇ କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏପରି କି ନିର୍ମମ ବର୍ବରତା ଓ ଯୌନ ଉତ୍ପୀଡ଼ନର କ୍ଷତଚିହ୍ନଗୁଡ଼ିକୁ ଲୁଚାଇବା ପାଇଁ ପୀଡ଼ିତାମାନଙ୍କ ମୃତଦେହକୁ ଗୋପନୀୟ ଭାବେ ପୋତିଦେବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା ବୋଲି ସେ ଅଭିଯୋଗ ଆଣିଥିଲେ।

ଦକ୍ଷିଣ କନ୍ନଡ ଜିଲା ପୋଲିସ ଅଧୀକ୍ଷକଙ୍କ ନିକଟରେ ଜୁଲାଇ ୩ରେ ପ୍ରଥମେ ହ୍ୱିସିଲବ୍ଲୋୟର ଲିଖିତ ଅଭିଯୋଗ କରିଥିଲେ। ସେଥିରେ ସେ ଲେଖିଥିଲେ, ୨୦୧୪ରେ ନିଜ ପରିବାର ସହ ଲୁଚି ପଳାଇବା ପୂର୍ବରୁ ପ୍ରାୟ ୨୦ ବର୍ଷ ଧରି ତାଙ୍କୁ ସେଠାରେ ଜବରଦସ୍ତ ଉକ୍ତ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଏହାର ପ୍ରାୟ ୧ ଦଶନ୍ଧି ପରେ ସେ ଅନୁତପ୍ତ ହୋଇ ଉକ୍ତ ଜଘନ୍ୟ ଅପରାଧର ପର୍ଦ୍ଦାଫାଶ କରିବା ପାଇଁ ଫେରିଛନ୍ତି। ଯୁବତୀ ଓ ମହିଳାମାନଙ୍କୁ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ବଳାତ୍କାର କରାଯିବା ପରେ ହତ୍ୟା କରି ସେମାନଙ୍କ ମୃତଦେହଗୁଡ଼ିକୁ ପୋତାଯାଉଥିଲା। ପୀଡ଼ିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେଠାରୁ ଅନେକ ଶହ ମୃତଦେହ ଖୋଳିବାକୁ ହ୍ୱିସିଲବ୍ଲୋୟର ଦାବି କରିଥିଲେ।

ନେତ୍ରାବତୀ ନଦୀ କୂଳରେ ଥିବା ଧର୍ମଶାଳା ହିନ୍ଦୁମାନଙ୍କ ଏକ ବଡ଼ ତୀର୍ଥସ୍ଥାନ। ଏହି ମଧ୍ୟଯୁଗୀୟ ଶ୍ରୀମଞ୍ଜୁନାଥ ମନ୍ଦିରରେ ଭଗବାନ ଶିବ ପୂଜା ପାଆନ୍ତି। ମନ୍ଦିରଟି ଏକ ପରିବାର ଦ୍ୱାରା ପରିଚାଳିତ। ଏହା ପ୍ରତିବର୍ଷ ଉକ୍ତ ଛୋଟ ସହରକୁ ଅନେକ ଲକ୍ଷ ଭକ୍ତଙ୍କୁ ଟାଣିଆଣିଥାଏ।

ଦଳିତ ହ୍ୱିସିଲବ୍ଲୋୟର ଜଣକ କହିଛନ୍ତି, ସେ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ ସେହି ମନ୍ଦିରରେ କାର୍ଯ୍ୟ କରିଥିଲେ। ସେଠାରେ ତାଙ୍କ ଚାକିରି ନିୟମିତ କରାଯିବା ପରେ ଅତ୍ୟନ୍ତ ଜଘନ୍ୟ ଅପରାଧଗୁଡ଼ିକର ପ୍ରମାଣ ଲୁଚାଇବା ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା। ତେବେ ଜଣେ ଝିଅଙ୍କୁ ବଳାତ୍କାର କରାଯିବା ପରେ ୨୦୧୪ ଡିସେମ୍ବରରେ ସେ ମାନସିକ ନିର୍ଯାତନା ସହି ନ ପାରି ସେଠାରୁ ଲୁଚି ପଳାଇବାକୁ ବାଧ୍ୟ ହୋଇଥିଲେ। ଏକ ପଡ଼ୋଶୀ ରାଜ୍ୟରେ ହ୍ୱିସିଲବ୍ଲୋୟର ଓ ତାଙ୍କ ପରିବାର ଆତ୍ମଗୋପନ କରିଥିଲେ। ସେମାନେ ନିଜ ଜୀବନ ବଞ୍ଚାଇବା ପାଇଁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲେ।

ପ୍ରଥମେ ନଦୀକୂଳରେ ସେ କେତେଜଣ ମହିଳାଙ୍କ ଗଳିତ ମୃତଦେହ ଠାବ କରିଥିଲେ। ସେତେବେଳେ ସେ ଏହାକୁ ଆତ୍ମହତ୍ୟା କିମ୍ବା ଦୁର୍ଘଟଣାଜନିତ ମୃତ୍ୟୁ ବୋଲି ଧରିନେଇଥିଲେ। କିନ୍ତୁ ମହିଳାଙ୍କ ବିବସ୍ତ୍ର ମୃତଦେହଗୁଡ଼ିକରେ କ୍ଷତଚିହ୍ନ ଦେଖି ତାଙ୍କ ମନକୁ ପାପ ଛୁଇଁଥିଲା। ୧୯୯୮ରେ ତାଙ୍କୁ ଗୋପନୀୟ ଭାବେ ଏଭଳି ମୃତଦେହ ଲୁଚାଇବାକୁ କୁହାଯାଇଥିଲା। ସେ ମନା କରିବାରୁ ତାଙ୍କୁ ମାଡ଼ ମରାଯାଇଥିଲା ଓ ଧମକ ଦିଆଯାଇଥିଲା। ମହିଳାଙ୍କ ଭଳି ତୁମ ଶରୀରକୁ ଖଣ୍ଡ ଖଣ୍ଡ କରି ହାଣିବୁ ଓ ତୁମ ପରିବାରର ସମସ୍ତଙ୍କୁ ମାରିଦେବୁ ବୋଲି ସେତେବେଳେ ଧମକ ଦିଆଯାଇଥିଲା।

୨୦୧୦ର ଏକ ଘଟଣା। ଧର୍ମଶାଳାରୁ ୩୦ କି.ମି. ଦୂର ଏକ ସ୍ଥାନକୁ ତାଙ୍କୁ ପଠାଯାଇଥିଲା। ସେଠାରେ ୧୨ରୁ ୧୫ ବର୍ଷୀୟା ଜଣେ ଝିଅଙ୍କ ମୃତଦେହ ପୋତିବାକୁ ତାଙ୍କୁ କୁହାଯାଇଥିଲା। ଝିଅ ନିଜ ସ୍କୁଲ ବ୍ୟାଗ୍ ଧରିଥିବାବେଳେ ୟୁନିଫର୍ମ ପିନ୍ଧିଥିଲେ। କିନ୍ତୁ ତଳଭାଗରେ ବସ୍ତ୍ର ନ ଥିଲା। ତାଙ୍କୁ ବଳାତ୍କାର କରାଯାଇଥିବା କ୍ଷତଚିହ୍ନରୁ ସ୍ପଷ୍ଟ ବାରି ହୋଇଯାଉଥିଲା। ଗଳା ଚିପି ହତ୍ୟା କରାଯାଇଥିବା ଚିହ୍ନରୁ ଜାଣି ହେଉଥିଲା। ତାକୁ ନେଇ ସେ ବିଚଳିତ ହୋଇପଡ଼ିଥିଲେ। ବର୍ବରତା ଓ ହତ୍ୟାକୁ ନେଇ ସ୍ମୃତିର ବୋଝକୁ ଆଉ ସହିପାରିବେ ନାହିଁ ବୋଲି ହ୍ୱିସିଲବ୍ଲୋୟର କହିଛନ୍ତି।

ହ୍ୱିସିଲବ୍ଲୋୟରଙ୍କ ଓକିଲ କେଭି ଧନଞ୍ଜୟ କହିଛନ୍ତି, ଏହା ଏକ ଅଭୂତପୂର୍ବ ମାମଲା, ଯେଉଁଠି ସାକ୍ଷୀମାନେ କେବଳ ତାଙ୍କ ମହକିଲଙ୍କ ସପକ୍ଷରେ ଆଗେଇ ଆସିନାହାନ୍ତି, ବରଂ ଉତ୍ତରଦାୟିତ୍ୱ ସ୍ଥିର ପାଇଁ ସେମାନେ ମଧ୍ୟ ଅନେକ ପ୍ରମାଣ ସାମ୍ନାକୁ ଆଣିଛନ୍ତି। ଆଇନକୁ ଡରି ନୁହେଁ, ବରଂ ନିଜ ବିବେକ ଓ ନୈତିକତା ଦୃଷ୍ଟିରୁ ସାମ୍ନାକୁ ଆସିଛନ୍ତି। ଜୁଲାଇ ୨୦ରେ ମନ୍ଦିର କର୍ତ୍ତୃପକ୍ଷ ଜାରି କରିଥିବା ବିବୃତିରେ କହିଛନ୍ତି, ସେମାନେ ଏକ ଉପଯୁକ୍ତ ଓ ସ୍ୱଚ୍ଛ ତଦନ୍ତକୁ ସମର୍ଥନ କରୁଛନ୍ତି। ଏସ୍‌ଆଇଟି ନିରପେକ୍ଷ ତଦନ୍ତ କରିବ ବୋଲି ଆଶାବାଦୀ ଥିବା ଶ୍ରୀକ୍ଷେତ୍ର ଧର୍ମଶାଳା ମୁଖପାତ୍ର କେ. ପାର୍ଶ୍ୱନାଥ ଜୈନ କହିଛନ୍ତି। କର୍ଣ୍ଣାଟକ ମହିଳା କମିଶନ ମୁଖ୍ୟ ନାଗଲକ୍ଷ୍ମୀ ଚୌଧରୀ ତଦନ୍ତ ପାଇଁ ଏସ୍‌ଆଇଟି ଗଠନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛନ୍ତି।

### ଅସ୍ତ୍ରବିରତି ପାଇଁ ଥାଇଲାଣ୍ଡ, କାମ୍ବୋଡ଼ିଆ ରାଜି

ସିସାକେଟ୍, ୨୭।୭

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କଠାରୁ ଶନିବାର ରାତିରେ ଫୋନ୍ କଲ୍ ପାଇବା ପରେ କାମ୍ବୋଡ଼ିଆ ପ୍ରଧାନମନ୍ତ୍ରୀ ସାମଦେଚ୍ ଥିପାଡେଇ ହୁନ୍ ମାନେଟ୍ ଥାଇଲାଣ୍ଡ ସହ ତୁରନ୍ତ ନିଃସର୍ତ୍ତ ଅସ୍ତ୍ରବିରତି ପାଇଁ ରାଜି ଥିବା ରବିବାର କହିଛନ୍ତି। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ସୀମାବିବାଦକୁ ନେଇ ୪ ଦିନ ହେଲା ସଂଘର୍ଷ ଲାଗିରହିଥିବାବେଳେ ବହୁସଂଖ୍ୟାରେ ଲୋକ ମୃତାହତ ହେଲେଣି ଏହାକୁ ଆଉ ଦେଖାଯାଇପାରିବ ନାହିଁ ବୋଲି ଟ୍ରମ୍ପ କହିଥିଲେ। ଅସ୍ତ୍ରବିରତି ପାଇଁ ପ୍ରସ୍ତୁତ ଥିବା କାମ୍ବୋଡ଼ିଆ ଆସିଆନ୍‌ର ବର୍ତ୍ତମାନର ଅଧ୍ୟକ୍ଷ ମାଲେସିଆର ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍‌ଙ୍କୁ ଜଣାଇଥିବା ମାନେଟ୍ କହିଛନ୍ତି। ସୀମା ବିବାଦରେ ମାଲେସିଆ ମଧ୍ୟସ୍ଥତା କରିବାକୁ ଥାଇଲାଣ୍ଡ ଓ କାମ୍ବୋଡ଼ିଆ ସହମତ ହୋଇଥିବା ମାଲେସିଆ ବହିର୍ବ୍ୟାପାର ମନ୍ତ୍ରୀ କହିଛନ୍ତି। ସୋମବାର ସନ୍ଧ୍ୟାରେ କାମ୍ବୋଡ଼ିଆ ପ୍ରଧାନମନ୍ତ୍ରୀ ମାନେଟ୍ ଏବଂ ଥାଇଲାଣ୍ଡର କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ଥାମ୍ ୱେଚାଚେଇ ମାଲେସିଆରେ ଆଲୋଚନା ପାଇଁ ଏକାଠି ହେବା ଆଶା କରାଯାଉଛି।

### ଉଡ଼ାଣ ପୂର୍ବରୁ ବୋଇଂ ଜେଟ୍‌ରେ ନିଆଁ

ୱାଶିଂଟନ, ୨୭।୭

ଆମେରିକାର ଡେନ୍‌ଭେର ଅନ୍ତର୍ଜାତୀୟ ବିମାନବନ୍ଦରରେ ଶନିବାର ଅପରାହ୍ନରେ ଆମେରିକାନ୍ ଏୟାରଲାଇନ୍ସର ଏକ ବୋଇଂ ବିମାନ ଉଡ଼ାଣ ପୂର୍ବରୁ ଏହାର ଲ୍ୟାଣ୍ଡିଂ ଗିଅର କାମ ନ କରିବାରୁ ରନ୍‌ୱେରେ ନିଆଁ ବାହାରିବା ସହ ପ୍ରବଳ ଧୂଆଁ ଉଠିଥିଲା। ମିଆମି ଯିବାକୁ ଥିବା ଫ୍ଲାଇଟ୍ ୩୦୨୩ର ଉଡ଼ାଣ ବନ୍ଦ କରାଯିବା ସହ ସେଥିରେ ଥିବା ୧୭୩ ଜଣ ଯାତ୍ରୀ ଓ ୬ କ୍ରିଉ ସଦସ୍ୟଙ୍କୁ ଏମର୍ଜେନ୍ସି ସ୍ଲାଇଡ୍ ଦେଇ ନିରାପଦର ସହ ବାହାର କରାଯାଇଥିଲା। ଟାୟାରରେ ମେଣ୍ଟେନାନ୍ସଜନିତ ତ୍ରୁଟିରୁ ନିଆଁ ବାହାରିଲା ବୋଲି କୁହାଯାଇଛି।

## ୧୩ ବର୍ଷ ପରେ ମାତୋଶ୍ରୀରେ ରାଜ୍ ଠାକ୍‌ରେ

ମୁମ୍ବାଇ, ୨୭।୭

ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ୍ ଠାକ୍‌ରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମ ଥର ପାଇଁ ମୁମ୍ବାଇସ୍ଥିତ ମାତୋଶ୍ରୀରେ ରବିବାର ପ୍ରବେଶ କରିଛନ୍ତି। ଭାଇ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ଜନ୍ମଦିନ ଉତ୍ସବ ପାଳନ ପାଇଁ ରାଜ୍ ତାଙ୍କ ବାସଭବନକୁ ଆସିଥିଲେ। ଏହା ପୂର୍ବରୁ ୨୦୧୨ରେ ବାଲାସାହେବ ଠାକ୍‌ରେଙ୍କ ମୃତ୍ୟୁ ସମୟରେ ରାଜ୍ ମାତୋଶ୍ରୀକୁ ଶେଷ ଥର ପାଇଁ ଆସିଥିଲେ। ରବିବାର ରାଜ୍‌ଙ୍କ ସହ ଏମ୍‌ଏନ୍‌ଏସ୍ ନେତା ବାଲା ନନ୍ଦଗାଓଁକର ଏବଂ ନିତୀନ ସର୍ଦ୍ଦେଶାଇ ମଧ୍ୟ ଥିଲେ। ମାତୋଶ୍ରୀରେ ବାଲାସାହେବଙ୍କ ଫଟୋ ନିକଟରେ ଛିଡ଼ା ହୋଇ ରାଜ୍ ଓ ଉଦ୍ଧବ ଫଟୋ ଉଠାଇଛନ୍ତି। ଅନ୍ୟ ଏକ ଫଟୋରେ ରାଜ ଉଦ୍ଧବଙ୍କୁ ତାଙ୍କ ଜନ୍ମଦିନରେ ଫୁଲତୋଡ଼ା ଦେଉଥିବା ଦେଖାଯାଇଛି। ଦୀର୍ଘଦିନ ହେଲା ଠାକ୍‌ରେ ପରିବାରଠାରୁ ଦୂରେଇ ଯାଇଥିବା ରାଜ୍ ଚଳିତ ମାସ ଆରମ୍ଭରେ ମରାଠୀ ପରିଚୟ ପ୍ରସଙ୍ଗରେ ଉଦ୍ଧବଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ। ୱର୍ଲିରେ ଅନୁଷ୍ଠିତ ବିଜୟ ରାଲିରେ ଆଗାମୀ ପୌର ନିର୍ବାଚନ ଏକାଠି ଲଢ଼ିବା ନେଇ ଉଦ୍ଧବ ସୂଚନା ଦେଇଥିଲେ।



ମାତୋଶ୍ରୀରେ ଉଦ୍ଧବ ଠାକ୍‌ରେଙ୍କ ସହ ରାଜ୍ ଠାକ୍‌ରେ।

## ପୂର୍ବତନ ମନ୍ତ୍ରୀଙ୍କ ଜ୍ୱାଇଁ ସମେତ ୭ ଗିରଫ

**ରେଭ୍ ପାର୍ଟିରେ ଚଢ଼ାଉ ବେଳେ ଡ୍ରଗ୍ସ ଜବତ**

ପୁଣେ, ୨୭।୭

ମହାରାଷ୍ଟ୍ରର ପୁଣେସ୍ଥିତ ଏକ ଆପାର୍ଟମେଣ୍ଟରେ ରବିବାର ଭୋର ସମୟରେ ଚାଲିଥିବା ରେଭ୍ ପାର୍ଟି ଉପରେ ପୋଲିସ ଚଢ଼ାଉ କରି ସେଠାରୁ ଡ୍ରଗ୍ସ, ହୁକା ଏବଂ ମଦ ଜବତ କରିଛି। ଏହି ଚଢ଼ାଉ ବେଳେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ଏକନାଥ ଖଡ଼୍‌ସେଙ୍କ ଝିଅ ରୋହିଣୀଙ୍କ ସ୍ୱାମୀ ପ୍ରାଞ୍ଜଳ ଖେୱଲକରଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ତାହାର ତଦନ୍ତ କରାଯାଉ ବୋଲି ଏନ୍‌ସିପି(ଏସ୍‌ପି) ନେତା ଖଡ଼୍‌ସେ କହିଛନ୍ତି। ଗିରଫ ୭ ଜଣଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଖଡ଼୍‌ସେଙ୍କ ଝିଅ ରୋହିଣୀ ଏବେ ଏନ୍‌ସିପି(ଏସ୍‌ପି) ମହିଳା ଶାଖାର ରାଜ୍ୟ ସଭାପତି ଅଛନ୍ତି। ରେଭ୍ ପାର୍ଟି ଚାଲୁଥିବା ସୂଚନା ପାଇ ପୁଣେ ପୋଲିସ୍‌ର କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ ଖରାଡି ଅଞ୍ଚଳରେ ଥିବା ଷ୍ଟୁଡିଓ ଆପାର୍ଟମେଣ୍ଟରେ ଚଢ଼ାଉ କରାଯାଇଥିଲା।

## ଦେଶରେ ୨୦୦ରୁ ଊର୍ଦ୍ଧ୍ୱ ସ୍ପେସ୍ ଷ୍ଟାର୍ଟଅପ୍

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

**ଜଙ୍ଗଲ ନିଆଁ ସଚେତନତା ପାଇଁ କେନ୍ଦୁଝର ମହିଳାଙ୍କୁ ପ୍ରଶଂସା**

ନୂଆଦିଲ୍ଲୀ, ୨୭।୭(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ଫେରିଥିବା ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଶୁଭାଂଶୁ ଫେରିବା ପରେ ମହାକାଶକୁ ନେଇ ପିଲାମାନଙ୍କ ମଧ୍ୟରେ ଉତ୍ସୁକତାର ଏକ ନୂଆ ଲହର ଦେଖାଦେଇଥିବାବେଳେ କେବଳ ମହାକାଶ ସେକ୍ଟରରେ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ ସୃଷ୍ଟି ହେଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆତ୍ମନିର୍ଭରତା ଦ୍ୱାରା ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହୋଇପାରିବ। ଓଡ଼ିଶାର କେନ୍ଦୁଝର ଜିଲାର ମହିଳା ସଂକୀର୍ତ୍ତନ ଦଳ କୀର୍ତ୍ତନ ଜରିଆରେ ଜଙ୍ଗଲ ନିଆଁ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀ ସେମାନଙ୍କର ପ୍ରଶଂସା କରିଛନ୍ତି। ଭଜନ ଓ କୀର୍ତ୍ତନ ଆମ ଲୋକଗୀତ ଓ ପରମ୍ପରାର ଅଂଶବିଶେଷ। କେନ୍ଦୁଝର ଜିଲାର ରାଧାକ୍ରିଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ବନାଗ୍ନିକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଅଦ୍ଭୁତ କାର୍ଯ୍ୟ କରିଛନ୍ତି, ଯାହା ବିଶ୍ୱାସ କରିହେବନି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଗତ କିଛି ସପ୍ତାହ ମଧ୍ୟରେ କ୍ରୀଡ଼ା, ବିଜ୍ଞାନ କିମ୍ବା ସଂସ୍କୃତିରେ ଅନେକ ଘଟଣା ଘଟିଛି, ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## ଲଡ଼କୀ ବହୀନ୍ ଯୋଜନା: ୧୪ ହଜାର ପୁରୁଷ ହାତେଇଛନ୍ତି ଟଙ୍କା

ମୁମ୍ବାଇ, ୨୭।୭

ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ଆର୍ଥିକ ଅନଗ୍ରସର ମହିଳାଙ୍କ ପାଇଁ ଗତବର୍ଷ ଲଡ଼କୀ ବହୀନ୍ ଯୋଜନାର ଶୁଭାରମ୍ଭ କରାଯାଇଥିଲା। ଗତବର୍ଷ ଅନୁଷ୍ଠିତ ହୋଇଥିବା ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏହି ଯୋଜନା ମହାଯୁତିକୁ ଫାଇଦା ଦେଇଥିଲା। ତେବେ ଏହି ଯୋଜନାରେ ୧୪,୯୨୮ ପୁରୁଷ ଆର୍ଥିକ ଭାବେ ଲାଭବାନ ହୋଇଥିବା ନେଇ ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ (ଡବ୍ଲୁସିଡି) ଦ୍ୱାରା କରାଯାଇଥିବା ଏକ ଅଡିଟ ରିପୋର୍ଟରୁ ଜଣାପଡ଼ିଛି। ଅନଲାଇନ ପଞ୍ଜୀକରଣ ସମୟରେ ନିଜକୁ ମହିଳା ହିତାଧିକାରୀ ଭାବେ ପରିଚୟ ଦେଇ ୧୪,୯୨୮ ପୁରୁଷ ଲଡ଼କୀ ବହୀନ୍ ଯୋଜନାରେ ଆର୍ଥିକ ଲାଭ ପାଇବାକୁ ସକ୍ଷମ ହୋଇଥିବା ଏହି ରିପୋର୍ଟ କହିଛି, ଯାହାକୁ ନେଇ ମହାରାଷ୍ଟ୍ରରେ ରାଜନୀତି ସରଗରମ ହୋଇଛି। ବିରୋଧୀ ଶିବସେନା (ୟୁବିଟି) ଏବଂ ଏନ୍‌ସିପି (ଏସ୍‌ପି) ରାଜ୍ୟର ଦେବେନ୍ଦ୍ର ଫଡ଼ନବିସ୍ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏନ୍‌ସିପି (ଏସ୍‌ପି)ର କାର୍ଯ୍ୟକାରୀ ଅଧ୍ୟକ୍ଷ ସୁପ୍ରିୟା ସୁଲେ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତ କରାଯିବ ବୋଲି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର କହିଛନ୍ତି। ଯେଉଁ ପୁରୁଷମାନେ ଠକେଇ କରି ଲଡ଼କୀ ବହୀନ୍ ଯୋଜନାର ଲାଭ ଉଠାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ସେମାନଙ୍କୁ ଦିଆଯାଇଥିବା ରାଶିକୁ ଜବତ କରାଯିବ। ସରକାରୀ ଚାକିରି କରୁଥିବା କିଛି ମହିଳା ମଧ୍ୟ ଏହି ଯୋଜନାର ଲାଭ ଉଠାଇଥିବା ନେଇ ରିପୋର୍ଟରୁ ଜଣାପଡ଼ିଛି। ହିତାଧିକାରୀ ତାଲିକାରୁ ସେମାନଙ୍କ ନାମକୁ ମଧ୍ୟ ହଟାଯିବ ବୋଲି ଅଜିତ କହିଛନ୍ତି। ପ୍ରକାଶ ଯେ, ଲଡ଼କୀ ବହୀନ୍ ଯୋଜନାରେ ମହାରାଷ୍ଟ୍ରରେ ଆର୍ଥିକ ଭାବେ ଅନଗ୍ରସର ଥିବା ମହିଳାଙ୍କୁ ମାସିକ ୧,୫୦୦ ଟଙ୍କାର ସହାୟତା ରାଶି ମିଳୁଛି।



## ଫୁରସତ୍

### ଉଦ୍ୟୋଗପତିରୁ ଶିବ ମହିମା ପ୍ରଚାରକ

**ଚର୍ଚ୍ଚାରେ ପୂର୍ବତନ ଜାପାନୀ ବିଜ୍‌ନେସମ୍ୟାନ୍**

ଡେରାଡୁନ



ହୋଶି ଟାକାୟୁକି

ଜାପାନର ରାଜଧାନୀ ଟୋକିଓର ମୂଳ ନିବାସୀ ତଥା ପୂର୍ବତନ ବ୍ୟବସାୟୀ ହୋଶି ଟାକାୟୁକି (୪୧) ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକଦା ସେ ଟୋକିଓସ୍ଥିତ ୧୫ଟି ବିଉଟି ପ୍ରଡକ୍ଟସ୍ ଷ୍ଟୋର୍‌ର ମାଲିକ ଥିଲେ। ତେବେ ଏବେ ସେ ତାଙ୍କର ଅନେକ କୋଟିର ବ୍ୟବସାୟକୁ ଛାଡ଼ି ଭାରତ ଆସି ହିନ୍ଦୁ ଆଧ୍ୟାତ୍ମିକତାକୁ ଆପଣାଇଛନ୍ତି ଏବଂ ବାଲା କୁମ୍ଭ ଗୁରୁମୁନି ନାମରେ ଭଗବାନ ଶିବଙ୍କ ଭକ୍ତର ପରିଚୟରେ ତାଙ୍କ ମହିମାର ପ୍ରଚାର ପ୍ରସାରରେ ନିଜକୁ ଉତ୍ସର୍ଗ କରିଛନ୍ତି। ସମ୍ପ୍ରତି ସେ ଉତ୍ତରାଖଣ୍ଡରେ ଆତ୍ମ-ଖୋଜ୍ ଯାତ୍ରାରେ ରହିଛନ୍ତି। ସେ ଖାଲି ପାଦରେ ପାରମ୍ପରିକ ଗୈରିକ ବସ୍ତ୍ର ପରିଧାନ କରି ପବିତ୍ର ଗଙ୍ଗା ଜଳ ଧରି ନିଜର ୨୦ ଜଣ ଜାପାନୀ ଅନୁଗାମୀଙ୍କ ସହ ଏହି ଯାତ୍ରାରେ ଭାଗବାନ ଶିବଙ୍କ ମହିମାର ପ୍ରଚାର କରୁଛନ୍ତି।

ହୋଶିଙ୍କ ଆଧ୍ୟାତ୍ମିକ ଯାତ୍ରା ୨୦ ବର୍ଷ ପୂର୍ବେ ତାମିଲନାଡୁରେ ଆରମ୍ଭ ହୋଇଥିଲା। ସେତେବେଳେ ତାମିଲନାଡୁ ଭ୍ରମଣ ସମୟରେ ସେ ଜଣେ ନାଡ଼ି ଜ୍ୟୋତିଷଙ୍କୁ ଭେଟିଥିଲେ। ଜ୍ୟୋତିଷ ଜଣକ ହଜାର ବର୍ଷ ପୁରୁଣା ତାଳପତ୍ର ପାଣ୍ଡୁଲିପିରୁ ହୋଶିଙ୍କ ଜୀବନକୁ ବ୍ୟାଖ୍ୟା କରିଥିଲେ। ସେ ତାଙ୍କର ପୂର୍ବ ଜୀବନକୁ ହିମାଳୟର ପାଦଦେଶରେ ବର୍ତ୍ତମାନର ଉତ୍ତରାଖଣ୍ଡରେ ବିତାଇଥିଲେ ଏବଂ ହିନ୍ଦୁ ଆଧ୍ୟାତ୍ମିକତାକୁ ଅନୁସରଣ କରିଥିଲେ ବୋଲି ହୋଶି ଜାଣିବାକୁ ପାଇଥିଲେ। ଏହାପରେ ହିନ୍ଦୁ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ଏହାର କିଛି ବର୍ଷ ପରେ ଉତ୍ତରାଖଣ୍ଡର ଏକ ଗାଁରେ ଏକ ଶିବ ଭକ୍ତ ଭାବେ ହିନ୍ଦୁ ଆଧ୍ୟାତ୍ମିକତାକୁ ଆପଣାଇଥିବା ନେଇ ହୋଶି ସ୍ୱପ୍ନ ଦେଖିଥିଲେ। ସେଠାରୁ ତାଙ୍କ ଜୀବନ ବଦଳି ଯାଇଥିଲା। ସେ ଟୋକିଓରେ ଥିବା ନିଜ ବ୍ୟବସାୟିକ ସାମ୍ରାଜ୍ୟକୁ ତାଙ୍କ ସହଯୋଗୀମାନଙ୍କୁ ହସ୍ତାନ୍ତର କରି ଭାରତ ଆସିଥିଲେ। ଟୋକିଓସ୍ଥିତ ନିଜ ଘରକୁ ସେ ଏକ ଭବ୍ୟ ଶିବ ମନ୍ଦିରରେ ପରିଣତ କରିଥିଲେ।

### ଗୁପ୍ତଚର ଭୂମିକାରେ ବିଜୟ ଦେବରକୋଣ୍ଡା

ହାଇଦ୍ରାବାଦ



ସାଉଥ୍ ଷ୍ଟାର୍ ବିଜୟ ଦେବରକୋଣ୍ଡାଙ୍କ ଫିଲ୍ମ 'କିଙ୍ଗ୍‌ଡମ୍' ଟ୍ରେଲରକୁ ରବିବାର ଜାରି କରାଯାଇଛି। ଏହି ଆକ୍ସନ ଡ୍ରାମା ଫିଲ୍ମର ଟ୍ରେଲରକୁ ବିଜୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ତେଲୁଗୁ, ତାମିଲ ଏବଂ ହିନ୍ଦୀ ଭାଷାରେ ଫିଲ୍ମର ଟ୍ରେଲରକୁ ରିଲିଜ୍ କରାଯାଇଛି। ଏହି ଫିଲ୍ମର ହିନ୍ଦୀ ଡବଡ୍ ଭର୍ସନର ନାମ 'ସାମ୍ରାଜ୍ୟ' ରଖାଯାଇଛି।

ଉକ୍ତ ଟ୍ରେଲରରେ ବିଜୟଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଛି। ଏଥିରେ ତାଙ୍କୁ ଏକ ଅଣ୍ଡରକଭର ସ୍ପାଏ (ଗୁପ୍ତଚର) ଭୂମିକାରେ ଦେଖିବାକୁ ମିଳିଛି। ଏକ ଜରୁରିକାଳୀନ ଅପରେଶନ ପାଇଁ ବିଜୟ ଗୁପ୍ତଚର ଭାବେ ନିଜର ନୂତନ ଯାତ୍ରା ଆରମ୍ଭ କରୁଛନ୍ତି, ଯାହା ଅତ୍ୟନ୍ତ ବିପଦପୂର୍ଣ୍ଣ ରହିଛି। ସେ ନିଜ ଘର, ପରିବାର ଛାଡ଼ି ନିଜ ନୂତନ ମିଶନରେ ଲାଗି ପଡ଼ୁଛନ୍ତି। ଗୁପ୍ତଚର ଭାବେ ଧରାପଡ଼ି ସେ ଗିରଫ ହୋଇଥିବା ନେଇ ଟ୍ରେଲରରେ ଦେଖିବାକୁ ମିଳିଛି। ଏକ ଦୃଶ୍ୟରେ କେତେଜଣ ଲୋକ ବିଜୟଙ୍କୁ ଆକ୍ରମଣ କରୁଥିବାର ଦେଖିବାକୁ ମିଳିଛି। ତେବେ ବିଜୟ ଜୋରଦାର ଭାବେ ନିଜ ଉପରେ ହେଉଥିବା ଆକ୍ରମଣର ପ୍ରତି ଜବାବ ଦେଉଛନ୍ତି। ଗୌତମ ତିନ୍ନାନୁରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆସନ୍ତା ୩୧ ତାରିଖରେ ମୁକ୍ତିଲାଭ କରିବ। ଫିଲ୍ମରେ ଅଭିନେତା ସତ୍ୟଦେବ ଏବଂ ଅଭିନେତ୍ରୀ ଭାଗ୍ୟଶ୍ରୀ ବୋର୍‌ସେଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ।

# ବିପଦସଙ୍କେତ ଉପରେ ସୁବର୍ଣ୍ଣରେଖା

- ୪ ବ୍ଲକର ଲକ୍ଷାଧିକ ଲୋକ ଜଳବନ୍ଦୀ
- ଦୁର୍ବଳ ବନ୍ଧ ଜଗିଲା ସେଚ ବିଭାଗ



ଭୋଗରାଇର ବନ୍ୟା ପ୍ରପୀଡ଼ିତ ଏକ ଗାଁରୁ ଅନ୍ୟ ଗାଁକୁ ଆଣ୍ଠୁଏ ପାଣିରେ ଲୋକେ ଯିବାଆସିବା କରୁଛନ୍ତି।

**ଭୋଗରାଇ, ୨୭।୭(ପ୍ରଦୀପ ଦାସ)**

ଝାଡ଼ଖଣ୍ଡର ମାଳାଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ୫ମ ଥର ବନ୍ୟା ଦେଖାଦେଇଛି। ସୁବର୍ଣ୍ଣରେଖା ରାଜଘାଟ ଗେଜଠାରେ ବନ୍ୟାଜଳ ବୃଦ୍ଧି ପାଇ ବିପଦସଂକେତ ୧୦. ୩୬ ମିଟର ଉପରେ ପ୍ରବାହିତ ହେଉଛି। ବିଳମ୍ବିତ ରାତି ସୁଦ୍ଧା ବନ୍ୟାଜଳ ୧୧. ୪୪ ମିଟର ଧରିବ ବୋଲି କେନ୍ଦ୍ରୀୟ ଜଳ ଆୟୋଗ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖାର ବନ୍ୟାଜଳ ରବିବାର ସକାଳୁ ଦୁଇ କୂଳ ଲଙ୍ଘି ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ସହ ମୟୂରଭଞ୍ଜର କେତେକ ପଞ୍ଚାୟତରେ ଉଣାଅଧିକେ ପାଣି ପ୍ରବେଶ କରିଛି। ଅଦ୍ୟାବଧି ଭୋଗରାଇ ଓ ବାଲିଆପାଳ ବ୍ଲକର ତଳିଆ ଗାଁଗୁଡିକରେ ବନ୍ୟାପାଣି ଛାଡି ନ ଥିବାବେଳେ ପୁଣି ସୁବର୍ଣ୍ଣରେଖାରେ ୫ମ ବନ୍ୟା ଲୋକଙ୍କ ଜନଜୀବନକୁ ଦୁର୍ବିସହ କରିଛି।

ଅପରପକ୍ଷରେ ଭୋଗରାଇ ବ୍ଲକର ୨୦, ବାଲିଆପାଳ ବ୍ଲକର ୧୨ ଓ ଜଳେଶ୍ୱର ବ୍ଲକର ୬ ପଞ୍ଚାୟତର ଶତାଧିକ ଗାଁ ବନ୍ୟାପ୍ଲାବିତ ହୋଇଥିବାରୁ ଲକ୍ଷାଧିକ ଲୋକ ଜଳବନ୍ଦୀ ହୋଇରହିଛନ୍ତି। ଭୋଗରାଇ ଓ ବାଲିଆପାଳ ବ୍ଲକର ଗୋଟିଏ ଗାଁରୁ ଅନ୍ୟ ଗାଁ ବିଚ୍ଛିନ୍ନ ହୋଇଥିବା ବେଳେ ମୁଖ୍ୟ ଓ ଗ୍ରାମରାସ୍ତାଗୁଡିକ ପାଣିରେ ବୁଡିଯାଇ ସ୍ରୋତ ଛୁଟୁଛି। ବନ୍ୟାଘେରରେ ଥିବା ଲୋକେ ଅନ୍ୟ ଉଚ୍ଚ ପକ୍କାଘରେ ଆଶ୍ରୟ ନେଇଛନ୍ତି। ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ଛୁଆପିଲା ଓ ଗୃହପାଳିତ ପ୍ରାଣୀଙ୍କୁ ନେଇ ଜୀବନ ବଞ୍ଚାଇବାକୁ ଚାଲିଯାଉଥିବା ନଜରକୁ ଆସିଛି। ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ବା କଦଳୀଭେଳା ଏକମାତ୍ର ସାହା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ନିମନ୍ତେ ସମସ୍ତ ବ୍ଲକରେ ଆଭାସୀ ମାଧ୍ୟମରେ ବିଡିଓ, ତହସିଲଦାର ଓ ସରକାରୀ କର୍ମଚାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୁବର୍ଣ୍ଣରେଖା ଦୁର୍ବଳ ନଦୀବନ୍ଧରେ ସେଚ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ହଜାର ହଜାର ବାଲିବସ୍ତା ମହଜୁଦ ରଖାଯାଇଥିବା ସେଚ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ନବକୁମାର ମହାଳିକ ସୂଚନା ଦେଇଛନ୍ତି। ନଦୀବନ୍ଧରେ ୨୪ଘଣ୍ଟିଆ ସତର୍କ ଦୃଷ୍ଟି ରଖାଯାଇଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରିୟବ୍ରତ ସିଂ, ବସନ୍ତ କୁମାର ବେହେରା, ସହକାରୀ ଯନ୍ତ୍ରୀ ପ୍ରମୋଥ କୁମାର ଦେ, ଡାକ୍ତର ସିଂ ଓ କନିଷ୍ଠଯନ୍ତ୍ରୀ ଚିତ୍ତରଞ୍ଜନ ଶିଅଳ କହିଛନ୍ତି। ବନ୍ୟା ଯୋଗୁ ତହସିଲ, ବ୍ଲକ, ସେଚ, ଡ୍ରେନେଜ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ କରି ବନ୍ୟାଞ୍ଚଳରେ ଲୋକଙ୍କୁ ଉଦ୍ଧାର ଓ ସେବା କାର୍ଯ୍ୟରେ ନିୟୋଜିତ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ଉଦ୍ଧାରକାରୀ ଓଡ୍ରାଫ, ଅଗ୍ନିଶମ ବିଭାଗ ଓ ଯନ୍ତ୍ରଚାଳିତ ଡଙ୍ଗାକୁ ନିୟୋଜିତ କରାଯାଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି ରବିବାର ଅପରାହ୍ନରେ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ଅବିଳମ୍ବେ ଉଦ୍ଧାର ଓ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ସରକାରଙ୍କଠାରେ ଦାବି କରିଥିବା ବେଳେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବାଲେଶ୍ୱର ବନ୍ୟା ମୁକାବିଲା ନିମନ୍ତେ ସରକାରୀ କଳକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ୍ୟାରେ ଭାସିଗଲା ଗେଙ୍ଗୁଟି ସେତୁ



ଷୋଳମପୁର ପଞ୍ଚାୟତର ତିଖିଲିଆଠାରେ ପୋଲ ଭାସିଯାଇଛି।

**ଭଣ୍ଡାରିପୋଖରୀ, ୨୭।୭ (ରାଜେନ୍ଦ୍ର ଶତପଥୀ)**

ବନ୍ୟାରେ ଭାସିଗଲା ବୈତରଣୀର ଶାଖା ନଦୀ ଗେଙ୍ଗୁଟି ସେତୁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର ପଞ୍ଚାୟତରେ ତିଖିଲିଆକୁ ସଂଯୋଗକାରୀ ଏହି ସେତୁର ଏକ ଅଂଶ ଶନିବାର ବିଳମ୍ବିତ ରାତିରେ ଭାସିଯାଇଛି। ଫଳରେ ପଞ୍ଚାୟତର ଦାଣ୍ଡକୂଳରୁ ତିଖିଲିଆକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଖମ୍ବ ଭାସିଯାଇ ସେତୁ ୨ ଖଣ୍ଡ ହୋଇଯାଇଛି। ରବିବାର ବିଡିଓ ଦେବଦତ୍ତ ଦାସ ଏଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଭାଜପା ନେତା ସୁଧାଂଶୁ ନାୟକ, ବଦ୍ରିନାରାୟଣ ଧଳ, କଂଗ୍ରେସ ନେତା ସୁବ୍ରତ ଦାସ ପ୍ରମୁଖ ଆସି ସ୍ଥିତି ଅନୁଧ୍ୟାନ କରି ଫୋନ୍ ମାଧ୍ୟମରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏଠାରେ ନୂତନ ସେତୁ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି।

ଦୀର୍ଘ ୧୬ ବର୍ଷ ପୂର୍ବରୁ ଏହି ସେତୁ ନିର୍ମିତ ହୋଇଥିଲା। ଗେଙ୍ଗୁଟି ନଦୀରେ ଜଳପ୍ରବାହ କମିଯାଇ ଶଯ୍ୟା ପୋତି ହୋଇପଡ଼ିଛି। ମାତ୍ର ଚଳିତବର୍ଷ ଦାଣ୍ଡକୂଳ ଓ ତିଖିଲିଆର କେତେଜଣ ବାଲି ଚାଲାଣକାରୀ ଏହି ନଦୀଶଯ୍ୟାକୁ ୧୦ ଫୁଟ ଗଭୀର ଖୋଳି ବାଲି ଉଠାଇ ନେଇଥିଲେ। ଫଳରେ ୧୫ ଦିନ ପୂର୍ବରୁ ବୈତରଣୀରୁ ସାମାନ୍ୟ ପାଣି ଏହି ନଦୀରେ ପ୍ରବେଶ କରିବାରୁ ସେତୁ ଟଳମଳ ଅବସ୍ଥାକୁ ଆସିଯାଇଥିଲା। ଅନୁଚ୍ଚ ବାଲି ଉପରେ ନିର୍ମିତ ସେତୁ ଖୁଣ୍ଟର ମୂଳଦୁଆ ଦୋହଲି ଯାଇଥିଲା। ଏହି ଖବର ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲେ ମଧ୍ୟ ସେତେବେଳେ ପ୍ରଶାସନ କିମ୍ବା ରାଜନେତା ଏହାକୁ ଗୁରୁତ୍ୱ ଦେଇ ନ ଥିଲେ।

# ରାଷ୍ଟ୍ରପତି ଶାସନ ଜାରି କରାଯାଉ

## ଅଳକାଙ୍କ ପରେ ପ୍ରମିଳା

**ଭୁବନେଶ୍ୱର, ୨୭।୭ (ରବିନାରାୟଣ ଜେନା)**

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି କହି ଅଖିଳ ଭାରତ କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଗତ ୧୬ ତାରିରେ ଦାବି କରିଥିଲେ। ଏବେ ସମାନ କଥା ରାଜ୍ୟ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଦୋହରାଇଛନ୍ତି।


ରବିବାର ପ୍ରମିଳା ଗଣମାଧ୍ୟମକୁ କହିଛନ୍ତି, ରାଜ୍ୟରେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଉଚିତ। ଓଡ଼ିଶାରେ ମଣିପୁରଠାରୁ ଆହୁରି ସାଙ୍ଘାତିକ ସ୍ଥିତି ସୃଷ୍ଟି ହୋଇଛି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଜଣକ ସମସ୍ତଙ୍କୁ ଗୁହାରି କଲା ପରେ ମଧ୍ୟ କେହି ତାଙ୍କ କଥା ଶୁଣିଲେ ନାହିଁ। ଫଳରେ ସେ ଆତ୍ମାହୁତି ଦେଲେ। ଏବେ ସବୁ ଜିଲାରେ ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି। ସରକାର କୌଣସି ଦାୟିତ୍ୱ ତୁଲାଇବା ଭଳି ମନେହେଉନାହିଁ। କେବଳ ଦଳର ପ୍ରଚାର ଓ ପ୍ରସାରରେ ଲାଗିଛନ୍ତି। ମହିଳାମାନେ ଏବେ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି ବୋଲି ପ୍ରମିଳା କହିଛନ୍ତି।

ପ୍ରମିଳାଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ କୌଣସି ଘଟଣାକୁ ହାଲୁକା ଭାବେ ନେଉ ନାହାନ୍ତି। ଘଟଣା ଘଟିବା କ୍ଷଣି ତୁରନ୍ତ ପଦକ୍ଷେପ ନେଉଛନ୍ତି। ବିରୋଧୀଙ୍କ କାମ ବିରୋଧ କରିବେ। ପ୍ରମିଳା ମଲ୍ଲିକ ଭୁଲି ଯାଉଛନ୍ତି, ତାଙ୍କ ଶାସନ ସମୟରେ ବେବିନା, ମମିତା ଭଳି ବହୁ ଘଟଣା ଘଟିଛି। ହେଲେ ତାଙ୍କ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହା ରାଜ୍ୟବାସୀ ଭଲ ଭାବେ ଜାଣିଛନ୍ତି। ଆମକୁ କହିବା ଆଗରୁ ନିଜେ ଚିନ୍ତା କରନ୍ତୁ।

# ଆଜି ୧୫ ଜିଲାରେ ବର୍ଷା, ୩୧ରୁ କମିବ

**ଭୁବନେଶ୍ୱର, ୨୭।୭ (ଅନୁରାଧା ମହାରଣା)**

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପଶ୍ଚିମବଙ୍ଗ ଉପକୂଳ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ବାଂଲାଦେଶର ସଂଲଗ୍ନ ଅଞ୍ଚଳ ଉପରେ କେନ୍ଦ୍ରୀଭୂତ ହୋଇ ଅବପାତର ରୂପ ନେଇଛି। ଏହି ଅବପାତ କ୍ରମଶଃ ଦୁର୍ବଳ ହୋଇ ପୁଣି ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ୧୫ ଜିଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ ଓ ସମ୍ବଲପୁରକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ଉପକୂଳ ଓ ଏହାର ଆଖପାଖ ଅଞ୍ଚଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ ଓ ୩୧ରୁ ବର୍ଷା କମିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।




# ଆଗେ ସଙ୍ଗଠନ, ପରେ ନିଗମ

## ଭାଜପାର ମାନସମନ୍ଥନ

**ଭୁବନେଶ୍ୱର, ୨୭।୭(ରବିନାରାୟଣ ଜେନା)**

ରାଜ୍ୟ ଭାଜପା ଆଗେ ତା'ର ସଙ୍ଗଠନକୁ ସୁଦୃଢ଼ କରିବ। ଦଳରେ କିଏ ଉପସଭାପତି ରହିବେ ଏବଂ ସାଧାରଣ ସମ୍ପାଦକ ଓ ସମ୍ପାଦକ ଭଳି ଅନ୍ୟାନ୍ୟ ପଦାଧିକାରୀ ରହିବେ ତାକୁ ପୂରଣ ଦିଗରେ ଗୁରୁତ୍ୱ ଦେବ। ଏହାପରେ ବିଭିନ୍ନ ନିଗମ ଅଧ୍ୟକ୍ଷ ପଦରେ ନେତାଙ୍କୁ ଥଇଥାନ ଏବଂ ପରେ ମନ୍ତ୍ରିମଣ୍ଡଳ ଅଦଳବଦଳ ସହିତ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ହେବ ବୋଲି ରବିବାର ଭାଜପାର ମାନସ ମନ୍ଥନରୁ ଜଣାଯାଇଛି।

ରବିବାର ପୂର୍ବାହ୍ନରେ ପ୍ରଥମେ ରାଜ୍ୟ କାର୍ଯ୍ୟାଳୟରେ ଭାଜପା ସଭାପତି ମନମୋହନ ସାମଲଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନରେ ଭାଜପାର ସାଙ୍ଗଠନିକ ନିର୍ବାଚନ ସହିତ ନିଗମ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଛି। ତେବେ ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ନେଇ ଯେଉଁ ଚର୍ଚ୍ଚା ଜୋର ଧରିଥିଲା ସେଥିରେ ଏକପ୍ରକାର ରୋକ୍ ଲାଗିଛି।

ବୈଠକ ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି, ଦଳ ଏବେ ସଙ୍ଗଠନକୁ ମଜଭୁତ୍ କରିବାପାଇଁ ଗୁରୁତ୍ୱ ଦେଉଛି। ଏହାପରେ ନିଗମ ଅଧ୍ୟକ୍ଷ ପଦ ଘୋଷଣା କରାଯିବା ସହିତ ଅନ୍ୟାନ୍ୟ ସାମ୍ବିଧାନିକ ପଦ ପୂରଣ କରାଯିବ। ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ଉପରେ କୌଣସି ଆଲୋଚନା ହୋଇନାହିଁ। ବୈଠକ ଚାଲୁଛି ଆହୁରି ବୈଠକ ହେବ। ଏହା ଏକ ରୁଟିନ ପ୍ରକ୍ରିୟା। ଶନିବାର ରାତି ୨ଟା ପର୍ଯ୍ୟନ୍ତ ବୈଠକ ହୋଇଥିଲା। ସରକାର, ସଙ୍ଗଠନ, ନୂଆ ମନ୍ତ୍ରିମଣ୍ଡଳ ଓ ନିଗମ ନେଇ କୌଣସି ସ୍ପଷ୍ଟ ଆଲୋଚନା ହୋଇନାହିଁ। ପ୍ରଭାରୀ ମାନେ ଆସିଛନ୍ତି ଆଲୋଚନା ଚାଲିଛି। ଆଲୋଚନା ପରେ ଦିଲ୍ଲୀ ପୁଣି ଯିବାକୁ ହେବ। ଏହାପରେ ରାଜ୍ୟବାସୀ ଜାଣିପାରିବେ ବୋଲି ମନମୋହନ କହିଥିଲେ।

ଏହି ଅବସରରେ ରାଜ୍ୟ ଭାଜପା ପ୍ରଭାରୀ ବିଜୟ ପାଲସିଂହ ତୋମାର କହିଛନ୍ତି ଯେ, ଦଳ ପକ୍ଷରୁ ସଙ୍ଗଠନ ସୁଦୃଢ଼ ସହିତ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ଖୁବ୍‌ଶୀଘ୍ର ଏନେଇ ଦଳ ପକ୍ଷରୁ ଅବଗତ କରାଯିବ। ଏହି ବୈଠକରେ ରାଜ୍ୟ ଭାଜପା ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସହିତ କେତେକ ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦ ସାମିଲ ଥିଲେ।

# ଜିଲାସ୍ତରୀୟ ସ୍ୱତନ୍ତ୍ର ଲୋକ ଅଦାଲତ: ୧୦୬୮ ମକଦ୍ଦମା ଫଇସଲା

## ୨୧.୯୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ

**କଟକ, ୨୭।୭(କାର୍ତ୍ତିକ ସାହୁ)**

ଏନ୍‌ଆଇ ଆକ୍ଟର ୧୩୮ ଧାରା ଅନ୍ତର୍ଗତ ପଡ଼ିରହିଥିବା ମାମଲାଗୁଡ଼ିକର ଆପୋସ ଫଇସଲା ପାଇଁ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ୧୮ଟି ଜିଲା ଓ ୭ଟି ସବ୍‌ଡିଭିଜନାଲ ହେଡ୍‌କ୍ୱାର୍ଟର୍ସରେ ରବିବାର ଜିଲାସ୍ତରୀୟ ଲୋକ ଅଦାଲତ ଜରିଆରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା କରାଯାଇଛି। ଏନ୍‌ଆଇ ଆକ୍ଟ ଅନ୍ତର୍ଗତ ମୋଟ ୭୦୩୮ଟି ମକଦ୍ଦମା ବିଚାର ପାଇଁ ଚିହ୍ନଟ କରାଯାଇଥିଲା। ତନ୍ମଧ୍ୟରୁ ୧୦୬୮ଟି ମକଦ୍ଦମା ଫଇସଲା କରାଯାଇଛି। ମୋଟ ୨୧,୯୨,୯୮,୧୪୩ ଟଙ୍କା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର ପାଟ୍ରୋନ-ଇନ୍-ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏହି ଲୋକ ଅଦାଲତ ହୋଇଯାଇଛି।

# ବଳାତ୍କାରୀଙ୍କୁ ଛଡ଼ାଯିବ ନାହିଁ: ଭାଜପା

**ଭୁବନେଶ୍ୱର, ୨୭।୭(ରବିନାରାୟଣ ଜେନା)**

ମହିଳା ସୁରକ୍ଷା ପ୍ରସଙ୍ଗରେ ଭାଜପା ସମ୍ବେଦନଶୀଳ। ଭାଜପା ସରକାର ମହିଳାମାନଙ୍କ ପାଇଁ ସମର୍ପିତ। ମହିଳା ସଶକ୍ତୀକରଣ ପାଇଁ ସରକାର ବଦ୍ଧପରିକର। ମହିଳା ହିଂସା କିମ୍ବା ବଳାତ୍କାରରେ ସଂପୃକ୍ତ କୌଣସି ଅଭିଯୁକ୍ତଙ୍କୁ ଭାଜପା ସରକାରରେ ଛାଡ୍ ନାହିଁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ରବିବାର ସେ କହିଛନ୍ତି, ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ଚିତ୍କାର କରୁଥିବା ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଦଳ ଭିତରେ ମହିଳା ବଳାତ୍କାରକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ମହିଳା ବଳାତ୍କାର ଘଟଣାରେ ଜେଲରେ ଥିବାବେଳେ ରବିବାର ବିଜେଡିର ବିଏମ୍‌ସି କର୍ପୋରେଟର ଅମରେଶ ଜେନା ମଧ୍ୟ ମହିଳା ବଳାତ୍କାର ଘଟଣାରେ ଗିରଫ ହୋଇଛନ୍ତି। ଉଭୟ ଦଳର ଅସଲ ଚେହେରା ପଦାରେ ପଡ଼ିଛି। ଉଭୟ କଂଗ୍ରେସ ଓ ବିଜେଡି ସରକାର ଅମଳରେ ଘଟିଯାଇଥିବା ମହିଳା ହିଂସା, ବ୍ୟଭିଚାର, ନିର୍ଯାତନାକୁ ଏପର୍ଯ୍ୟନ୍ତ ଓଡ଼ିଶାବାସୀ ଭୁଲିନାହାନ୍ତି। ଉଭୟ ଦଳର ଅପକର୍ମ କାରଣରୁ ଓଡ଼ିଶା ଏବଂ ଓଡ଼ିଶାବାସୀ ବହୁ ଥର ଦେଶ ତଥା ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହୋଇଛନ୍ତି ବୋଲି ରାଜ୍ୟ ଉପସଭାପତି କହିଛନ୍ତି।

# ଜେଲ ଗଲେ ଅଭିଯୁକ୍ତ, ସୁରକ୍ଷାକର୍ମୀ ବହିଷ୍କୃତ

## ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲା

**ବାଲେଶ୍ୱର, ୨୭।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀଙ୍କୁ ବଳାତ୍କାର ଉଦ୍ୟମ ମାମଲାରେ ରେମୁଣା ଥାନା ପୋଲିସ ରବିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ନୀଳଗିରି ଥାନା ମର୍ଦ୍ଦରାଜପୁର ଗାଁର ଶଙ୍କର ଓରଫ୍ ହରିହର ପାତ୍ର (୨୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଏସ୍‌ଡିପିଓ ପ୍ରମୋଦ ମଳିକ, ଡିଏସ୍‌ପି ଚାନ୍ଦମଣି ସିଂ, ଆଇଆଇସି ବିମଳ ନାୟକ, ଏସ୍‌ଆଇ ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଫୋରେନସିକ୍ ଟିମ୍ ସହ ବିଶ୍ୱବିଦ୍ୟାଳୟରେ ପହଞ୍ଚି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ତଦନ୍ତ ଜାରି ରଖିଛନ୍ତି।

ସୂଚନା ଯେ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରରେ ଥିବା କ୍ୱାର୍ଟର୍ସରେ ଶନିବାର ଆସିଷ୍ଟାଣ୍ଟ ପ୍ରଫେସର ଘରେ ନ ଥିଲେ। ତାଙ୍କ ନବବିବାହିତା ସ୍ତ୍ରୀ ଏକା ଥିବା ବେଳେ ଅଭିଯୁକ୍ତ ଯୁବକ ଆସି କବାଟ ବାଡେଇଥିଲେ। ନିଜକୁ ଗ୍ୟାସ୍ ବାଲା ପରିଚୟ ଦେବାରୁ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସ୍ତ୍ରୀ କବାଟ ଖୋଲିଥିଲେ। ଏହାପରେ ସେ ଘରେ ପଶି ମହିଳାଙ୍କୁ ଜବରଦସ୍ତ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣଙ୍କ ଚିତ୍କାର କରିବାରୁ ଅଭିଯୁକ୍ତ ଖସି ପଳାଉଥିବା ବେଳେ ସୁରକ୍ଷାକର୍ମୀ ତାଙ୍କୁ କାବୁ କରିଥିଲେ। ଖବରପାଇ ରେମୁଣା ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ. ୧୩୧/୨୫)ରୁଜୁ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି, ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ କହିବା ସହ କାର୍ଯ୍ୟରେ ଅବହେଳା ପାଇଁ ରେସିଡେନ୍‌ସିଆଲ କଲୋନୀ ଫାଟକ ନିକଟରେ ଥିବା ସୁରକ୍ଷାକର୍ମୀଙ୍କୁ ବହିଷ୍କାର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରତି ଗେଟ୍‌ରେ ୨ଜଣ ଲେଖାଏଁ ସୁରକ୍ଷାକର୍ମୀ ନିୟୋଜିତ କରାଯାଇଛି। ପୂର୍ବରୁ ବିଶ୍ୱବିଦ୍ୟାଳୟରେ ୧୬ଜଣ ସୁରକ୍ଷାକର୍ମୀ ଥିଲେ ଓ ୪ଜଣ ସୁରକ୍ଷାକର୍ମୀ ବିଦ୍ୟୁତ୍ ଚାଳିତ ଅଟୋ ଚଳାଉଥିଲେ। ସୁରକ୍ଷା ବ୍ୟବସ୍ଥା କଡ଼ାକଡି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।



## ଦେଶର ବିଭିନ୍ନ ମନ୍ଦିରରେ ପ୍ରମୁଖ ଦଳାଚକଟା ଘଟଣା

**୨୦୨୫ ମେ' ୩**
ଗୋଆର ଶିର୍‌ଗାଓ ଗ୍ରାମସ୍ଥିତ ଶ୍ରୀ ଲୈରାଇ ଦେବୀ ମନ୍ଦିରରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଥିଲେ।

**୨୦୨୫ ଜାନୁଆରୀ ୮**
ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଟିକେଟ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଥିବା ସମୟରେ ଦଳାଚକଟା ଘଟି ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୨ରୁ ଅଧିକ ଆହତ ହୋଇଥିଲେ।

**୨୦୨୪ ଜୁଲାଇ ୨**
ଉତ୍ତରପ୍ରଦେଶର ହାଥରସ୍‌ଠାରେ ଭୋଲେ ବାବାଙ୍କ ଦ୍ୱାରା ଆୟୋଜିତ ସତ୍‌ସଙ୍ଗରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ଘଟି ୧୨୧ ଜଣଙ୍କର ମୃତ୍ୟୁ ଘଟିଥିଲା।

**୨୦୦୮ ସେପ୍ଟେମ୍ବର ୩୦**
ରାଜସ୍ଥାନର ଯୋଧପୁର ସହରର ଚାମୁଣ୍ଡା ଦେବୀ ମନ୍ଦିରରେ ବୋମା ବିସ୍ଫୋରଣର ଗୁଜବରୁ ଦଳାଚକଟା ଘଟି ୨୫୦ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଥିବା ବେଳେ ୬୦ ଜଣ ଆହତ ହୋଇଥିଲେ।

**୨୦୦୮ ଅଗଷ୍ଟ ୩**
ହିମାଚଳ ପ୍ରଦେଶର ବିଳାସପୁର ଜିଲା ନୈନା ଦେବୀ ମନ୍ଦିରରେ ପଥର ଧସିବା ଗୁଜବରୁ ଦଳାଚକଟା ଘଟି ୧୬୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪୭ ଜଣ ଆହତ ହୋଇଛନ୍ତି।

**୨୦୦୫ ଜାନୁଆରୀ ୨୫**
ମହାରାଷ୍ଟ୍ରର ସତାରା ଜିଲା ମନ୍ଧାରାଦେବୀ ମନ୍ଦିରର ବାର୍ଷିକ ତୀର୍ଥଯାତ୍ରା ସମୟରେ ଦଳାଚକଟା ଘଟି ୩୪୦ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିଲା।

## ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ସିସିଡବ୍ଲ୍ୟୁଏସ୍‌ଡି ପକ୍ଷରୁ ଏକାକୀ ରହୁଥିବା ମହିଳାଙ୍କ ସମସ୍ୟା ଓ ଆହ୍ୱାନ ନେଇ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ସ୍ଥାନ: ଗୀତ ଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା

### ବାଲେଶ୍ୱର
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।

### ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମେଧାବୀ ସମ୍ମାନ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

### ମୟୂରଭଞ୍ଜ
- ନୂତନ ଜମ୍ବୀରା ପୋଲ ନିର୍ମାଣ ନିମନ୍ତେ ଗ୍ରାମସଭା, ସ୍ଥାନ: ପଟାକୁଣ୍ଡିଆ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା ୩୦।

### ଜଗତ୍‌ସିଂହପୁର
- ଭାରତୀୟ ମଜ୍‌ଦୂର ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ପୋର୍ଟ କ୍ଲବ, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

### କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

### ଯାଜପୁର
- ଜିଲାପାଳ ଓ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

### ନୟାଗଡ଼
- ବୃକ୍ଷ ଦାନ ଶିବିର, ସ୍ଥାନ:ନୟାଗଡ଼ ଶିମିଳିସାହି, ସମୟ ; ପୂର୍ବାହ୍ନ ୯ଟା
- ଜିଲା ବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ବଣ୍ଟନ, ସ୍ଥାନ:ରଣପୁର ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

### ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

### କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

### ରାୟଗଡ଼ା
- ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ ପୂଜା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପଡିଆ, ଗୌଡ଼ସାହି, ମୁନିଗୁଡା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା

### କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଖୁଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାତୀବାରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାନବାର ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମିଳିତ ଆଭିଯୋଗ ଶୁଣାଣି, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

# କଠିନ ପରିଶ୍ରମ କରି ଭଲ ପାଠ ପଢ଼ିବାକୁ ଆଶ୍ରମ ସ୍କୁଲ୍ ପିଲାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ଶୁଣୁଛନ୍ତି।

**ଭୁବନେଶ୍ୱର,୨୭।୭**
**(ରବିନାରାୟଣ ଜେନା)**

ଭଲ ପାଠପଢ଼,କଠିନ ପରିଶ୍ରମ କରି ସଫଳତାର ସହିତ ବଡ଼ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନବାସୀ ଆଶ୍ରମ ପିଲାଙ୍କୁ ପରାମର୍ଶ ଦେଇଛନ୍ତି। ରବିବାର ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଦେଖିବା ଅବସରରେ ଆଶ୍ରମ ପିଲାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ବୁଝାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ପରିଶ୍ରମର ଫଳ କେବେ ବୃଥା ଯାଏନାହିଁ। ମାତା-ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ହେଲେ ତୁମକୁ କଠୋର ପରିଶ୍ରମ କରିବାକୁ ପଡ଼ିବ। ରବିବାର ୧୨୪ତମ ଅଧ୍ୟାୟରେ ଦେଶର ବିଭିନ୍ନ ପ୍ରାନ୍ତର ଜନ ସମୂହଙ୍କ ପ୍ରେରଣାଦାୟୀ ପଦକ୍ଷେପ ସହିତ ଓଡ଼ିଶାର ମୟୂରଭଞ୍ଜ ଜିଲାର ଆଦିବାସୀ ମହିଳାମାନଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ିର ପୁନରୁଦ୍ଧାର ବିଷୟରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ୬୫୦ ଜଣ ଆଦିବାସୀ ମହିଳା ଆଜି ଏହି ଶାଢ଼ି ବୁଣି ଭଲ ରୋଜଗାର କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ସେ କହିଛନ୍ତି। ଏଥିସହିତ ପ୍ରଧାନମନ୍ତ୍ରୀ ପ୍ରକୃତିର ସୁରକ୍ଷା ପାଇଁ ଆମର ଦାୟିତ୍ୱ ବିଷୟରେ କେନ୍ଦୁଝରର ନାମ ନେଇଛନ୍ତି। କେନ୍ଦୁଝର ଜିଲାର ପ୍ରମିଳା ପ୍ରଧାନଙ୍କ ପ୍ରୟାସରେ ସଂକୀର୍ତ୍ତନ ମଣ୍ଡଳୀ ଜରିଆରେ କିଭଳି ପରିବେଶ ଓ ଜଙ୍ଗଲର ସୁରକ୍ଷା ସହିତ ଜଙ୍ଗଲ ନିଆଁ ରୋକିବା ପାଇଁ ସଚେତନତା କରାଯାଉଛି ସେ ବିଷୟରେ ପ୍ରଶଂସା କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ।

# ୫୦୦ ମୃତକଙ୍କ ନାମରେ ଉଠୁଛି ଟଙ୍କା

## ଆନନ୍ଦପୁର ପୌରାଞ୍ଚଳରେ ଭତ୍ତା କେଳେଙ୍କାରୀ

**ଆନନ୍ଦପୁର,୨୭।୭**
**(ସୁଶାନ୍ତ କୁମାର ସାହୁ)**

କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳରେ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ୧୦ ବର୍ଷ ତଳୁ ମୃତ୍ୟୁବରଣ କରିଥିବା ବୃଦ୍ଧଙ୍କଠାରୁ ଆରମ୍ଭ କରି ବର୍ଷେ ତଳେ ଦେହାନ୍ତ ହୋଇଥିବା ଲୋକଙ୍କ ନାମରେ ଭତ୍ତା ଟଙ୍କା ଉଠାଯାଉଛି। ଏପରିକି ହରିଶ୍ଚନ୍ଦ୍ର ଯୋଜନାରେ ଶବ ସଂସ୍କାର ହୋଇଥିବା ବ୍ୟକ୍ତିଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହୋଇ ହରିଲୁଟ୍ କରାଯାଉଥିବା ଅଭିଯୋଗ ହୋଇଛି। ରବିବାର ଘଷିପୁରାଠାରେ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଯଜ୍ଞପ୍ରସାଦ ସାହୁ ଏଭଳି ଅଭିଯୋଗ କରିଛନ୍ତି। ସୂଚନା ଅଧିକାର ତଥ୍ୟ ଅନୁଯାୟୀ, ଆନନ୍ଦପୁର ପୌରାଞ୍ଚଳର ୧୬ଟି ୱାର୍ଡରେ ଏଭଳି ହୋଇଛି। ୫୦୦ରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଲୁଟ୍ ହୋଇଛି। ଅନୁମୋଦନ ସଂଖ୍ୟା ଓଆର୍‌ଏସ୍- ୦୯୪୯୫୬୨୬ରେ ଘଷିପୁରା ଅଞ୍ଚଳର ଦୈତାରି ଦାସଙ୍କ ନାମରେ ଭତ୍ତା ମଞ୍ଜୁର ହୋଇଥିଲା। ତେବେ ୧୦ ଡିସେମ୍ବର ୨୦୨୧ରେ ଦୈତାରିଙ୍କ ପରଲୋକ ହୋଇଥିଲା। ମାତ୍ର ତାଙ୍କ ନାମରେ ଭତ୍ତା ଟଙ୍କା ଉଠୁଛି। ସେହିପରି ଘଷିପୁରାର ମଙ୍ଗୁଳି ଚରଣ ସାହୁଙ୍କ ବର୍ଷେ ତଳୁ ମୃତ୍ୟୁ ଘଟିଛି। ହଗୁରୁ ସାହୁଙ୍କ ବର୍ଷେ ପୂର୍ବେ, ବଂଶୀଧର ସାହୁଙ୍କ ୨ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି। ସେହିପରି ଲମ୍ବୋଦର ସାହୁ, ଶାଳପଡ଼ାର ମୋହନ ଚରଣ ଜେନା, ଖପରାଖାଇର ଗୁଞ୍ଜର ଜେନା, ମୂଳିଆ ଦେହୁରୀ, କୀର୍ତ୍ତନ ପେରେଇ, ମୁରବାଲିର ଝୁମୁରି ବେହେରା, ସନାତନ ବେହେରା, ଶୈଳଙ୍ଗର ବିଦ୍ୟାଧର ଜେନା ପ୍ରମୁଖ ବର୍ଷେରୁ ଅଧିକ ହେବ ମୃତ୍ୟୁବରଣ କରିଥିଲେ ମଧ୍ୟ ସମସ୍ତଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ, ୫ ବର୍ଷ ତଳେ ବୁଢ଼ିଆ ପାତ୍ରଙ୍କର ମୃତ୍ୟୁ ହୋଇଥିଲା। ଶବ ସଂସ୍କାର ପାଇଁ ତାଙ୍କ ପୁଅ ହରିଶ୍ଚନ୍ଦ୍ର ସହାୟତା ୩ ହଜାର ଟଙ୍କା ପାଇଥିଲେ। ତାଙ୍କ ନାମରେ ମଧ୍ୟ ଭତ୍ତା ଟଙ୍କା ଉଠାଣ ହେଉଥିବା ଯଜ୍ଞପ୍ରସାଦ ଅଭିଯୋଗ କରିଛନ୍ତି। ସେହିପରି ସମସ୍ତ ୱାର୍ଡରେ ୫ଶହରୁ ଅଧିକ ମୃତକଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ସେ କହିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭତ୍ତା ଅପେକ୍ଷାରେ ଥିବା ବୃଦ୍ଧାବୃଦ୍ଧଙ୍କୁ ନ୍ୟାୟ ଦେବାକୁ ଦାବି ରଖିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହଇରେ ରସିକ ରସିଲୁ**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଙ୍ଘା ବଣେ ପଶିଲୁ।**

ରୂପଠାରୁ ଗୁଣ ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ ହୋଇଥାଏ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ଅନେକ ସମୟରେ ମନ୍ଦ ହୁଏ ବୋଲି ଏଠାରେ ବ୍ୟଙ୍ଗୋକ୍ତି ଶୈଳୀରେ ପ୍ରକାଶ କରାଯାଇଛି।

**ହାତ ନଡ଼ବଡ଼ କହୁଣି ଖାଏ**
**ଜିଭ ନଡ଼ବଡ଼ ହଗି ଯାଏ ।**

ଖାଦ୍ୟକୁ ଠିକ୍ ଭାବେ ଧରି ରଖି ନ ଖାଇପାରିଲେ ଖାଦ୍ୟ କହୁଣିକୁ ବୋହି ଯାଇଥାଏ। ସେହିପରି ଜିହ୍ୱାକୁ ଯିଏ ନିୟନ୍ତ୍ରଣରେ ରଖିପାରି ନ ଥାଏ ତା'ର ପେଟ ଖରାପ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### କର୍ପୋରେଟର ଅମରେଶ ...

ନେବାବେଳେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଅର୍ଚ୍ଚନା ମତେ ଫସାଇଦେଇଛନ୍ତି। ଅର୍ଚ୍ଚନାଙ୍କୁ ପଚାରିଲେ ସେ ଏହି ଘଟଣାରେ ସବୁ କହିପାରିବେ ବୋଲି ଅମରେଶ କହିଛନ୍ତି। ଏପଟେ ଏପରି ଅଭିଯୋଗକୁ ନେଇ ଅର୍ଚ୍ଚନା ମଧ୍ୟ ଭିଡିଓ ଜାରି କରି ଅମରେଶଙ୍କୁ ଟାର୍ଗେଟ୍ କରିଛନ୍ତି। ଅର୍ଚ୍ଚନା କହିଛନ୍ତି, ସେ ଏହି ଘଟଣା ବିଷୟରେ ଜାଣିନାହାନ୍ତି କିମ୍ବା ପୀଡ଼ିତାଙ୍କୁ ମଧ୍ୟ ଚିହ୍ନି ନାହାନ୍ତି। ଘଟଣାର ସତ୍ୟାସତ୍ୟ ଅମରେଶ ଓ ପୀଡ଼ିତା ହିଁ ଜାଣିଥିବେ। ତେବେ ଅମରେଶ କୁକର୍ମରେ ଜଡ଼ିତ ଥିଲେ ବୋଲି ଆଜି ଓଡ଼ିଶାବାସୀଙ୍କୁ ଜଣାଇଦେଇଛନ୍ତି। ସେ ଆହୁରି କହିଛନ୍ତି, ପୂର୍ବରୁ ଅର୍ଚ୍ଚନା ନାଗଙ୍କୁ ସେ ଚିହ୍ନି ନ ଥିଲେ ବୋଲି ଅମରେଶ କହୁଥିଲେ। ଆଜି ସେ କିପରି ଅର୍ଚ୍ଚନାଙ୍କୁ ଜାଣିଗଲେ। ସେ ନିଜ କର୍ମର ଫଳ ଭୋଗୁଛନ୍ତି। ଅମରେଶଙ୍କୁ ଭାଇ ସମ୍ବୋଧନ କରି ସୁଧୁରି ଯାଆନ୍ତୁ ଓ ଭଉଣୀଙ୍କୁ ଅପନିନ୍ଦା ଦିଅନ୍ତୁ ନାହିଁ ବୋଲି ଅର୍ଚ୍ଚନା କହିଛନ୍ତି। ସେହିପରି ଅମରେଶଙ୍କ ସ୍ତ୍ରୀ ବନଜା ଜେନା ସ୍ୱାମୀଙ୍କ ବିରୋଧରେ ଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ନିର୍ବାଚନ ପାଖେଇ ଆସିଲାଣି, ଏଭଳି ଆମ ସହ ଘଟିବ ବୋଲି ଜାଣିଥିଲୁ। କୋର୍ଟ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି, ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ତେବେ ଅମରେଶ ଭୁବନେଶ୍ୱରରୁ ଫେରାର ହୋଇ କଳାକାଦ ଗାଁରେ ଯାହାଙ୍କ ଘରେ ଆତ୍ମଗୋପନ କରିଥିଲେ ତାଙ୍କୁ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି। ଉକ୍ତ ବ୍ୟକ୍ତି କିଏ ଓ ଅମରେଶ ତାଙ୍କ ଘରକୁ କାହିଁକି ସୁରକ୍ଷିତ ସ୍ଥାନ ବୋଲି ବାଛିଥିଲେ ବୋଲି ଚର୍ଚ୍ଚା ହେଉଛି। ତେବେ ଅମରେଶଙ୍କ ମାମଲାରେ ସମ୍ପୃକ୍ତି ଆସିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖବରଦାତା ସମ୍ମିଳନୀରେ ଜୋନ-୪ ଏସିପି ଅଭିମନ୍ୟୁ ନାୟକ କହିଛନ୍ତି। ଏପଟେ ଅମରେଶଙ୍କ ଗିରଫଦାରି ଘଟଣାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଲକ୍ଷ୍ମୀସାଗର ଥାନା ପରିସରରେ ଭିଡ ଜମାଇ ହୋହଲ୍ଲା କରିବା ସହ ପୋଲିସର ଗିରଫଦାରିକୁ ନିନ୍ଦା କରିଥିଲେ। ସୂଚନାଯୋଗ୍ୟ, ଅମରେଶ ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ବୁଧବାର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅମରେଶଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡ଼ିତା ନାବାଳିକା ଥିବା ସମୟରୁ ଅମରେଶ ତାଙ୍କ ସହ ପ୍ରତାରଣା କରି ଅମାନୁଷିକ କାଣ୍ଡ ଘଟାଇଥିବା ଏତଲାରେ ଦର୍ଶାଇଥିଲେ। ଏପରିକି ଅମରେଶ ପୀଡ଼ିତାଙ୍କ ଗର୍ଭପାତ କରାଇ ତାଙ୍କୁ ତଣ୍ଟିଚିପି ହତ୍ୟା ଉଦ୍ୟମ କରିବା ସହ ଭୁବନେଶ୍ୱର ଛାଡ଼ି ଚାଲିଯିବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

### ମାଟିତଳୁ ମିଳିଲା ...

ମୁତୟନ ଅର୍ଦ୍ଧସାମରିକ ବାହିନୀ ଓ ଓଡ଼ିଶା ପୋଲିସ ମିଳିତ ଭାବେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ପ୍ରାୟ ସାଢ଼େ ୪ଟନ୍ ଲୁଟ ବିସ୍ଫୋରକ ଜବତ ହୋଇଥିଲା। କିନ୍ତୁ ମାଓବାଦୀଙ୍କ ପାଲଟା ଜବାବରେ ସେମାନେ ଖଞ୍ଜିଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମେ' ୩୦ରେ କୋମ୍ବିଂ ଅପରେଶନ ବେଳେ କୋବ୍ରା ବାଟାଲିୟନର ଯବାନ ସୁନୀଲ କୁମାର ଗୁରୁତର ଆହତ ହୋଇଥିଲେ। ୩୧ରେ ସରଣ୍ଡା ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଗ୍ରାମବାସୀ ଆହତ ହୋଇଥିଲେ। ଜୁନ ୧୪ରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ପୁଣି ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଯବାନ ସତ୍ୟବାନ କୁମାର ସିଂ ଶହୀଦ ହୋଇଥିଲେ। ଇତିମଧ୍ୟରେ ଅନେକ ପୋତା ଲ୍ୟାଣ୍ଡ ମାଇନ ଉଦ୍ଧାର ହେବା ସହ ଏକ ବଙ୍କର ଠାବ କରି ଅର୍ଦ୍ଧସାମରିକ ବାହିନୀ ତରଫରୁ ନଷ୍ଟ କରାଯାଇଥିଲା। ପୁଣି ଏବେ ମାଓବାଦୀ ମାଟିତଳେ ଲୁଚାଇ ରଖିଥିବା ୩୫ ଲକ୍ଷ ଟଙ୍କା ଠାବ କରି ଉଦ୍ଧାର କରିବା ପରେ ମାଓବାଦୀଙ୍କ ଅଣ୍ଟା ଦୋହଲି ଯାଇଥିବା ସ୍ୱାଭାବିକ। ହେଲେ ମାଓ ସଙ୍ଗଠନ ଶହୀଦ ସପ୍ତାହ ମଧ୍ୟରେ କିଛି ଯୋଜନା କରୁଥିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଉଭୟ ରାଜ୍ୟ ପୋଲିସ ଏବେ ସତର୍କ ଦୃଷ୍ଟି ରଖିଥିବା ଜଣାପଡିଛି।



ମାଟି ତଳୁ ଜବତ ହୋଇଥିବା ଟଙ୍କା।

### ୨୦ ହଜାର ଟଙ୍କାରେ...

କରି ସମ୍ପୃକ୍ତ ଶିଶୁ କନ୍ୟାର ବାପାଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ବାଗଡେର ଗାଁର ଜଣେ ବ୍ୟକ୍ତିଙ୍କ ପୂର୍ବରୁ ଏକ ଝିଅ ଥିଲା। ନିକଟରେ ତାଙ୍କ ସ୍ତ୍ରୀ ଟିଟିଲାଗଡ଼ ହସ୍ପିଟାଲରେ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ମହିଳା ଜଣକ ଘରକୁ ଆସିବାର କିଛି ଦିନ ପରେ ବରଗଡ଼ ଜିଲା ପଦ୍ମପୁର ସବ୍‌ଡିଭିଜନ ଅଧୀନ ପାଇକମାଳ ଗାଁର ସମ୍ପୃକ୍ତ ଦମ୍ପତିଙ୍କ ସହ କଥାବାର୍ତ୍ତା କରି ଶିଶୁକନ୍ୟାକୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଛି। ବିକ୍ରି କରିଥିବାନେଇ ଶିଶୁକନ୍ୟାର ମା'ବାପା ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି। ଏହି ଦମ୍ପତି ଗରିବ ଶ୍ରେଣୀର ହୋଇଥିବାରୁ ବର୍ଷକ ଅଧିକାଂଶ ସମୟ ଦାଦନ ଖଟିବାକୁ ଯାଇଥାନ୍ତି। ସରକାର ଗରିବ ଲୋକଙ୍କ ପାଇଁ ଅନେକ ଉନ୍ନୟନମୂଳକ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏହାର ସୁଫଳ ପାଇବାରୁ ଉକ୍ତ ଦମ୍ପତି (ଶିଶୁକନ୍ୟାର ମା'ବାପା)ଙ୍କ ପରିବାର ବଞ୍ଚିତ ହୋଇଛନ୍ତି। ଭଙ୍ଗା ଦଦରା ଘରେ ଅତି ଦୟନୀୟ ଭାବେ ଦିନ କାଟୁଛନ୍ତି ଏହି ପରିବାର। ଫଳସ୍ୱରୂପ ଅଭାବରେ ପଡି ନିଜ ଝିଅକୁ ବିକ୍ରି କରିବାକୁ ପଛାଇ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗ୍ରହସ୍ଥିତି ଆର୍ଥିକ ଅସଙ୍ଗତି ଦୂରକରିବା ସହ ଆଲୋଚନାକୁ ଅଗ୍ରଗାମୀ କରାଇବ। ପୂର୍ବାଲୋଚନା ଅନୁଯାୟୀ ଆଜିର ଯାତ୍ରା, କର୍ମାରମ୍ଭ, ପ୍ରଶାସନିକ ନିଷ୍ପତ୍ତିରେ ସଫଳତା ପାଇବେ। କାଳେ କିଛି ଦେବାକୁ ପଡ଼ିବ,ଏହି ଆଶଙ୍କାରେ ସମ୍ପର୍କୀୟ ଦୂରେଇ ରହିବେ। କର୍ମକ୍ଷେତ୍ରରେ ଜିଦ୍‌ରେ ଅଟଳ ରହିଲେ ସମସ୍ୟାକୁ ନିମନ୍ତ୍ରଣ କରିବେ।

**ବୃଷ**
କୃତ୍ତିକା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ବୟସ୍କଙ୍କ ଦୁଶ୍ଚିନ୍ତା ବୃଦ୍ଧିପାଇବ। କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ସାହାଯ୍ୟରୁ ଆଶ୍ୱସ୍ତି ଲଭିବେ। ଯାତ୍ରା, ବାଣିଜ୍ୟ, ପରିବହନ, ଆଇନ ଅଦାଲତ ଓ ଆନୁଷ୍ଠାନିକ କାମ ପାଇଁ ଅସୁବିଧା ହେବ ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ମନୋବଳ ଟାଣ ରହିବ ଓ ପଛକୁ ଫେରିବାର ଚିନ୍ତା କରି ନ ପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ଭୁଲ୍‌ବଶତଃ ସ୍ଥଗିତ କାମପାଇଁ ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ପୁନର୍ବସୁ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଏବଂ ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସୁଯୋଗ ଆସିପାରେ। ଜମିଜମା କାରବାର କିମ୍ବା ପ୍ଲଟ କିଣିବା ଦିଗରେ ଆଲୋଚନା କରିପାରନ୍ତି।

**କର୍କଟ**
ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ କାମରେ ସାମିଲ ହୋଇ ନିଜ କାମକୁ ପଛକୁ ରଖିପାରନ୍ତି। କେତେକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ ପାଇଁ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ସାମାଜିକ କାମ, ସଭାସମିତି, ସାମ୍ବାଦିକତା, ପ୍ରଶାସନିକ କ୍ଷେତ୍ର ଓ ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ସିଂହ**
ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ ଚାପଗ୍ରସ୍ତ କାରଣରୁ ବାକିଆ କାମ ପାଇଁ ଚିନ୍ତା ବଢ଼ିଯିବ। ପାରିବାରିକ କ୍ଷେତ୍ରର ଅମିମାଂସୀତ ଘଟଣାବଳୀକୁ ନେଇ ଗୁରୁଜନଙ୍କ ସହ ଆଲୋଚନା କରିବାକୁ ମନସ୍ଥ କରିବେ। ମଘା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କନ୍ୟା**
କୌଣସି କାମ ଅଟକି ନ ରହିଲେ ମଧ୍ୟ ତାହାକୁ ସଜାଡିବା କ୍ଷେତ୍ରରେ ହଇରାଣ ହେବାକୁ ପଡିବ। ବନ୍ଧୁଙ୍କ କଥାକୁ ପୂର୍ଣ୍ଣ ବିଶ୍ୱାସ କରି ପରକ୍ଷଣରେ ଅନୁତାପ କରିପାରନ୍ତି। ପରିସ୍ଥିତିବଶତଃ କଠିନ ପରିଶ୍ରମ ଓ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେବ। ହସ୍ତା ନକ୍ଷତ୍ର ସକାଶେ ବ୍ୟବସାୟିକ ସ୍ଥିତି ଭଲ ରହିବାରୁ ଖୁସି ରହିବେ।

**ତୁଳା**
ପାରସ୍ପରିକ ବୁଝାମଣା ହେତୁ ପରିବାରରେ ଶାନ୍ତି ଫେରିବାର ସୂଚନା ରହିଛି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ଋଣ ପରିଶୋଧ କରିପାରିବେ ନାହିଁ। ସାହିତ୍ୟ, ସାମ୍ବାଦିକତା, ଗବେଷଣା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବିଶାଖା ନକ୍ଷତ୍ର ଆଇନ ଅଦାଲତରେ ସମସ୍ୟାଜନିତ ଚିନ୍ତା ପ୍ରକଟ କରିପାରନ୍ତି।

**ବିଛା**
ପରିସ୍ଥିତିର ତାଡ଼ନାରେ ଇଚ୍ଛା ନ ଥାଇ ମଧ୍ୟ ବାରମ୍ବାର ମତ ବଦଳାଇବାକୁ ବାଧ୍ୟ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ସାହସିକତା ପ୍ରଦର୍ଶନ କରି ପ୍ରଶଂସିତ ହୋଇପାରନ୍ତି। ଅନୁରାଧା ନକ୍ଷତ୍ର କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତାଦିରେ ସୁନାମ ଅର୍ଜନ କରିବେ। ଯାନବାହନ ଚାଳନାରେ ସତର୍କ ନ ରହିଲେ ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ଧନୁ**
ଅତୀତ ଘଟଣାକୁ କେନ୍ଦ୍ରକରି ସମାଲୋଚନା ମଧ୍ୟରେ ଅଶାନ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ସ୍ଥଗିତ ରହିଥିବା କାମକୁ ପୁନଃ ଆରମ୍ଭ କରିବା ପାଇଁ ଚିନ୍ତା କରିପାରନ୍ତି। ପ୍ରକାଶନ, ପ୍ରଶାସନ, ସଂଗଠନ, ରାଜନୀତି ଓ ସଭାସମିତିରେ ଶୁଭଫଳ ପାଇବେ। ପୂର୍ବାଷାଢ଼ା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ମକର**
ବିବାଦୀୟ ସ୍ଥିତି ମଧ୍ୟରେ ଗତିକରିବାକୁ ପଡୁଥିବାରୁ ଖୁସିରେ ରହପାରିବେ ନାହିଁ। ଅଟକି ରହିଥିବା କୌଣସି କାର୍ଯ୍ୟ ହଠାତ୍ ଆରମ୍ଭ କରିବାକୁ ସ୍ଥିର କରିବେ। ଶ୍ରବଣା ନକ୍ଷତ୍ର ସାମାଜିକ ସ୍ତରରେ ଅପ୍ରୀତିକର ପରିସ୍ଥିତିଜନିତ ଘଟଣାର ଦିଗ ବଦଳିଯିବ। ଶିଳ୍ପ, ବ୍ୟବସାୟ, ପରିବହନ, ପ୍ରଶାସନ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**କୁମ୍ଭ**
ନୂତନ କର୍ମାରମ୍ଭ ସକାଶେ ଯୋଜନା କରି ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ପରିସ୍ଥିତିକୁ ଲାଘବ କରିବା ସକାଶେ ଋଣ ପରିଶୋଧର ପ୍ରତିଶ୍ରୁତି ଦେବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ସକାଶେ ଯେତେ ଉପାୟ କଲେ ମଧ୍ୟ ସୁବିଧାରେ କାମ ହାସଲ କଷ୍ଟକର ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ମୀନ**
ସମସ୍ୟା ଲାଗିରହିଥିଲେ ମଧ୍ୟ ଆଜିର କୌଣସି କାମ ପାଇଁ ହଇରାଣ ହେବେନାହିଁ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ପରିସ୍ଥିତିକୁ ଦେଖିଚାହିଁ କାମ କରିବା ଭଲ। ପରିବାରରେ ହେଉ କିମ୍ବା ଅନ୍ୟାନ୍ୟ କ୍ଷେତ୍ରରେ କଡ଼ାକଥା କହିଲେ ଚଳିବନାହିଁ। ରୋଗର ପୀଡ଼ା ବୃଦ୍ଧିରେ ଆତ୍ମୀୟଙ୍କ ସହାନୁଭୂତି ପାଇ ଏକପ୍ରକାର ମନକୁ ବୁଝାଇନେବେ।

ଆଜି ଜୁଲାଇ ୨୮ ତାରିଖ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ, ବିଶ୍ୱ ହେପାଟାଇଟିସ୍ ଦିବସ, ଶ୍ରାବଣ ଶୁକ୍ଳ ଚତୁର୍ଥୀ ସୋମବାର। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୫.୨୪ ଗତେ ଘ.୦୭.୦୧ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୦୧ ଗତେ ଘ. ୦୮.୩୮ ମଧ୍ୟେ ରାହୁ କାଳ।

# ଚରିତ୍ର ନ ଥିଲେ ସବୁ ଅସାର

ନାରୀ ନିର୍ଯାତନା ଓ ସେମାନଙ୍କୁ ଯୌନ ଶୋଷଣ ଭଳି କୁତ୍ସିତ କାର୍ଯ୍ୟରେ ରାଜନେତାମାନେ ସମ୍ପୃକ୍ତ ହେବା ଏବଂ ଗିରଫ ହେବା ଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ସାଧାରଣତଃ ନେତା ସିଏ, ଯିଏ ଜନସାଧାରଣ, ସରକାରୀ କଳ ଏବଂ ସରକାରଙ୍କ ମଧ୍ୟରେ ସେତୁ ହୋଇ କାର୍ଯ୍ୟ କରେ। ଲୋକଙ୍କ ଦୁଃଖକଷ୍ଟ ଦୂର ପାଇଁ କାର୍ଯ୍ୟ କରେ, ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ସାମିଲ କରେ। ସେହି ବ୍ୟକ୍ତିଙ୍କ ପ୍ରତି ବହୁସଂଖ୍ୟକ ଲୋକଙ୍କ କେବଳ ଭରସା ନ ଥାଏ, ତାଙ୍କୁ ସେମାନେ ଆଦର୍ଶ ଭାବେ ଗ୍ରହଣ କରିଥାନ୍ତି। ତେଣୁ ନେତାଗିରି କୌଣସି ପେସା ନୁହେଁ, ସ୍ୱୟଂପ୍ରବୃତ୍ତ ସେବା। ଏଭଳିସ୍ଥଳେ ନେତାଙ୍କ ପାଖରେ ଯୌନ ନିର୍ଯାତନା ଭଳି ଚାରିତ୍ରିକ ସ୍ଖଳନ ଦେଖାଦେବା ବାଡ଼ ଫସଲ ଖାଇବା ସଦୃଶ। ଜଣେ ନେତାଙ୍କ ଚରିତ୍ରହାନି ହେଲେ ସେ ଲୋକଙ୍କର, ନିଜର ଏବଂ ତାଙ୍କ ସହ ଜଡ଼ିତ ଦଳର ବ୍ୟାପକ କ୍ଷତି ଘଟାଇଥାନ୍ତି। ତେଣୁ ଲୋକେ କୁହନ୍ତି, 'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର'। ବିଶେଷକରି ରାଜନୀତିକୁ ଆସୁଥିବା ଯୁବପିଢ଼ି ଏହାକୁ ହୃଦୟଙ୍ଗମ କରି ନିଜକୁ ମାର୍ଜିତ କରି ରଖିବାକୁ ମତ ପ୍ରକାଶ ପାଇଛି।

## ଲୋକଙ୍କ ଭରସା ତୁଟିବାରେ ଲାଗିଛି



ସାଧାରଣ ଜନତା ଏବଂ ବ୍ୟବସ୍ଥା ତଥା ସରକାରଙ୍କ ମଧ୍ୟରେ ଯେଉଁ ଶୂନ୍ୟସ୍ଥାନ ରୁହେ, ତାହା ରାଜନୈତିକ ପଦାଧିକାରୀ ତଥା ନେତାଙ୍କ ଦାରା ପୂରଣ ହୋଇଥାଏ। ଅତୀତରେ ଲୋକଙ୍କ ମଙ୍ଗଳ ସାଧନ ପାଇଁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ସର୍ବସ୍ୱ ତ୍ୟାଗ କରି ଇତିହାସ ରଚୁଥିଲେ। ହେଲେ ଏବେ ଯୁଗ ଅନୁସାରେ ତାର ବ୍ୟତିକ୍ରମ ଘଟିଛି। ବସ୍ତୁବାଦୀ ତଥା ବିଳାସବ୍ୟସନ ଜୀବନ ବଞ୍ଚିବା ସ୍ୱପ୍ନ ନେଇ ଲୋକେ ରାଜନୀତିକୁ ଆସୁଛନ୍ତି। ପରେ ଚରିତ୍ରହୀନ କାର୍ଯ୍ୟ କରି ସମାଜ, ସଂସ୍କାର ଓ ପରମ୍ପରାକୁ ଭ୍ରଷ୍ଟ କରିବା ଦ୍ୱାରା ଆଜି ଜନପ୍ରତିନିଧି ଓ ରାଜନୈତିକ ଦଳ ଉପରେ ଲୋକଙ୍କ ଭରସା ତୁଟିବାରେ ଲାଗିଛି।

- ବଳରାମ ପଣ୍ଡା, ସାମାଜିକ କର୍ମୀ, ରାୟଗଡ଼ା

## ମହିଳାଙ୍କୁ ଅସଦାଚରଣ ବ୍ଲେମ୍ ଗେମ୍ ନ ହେଉ



ବର୍ତ୍ତମାନ ରାଜନୀତିରେ ମହିଳାଙ୍କ ଯୋଗଦାନ ବଢୁଛି। ସେହି ପରିମାଣରେ ରାଜନେତାଙ୍କ ମହିଳାଙ୍କ ପ୍ରତି ଅସଦାଚରଣ ଘଟଣା ପ୍ରତ୍ୟହ ସମ୍ମୁଖକୁ ଆସୁଛି। ବହୁ ସମୟରେ ରାଜନୈତିକ ସୁବିଧା ଯୋଗାଇ ଦେବା ପ୍ରଲୋଭନରେ ବହୁ ଯୁବତୀ ଓ ମହିଳା ରାଜନେତାଙ୍କ ଅସଦାଚରଣର ଶିକାର ହେଉଛନ୍ତି। ଏହା ମହିଳା ସଶକ୍ତୀକରଣକୁ ବିରୋଧାଚରଣ କରୁଥିବାବେଳେ ଦଳର ଭାବମୂର୍ତ୍ତି ଉପରେ ଖରାପ ପ୍ରଭାବ ପକାଉଛି। ଭାରତୀୟ ସଂସ୍କୃତିରେ ମହିଳାଙ୍କୁ ସମ୍ମାନ ଦେବା ପ୍ରାଥମିକ କର୍ତ୍ତବ୍ୟ ଶ୍ରେଣୀରେ ଅଛି। ତେବେ ରାଜନୀତି ପାଇଁ ବହୁ ସମୟରେ ମହିଳାଙ୍କ ମାଧ୍ୟମରେ ଅସଦାଚରଣ ଅଭିଯୋଗ ଆଣି ପ୍ରତିପକ୍ଷକୁ ନିନ୍ଦିତ କରିବା ପ୍ରୟାସ ଜାରି ରହିଛି। ଏପରି ବ୍ଲେମ୍ ଗେମ୍ ଦ୍ୱାରା ରାଜନୈତିକ ଦଳଗୁଡିକ ବଦନାମ ହେଉଛନ୍ତି। ଅପରପକ୍ଷରେ ରାଜନୈତିକ ଦଳଗୁଡ଼ିକରେ ଆଇସିସି (ଇଣ୍ଟରନାଲ କମ୍ପ୍ଲେଂଟସ କମିଟି) ନ ଥିବାରୁ ଏହାର ସତ୍ୟାସତ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

- ମନ୍ମଥ କୁମାର ରାଉତ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

## ଜନସାଧାରଣ ଠିକଣା ସମୟରେ ଜବାବ ଦେବେ



ଯୌନ ନିର୍ଯାତନା ଘଟଣାରେ ରାଜନୈତିକ ପଦାଧିକାରୀ ଓ ଜନ ପ୍ରତିନିଧିଙ୍କ ସମ୍ପୃକ୍ତି ଦଳର ଭାବମୂର୍ତ୍ତିକୁ ଅତିମାତ୍ରାରେ କ୍ଷୁଣ୍ଣ କରୁଛି। ଆଜିକାଲି ସାମାଜିକ ଗଣମାଧ୍ୟମ ଏହିସବୁ ଘଟଣାକୁ ଜନମାନସରେ ଉଜ୍ଜୀବିତ କରିରଖୁଛି। ସୁତରାଂ ସମୟ କ୍ରମେ ଜନସାଧାରଣ ଯୌନ ନିର୍ଯାତନାର କାହାଣୀଗୁଡ଼ିକୁ ଭୁଲିଯିବେ- ଏହା ନୁହେଁ। ସେମାନେ ଠିକଣା ସମୟରେ ଜବାବ ଅବଶ୍ୟ ଦେବେ। ଯୌନ ବ୍ୟଭିଚାରରେ ସମ୍ପୃକ୍ତ ରାଜନେତାମାନେ ଉଭୟ ଜନତାଙ୍କ ଦରବାର ଓ ଈଶ୍ୱରଙ୍କ ଦରବାରରେ ଦଣ୍ଡିତ ହେବେ, ଏ ବିଶ୍ୱାସ ମୋର ରହିଛି।

- ଡ. ନାରାୟଣ ମହାନ୍ତି, ଶିକ୍ଷାବିତ୍, ସିଡିଏ ସେକ୍ଟର-୭, କଟକ

## ଜନପ୍ରତିନିଧିମାନେ ଲୋକଙ୍କ ଭରସା ନ ହରାନ୍ତୁ



ରାଜ୍ୟରେ ପ୍ରତିଦିନ ମହିଳାମାନେ ଯୌନ ନିର୍ଯାତନା ଭଳି ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ଅପରାଧରେ ରାଜନୈତିକ ବ୍ୟକ୍ତିବିଶେଷଙ୍କ ସମ୍ପୃକ୍ତି ଚିନ୍ତା ବଢ଼ାଇଛି। ଲୋକେ ବହୁ ବିଶ୍ୱାସ ଓ ଭରସାରେ ଲୋକଙ୍କ ସେବା କରିବା ପାଇଁ ଜନପ୍ରତିନିଧି ବାଛିଥାନ୍ତି। ଜନପ୍ରତିନିଧିମାନେ ଯଦି ଏଭଳି କାର୍ଯ୍ୟ କରିବେ, ତେବେ ସାଧାରଣ ଲୋକମାନେ କାହାକୁ ଭରସା କରି ନିଜର ପ୍ରତିନିଧି ବାଛିବେ। ଅନ୍ୟପକ୍ଷରେ ଯେଉଁ ମହିଳାମାନେ ଯୌନ ନିର୍ଯାତନା କିମ୍ବା ଶୋଷଣର ଶିକାର ହେଉଛନ୍ତି, ସେମାନେ ତୁରନ୍ତ ଥାନାରେ ଅଭିଯୋଗ କରନ୍ତୁ। ନୁହେଁ କି ବର୍ଷ ବର୍ଷ ପରେ ଗୋଟିଏ ପ୍ଲାନ କିମ୍ବା ଯୋଜନା ମୁତାବକ ଆସି ଅଭିଯୋଗ କରିବେ। ପ୍ରଥମରୁ ହିଁ ମହିଳାମାନେ ଥାନାରେ ଜଣାଇବାକୁ ଅନୁରୋଧ କରୁଛୁ।

- ଶୁଭଶ୍ରୀ ଦାଶ, ସମାଜସେବୀ, ଭୁବନେଶ୍ୱର

## ଲୋକଙ୍କ ଭରସା ତୁଟୁଛି



ଯେକୌଣସି ରାଜନୈତିକ ଦଳ ଜନସାଧାରଣଙ୍କ ବିକାଶ ପାଇଁ କାମ କରନ୍ତି। କିନ୍ତୁ ଦଳର କୌଣସି କର୍ମୀ ବା ନେତା ଯଦି ନାରୀ ନିର୍ଯାତନା ଘଟଣାରେ ସମ୍ପୃକ୍ତ ହେବେ, ତେବେ ଏହା ଦଳ ପାଇଁ ଶୁଭଙ୍କର ନୁହେଁ। ଆଗାମୀ ଦିନରେ ଦଳ ପ୍ରତି ଲୋକଙ୍କ ଭରସା ତୁଟିଯାଇପାରେ। ଆଗକୁ ଏସବୁ ନ ହେବା ଦରକାର।

- ସୁରେନ୍ଦ୍ର ବେହେରା, ଆଇନଜୀବୀ, ବ୍ରହ୍ମପୁର

## ତତ୍କାଳ ପଦକ୍ଷେପ ନିଆଯିବା ଆବଶ୍ୟକ



ରାଜନୈତିକ ବ୍ୟକ୍ତିମାନେ ନିଜ ପଦର ଫାଇଦା ନେଇ ଅନେକ ସମୟରେ ନିଜ ଦଳର ମହିଳା କର୍ମୀ ଏବଂ ସାଧାରଣ ମହିଳାଙ୍କ ଉପରେ ପ୍ରଭାବ ବିସ୍ତାର କରିଥାନ୍ତି। ଏପରିକି ସେମାନଙ୍କୁ ଯୌନ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥାଏ। ଏଥିରେ ସମ୍ପୃକ୍ତ ଦଳର ଭାବମୂର୍ତ୍ତି ନଷ୍ଟ ହେବା ସ୍ୱାଭାବିକ। ଅନେକ ସମୟରେ ନାରୀ ନିର୍ଯାତନାକୁ ନେଇ ସରକାର ପରିବର୍ତ୍ତନ ହୋଇଥିବା ନଜିର ରହିଛି। ତେବେ ଯେତେବେଳେ ବି କୌଣସି ସ୍ଥାନରେ ମହିଳା ନିର୍ଯାତନା ନେଇ ଅଭିଯୋଗ ଆସୁଛି, ତତ୍କାଳ ଏହା ଉପରେ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି।

- ପୁଷ୍ପାରାଣୀ ମହାପାତ୍ର, ସାମାଜିକ କର୍ମୀ, ସମ୍ବଲପୁର

## ନେତା ଆଦର୍ଶ, କଳଙ୍କିତ ନ ହୁଅନ୍ତୁ



କିଛିବର୍ଷ ଧରି ଓଡ଼ିଶାରେ ଯୌନ ନିର୍ଯାତନା ଘଟଣା ବୃଦ୍ଧି ପାଇଛି। ଅନେକ ରାଜନୈତିକ ବ୍ୟକ୍ତି ଏଥିରେ ଛନ୍ଦି ହୋଇ ଯାଇଛନ୍ତି। ଅବଶ୍ୟ ଏଥିରୁ କେତେକ ସମ୍ପୃକ୍ତିକୁ ରାଜନୈତିକ ଅଭିସନ୍ଧି ବୋଲି କୁହାଯାଉଛି। ବିଭିନ୍ନ ସମୟରେ ସରକାର, ବିରୋଧୀ ଦଳର ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଉଛି ବୋଲି କୁହାଯାଉଛି। ହେଲେ ବିରୋଧୀ ଦଳରୁ ଶାସକ ଗାଦିରେ ବସୁଥିବା ଦଳ ଅନୁରୂପ ଘଟଣା ସୃଷ୍ଟି କରିବାର ମଧ୍ୟ ଅଭିଯୋଗ ହେଉଛି। ଏହା ସତ ଯେ, ଯୌନ ନିର୍ଯାତନା ହେଉଛି ଓ ପରିସ୍ଥିତିକୁ ନେଇ ନିର୍ଯାତିତାମାନେ ମୁହଁ ଖୋଲୁଛନ୍ତି। ଦୁଃଖ ଏହା ଯେ, ଆମେ ଯାହାଙ୍କୁ ଆଦର୍ଶ ଓ ଉତ୍ତମ ନେତା ମାନୁଛୁ, ସେମାନଙ୍କ ଦେହରେ ବି କଳଙ୍କ ଲାଗୁଛି, ଯାହା ଭାରତର ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

- ଡ. ବଦ୍ରି ମିଶ୍ର, ସାମାଜିକ କର୍ମୀ, ପୁରୀ

## ବାଡ଼ ଫସଲ ଖାଇବା ପରି ଅବସ୍ଥା



ରାଜନୈତିକ ନେତାମାନେ ସାଧାରଣ ଜୀବନରେ ଲୋକମାନଙ୍କ ସେବା କରିବାର ଆଭିମୁଖ୍ୟ ନେଇ ଦଳୀୟ ସଙ୍ଗଠନରେ ସାମିଲ ହୋଇଥାଆନ୍ତି। ହେଲେ ଆଜିକାଲି କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସେହି ଆଭିମୁଖ୍ୟ ନାହିଁ। ବିଭିନ୍ନ ସମୟରେ ସେପରି ନେତାଙ୍କ ନାମରେ ବଳାତ୍କାର, ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ ଆସୁଛି। ଏପରି ଅଭିଯୋଗ ଆସିବା ପରେ ସାଧାରଣ ନାଗରିକଙ୍କ ଆଶା ଓ ବିଶ୍ୱାସ ସେହି ନେତା ଓ ଦଳ ଉପରୁ ତୁଟି ଯାଉଛି। ଏବେ ବାଡ଼ ଫସଲ ଖାଇବା ପରି ଅବସ୍ଥା। ସମ୍ପ୍ରତି ରାଜନୀତିରେ ଭଲ ମଣିଷଙ୍କ ଅଭାବ ଦେଖାଦେଇଛି। ସରକାରୀ ଓ ବେସରକାରୀ ସମ୍ପତ୍ତି ଆତ୍ମସାତ୍, ଦାଦାବଟି ଆଦାୟ, କାମ ବଦଳରେ କମିଶନ ଆଦାୟ ସହିତ ବିଭିନ୍ନ ଧମକ ଦେଇ ସେମାନେ ଯୁବତୀ, ମହିଳାମାନଙ୍କୁ ଯୌନଶୋଷଣ କରିବାକୁ ପଛାଉ ନାହାନ୍ତି।

- ଋଷି ପ୍ରଧାନ, ଚାଷୀ, ନୟାଗଡ଼

## ରାଜନୈତିକ ଦଳର ଛବିକୁ ମଳିନ କରିବ



ଓଡ଼ିଶାରେ ସାମ୍ପ୍ରତିକ ସ୍ଥିତିରେ ନାରୀ ନିର୍ଯାତନା ବୃଦ୍ଧି ହେଉଛି। ବିଶେଷକରି ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରେ ଏହା ଚର୍ଚ୍ଚାକୁ ଆସିଛି। ସାଧାରଣ ଜନତା ଜନପ୍ରତିନିଧି ଭାବେ ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ସମାଜ କଲ୍ୟାଣକାରୀ କାର୍ଯ୍ୟ ଆଶା କରିଥାନ୍ତି। ନାରୀ ନିର୍ଯାତନା କ୍ଷେତ୍ରରେ ଏମାନଙ୍କ ସମ୍ପୃକ୍ତି ରହିଲେ ରାଜନୈତିକ ଦଳର ଛବିକୁ ମଳିନ କରିବ। ଏସବୁ କର୍ମ ବାରମ୍ବାର ଘଟି ଚାଲିଲେ ଜନସାଧାରଣ ସେହି ଦଳକୁ ପ୍ରତ୍ୟାଖ୍ୟାନ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ଏହାକୁ ଆଜିର ରାଜନୈତିକ ବ୍ୟକ୍ତି ହୃଦୟଙ୍ଗମ କରିବା ଅତ୍ୟନ୍ତ ଜରୁରୀ।

- ବିଜୟ କୁମାର ସେନାପତି, ସହାୟକ ମହାପ୍ରବନ୍ଧକ, ଆର୍‌ଏସ୍‌ପି, ରାଉରକେଲା

## ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ



ବଳାତ୍କାର, ମହିଳାଙ୍କ ପ୍ରତି ଅତ୍ୟାଚାର ଏକ ସଙ୍ଗିନ ଅପରାଧ। ଏଥିପାଇଁ ଆଇନରେ କଡ଼ାକଡ଼ି ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ଏହାର ସଂଖ୍ୟା ବଢୁଛି। ଏଭଳି ଘଟଣାରେ ଶିକ୍ଷିତ, ଆଇନ ବିଷୟରେ ଜାଣିଥିବା ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଦିନକୁ ଦିନ ବଢୁଛି, ଯାହାକି ଅତ୍ୟନ୍ତ ଜଘନ୍ୟ ଓ ସାଂଘାତିକ ବିଷୟ। ଏଣୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦଳ ପକ୍ଷରୁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏପରିକି ରାଜନୈତିକ ଦଳ ସେମାନଙ୍କ ପାଇଁ ବଦନାମ ହେଉଛି। ତେଣୁ ଦଳ ସଚେତନ ହେବା ସହ ସେଥିପ୍ରତି କର୍ମଶାଳା କରିବା ଜରୁରୀ।

- ଭକ୍ତବତ୍ସଳ ମହାନ୍ତି, ସାମାଜିକ କର୍ମୀ, କେନ୍ଦୁଝର

## ନେତାଙ୍କ ଆଚାର, ବିଚାରରେ ଶୁଦ୍ଧତା ଜରୁରୀ



ରାଜନୈତିକ ବ୍ୟକ୍ତି ଅଥବା ଜନପ୍ରତିନିଧିମାନେ ସିଧାସଳଖ ଜନତାଙ୍କ ସହ ଜଡ଼ିତ ରହିଥାନ୍ତି। ସେମାନଙ୍କ ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଥାଏ। ଏଣୁ ସେମାନଙ୍କ ଆଚାର ଓ ବିଚାରରେ ଶୁଦ୍ଧତା, ବ୍ୟବହାରରେ ସ୍ୱଚ୍ଛତା ରହିବା ଜରୁରୀ। ଆଜି ଯେଉଁଭଳି ଭାବେ ରାଜନୈତିକ ବ୍ୟକ୍ତି ଓ ଜନପ୍ରତିନିଧିଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସୁଛି, ତାହା ଏକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଏଭଳି ଘଟଣା ଦ୍ୱାରା ଧୀରେ ଧୀରେ ସେମାନଙ୍କ ଉପରୁ ଜନତାଙ୍କ ବିଶ୍ୱାସ ତୁଟିଯାଉଛି। ଏହି କାରଣରୁ ସାଧାରଣ ଜନତା କୌଣସି କାମରେ ଆଗଭଳି ଆଉ ରାଜନୈତିକ ଦଳ ଅଥବା ଜନପ୍ରତିନିଧିଙ୍କ ନିକଟକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିପ୍ରତି ଦଳୀୟ ବ୍ୟକ୍ତିବିଶେଷ ଗୁରୁତ୍ୱ ଦେବା ଜରୁରୀ।

- ପ୍ରବୀଣା ପଟ୍ଟନାୟକ, ସାମାଜିକ କର୍ମୀ, ଖୋର୍ଦ୍ଧା

## ନେତାଙ୍କ କର୍ମଫଳ ଦଳକୁ ପ୍ରଭାବିତ କରିଥାଏ



ନେତା, ପ୍ରଶାସନିକ ଅଧିକାରୀ ପ୍ରମୁଖଙ୍କ ଚାରିତ୍ରିକ ଅବକ୍ଷୟ ଆଜି ସମାଜ ପାଇଁ ଚନ୍ଦ୍ରଗ୍ରହଣ ଅବା ସୂର୍ଯ୍ୟୋପରାଗ ପରିସ୍ଥିତି ସୃଷ୍ଟି କରିଛି। ଜଣେ ନେତାଙ୍କ ଚାରିତ୍ରିକ ସ୍ଖଳନ ତାଙ୍କ ଦଳର ଭାବମୂର୍ତ୍ତିକୁ ବ୍ୟାପକ କ୍ଷତି ପହଞ୍ଚାଉଛି, ଯାହାକି ପରବର୍ତ୍ତୀ ନିର୍ବାଚନରେ ଦଳକୁ ପ୍ରଭାବିତ କରିବା ଆଶଙ୍କା ରହିଥାଏ। ନେତାଙ୍କ କର୍ମଫଳ ଓ ଚରିତ୍ରକୁ ନେଇ ସେହି ରାଜନୈତିକ ଦଳର ଭାଗ୍ୟ ନିର୍ଦ୍ଧାରଣ ହୋଇଥାଏ। ତେଣୁ ଲୋକଙ୍କ ସମସ୍ୟା ତଥା ଅଞ୍ଚଳର ବିକାଶ ପାଇଁ ରାଜନେତାମାନେ ବ୍ରତୀ ହେବା ଆବଶ୍ୟକ।

- ଭାଗୀରଥି ଆଚାର୍ଯ୍ୟ, ସାମାଜିକ କର୍ମୀ, ଯାଜପୁର ରୋଡ୍ ଗୋଶାଳା

## ଦଳର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି



ଯୌନ ନିର୍ଯାତନା ଘଟଣା ସହ କୌଣସି ରାଜନୈତିକ ପଦାଧିକାରୀ ବା ନେତାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା କ୍ଷଣି ସେହି ନେତାଙ୍କ ଚରିତ୍ରଗତ ସ୍ଖଳନ ସମ୍ପର୍କରେ ଲୋକେ ଆଲୋଚନା କରୁଛନ୍ତି। ସେଭଳି ନେତାଙ୍କ ରାଜନୈତିକ ଭବିଷ୍ୟତ ମଧ୍ୟ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ସେହି ବ୍ୟକ୍ତି ଯେଉଁ ଦଳରେ ରହିଛନ୍ତି ସେହି ରାଜନୈତିକ ଦଳର ଭାବମୂର୍ତ୍ତି ମଧ୍ୟ ବହୁ ମାତ୍ରାରେ କ୍ଷୁଣ୍ଣ ହେଉଛି। ଲୋକେ ସେହି ନେତା , ଦଳ ଓ ପୋଲିସକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଏଭଳି ଘଟଣାରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ନ ହେଲେ ଏହା ସମାଜ ଉପରେ ବି କୁପ୍ରଭାବ ପକାଉଛି।

- ନୀଳମଣି ଯୋଷୀ, ସୂଚନା ଅଧିକାର କର୍ମୀ, ବଲାଙ୍ଗୀର

## ସାମାଜିକ ବ୍ୟବସ୍ଥା ଉପରେ ଜନତା ଆସ୍ଥା ହରାନ୍ତି



ଯୌନ ନିର୍ଯାତନା ଦେବା ଏକ ବିକୃତ ମାନସିକତାର ପରିଚୟ। ଯେତେବେଳେ ଅଭିଯୋଗକାରୀ ରାଜନୈତିକ ପଦାଧିକାରୀ କିମ୍ବା ଜନ ପ୍ରତିନିଧିଙ୍କ ଉପରେ ଆରୋପ ଆଣନ୍ତି , ସେତେବେଳେ ଏକ ବିରାଟ ସାମାଜିକ ବ୍ୟବସ୍ଥା ଉପରେ ଜନତା ଆସ୍ଥା ହରାନ୍ତି। ଫଳରେ ଅଭିଯୋଗ ସତ ବା ମିଛ ତାହା ପ୍ରମାଣ ହେଉ ବା ନହେଉ, ଏପରି ସମ୍ବେଦନଶୀଳ ଘଟଣାକୁ ଅଣଦେଖା କରିବା ଲୋକଙ୍କ ଆୟତ୍ତ ବାହାରକୁ ଚାଲିଯାଏ। ଦଳର ଭାବମୂର୍ତ୍ତିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଥାଏ।

- ଦୀପିକା ମହାପାତ୍ର, ସମାଜସେବୀ, ଅନୁଗୋଳ

# ମନ୍ କୀ ବାତ୍‌ରେ ପ୍ରମିଳାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

## ପାଲା ମାଧ୍ୟମରେ ଜଙ୍ଗଲ ନିଆଁ ନିରୋଧୀ ସଚେତନତା କରୁଛନ୍ତି

କେନ୍ଦୁଝର,୨୭।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ମୁର୍ଗାବାଡ଼ି ଗ୍ରାମର ପ୍ରମିଳା ପ୍ରଧାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ପ୍ରମିଳାଙ୍କ ଜଙ୍ଗଲ ନିଆଁ ବିରୋଧରେ ସଚେତନତା ଉଦ୍ୟମକୁ ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିପରି ସେ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ଗଠନ କରି ଅଟେଇ ସଂରକ୍ଷିତ ଜଙ୍ଗଲକୁ ଘେରି ରହିଥିବା ଗ୍ରାମର ଲୋକଙ୍କ ମଧ୍ୟରେ ଅଗ୍ନିରୁ ଜଙ୍ଗଲର ସୁରକ୍ଷା ବାର୍ତ୍ତା ପହଞ୍ଚାଉଛନ୍ତି କହିଥିଲେ।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ମାସିକ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ଏପିସୋଡ୍‌ରେ ତାଙ୍କ ଅଭିଭାଷଣ ସମୟରେ ଜଙ୍ଗଲ ସଂରକ୍ଷଣ ପାଇଁ ଉକ୍ତ ଗୋଷ୍ଠୀର ଅନନ୍ୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଗୋଷ୍ଠୀର ପଦକ୍ଷେପକୁ ପ୍ରଶଂସା କରି କହିଥିଲେ, ଲୋକଗୀତ, ପରମ୍ପରା, ଭଜନ ଏବଂ କୀର୍ତ୍ତନ ହେଉଛି ଭାରତର ବିବିଧତାର ସୁନ୍ଦର ଝଲକ। ଓଡ଼ିଶାର କେନ୍ଦୁଝର ଜିଲାରେ ପ୍ରମିଳା ପ୍ରଧାନ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ନାମକ ଗୋଷ୍ଠୀ ଗଠନ କରି ଅଞ୍ଚଳରେ ଜଙ୍ଗଲ ନିଆଁ ବିରୋଧରେ ସଚେତନତା କରୁଛନ୍ତି। ଏଭଳି ଉଦ୍ୟମରେ ପରିବେଶ ସୁରକ୍ଷା ପାଇଁ ଗୋଷ୍ଠୀ କିପରି ମନ୍ତ୍ର ଜପ କରୁଛି ତାହା ଉପରେ ଗୁରୁତ୍ୱ ଦେଇଛନ୍ତି। ଜଙ୍ଗଲ ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ସେ ପାରମ୍ପରିକ ଗୀତରେ ନୂତନ ଗୀତ ଯୋଡ଼ି ଲୋକଙ୍କୁ ଜଙ୍ଗଲ ନିଆଁ କେତେ କ୍ଷତିକରେ ତାହା ବୁଝାଇଛନ୍ତି। ଏହି ପାରମ୍ପରିକ ପଦକ୍ଷେପ ମନେପକାଇ ଦେଇଛି, ଆମର ଲୋକ ପରମ୍ପରାରେ ଏବେ ବି ସମାଜର ଉନ୍ନତି ପାଇଁ ଶକ୍ତି ଅଛି ବୋଲି କହିଥିଲେ।

ଏ ନେଇ ପ୍ରମିଳା କହିଛନ୍ତି, 'ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଜାତିକୁ ସମ୍ବୋଧିତ କରିବା ସମୟରେ ତାଙ୍କ ନାମ ଉଚ୍ଚାରଣ ବହୁତ ଖୁସି ଦେବା ସହ ଆଶ୍ଚର୍ଯ୍ୟ ମଧ୍ୟ କରିଥିଲା। ୧୦ ଜଣ ମହିଳା ସଦସ୍ୟଙ୍କ




'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦୁଝରର ପ୍ରମିଳା ପ୍ରଧାନଙ୍କ ପରିବେଶ ସଚେତନତା ଉପରେ ଆଲୋକପାତ କରିବା ଅବସରରେ ଦେଖାଯାଇଥିବା ପୋଷ୍ଟର।

ସମେତ ପ୍ରାୟ ୧୭ ଜଣ ସଦସ୍ୟଙ୍କୁ ନେଇ ଗୋଷ୍ଠୀ ଗଠନ କରିଥିଲେ। ଏହା ମାଧ୍ୟମରେ ବିଲୁପ୍ତ ହୋଇଯାଇଥିବା ପାରମ୍ପରିକ ସଂକୀର୍ତ୍ତନ ସଂସ୍କୃତିକୁ ପୁନର୍ଜୀବିତ କରିଛନ୍ତି। ଦୁଇ ବର୍ଷ ହେଲା ବନ ବିଭାଗ ସହାୟତାରେ ଜଙ୍ଗଲ ନିଆଁ ରୋକିବାକୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହାକୁ ଆଗକୁ ବଢ଼ାଇନେବାକୁ ମୃଦଙ୍ଗ, ଖଞ୍ଜି ଆଦି ବଜାଇ ଗାଁ ଗାଁ ବୁଲି 'ଶୁଣରେ ଶୁଣରେ ଭାଇ ଭଉଣୀ, ଜଙ୍ଗଲରେ ନିଆଁ ଲଗାଅ ନାହିଁ। ବନ ସୁରକ୍ଷା ସମିତି ଗଢ଼ି, ଉଜୁଡ଼ା ଜଙ୍ଗଲ ଦେବା ସଜାଡ଼ି' ଗୀତ ଗାଇ ସଚେତନତା ଜାରି ରଖିଛନ୍ତି।

ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ଗତ ବର୍ଷ ୧୦ଟି ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଲୋକଙ୍କ ମଧ୍ୟରେ ଭାବପ୍ରବଣ ଏବଂ ଆଧ୍ୟାତ୍ମିକ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହି ପ୍ରକାର ସଚେତନତା ଯୋଗୁ ଘଟଗାଁ ରେଞ୍ଜରେ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣା ହ୍ରାସ ପାଇଛି। ୨୦୨୩ରେ ୨୮୮ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ୨୦୨୪ରେ ୮୦ ଏବଂ ୨୦୨୫ରେ ୨୬ଟି ସ୍ଥାନକୁ ହ୍ରାସ ପାଇଛି। ସେହିପରି କେନ୍ଦୁଝର ଡିଭିଜନରେ ୨୦୨୩ରେ ୧୭୭୨ଟି ଅଗ୍ନି ନିର୍ବାପନ ସ୍ଥାନ ଚିହ୍ନଟ ହୋଇଥିବା ବେଳେ ୨୦୨୫ରେ ତାହା ୭୨୭ ସ୍ଥାନକୁ ହ୍ରାସ ପାଇଛି। ପ୍ରମିଳା ପ୍ରଧାନଙ୍କ ଅବଦାନ ଅଗ୍ନି ସଚେତନତାଠାରୁ ଅଧିକ। ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ଶିକାର ବିରୋଧୀ, ବନୀକରଣ ବାର୍ତ୍ତା, ହାତୀ ସଂରକ୍ଷଣ ସଚେତନତା, ବଢୁଥିବା ମଣିଷ-ପଶୁ ସଂଘର୍ଷକୁ ସମ୍ବୋଧିତ କରିବା ସମେତ ଅନେକ କାର୍ଯ୍ୟକ୍ରମରେ ଆଗରେ ରହିଥିବା ଡିଏଫ୍‌ଓ କହିଛନ୍ତି।

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

DSPL-187



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ହେପାଟାଇଟିସ୍ ଦିବସ
୨୮ ଜୁଲାଇ ୨୦୨୫

- ଜନ୍ମର ୨୪ ଘଣ୍ଟା ମଧ୍ୟରେ ନବଜାତ ଶିଶୁକୁ ହେପାଟାଇଟିସ୍ ପ୍ରତିଷେଧକ ଟୀକା ଦିଆଯାଏ। ସମସ୍ତ ସରକାରୀ ଡାକ୍ତରଖାନାରେ ଏହା ବିନା ମୂଲ୍ୟରେ ମିଳେ।
- ହେପାଟାଇଟିସ୍‌ରୁ ରକ୍ଷା ପାଇବା ପାଇଁ :
  - ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ହେପାଟାଇଟିସ୍ 'ବି' ଓ 'ସି' ର ପରୀକ୍ଷା ବିନା ମୂଲ୍ୟରେ କରାଇ ନିଅନ୍ତୁ।
  - କେବଳ ସ୍ୱୀକୃତିପ୍ରାପ୍ତ ବ୍ଲଡ୍ ବ୍ୟାଙ୍କରୁ ରକ୍ତ ଓ ରକ୍ତଜାତ ଦ୍ରବ୍ୟ ଗ୍ରହଣ କରନ୍ତୁ।
  - ଅସୁରକ୍ଷିତ ଯୌନ ସମ୍ପର୍କରୁ ଦୂରେଇ ରୁହନ୍ତୁ।
  - ଭଲ ଭାବରେ ହାତ ଧୋଇବା ସହ ତଟକା ଖାଦ୍ୟ ଖାଆନ୍ତୁ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରନ୍ତୁ।
- ହେପାଟାଇଟିସ୍ ପଜିଟିଭ୍ ଗର୍ଭବତୀ ମହିଳାଙ୍କର ପ୍ରସବ ଡାକ୍ତରଖାନାରେ କରାନ୍ତୁ ଏବଂ ନବଜାତ ଶିଶୁକୁ ହେପାଟାଇଟିସ୍ ଇମ୍ୟୁନୋଗ୍ଲୋବୁଲିନ୍ ଇଞ୍ଜେକ୍ସନ ଦେଇ ସୁରକ୍ଷିତ ରଖନ୍ତୁ।

ଆର୍ଥିକ, ସାମାଜିକ, ବ୍ୟବସ୍ଥାଗତ ପ୍ରତିବନ୍ଧକ ତଥା ଅନ୍ଧବିଶ୍ୱାସକୁ ଦୂରେଇ ଦେବା ଏବଂ ହେପାଟାଇଟିସ୍‌କୁ ପ୍ରତିରୋଧ କରିବା

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0240/2526

# କାମ୍ବୋଡିଆ-ଥାଇଲାଣ୍ଡ

କିଛି ବର୍ଷ ହେବ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଓ ସଂଘର୍ଷ ଲାଗି ରହିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଚାଲିଥିବା ବେଳେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ-ହମାସ ଓ ପରେ ଇସ୍ରାଏଲ-ଇରାନ ଯୁଦ୍ଧ ନୂଆ ସମୀକରଣ ସୃଷ୍ଟି କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ମେ' ୨୦୨୫ରେ ୪ ଦିନିଆ ଯୁଦ୍ଧ ଆମେ ଅନିଶା କରିଛେ। ନଗଦ ଘଟଣାକୁ ଦେଖିଲେ ସାମ୍ନାକୁ ଆସିଛି କାମ୍ବୋଡିଆ-ଥାଇଲାଣ୍ଡ ଯୁଦ୍ଧ। ଦକ୍ଷିଣ ପୂର୍ବ ଏସିଆ ଦେଶ କାମ୍ବୋଡିଆ। ଏହା ପ୍ରାଚୀନ ମନ୍ଦିର ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ। ଅନ୍ୟପକ୍ଷରେ ଏହାର ଉତ୍ତର ପଶ୍ଚିମାଞ୍ଚଳରେ ପଡ଼ୋଶୀ ଥାଇଲାଣ୍ଡ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାରେ ଏହା ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଚିତ। ଦୁଇ ଦେଶ ମଧ୍ୟରେ ସୀମାକୁ ନେଇ ଶତାବ୍ଦୀ ବ୍ୟାପୀ ବିବାଦ ରହିଆସିଛି। ୮୦୦ କିଲୋମିଟର ଦୀର୍ଘ ସୀମା ଘଞ୍ଚ ଜଙ୍ଗଲ ଯୋଗୁ ଦୁର୍ବଳ ଭାବେ ଚିହ୍ନଟ ହୋଇଥିବାରୁ ଦୁଇ ଦେଶ ପରସ୍ପର ଆଡ଼କୁ ମାଡ଼ି ଆସୁଛନ୍ତି। ବିଶେଷକରି ଖେମର ସାମ୍ରାଜ୍ୟ ବେଳେ ଦୁଇ ଦେଶର ସୀମାନ୍ତ ଅଞ୍ଚଳରେ ନିର୍ମିତ ପ୍ରେହ ଭିହିୟାର ମନ୍ଦିର ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନେଇ ସଂଘର୍ଷ ଏବେ ଜୋର ଧରିଛି। ୧୯୬୨ରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ) ଏହା ଉପରେ କାମ୍ବୋଡିଆର ମାଲିକାନା ଥିବା ନେଇ ରାୟ ଦେଇଥିଲେ। କିନ୍ତୁ ଥାଇଲାଣ୍ଡ ଉକ୍ତ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ ନିଜର କହି ଐତିହାସିକ ମାନଚିତ୍ର ଓ କାଗଜପତ୍ରର ପ୍ରମାଣ ଦର୍ଶାଇ ଚାଲିଛି, ଯଦ୍ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପୃକ୍ତ ଅଞ୍ଚଳ ବିବାଦର ମୁଖ୍ୟ କେନ୍ଦ୍ରବିନ୍ଦୁ ପାଲଟିଯାଇଛି। ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି। ଥାଇଲାଣ୍ଡ ରାଷ୍ଟ୍ରଦୂତ ଚେର୍ଡଚାଇ ଚାଇଭାଇଭିଡ୍ କହିଛନ୍ତି, କାମ୍ବୋଡିଆ ତାଙ୍କ ଅଞ୍ଚଳକୁ ମାଡ଼ି ଆସିବାରୁ ଏଭଳି ସ୍ଥିତି ଉପୁଜିଛି। ଅନ୍ୟପକ୍ଷରେ କାମ୍ବୋଡିଆ ମଧ୍ୟ ଥାଇଲାଣ୍ଡ ବିରୋଧରେ ସମାନ ଅଭିଯୋଗ ଆଣିଛି। ଏଭଳି ସ୍ଥଳେ ଜାତିସଂଘ ଦୁଇ ରାଷ୍ଟ୍ରକୁ ସଂଯମ ରକ୍ଷା କରି ଆଲୋଚନାକୁ ଆସିବା ଲାଗି ପରାମର୍ଶ ଦେଇଛି।

> ଏବର ସଂଘର୍ଷକୁ ଦେଖିଲେ ପରସ୍ପର ସୀମା ମାଡ଼ିବସିବାକୁ କେନ୍ଦ୍ର କରି ଦୁଇ ଦେଶର ସେନା ଗତ ୪ ଦିନ ହେବ ଯୁଦ୍ଧରେ ଲିପ୍ତ ରହିବାରୁ ୩୪ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରେ ଅଧିକାଂଶ ନାଗରିକ ଥିବା କୁହାଯାଉଛି। ଏଥିରେ ୧,୩୦,୦୦୦ ଲୋକ ବାସଚ୍ୟୁତ ହୋଇସାରିଲେଣି। ଜୁଲାଇ ୨୪ରେ ସୀମାନ୍ତ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୫ ଜଣ ଥାଇ ସୈନ୍ୟଙ୍କ ମୃତ୍ୟୁ ଘଟିବା ପରେ ସଂଘର୍ଷ ବ୍ୟାପକ ହୋଇଥିଲା। ଜୁଲାଇ ୨୫ରେ ଏହି ପ୍ରସଙ୍ଗ ଜାତିସଂଘରେ ଆଲୋଚନା ହୋଇଥିବା ବେଳେ ଦୁଇ ଦେଶ ପରସ୍ପରକୁ ଦାୟୀ କରୁଛନ୍ତି।

ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଚିରାଚରିତ ଶୈଳୀରେ ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଆଗେଇ ଆସିଛନ୍ତି। ଉଭୟ ଦେଶ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ସେମାନେ ଯୁଦ୍ଧ ବନ୍ଦ ନ କଲେ ଆମେରିକା ସେମାନଙ୍କ ସହିତ ବାଣିଜ୍ୟ ଚୁକ୍ତି କରିବ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏ ନେଇ କାମ୍ବୋଡିଆ ପ୍ରଧାନମନ୍ତ୍ରୀ ହୁନ୍ ମନେଟ ଏବଂ ଥାଇଲାଣ୍ଡ କାମଚଳା ପ୍ରଧାନମନ୍ତ୍ରୀ ଫୁମ୍‌ତାମ ୱେଚେୟାଚାଇଙ୍କ ସହ ସେ କଥା ହେବେ ବୋଲି ୨୬ ଜୁଲାଇରେ କହିଥିଲେ। ଏହା କହିବା ପରେ କାକତାଳୀୟ ନ୍ୟାୟରେ ଦୁଇ ଦେଶ ଆଲୋଚନା ଟେବୁଲରେ ବସିବା ପାଇଁ ସଙ୍କେତ ଦେଇଥିବା ଖବର ମିଳିଛି। ଏହା ନିଶ୍ଚିତ ଭାବେ ପଡ଼ୋଶୀ ଦେଶର ସୈନ୍ୟ ଓ ନାଗରିକଙ୍କ ପାଇଁ ଏକ ସକାରାତ୍ମକ ଖବର। ଏଠାରେ ମନେପକାଇ ଦିଆଯାଇପାରେ ଯେ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ଭାରତୀୟ ଓ ଜଣେ ନେପାଳୀ ପର୍ଯ୍ୟଟକଙ୍କୁ ହତ୍ୟା କରାଯାଇଥିଲା। ପରେ ଭାରତ ପକ୍ଷରୁ ପାକିସ୍ତାନ ଉପରେ 'ଅପରେଶନ ସିନ୍ଦୂର' କରାଯାଇଥିଲା। ଫଳରେ ଦୁଇ ଦେଶ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ଲାଗିଥିଲା। ଟ୍ରମ୍ପଙ୍କ ହସ୍ତକ୍ଷେପ ଯୋଗୁ ଯୁଦ୍ଧବିରତି ହୋଇଥିବା ନେଇ କୁହାଯାଇଥିଲା। ଅନୁରୂପ ଘଟଣା କାମ୍ବୋଡିଆ-ଥାଇଲାଣ୍ଡ ମଧ୍ୟରେ ଦେଖାଦେବା ପରେ ଟ୍ରମ୍ପଙ୍କ ଶାନ୍ତି ବୁଝାମଣା ପାଇଁ ସବୁଥିରେ ହସ୍ତକ୍ଷେପ ଆଲୋଚନାର ବିଷୟ ହୋଇଛି। ହୁଏତ ଟ୍ରମ୍ପ୍ ଏସବୁଥିରେ ଆମେରିକାକୁ ସୁହାଉଥିବା ବାଣିଜ୍ୟ ଚୁକ୍ତିକୁ ଆଖି ଆଗରେ ରଖୁଛନ୍ତି। ଅନ୍ୟପକ୍ଷେ ନୋବେଲ ଶାନ୍ତିକୁ ଅନିଶା କରି ସେ ସବୁ ଦ୍ୱନ୍ଦ୍ୱ ଭିତରେ ନିଜକୁ ସାମିଲ କରି ଶାନ୍ତି ବାର୍ତ୍ତାର ଜ୍ଞାନ ବାଣ୍ଟୁଛନ୍ତି। ହୁଏତ କାମ୍ବୋଡିଆ ଓ ଥାଇଲାଣ୍ଡ ଏହି ମୁହୂର୍ତ୍ତରେ ସଂଘର୍ଷ ବଢ଼ାଇବାକୁ ଚାହୁଁ ନ ଥାଇ ପାରନ୍ତି। ତେବେ ଏହି ସମୟରେ ଟ୍ରମ୍ପଙ୍କ ହସ୍ତକ୍ଷେପ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ବାଟ ଫିଟାଇ ଥାଇପାରେ ବୋଲି କୁହାଯାଇପାରେ।

# ଜାତିଭିତ୍ତିକ ଜନଗଣନା: ଆଶା ଓ ସଂଶୟ



ଅଧ୍ୟାପକ ଗୋପବନ୍ଧୁ

ଶେଷରେ କେନ୍ଦ୍ର ସରକାର ଦେଶରେ ଜାତିଭିତ୍ତିକ ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ଅପ୍ରତ୍ୟାଶିତ ଘୋଷଣା। କାରଣ ପୂର୍ବରୁ କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନା ସପକ୍ଷରେ ନାହାନ୍ତି ବୋଲି ଘୋଷଣା କରିଥିଲେ ଓ ସାଧାରଣ ଜନତା ଭାବି ନେଇଥିଲେ ଯେ ଏ ସରକାର ସମୟରେ ଆଉ ଜାତିଭିତ୍ତିକ ଜନଗଣନା ହେବାର ସମ୍ଭାବନା ନାହିଁ। ଏପରି ପରିସ୍ଥିତିରେ ହଠାତ ଜାତିଭିତ୍ତିକ ଜନଗଣନା କରିବାର ଘୋଷଣା ଅନେକଙ୍କୁ ଚକିତ କରିଛି। ଏହା ଉପରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଦଳେ ଏହାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକେ ଏହାକୁ ସମର୍ଥନ କରୁନାହାନ୍ତି। ଯେଉଁମାନେ ଦିନେ ଜାତିଭିତ୍ତିକ ଜନଗଣନା ବିରୋଧରେ କହୁଥିଲେ ସେମାନେ ଏବେ ଚୁପ। ବିରୋଧୀ ମେଣ୍ଟ ଜାତିଭିତ୍ତିକ ଜନଗଣନା ସପକ୍ଷରେ ଦାବିକରି ଆସୁଥିଲା। ଏବେ ଏ ଘୋଷଣାକୁ ବିରୋଧୀ ମେଣ୍ଟ ମଧ୍ୟ ସ୍ୱାଗତ କରିଛି। ତେଣୁ ଜାତିଭିତ୍ତିକ ଜନଗଣନାର ସପକ୍ଷରେ ସମର୍ଥନ ମଜଭୁତ ଥିବା ବେଳେ ବିରୋଧୀ ସ୍ୱର କ୍ଷୀଣ।

ଦେଶରେ ଜାତିଭିତ୍ତିକ ଜନଗଣନା ସାମାଜିକ ବିକାଶ କ୍ଷେତ୍ରରେ ଅପରିହାର୍ଯ୍ୟ ବୋଲି ଅନେକଙ୍କ ମତ। ଏହାଦ୍ୱାରା ପ୍ରତ୍ୟେକ ଜାତି ଓ ଜାତିକୁ ନେଇ ଗଠିତ ହୋଇଥିବା ବର୍ଗ ସମ୍ବନ୍ଧରେ ଠିକ୍ ତଥ୍ୟ ମିଳିପାରିବ। ଏହା କେବଳ ପରିସଂଖ୍ୟାନକୁ ସୂଚିତ କରିବ ତାହା ନୁହେଁ, ଏହା ସହିତ ପ୍ରତ୍ୟେକ ବର୍ଗ ଓ ଜାତିର ଆର୍ଥିକ ଓ ଶିକ୍ଷାଗତ ସ୍ଥିତିକୁ ମଧ୍ୟ ସୂଚିତ କରିବ। ଫଳରେ ବିକାଶର ଦୌଡ଼ରେ କେଉଁ ଜାତି କେତେ ଆଗେଇଛି ଓ କେଉଁ ଜାତି ପଛରେ ପଡ଼ିଯାଇଛି ତାହା ତଥ୍ୟ ସହିତ ଉପଲବ୍ଧ ହେବ। ଏପରି କ୍ଷେତ୍ରରେ ତୁଳନାତ୍ମକଭାବେ ପଛରେ ପଡ଼ିଥିବା ଜାତିଗୁଡ଼ିକର ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇପାରିବେ। ସେହିପରି ବର୍ଗ କ୍ଷେତ୍ରରେ ମଧ୍ୟ ତଥ୍ୟଭିତ୍ତିକ ସ୍ଥିତି ଉପଲବ୍ଧ ହୋଇପାରିବ। ସାମାଜିକ ଓ ଆର୍ଥିକ ସ୍ଥିତିକୁ ନେଇ ଦେଶରେ ଚାରୋଟି ବର୍ଗ ରହିଛି। ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଓ ସାଧାରଣ ବର୍ଗ। ଓଡ଼ିଶାରେ ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗ(ଏସ୍‌ଇବିସି) ଓବିସିର ଏକ ପରିବର୍ଦ୍ଧିତ ରୂପ। ଜାତିଭିତ୍ତିକ ଜନଗଣନା ହେଲେ କେଉଁ ବର୍ଗର ସଂଖ୍ୟା କେତେ ଏବଂ ସେମାନେ ଚାକିରି ଓ ପ୍ରଶାସନିକ ସେବାରେ କେତେ ଅଛନ୍ତି, ଜମି ମାଲିକାନା ଓ ବାଣିଜ୍ୟ ବ୍ୟବସାୟରେ କେତେ ଅଛନ୍ତି ଏବଂ ଶିକ୍ଷା ଦୃଷ୍ଟିକୋଣରୁ କେତେ ଆଗେଇଛନ୍ତି ତାହାର ସ୍ପଷ୍ଟ ଚିତ୍ର ମିଳିପାରିବ। କୌଣସି ବର୍ଗ ନିଜର ସଂଖ୍ୟା ଅନୁପାତଠାରୁ ତଳେ ଥିଲେ ଆନୁପାତିକ ପ୍ରତିନିଧି ପାଇଁ ପଦକ୍ଷେପ ନିଆଯାଇପାରିବ।

ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତିଙ୍କ ପରିସଂଖ୍ୟାନ ନିର୍ଣ୍ଣୟ ହୋଇଆସିଛି। ଅର୍ଥାତ ତାଙ୍କ ସାମଗ୍ରିକ ସଂଖ୍ୟା କେତେ ପ୍ରତି ଜନଗଣନାରେ




ତାହାର ହିସାବ ମିଳୁଛି। କିନ୍ତୁ ସାମଗ୍ରିକଭାବେ ଏମାନେ ଉଚ୍ଚଶିକ୍ଷା, ପ୍ରଶାସନିକ ସେବା, ବାଣିଜ୍ୟ ବ୍ୟବସାୟ, ଜମିଜମା ମାଲିକାନା ଇତ୍ୟାଦି କ୍ଷେତ୍ରରେ କେତେ ଭାଗୀଦାରି, ତାହାର ପରିସଂଖ୍ୟାନ ନାହିଁ। ପ୍ରସ୍ତାବିତ ଜାତିଭିତ୍ତିକ ଜନଗଣନାରେ ଏହା ଉପରେ ଏକ ସ୍ପଷ୍ଟ ଚିତ୍ର ଉପଲବ୍ଧ ହେବ। ବଡକଥା ହେଉଛି ଏସ୍‌ଟି ଓ ଏସ୍‌ସି ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜାତିର ଏ ଦୃଷ୍ଟିରୁ ସ୍ଥିତିଗତ ଅବସ୍ଥା କ'ଣ ତାହାର ପ୍ରାଞ୍ଜଳ ରୂପ ସମ୍ମୁଖକୁ ଆସିବ। ଦେଖାଯାଉଛି ଏହି ବର୍ଗ ଅନ୍ତର୍ଗତ ଜାତିଗୁଡ଼ିକ ମଧ୍ୟରେ ବିକାଶର ତାରତମ୍ୟ ରହିଛି। କିଛି ଜାତି ତୁଳନାତ୍ମକ ଭାବେ ବହୁ ଆଗକୁ ଆଗେଇ ଯାଇଥିବା ବେଳେ ଆଉ କେତେକ ଜାତି ପୂର୍ବବତ ତଳେ ପଡ଼ିଛନ୍ତି। ତେଣୁ ତଳେ ପଡିଥିବା ଜାତିମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବାରେ ଜାତିଭିତ୍ତିକ ଜନଗଣନା ସହାୟକ ହେବ। ସାମାଜିକ ସମତା ପ୍ରତିଷ୍ଠା ଦିଗରେ ଏହା ଉପାଦେୟ ହେବ।

ଦେଶରେ ସଂଖ୍ୟାଲଘୁମାନଙ୍କ ପରିସଂଖ୍ୟାନ ଜନଗଣନା ସମୟରେ କରାଯାଉଛି। କିନ୍ତୁ ତାଙ୍କ ସ୍ଥିତିଗତ ଅବସ୍ଥିତି ଉପରେ ତଥ୍ୟ ସଂଗ୍ରହ ହୁଏ ନାହିଁ। ଜାତିଭିତ୍ତିକ ଜନଗଣନା ହେଲେ ଏହା ମଧ୍ୟ ଉପଲବ୍ଧ ହେବ। ଭାରତବର୍ଷରେ ମୁଖ୍ୟ ସମସ୍ୟା ହେଉଛି ଓବିସି ପରିସଂଖ୍ୟାନକୁ ନେଇ। ସାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନଥିବା ଯୋଗୁ ଏମାନଙ୍କ ସଂଖ୍ୟା କେତେ ଏବଂ ଆର୍ଥିକ ଓ ଶିକ୍ଷାଗତ ସ୍ଥିତି କ'ଣ, ଚାକିରି ଓ ପ୍ରଶାସନରେ ଭାଗୀଦାରି କେତେ, ତାହାର ତଥ୍ୟ ଉପଲବ୍ଧ ନୁହେଁ। ଦେଶରେ ଶେଷଥର ପାଇଁ ଜାତିଭିତ୍ତିକ ଜନଗଣନା ହୋଇଥିଲା ବ୍ରିଟିଶରାଜ ସମୟରେ ୧୯୩୧ ମସିହାରେ। ଏହାପରେ ୨୦୧୧ ମସିହାରେ ଜାତିଭିତ୍ତିକ ଜନଗଣନା ହୋଇଥିଲା, କିନ୍ତୁ ଏହାକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସାର୍ବଜନୀନ କରାଗଲା ନାହିଁ। ମଣ୍ଡଳ ଆୟୋଗ ୧୯୩୧ ମସିହାର ପରିସଂଖ୍ୟାନ ଆଧାରରେ ୧୯୮୦ ମସିହାରେ ତାଙ୍କ ରିପୋର୍ଟରେ ଓବିସିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ୫୨% ବୋଲି ଦର୍ଶାଇଥିଲେ। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସି ସମ୍ବନ୍ଧିତ କେସ୍‌ରେ ଏହି ପରିସଂଖ୍ୟାନକୁ ଗ୍ରହଣ କରୁନାହାନ୍ତି। ନିର୍ଦ୍ଦିଷ୍ଟ ସଂଖ୍ୟା ସହିତ ସ୍ଥିତିଗତ ତଥ୍ୟ ମାଗୁଛନ୍ତି। ତେଣୁ ଜାତିଭିତ୍ତିକ ଜନଗଣନା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହା ବାଦ ଦେଶରେ ଅଗ୍ରସର ବା ସାଧାରଣ ବର୍ଗଙ୍କ ସଂଖ୍ୟା କେତେ ତାହାର ମଧ୍ୟ ତଥ୍ୟ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କ ଭାଗୀଦାରି କେତେ ତାହାର ମଧ୍ୟ ସ୍ପଷ୍ଟ ଚିତ୍ର ନାହିଁ। ଜାତିଭିତ୍ତିକ ଜନଗଣନାରେ ଏହା ମଧ୍ୟ ସ୍ପଷ୍ଟ ହେବ।

ଯେଉଁମାନେ ସାମାଜିକ ନ୍ୟାୟର ସମର୍ଥକ, ଯେଉଁମାନେ ସମତାଭିତ୍ତିକ ସମାଜ କଥା କହନ୍ତି, ଯେଉଁମାନେ ସମାଜକୁ ବିକାଶର ମାର୍ଗରେ ଆଗେଇ ନେବାକୁ ଚାହାନ୍ତି, ସେମାନେ ସର୍ବଦା ଜାତିଭିତ୍ତିକ ଜନଗଣନାର ସପକ୍ଷରେ ମତବ୍ୟକ୍ତ କରିଆସିଛନ୍ତି। ଏମାନଙ୍କ ମତରେ ଏକ ବିଷମ ସମାଜ କେବେବି କ୍ଷୀପ୍ର ବେଗରେ ଆଗେଇ ପାରିବ ନାହିଁ। ସାମାଜିକ ସମାନତା ନଥିଲେ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିବ ନାହିଁ। ସମାନତା, ସ୍ୱତନ୍ତ୍ରତା, ଭ୍ରାତୃତ୍ୱବାଦ ଓ ନ୍ୟାୟ ହୋଇଛି ଗଣତନ୍ତ୍ରର ଆଭୂଷଣ। ଜାତିବାଦ ହେଉଛି ଏ ସମସ୍ତର ପରିପନ୍ଥୀ। ଏଥିରୁ ମୁକ୍ତି ପାଇବା ପାଇଁ ହେଲେ ସମସ୍ତ ବର୍ଗର ସମାନ ଭାଗୀଦାରିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଜାତି ଜାତି ମଧ୍ୟରେ ବିକାଶ ଦୃଷ୍ଟିରୁ ସମତୁଲ୍ୟତା ସ୍ଥାପନ କାରିବାକୁ ହେବ। ଯେଉଁଦିନ ସମସ୍ତ ଜାତି ବିକଶିତ ହୋଇ ପରସ୍ପରର ସମକକ୍ଷ ହୋଇଯିବେ ସେହିଦିନ ଜାତି ତାହାର ପ୍ରାସଙ୍ଗିକତା ହରାଇବ। ତେଣୁ ଏହି ଗୋଷ୍ଠୀଟି ଜାତିଭିତ୍ତିକ ଜନଗଣନା ସିଦ୍ଧାନ୍ତକୁ ସ୍ୱାଗତ କରିଛନ୍ତି ଓ ଆଶା ରଖିଛନ୍ତି ଜନଗଣନା ପରେ ପ୍ରତ୍ୟେକ ବର୍ଗ ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ, ବିଶେଷ କରି ଓବିସିମାନେ। ଏହା ସହିତ ପଛରେ ପଡ଼ିଥିବା ଜାତିମାନଙ୍କର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇପାରିବ। ରାଷ୍ଟ୍ରୀୟ ସ୍ୱାର୍ଥ ଦୃଷ୍ଟିକୋଣରୁ ଏହା ଏକ ସକାରାତ୍ମକ ପଦକ୍ଷେପ।

ଯେଉଁମାନେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରୁଛନ୍ତି ତାଙ୍କ ସଂଶୟ ଯେ ଏହା ଦେଶରେ ଜାତିବାଦକୁ ବଢ଼ାଇବ ଓ ଜାତିବାଦୀ ରାଜନୀତିକୁ ପ୍ରସାରିତ କରିବ। ବେଳେବେଳେ ବିଭିନ୍ନ ସାମ୍ପ୍ରଧାନିକ ଗୋଷ୍ଠୀ, ଓବିସି, ଏସଟିଓ ଏସ୍‌ସିମାନେ ସଂଗଠିତ ହୋଇ ରାଜନୀତି ଆରମ୍ଭ କରିବେ। ସଂଖ୍ୟାବହୁଳ ଗୋଷ୍ଠୀ ସଂଖ୍ୟାନ୍ୟୂନଙ୍କ ଉପରେ ଅତ୍ୟାଚାର କରିବାର ସମ୍ଭାବନା ମଧ୍ୟ ରହିଛି। ଅଗ୍ରସର ଓ ଅନଗ୍ରସର ଜାତି ସମୂହ ମଧ୍ୟରେ ସଂଘର୍ଷର ବାତାବରଣ ତିଆରି ହେବ। ଜାତି ନାମରେ ଦକ୍ଷତାକୁ ଅଣଦେଖା କରାଯିବ। ଏପରି ଜନଗଣନା ଅନଗ୍ରସର ଜାତି ସମୂହକୁ ସଂଗଠିତ କରିଦେବ। ବର୍ତ୍ତମାନର ସାମାଜିକ ସ୍ଥିତାବସ୍ଥାକୁ ଭାଙ୍ଗିଦେବ। ବାସ୍ତବରେ ଏପରି ସଂଶୟ ଅମୂଳକ। ଭାରତ ଭାଇଚାରାର ଦେଶ। ସମସ୍ତେ ସମସ୍ତଙ୍କୁ ସମ୍ମାନ ଜଣାଇଲେ ଓ ସମସ୍ତେ ସମସ୍ତଙ୍କ ସମାନ ଅଧିକାରକୁ ସ୍ୱୀକାର କଲେ କୌଣସି ବିଭ୍ରାଟ ସୃଷ୍ଟି ହେବ ନାହିଁ। ଯେଉଁମାନେ ସମାଜର ପଛ ଧାଡ଼ିରେ ରହିଛନ୍ତି ତାଙ୍କୁ ଆଗକୁ ଆଣିବା ହେଉଛି ଜାତିଭିତ୍ତିକ ଜନଗଣନାର ଅସଲ ଉଦ୍ଦେଶ୍ୟ। ଲକ୍ଷ୍ୟ ହେଉଛି ସମସ୍ତଙ୍କୁ ସମସ୍ତ କ୍ଷେତ୍ରରେ ସମାନ ଭାଗୀଦାରି କରାଇ ରାଷ୍ଟ୍ରର ବିକାଶ ପ୍ରକ୍ରିୟାରେ ସାମିଲ କରିବା। ଏପରି ମହତ ପଦକ୍ଷେପକୁ ରାଜନୀତିର ଊର୍ଦ୍ଧ୍ୱରେ ରଖାଯାଉ ଓ ସରକାରଙ୍କ ନିଷ୍ପତ୍ତିକୁ ଆନ୍ତରିକତାର ସହିତ ସ୍ୱାଗତ କରାଯାଉ।

**ବାରିପଦା, ମୟୂରଭଞ୍ଜ,**
**ମୋ:୭୦୦୮୯୭୬୧୮୦**


# ହେପାଟାଇଟିସ୍ ଓ ଯକୃତ କର୍କଟ



ଡା. ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳନ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛି। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ୍ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ସଂକ୍ରାମକ ରୋଗ। ହେପାଟାଇଟିସ୍‌କୁ ୫ଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ଅଥବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରା ନ ଯାଏ ତେବେ ଏହା ଲିଭର ସିରୋସିସ୍, ଲିଭର କ୍ୟାନ୍‌ସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍‌ଠାରୁ ଏଡ୍‌ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ୍‌ସରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ। ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍‌ବର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରିରଖିଛନ୍ତି।

ଲିଭର କ୍ୟାନ୍‌ସର ଏକ ମାରାତ୍ମକ ରୋଗ। କିନ୍ତୁ ଏହି ବ୍ୟାଧିର ନିରାକରଣ ହୋଇପାରେ। ପ୍ରତିବର୍ଷ ପୃଥିବୀରେ ୬ଲକ୍ଷ ବ୍ୟକ୍ତି ଲିଭର କ୍ୟାନ୍‌ସରରେ ମୃତ୍ୟୁବରଣ କରିଥାନ୍ତି। ସମଗ୍ର ପୃଥିବୀରେ ଏହି କ୍ୟାନ୍‌ସରର ସ୍ଥାନ ଷଷ୍ଠରେ। ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଭିତରେ ଏହି ରୋଗର ପ୍ରାଦୁର୍ଭାବ ବେଶି।



ପୁରୁଷଙ୍କ ଭିତରେ ଏହା ପଞ୍ଚମ ଓ ମହିଳାଙ୍କ ଭିତରେ ଏହା ଅଷ୍ଟମ ସ୍ଥାନରେ ଅଛି। ଫୁସ୍‌ଫୁସ୍ କ୍ୟାନ୍‌ସର ଓ ପେଟ କ୍ୟାନ୍‌ସର ପରେ ଲିଭର କ୍ୟାନ୍‌ସରରୁ ହିଁ ବେଶି ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି। ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକାରେ ହେପାଟାଇଟିସ୍ ବି ୮୦% ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫% ହେଉଛି ଲିଭର କ୍ୟାନ୍‌ସରର ମୁଖ୍ୟ କାରଣ। ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କଠୁ ଅନ୍ୟ ଜଣଙ୍କ ଶରୀରକୁ ପ୍ରବେଶ କରିଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍‌ସର ରୋଗରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ ସେବନ, ଡାଇବେଟିସ୍ ଓ ଆଫ୍ଲାଟକ୍ସିନ୍ ସେବନ ମାଧ୍ୟମରେ ଲିଭର କ୍ୟାନ୍‌ସର ହୋଇଥାଏ। ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହକଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତିଙ୍କୁ ମଧ୍ୟ ଏହି କ୍ୟାନ୍‌ସର ରୋଗ ହୁଏ। ଏହି କାରଣଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ, ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନ୍‌ସରରେ ଆକ୍ରାନ୍ତ ହୁଏ। ଭାରତରେ ହେପାଟାଇଟିସ୍ ବି ସାଧାରଣଃ ୨ରୁ ୭% ଜନସାଧାରଣଙ୍କ ଭିତରେ ଦେଖାଯାଏ।

ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଯାହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ବର୍ତ୍ତମାନ ପାଖାପାଖି ୫କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ଅଛନ୍ତି। ଯେଉଁମାନେ ପରବର୍ତ୍ତୀ କାଳରେ ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇପାରନ୍ତି। ହେପାଟାଇଟିସ୍ ବି ଏଡ୍‌ସଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟ ରୋଗରେ ୯୦-୯୫% ବ୍ୟକ୍ତି ୬ମାସରୁ ୧ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ନ୍ତି। ତେଣୁ ଏହିପରି ଏକ ମାରାତ୍ମକ ବ୍ୟାଧିର ନିରାକରଣ ହେଉଛି ଆମ୍ଭମାନଙ୍କ ସମ୍ମୁଖରେ ଏବେ ବଡ଼ ଆହ୍ୱାନ। ଆମ୍ଭେମାନେ ଯଦି ହେପାଟାଇଟିସ୍ ବିକୁ ଟିକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତା'ହେଲେ ଲିଭର କ୍ୟାନ୍‌ସରର ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନ୍‌ସରକୁ ମଧ୍ୟ ନିରାକରଣ କରାଯାଇ ପାରିବ। ରକ୍ତବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଡାଇବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁଳାଂଶରେ ନିୟନ୍ତ୍ରଣ ସାପେକ୍ଷ। ଆଫ୍ଲାଟକ୍ସିନ୍ ମାଧ୍ୟମରେ ଯେଉଁ ଲିଭର କ୍ୟାନ୍‌ସର ବ୍ୟାପେ, ତାହାକୁ ମଧ୍ୟ ଉପଯୁକ୍ତ ଖାଦ୍ୟ ସଂରକ୍ଷଣ ମାଧ୍ୟମରେ ରୋକାଯାଇପାରିବ। ଜନସାଧାରଣଙ୍କ ମଧ୍ୟରେ ଏହି ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଲେ ଲିଭର କ୍ୟାନ୍‌ସର ଭଳି ଏକ ମାରାତ୍ମକ ରୋଗକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ।

**ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ,**
**କଟକ, ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ନିଶା କବଳରେ ମଣିଷ ବେଳେବେଳେ ଏତେ ହିଂସ୍ର ପାଲଟିଯାଏ ଯେ ଅତି ଅମାନୁଷିକ କାମ କରିବସେ। ଏମିତିକି ଜନ୍ମକଲା ମା'କୁ ବି ହତ୍ୟା କରିପାରେ! ଏଭଳି ଏକ ଘଟଣା ଘଟିଛି ହରିୟାଣାର ନୁହ ଜିଲା ରଣାସିକା ଗାଁରେ। ମାତ୍ର ୨୦ ଟଙ୍କା ପାଇଁ ଏହି ଗାଁର ଜମସେଦ ନିଜ ମା'କୁ କୁରାଢ଼ିରେ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ଜମସେଦ ଦୀର୍ଘଦିନ ଧରି ମଦ ଓ ଅନ୍ୟାନ୍ୟ ନିଶାରେ ବୁଡି ରହୁଥିଲେ। ନିଶା ପାଇଁ ସେ ଅନ୍ଧ ପାଲଟି ଯାଉଥିଲେ। ଏଥିପାଇଁ ସେ ପ୍ରାୟ ସମୟ ମା' ରଜିୟାକୁ ଟଙ୍କା ମାଗୁଥିଲେ। ମନା କଲେ ସେ ମାଡ଼ ଗାଳି ଦେଇ ଜୋର କରି ଟଙ୍କା ନେଇଯାଉଥିଲେ। ଏମିତିକି ଘରୁ ବିଭିନ୍ନ ଜିନିଷ ଚୋରି ବି କରୁଥିଲେ। ନିଶା କବଳରେ ସେ ଏମିତି ବାନ୍ଧି ହୋଇ ପଡିଥିଲେ ଯେ ତାକୁ ଅନ୍ୟ କିଛି ଜଣା ପଡୁ ନ ଥିଲା। ସେଥିପାଇଁ ତ ନିଶା ଖାଇବାକୁ ୨୦ ଟଙ୍କା ନ ଦେବାରୁ ସେ କ୍ରୋଧରେ ହିଂସ୍ର ପାଲଟି ଯାଇଥିଲେ। ଟଙ୍କା ନ ଦେଲେ ସେ ମା'କୁ ମାରିଦେବ ବୋଲି ଧମକ ବି ଦେଇଥିଲେ। ହେଲେ ରଜିୟା ନିଶା ଖାଇବା ପାଇଁ ଆଦୌ ଟଙ୍କା ଦେବେ ନାହିଁ ବୋଲି ସ୍ପଷ୍ଟ ଜଣାଇଥିଲେ। ଏହାପରେ ଜମସେଦ ଭୟଙ୍କର ଭାବରେ ରାଗି ଯାଇ ପାଖରେ ଥିବା କୁରାଢ଼ିରେ ଅତି ନିର୍ମମଭାବେ ହାଣି ହତ୍ୟା କରିଥିଲେ। ଜମସେଦଙ୍କ ଅନ୍ୟ ଦୁଇଭାଇ ଘରେ ନ ଥିବା ସମୟରେ ସେ ଏହି କାଣ୍ଡ ଘଟାଇଥିଲେ। ଘର ଲୋକେ ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରି ଜାମସେଦଙ୍କୁ ଜେଲ ପଠାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜୁଲାଇ ୧୯୭୬

- ଭଦ୍ରକ ନିର୍ବାଚନ ମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ଯୁଗଳ କିଶୋର ପଟ୍ଟନାୟକ ହାଇକୋର୍ଟଙ୍କ ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ କରିଥିବା ଅପିଲକୁ କୋର୍ଟ ଖାରଜ କରିଦେଇଛନ୍ତି।
- ପାକିସ୍ତାନ ସରକାର ପୂର୍ବରୁ ଧାର୍ଯ୍ୟ ଥିବା ଯୌତୁକ ଦାବିର ହାରକୁ ୫ ହଜାର ଟଙ୍କାକୁ କମାଇ ଆଣି ଏ ସଂକ୍ରାନ୍ତରେ ଏକ ବିଲ୍ ପାର୍ଲାମେଣ୍ଟରେ ପାସ୍ କରିଛନ୍ତି।

## ଚିରନ୍ତନୀ

ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ ।
-(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 7 | | | | | 6 | |
| | | | | | 1 | 3 | | 4 |
| 1 | 8 | | | | | | | 9 |
| | | 9 | 2 | | | | | |
| | 3 | | 8 | | 5 | | | |
| 4 | | 1 | | | 3 | | | |
| | | | | | | | 1 | |
| 7 | | | | | | | 8 | 5 |
| 2 | | | 6 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 3 | 9 | 8 | 4 | 2 | 7 | 6 |
| 4 | 9 | 6 | 7 | 3 | 2 | 5 | 8 | 1 |
| 2 | 7 | 8 | 5 | 1 | 6 | 9 | 3 | 4 |
| 3 | 4 | 1 | 2 | 6 | 8 | 7 | 5 | 9 |
| 9 | 8 | 2 | 1 | 7 | 5 | 4 | 6 | 3 |
| 5 | 6 | 7 | 4 | 9 | 3 | 1 | 2 | 8 |
| 8 | 1 | 9 | 6 | 5 | 7 | 3 | 4 | 2 |
| 7 | 3 | 4 | 8 | 2 | 9 | 6 | 1 | 5 |
| 6 | 2 | 5 | 3 | 4 | 1 | 8 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜନୀତିରେ ଶାଳୀନତା ରହୁ

ମହାଶୟ,
ସମ୍ପ୍ରତି ବିଭିନ୍ନ ରାଜନୈତିକ ଦଳର ନେତାମାନେ ପରସ୍ପର ବିରୋଧରେ ଅଶାଳୀନ କଟୁ ମନ୍ତବ୍ୟ ଦେଉଥିବା ଦେଖାଯାଉଛି। ଏବେ ବାଲେଶ୍ୱରର ୨ ରାଜନେତାଙ୍କ ପରସ୍ପର ମଧ୍ୟରେ କୁତ୍ସାରଟନା ଏତେ ନିମ୍ନ ଧରଣର ଥିଲା ଯେ, ସେମାନଙ୍କଠାରୁ ତାହା ଆଶା କରାଯାଉନ ଥିଲା। ସମୟ ଥିଲା ସର୍ବଭାରତୀୟ ନେତା ବିଭିନ୍ନ ଦଳରେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ପରସ୍ପର ସ୍ନେହ, ଶ୍ରଦ୍ଧା ଓ ସମ୍ପର୍କ ମଧୁର ଥିଲା। ନିର୍ବାଚନ ସମୟରେ ବିଭିନ୍ନ ଦଳ ନୀତି ବିରୋଧରେ ବିଷୋଦ୍‌ଗାର କରୁ ନ ଥିଲେ। ଏବେ ସାମ୍ବାଦିକ ସମ୍ମିଳନୀ କରି ଜଣେ ବିଧାୟକ ଓ ଅନ୍ୟଜଣେ ମହିଳା ସାଂସଦ ପ୍ରାର୍ଥୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଚରମସୀମାରେ ପହଞ୍ଚିଯାଇଛି। ରାଜନୀତିରେ ତିକ୍ତତା ଏବେ ବଢ଼ିଯାଇଛି। ପଣ୍ଡିତ ନେହେରୁ ଓ ଅଟଳ ବିହାରୀ ବାଜପେୟୀ କଂଗ୍ରେସ-ଭାଜପା ଦଳର ପ୍ରତିଷ୍ଠିତ ରାଜନେତାଙ୍କ ମଧ୍ୟରେ ଯେଭଳି ଶ୍ରଦ୍ଧା ସମ୍ମାନ ବନ୍ଧୁତା ଥିଲା ତାହା ଆଜି ବିରଳ। ସଂସଦରେ ପରସ୍ପର ଶାଳୀନତାରେ ଭିତ୍ତିରେ ଯୁକ୍ତି ସମାଲୋଚନା କରୁଥିଲେ। ତତ୍କାଳୀନ ଶାସକ ଓ ବିରୋଧୀ ଦଳର ନେତାଙ୍କ ନୀତି ଆଦର୍ଶ ଓ ବ୍ୟକ୍ତିତ୍ୱ ଆଜିର ନେତା ଅନୁସରଣ କରନ୍ତୁ।

**-ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗଳିପୋଲ ନିର୍ମାଣରେ ଅନିୟମିତତା

## ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନ

■ ତଦନ୍ତ ଦାବି କଲା କୋରେଇ ସଂଗ୍ରାମ ସମିତି

ଯାଜପୁରରୋଡ୍,୨୭।୭ (ପବିତ୍ର ରଞ୍ଜନ ମହାନ୍ତି):

ପୂର୍ବତଟ ରେଳପଥର ଯାଜପୁରରୋଡ଼ ଗୋପବନ୍ଧୁ ଛକ ନିକଟରେ ନିର୍ମାଣ ହୋଇଥିବା ଗଳିପୋଲ କାର୍ଯ୍ୟରେ ଅନିୟମିତତା ହୋଇଥିବା କୋରେଇ ସଂଗ୍ରାମ ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ସଂଗ୍ରାମ ସମିତି ପକ୍ଷରୁ ସଭାପତି ବିଦ୍ୟାଧର ମହାନ୍ତି ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର ଗତ ୨୧ ତାରିଖରେ ଭୁବନେଶ୍ୱର ରେଲୱେ ଜେନେରାଲ ମ୍ୟାନେଜରଙ୍କୁ ଏକ ଚିଠି ପ୍ରେରଣ କରିଛନ୍ତି। ଭିଜିଲାନ୍ସ ଦ୍ୱାରା ନିର୍ମାଣ କାର୍ଯ୍ୟର ତଦନ୍ତ କରାଯିବା ସହିତ ଏହାର ଭୁଲ୍ ଡିଜାଇନ ସଂଶୋଧନ କରିବାକୁ ସେମାନେ ଚିଠିରେ ଉଲ୍ଲେଖ କରିଛନ୍ତି। ଏହା ନ କଲେ ଯାଜପୁର-କେନ୍ଦୁଝର ରୋଡ଼ ରେଳଷ୍ଟେଶନ ସମ୍ମୁଖରେ ଜନଆନ୍ଦୋଳନ କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

ଏହି ଗଳିପୋଲ କାମ ସମ୍ପୂର୍ଣ୍ଣ ହେବା ପୂର୍ବରୁ ଲୋକଙ୍କ ଯାତାୟାତ ପାଇଁ ଖୋଲି ଦିଆଯାଇଥିଲା। ହେଲେ ଗତ ବୁଧବାରଠାରୁ ଉକ୍ତ ଗଳିପୋଲରେ ଯାତାୟାତ ବନ୍ଦ କରିଦିଆଯାଇଛି। ଫଳରେ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗଳିପୋଲରେ ୨ ଫୁଟ ଡ୍ରେନ୍ ପାଣି ରହିବା ଦ୍ୱାରା ଯାତାୟାତ ପ୍ରଭାବିତ ହେଉଛି। ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ତେବେ ଅନଭିଜ୍ଞ ଠିକାଦାର ଓ ଯାଜପୁର-କେନ୍ଦୁଝର ରୋଡ଼ଠାରେ ଥିବା ରେଳ ବିଭାଗ ସହାୟକ ଉପଖଣ୍ଡ ଯନ୍ତ୍ରୀ ନର୍ଥ (ଏଡିଇଏନ୍)ଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ଫଳରେ ଏହି ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ସଂଗ୍ରାମ ସମିତି ଅଭିଯୋଗ କରିଛି। ଅନ୍ୟପକ୍ଷରେ ଯାଜପୁରରୋଡ ପ୍ରତି ରେଲ୍‌ୱେର ବୈମାତୃକ ମନୋଭାବ ଯୋଗୁ ଅନେକ ଦ୍ରୁତଗାମୀ ଟ୍ରେନ ଏଠାରେ ରହଣି କରୁନାହିଁ। ସେହିପରି ସାଇମନ୍ଦିର ନିକଟ ଗଳିପୋଲ ଓ ଓଭରବ୍ରିଜ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ସଂଗ୍ରାମ ସମିତି ପକ୍ଷରୁ କୁହାଯାଉଛି।

ବ୍ୟାସନଗର ସହର ମଝିରେ ଥିବା ପୂର୍ବତଟ ରେଳଲାଇନ ସହରକୁ ଦୁଇଭାଗରେ ବିଭକ୍ତ କରୁଥିଲା। ଯାଜପୁରରୋଡ଼ ଷ୍ଟେଶନର ପୂର୍ବପଟ ଗୋପବନ୍ଧୁ ଛକ ଓ ପଶ୍ଚିମପଟ ସାଇମନ୍ଦିର ପଟେ ୨ଟି ଲେଭଲ କ୍ରସିଂ ଦେଇ ସହରବାସୀ ଯାତାୟାତ କରୁଥିଲେ। ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ବୃଦ୍ଧି ପାଇବା ଦ୍ୱାରା ଲେଭଲ କ୍ରସିଂ ଗେଟ୍ ଦୀର୍ଘ ସମୟ ଧରି ପଡ଼ିରହୁଥିଲା। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଆନ୍ଦୋଳନ ହେବା ପରେ ପୂର୍ବତଟ ରେଳପଥ ପକ୍ଷରୁ ଷ୍ଟେଶନର ଉଭୟ ପଟେ ୨ଟି ଗଳିପୋଲ ଓ ସାଇମନ୍ଦିର ନିକଟରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରେଳମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି ଘୋଷଣା କରିଥିଲେ।

ଘୋଷଣାର ଏକବର୍ଷ ମଧ୍ୟରେ ପ୍ରଥମେ ଯାଜପୁରରୋଡ଼ସ୍ଥିତ ଗୋପବନ୍ଧୁଛକଠାରୁ ଡାକବଙ୍ଗଳା ଛକ ପର୍ଯ୍ୟନ୍ତ ୫ କୋଟି ୧୬ ଲକ୍ଷ ଟଙ୍କା ଅଟକଳରେ ଗଳିପୋଲ ନିର୍ମାଣ କରାଯାଇଛି। ମାତ୍ର ଏହା ଏବେ ମରଣଯନ୍ତାରେ ପରିଣତ ହୋଇଛି। କୋଲକାତାର ଆପୋଲୋ ନିର୍ମାଣ ସଂସ୍ଥା ଏହାର ନିର୍ମାଣ ଦାୟିତ୍ୱରେ ରହିଛି। ହେଲେ ୬ ମାସରେ ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ପୂର୍ବ ସୂଚନା ଥିଲେ ମଧ୍ୟ ତାହା ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇ ପାରିନାହିଁ।

ଏନେଇ ବିଭାଗୀୟ ସହାୟକ ଯନ୍ତ୍ରୀ (ଏଡିଇଏନ୍) ରାଜକିଶୋର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଗଳିପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। କେବଳ ଲୋକଙ୍କ ଅସୁବିଧା ପାଇଁ ଖୋଲିଥିଲୁ। ବର୍ଷାଦିନ ଥିବାରୁ ଗଳିପୋଲରେ ପାଣି ଜମିରହୁଛି। ସେଥିପାଇଁ ଏକ ଟାଙ୍କି ନିର୍ମାଣ କରାଯାଉଛି ଏବଂ ଉପରେ ଶେଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଯାହା ତ୍ରୁଟି ରହିଛି ସୁଧାରିବାକୁ ତତ୍ପର ରହିଛୁ। ଆସନ୍ତା ୨ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛୁ।



ଗଳିପୋଲ ରାସ୍ତା ବନ୍ଦ କରାଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ଶୁଣିଲେ ଯୁବକ, ମହିଳା

ସିଂହପୁର,୨୭।୭ (ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଶ୍ୱର କଲ୍ୟାଣମଣ୍ଡପ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଭାଜପା ନେତ୍ରୀ ବବିତା ମଲ୍ଲିକ, ନିରଞ୍ଜନ ବେଉରିଆଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ବହୁ ଯୁବକ, ମହିଳା, ବରିଷ୍ଠ ନାଗରିକ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ବାର୍ତ୍ତା ଶୁଣିଥିଲେ। ଓଡ଼ିଶାର ବିଭିନ୍ନ ପରମ୍ପରା ଓ ସଚେତନତା କାର୍ଯ୍ୟକ୍ରମ ଅନେକଙ୍କ ପାଇଁ ପ୍ରେରଣା ପାଲଟିଥିବା ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ ପ୍ରକାଶ କରିଥିଲେ। ଏହାକୁ ନେଇ ସମସ୍ତେ ଉତ୍ସାହ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଞ୍ଝାରପୁର ୨୭ନଂ. ଭାଜପା ଜୋନ୍ ସଭାପତି ସଞ୍ଜୟ କୁମାର ପତି, ୨୫ନଂ. ଜୋନ ସଭାପତି ମନୋରଞ୍ଜନ ସାହୁ, ଜିତୁ ବିଶ୍ୱାଳ ଓ ଶାନ୍ତିଲତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବରୁଣେଶ୍ୱର ପୀଠରେ ଏମ୍‌ପି ଚାରାରୋପଣ କରି ପରିବେଶ ସଚେତନତାର ବାର୍ତ୍ତା ଦେଇଥିଲେ।



ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏମ୍‌ପି ଓ ଅନ୍ୟମାନେ।

# ହିତାଧିକାରୀଙ୍କ ବିନା ଦସ୍ତଖତରେ ଜନପ୍ରତିନିଧି ବାଣ୍ଟିଲେ ଭତ୍ତା

## ବିଞ୍ଝାରପୁର ବ୍ଲକରେ ପୁଣି ଭତ୍ତା ହଡ଼ପ କେଳେଙ୍କାରୀ

ବିଞ୍ଝାରପୁର,୨୭।୭(ରାମକୃଷ୍ଣ ଦାସ):

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକରେ ପୁଣି ମୁଣ୍ଡ ଟେକିଲାଣି ଭତ୍ତାହଡ଼ପ କେଳେଙ୍କାରୀ। ଏଥର ଆଯୋଗ୍ୟଙ୍କୁ ଭତ୍ତା ଦିଆଯାଇନାହିଁ ବରଂ ଯୋଗ୍ୟ ହିତାଧିକାରୀଙ୍କ ଭତ୍ତା ଟଙ୍କା ଅର୍ଥ ହଡ଼ପ କରାଯାଇଛି। ଏହି ଘଟଣା ବ୍ଲକ୍‌ର କଲ୍ୟାଣପୁର ପଞ୍ଚାୟତରେ ଘଟିଛି। ଏନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ସାଧାରଣତଃ ଭତ୍ତା ଅର୍ଥକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ବାଣ୍ଟିବା କଥା। ନଚେତ୍ ବ୍ଲକରୁ ନିଯୁକ୍ତି ପାଇଥିବା ଏଡିଓ ବାଣ୍ଟିବେ। ମାତ୍ର ଏଠାରେ ଜଣେ ଜନପ୍ରତିନିଧି ଭତ୍ତା ବାଣ୍ଟିଛନ୍ତି, ଯାହାକି ସରକାରଙ୍କ ନିୟମ ବାହାରେ। ସମ୍ପୃକ୍ତ ଜନପ୍ରତିନିଧି ଭତ୍ତା ବଣ୍ଟନର ରେଜିଷ୍ଟର ନ ଆଣି ହିତାଧିକାରୀଙ୍କ ବିନା ସ୍ୱାକ୍ଷର ଅବା ଟିପ ଚିହ୍ନରେ ବାଣ୍ଟିବା ସହ ଅର୍ଥ ଆତ୍ମସାତ କରିଛନ୍ତି।

କଲ୍ୟାଣ ପଞ୍ଚାୟତ କାନପୁର ଗାଁର ହିତାଧିକାରୀ ଚୈତନ୍ୟ ଚରଣ ପତି ଓ ତାଙ୍କ ବିଧବା ସାନ ମାଆ ପୁଷ୍ପଲତା ପତି ଏହି ଅଭିଯୋଗ କରିଛନ୍ତି। ସେମାନେ ଗତ ଏପ୍ରିଲରୁ ଭତ୍ତା ପାଇଁ ପିଇଓଙ୍କୁ ଯୋଗାଯୋଗ କରିଛନ୍ତି। ମାତ୍ର ଟଙ୍କା ନାହିଁ କହି ପିଇଓ ଦିନ ଗଡ଼ାଇ ଚାଲିଛନ୍ତି। ହେଲେ ୧୭ ତାରିଖରେ ସମ୍ପୃକ୍ତ ଜନପ୍ରତିନିଧି ଗାଁକୁ ଆସି ଚୈତନ୍ୟଙ୍କୁ ୪ ହାଜର ଓ ୨୧ତାରିଖରେ ପୁଷ୍ପଲତାଙ୍କୁ ୧ ହାଜର ଟଙ୍କା ଭତ୍ତା ଦେଇଛନ୍ତି। ଏହାକୁ ନିଜ ଖାତାରେ ଲେଖି ବିନା ସ୍ୱାକ୍ଷର ଓ ଟିପରେ ସେ ଟଙ୍କା ପ୍ରଦାନ କରିଛନ୍ତି। ହିତାଧିକାରୀ ଚୈତନ୍ୟ ଟିପ ନେବା କଥା ପଚାରିବାରୁ ସେ କହିଥିଲେ, ଏତେ ଟିପ ନେଇହେବନି। ସେ ନିଜେ ଦେଇଦେବେ। କିନ୍ତୁ ଚୈତନ୍ୟ ୪ ମାସରେ ୪ହଜାର ଓ ଜୋତାଛତା ବାବଦକୁ ୪୦୦ଟଙ୍କା ମୋଟ ୪,୪୦୦ ପାଇବା ଜାଗାରେ ୪ ହଜାର ଏବଂ ପୁଷ୍ପଲତାଙ୍କ ଚାରି ମାସରେ ୪ ହଜାର ସହ ଜୋତା ଛତାବାବଦକୁ ୪୦୦ମିଶାଇଲେ ମୋଟ ୪, ୪୦୦ ପାଇବା କଥା। ହେଲେ ସେ ୧ ହଜାର ପାଇଛନ୍ତି। ଚୈତନ୍ୟଙ୍କ ଖାତାରେ ୪ ହଜାର ଲେଖି ସମ୍ପୃକ୍ତ ଜନପ୍ରତିନିଧି ନିଜେ ସ୍ୱାକ୍ଷର କରିଥିବାବେଳେ ପୁଷ୍ପଲତାଙ୍କ ଖାତାରେ ମଧ୍ୟ ସେ ଦସ୍ତଖତ କରିଥିବା ଚୈତନ୍ୟ ଅଭିଯୋଗ କରିଛନ୍ତି। ଦୁଇ ହିତାଧିକାରୀଙ୍କ ବାକି ଟଙ୍କା ହଡ଼ପ ହୋଇଥିବା ଚୈତନ୍ୟ କହିଛନ୍ତି। ଟଙ୍କା ନ ମିଳିଲେ ଗାଁ ଲୋକଙ୍କୁ ଆଣି ବିଡିଓଙ୍କୁ ଘେରାଉ କରିବେ ଚୈତନ୍ୟ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସେ କହିଛନ୍ତି, କଲ୍ୟାଣପୁର ସରପଞ୍ଚଙ୍କ ନାମରେ ଅନେକ ଅଭିଯୋଗ ହେଲାଣି, ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ନୂତନ ଜିଲାପାଳ ଅମ୍ବର କୁମାର କରଙ୍କ ଯୋଗଦାନ



ଯାଜପୁର,୨୭।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁରର ନୂତନ ଜିଲାପାଳ ଭାବେ ଅମ୍ବର କୁମାର କର ଯୋଗଦେଇ ରବିବାର ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହାପରେ ସେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ପୂର୍ବରୁ ଜିଲାପାଳ କର ଅବକାରୀ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। କଟକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଥିବା ସମୟରେ ସଫଳ ଭାବେ ଜିଲା ପରିଷଦ ନିର୍ବାଚନ ଓ ନୋଡାଲ ଅଧିକାରୀ ଭାବେ କଟକ ବାଲିଯାତ୍ରା ପରିଚାଳନା କରିଥିଲେ। ଜିଲାପାଳ ଭାବେ ଯାଜପୁର ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସମସ୍ତ ଅଧିକାରୀ ଓ କର୍ମଚାରୀ ଦଳଗତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ(ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ସାକ୍ଷାତ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି।

# ନାରୀଙ୍କୁ ସମ୍ମାନ ଦେଲେ ସୁନ୍ଦର ସମାଜ ଗଠନ ହୋଇପାରିବ



ଆଲୋଚନାଚକ୍ରରେ ଭାଗନେଇଥିବା ଛାତ୍ରୀମାନେ ଶପଥ ଗ୍ରହଣ କରୁଛନ୍ତି।

## ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆଲୋଚନାଚକ୍ର

ବରୀ,୨୭।୭(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଅଧୀନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୋଧ କୁମାର ସାମଲ ଯୋଗଦେଇ ଧୈର୍ଯ୍ୟ, ସହନଶୀଳତା ଓ ଉତ୍ତମ ବିଚାରବୋଧ ଦ୍ୱାରା ନାରୀଜାତିଙ୍କୁ ସମ୍ମାନ ଦେଲେ ଏକ ସୁସ୍ଥ, ସୁନ୍ଦର ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ଏଥିସହିତ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ମାନିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସଂଯୋଜିକା ପ୍ରଫେସର ମିତାଞ୍ଜଳି ମହାନ୍ତି ଯୋଗଦେଇ ନିରାପଦ କ୍ୟାମ୍ପସ୍, ପାରସ୍ପରିକ ସମ୍ମାନ, ସୁରକ୍ଷା ଓ ସମାନତା ରଖିପାରିଲେ ଛାତ୍ରୀଛାତ୍ର ଭବିଷ୍ୟତରେ ଭଲ ମଣିଷ ଭାବେ ପ୍ରତିଷ୍ଠା ଅର୍ଜନ କରିପାରିବେ ବୋଲି ପ୍ରକାଶ କରିଥିଲେ। କମିଟିର ଅନ୍ୟତମ ସଭ୍ୟା ପ୍ରାଧ୍ୟାପିକା କୁକୁମିନା ମହାନ୍ତି ଓ ପ୍ରାଧ୍ୟାପିକା ସୁଶିଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପିକା ସସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ବୈତରଣୀରେ ବିପଦସଙ୍କେତ ତଳେ ବନ୍ୟାଜଳ

## ବନ୍ଧ ପରିଦର୍ଶନରେ ଯାଜପୁରର ପୂର୍ବତନ ବିଧାୟକ

ପାଣିକୋଇଲି,୨୭।୭(ବିକାଶ ମଲ୍ଲିକ):

ବୈତରଣୀ ଓ ଏହାର ଶାଖା ବୁଢ଼ା ନଦୀରେ ଚଳିତ ବର୍ଷର ତୃତୀୟ ବନ୍ୟା ଜଳ ପ୍ରବାହିତ ହେଉଛି। ନଦୀର ଜଳସ୍ତର ବୃଦ୍ଧି ପାଇଥିଲେ ମଧ୍ୟ ବିପଦ ସଙ୍କେତ ତଳେ ରହିଛି। ଫଳରେ ବନ୍ୟା ଆଶଙ୍କା ଟଳିଯାଇଛି। ଯାଜପୁର ଜଳ ସମ୍ପଦ ବିଭାଗ ଅଧୀନ ଆଖୁଆପଦା ଆନିକଟ ନିକଟରେ ବିପଦ ସଙ୍କେତ ୧୮.୩୩ ମିଟର ଥିବାବେଳେ ଶନିବାର ରାତି ୧୨ଟା ପର୍ଯ୍ୟନ୍ତ ଜଳସ୍ତର ବଢ଼ି ୧୮.୯୭ ମିଟର ପର୍ଯ୍ୟନ୍ତ ଯାଇଥିଲା। ପରେ ଜଳସ୍ତର ହ୍ରାସ ପାଇଥିଲା। ରବିବାର ସନ୍ଧ୍ୟା ୫ଟା ସୁଦ୍ଧା ଜଳସ୍ତର ହ୍ରାସ ପାଇ ୧୭.୭୫ରେ ପହଞ୍ଚିଛି। ଜଳସ୍ତର ପ୍ରତି ଘଣ୍ଟାରେ ହ୍ରାସ ପାଉଛି। ବିଭିନ୍ନ ସ୍ଥାନରେ ଉପରକୁ ଉଠିଥିବା ଜଳସ୍ତର ନଦୀ ଗର୍ଭକୁ ଚାଲିଯାଇଛି। କେବଳ ଏହି ଅଞ୍ଚଳରେ ବର୍ଷା ହୋଇ ନ ଥିବାରୁ ନାଳଗୁଡ଼ିକ ଶୁଖିଲା ଥିବାରୁ ପାଣି ଜମି ରହୁନାହିଁ। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି) ମୂଳାପାଳ ଲିଙ୍ଗେଶ୍ୱର ନିକଟରେ ପହଞ୍ଚି ପାଣିର ସ୍ଥିତି ଦେଖିଛନ୍ତି। ବବିଙ୍କ ସହ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ମୂଳାପାଳ ସରପଞ୍ଚ ଜୟନ୍ତ ନାୟକ, ସମିତିସଭ୍ୟ ମଧୁସୂଦନ ନନ୍ଦୀ, ଗୋଲକ ଚନ୍ଦ୍ର ମାଝୀ, ନିରଞ୍ଜନ ନାୟକ, ସୌମ୍ୟ ରଞ୍ଜନ ଧଳ, ପ୍ରତାପ ମହାନ୍ତି, ସଞ୍ଜୀବ ନାୟକଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତଥିଲେ। ଅନ୍ୟପକ୍ଷରେ ବୈତରଣୀ ନଦୀର ବ୍ରିଜ ତଳେ ଥିବା ରାସ୍ତା ଅଣଓସାର ଥିବା ଯୋଗୁ ଯାତାୟାତରେ ବହୁ ସମସ୍ୟା ଦେଖାଦେଉଛି। ଏନେଇ ବବି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।



କର୍ମୀଙ୍କ ସହ ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ବନ୍ୟାଞ୍ଚଳ ବୁଲୁଛନ୍ତି।

# ଖବରକାଗଜ ବିତରକ ରାମଚନ୍ଦ୍ର ମହାନ୍ତି ଅସୁସ୍ଥ

ଧର୍ମଶାଳା,୨୭।୭ (ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ୍ ଅଞ୍ଚଳର ଖବରକାଗଜ ବିତରକ ରାମଚନ୍ଦ୍ର ମହାନ୍ତି ଓରଫ ଦାମ ପକ୍ଷାଘାତ ରୋଗର ଶିକାର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ସେ ଖବରକାଗଜ ବାଣ୍ଟି ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଅତ୍ୟଧିକ ରକ୍ତଚାପ ଯୋଗୁ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ଧର୍ମଶାଳା ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ସେଠାରେ ତାଙ୍କ ଶରୀରର କିଛି ଅଙ୍ଗ ଧୀରେଧୀରେ ପକ୍ଷାଘାତ ଆଡ଼କୁ ଗତି କରୁଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦାମ ଦୀର୍ଘ ବର୍ଷ ଧରି ଜାରକା ଅଞ୍ଚଳରେ ଧରିତ୍ରୀ ଓ ଅନ୍ୟ ଖବରକାଗଜ ବିତରକ ଭାବରେ କାର୍ଯ୍ୟ କରି ଆସୁଛନ୍ତି। ଜଣେ ପରୋପକାରୀ ଓ ମେଳାପୀ ବ୍ୟକ୍ତି ଭାବରେ ତାଙ୍କର ପରିଚୟ ରହିଛି। ଧର୍ମଶାଳା ପ୍ରେସ୍ କ୍ଲବ ଓ ହକର୍ ସଂଘ ପକ୍ଷରୁ ତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।

# ଖରସ୍ରୋତାରେ ବଢ଼ୁଛି ଜଳସ୍ତର



ଭାଜପା କର୍ମୀଙ୍କ ସହ ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ବନ୍ୟାଞ୍ଚଳ ବୁଲି ଦେଖୁଛନ୍ତି।

## ତଳିଆ ଅଞ୍ଚଳ ବୁଲିଲେ ଏମ୍‌ପି

ସିଂହପୁର,୨୭।୭(ଅନଙ୍ଗ ଉଦୟ ବେଉରିଆ):

ଖରସ୍ରୋତା ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ବିଞ୍ଝାରପୁର ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ବିଞ୍ଝାରପୁର ବ୍ଲକ୍‌ର ୨୯ ପଞ୍ଚାୟତ ମଧ୍ୟରୁ ପ୍ରାୟ ୧୫ ପଞ୍ଚାୟତ ଖରସ୍ରୋତା ନଦୀ ଅବବାହିକାରେ ରହିଛି। ଫଳରେ ଏହିସବୁ ଅଞ୍ଚଳକୁ ଏବେ ବନ୍ୟା ଆଶଙ୍କା ଆତଙ୍କିତ କରିଛି। ଖରସ୍ରୋତା ନଦୀର ଜଳସ୍ତର ବିଞ୍ଝାରପୁର ଅଞ୍ଚଳରେ ଯଦିଓ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି, ତଥାପି କେତେକ ସ୍ଥାନରେ ଦୁର୍ବଳ ନଦୀବନ୍ଧ ବନ୍ୟାସ୍ଥିତିକୁ ଆହୁରି ଉଦ୍‌ବେଗ କରିଛି। ବିଞ୍ଝାରପୁରଠାରେ ଖରସ୍ରୋତା ନଦୀର ବିପଦସଙ୍କେତ ୧୦.୩ ମିଟର ରହିଥିବାବେଳେ ଏଠାରେ ୯.୩୦ ମିଟର ଜଳ ପ୍ରବାହିତ ହେଉଛି।

ସେହିପରି ସିଂହପୁରଠାରେ ବିପଦସଙ୍କେତ ୬.୭୨ ମିଟର ରହିଥିବାବେଳେ ୬.୩୬ ମିଟର ଜଳ ପ୍ରବାହିତ ହେଉଛି। ସିଂହପୁର ଓ ତଳିଆ ଅଞ୍ଚଳରେ ଜଳସ୍ତର ବୃଦ୍ଧିକୁ ନେଇ ବିଞ୍ଝାରପୁର ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ଏସ୍‌ଡିଓ ଚୈତନ୍ୟ ଚରଣ ଯେନା ପ୍ରକାଶ କରିଛନ୍ତି। ରବିବାର ଏସଡିଓ ଯେନା ଓ କନିଷ୍ଠଯନ୍ତ୍ରୀ ବିପିନ ସେଠୀଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ ଟିମ୍ ବିଭିନ୍ନ ବନ୍ଧ ରାସ୍ତା ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଛି। ବ୍ଲକ୍‌ର ଜରି, ବାଙ୍ଗରା, ହଳଦିହିହ ଆଦି ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଭାଜପା ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ ଓ ଭାଜପା ପ୍ରତିନିଧି ଦଳ ବ୍ଲକର ଜରି, ବାଙ୍ଗରା ଆଦି ତଳିଆ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ବିପନ୍ନଙ୍କ ସମେତ ଗୃହପାଳିତ ପ୍ରାଣୀଙ୍କୁ ତୁରନ୍ତ ଖାଦ୍ୟ ଯୋଗାଣ ବ୍ୟବସ୍ଥା କରିବାକୁ ଏମ୍‌ପି ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ଚାଷରୁ ବିମୁଖ ହେଉଛନ୍ତି ଚାଷୀ

## କୃଷି, ସମବାୟ ବିଭାଗ ଦାୟୀ ଅଭିଯୋଗ

■ସମବାୟ ସମିତିରେ ମିଳୁନାହିଁ ସାର
■ଜଳପରିଚାଳନା ହେତୁ ହେଉନି ରବିଚାଷ


ଜଣେ ଚାଷୀ ଜମିରେ ତଳି ରୋଉଛନ୍ତି।

ପଟ୍ଟାମୁଣ୍ଡାଇ, ୨୭।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ବହୁ ଚାଷୀ ଚାଷ ପ୍ରତି ବିମୁଖ ହେଉଛନ୍ତି। ଧାନ ଚାଷରୁ ପୂର୍ବଭଳି ଲାଭ ନ ଥିବା ଏବଂ ବିକଳ୍ପ ଚାଷ ପାଇଁ ପ୍ରୋତ୍ସାହନ ନ ମିଳିବା କାରଣରୁ ଚାଷୀ ଚାଷ କରିବାକୁ ମନ ବଳାଉ ନାହାନ୍ତି। ଏଥିପାଇଁ ଜଳବାୟୁ ପରିବର୍ତ୍ତନ ସହିତ କୃଷି, ସମବାୟ ବିଭାଗ, ସାର ଓ ଔଷଧ, ବିହନ ପରିଚାଳନା ଗତ ତ୍ରୁଟି ଏକ ପ୍ରକାର ଦାୟୀ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବାତ୍ୟା ଓ ମରୁଡ଼ିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କୃଷି ବିଭାଗ କିମ୍ବା ବୀମା କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଠିକ୍ ଭାବେ ନ ମିଳିବା ଅନ୍ୟ ଏକ କାରଣ କୁହାଯାଉଛି। ସେହିପରି ମୂଲିଆ ମଜୁରି ମଧ୍ୟ ବଢ଼ିବାରେ ଲାଗି ଥିବାରୁ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଚାଷୀ ପାଉ ନାହାନ୍ତି। ଏହା ମଧ୍ୟ ଚାଷରୁ ବିମୁଖ ହେବାର ଅନ୍ୟ ଏକ କାରଣ କୁହାଯାଉଛି।

ଉତିକଣର ଚାଷୀ ବିଜୟ ଦାସ, ଦାଶରଥୀ ସାହୁ, ପ୍ରକାଶ ମହାନ୍ତି କହିଛନ୍ତି, ମଣ୍ଡି ଅବ୍ୟବସ୍ଥା, ମିଲର୍ସ ଓ ସମବାୟ ସମ୍ପାଦକଙ୍କ ମନମାନି ଏବଂ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଉଭୟ ରବି ଓ ଖରିଫ୍ ଋତୁରେ ଚାଷୀର ଧାନ ବରବାଦ୍ ହୋଇଯାଉଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ପାରମ୍ପରିକ ଧାନ ଚାଷ ଉପରେ ପଡ଼ୁଛି। ଫଳରେ ଚାଷୀଙ୍କୁ ବିକଳ୍ପ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉନାହିଁ। ଏହି ଅଞ୍ଚଳରେ ପୂର୍ବରୁ ଟମାଟୋ, ବାଇଗଣ, ପୋଟଳ, କଲରା, ବିନ୍ସ, ତରଭୁଜ, ଝୁମ୍ପା ଏବଂ ଭେଣ୍ଡି ଉତ୍ପାଦନ ହେଉଥିଲା। ସ୍ୱାଭାବିକ ଋତୁରେ ଏସବୁ ବିଭିନ୍ନ ସ୍ଥାନକୁ ରପ୍ତାନି ହେଉଥିଲା। ମାତ୍ର ରବି ଚାଷ ସମୟରେ ଆଉ କେନାଲରୁ ଜଳସେଚନ ହେଉନାହିଁ। ଫଳରେ ପାଣି ଅଭାବରୁ ଉତିକଣ ଅଞ୍ଚଳରେ ଖରାଦିନିଆ ପରିବା ଚାଷ ଏବେ ବନ୍ଦ ହୋଇଯାଇଛି। ଏ ନେଇ ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଧୋୟାଞ୍ଚଳ ଚାଷୀ ପୂର୍ଣ୍ଣଚନ୍ଦ୍ର ସାମଲ, ପବିତ୍ର, ସାମଲ, ବୃନ୍ଦାବନ ନାୟକ, ଅର୍ଜୁନୀ ବିଶ୍ୱାଳ କହିଛନ୍ତି, ଧୋୟାଞ୍ଚଳର ଲୋକ କୃଷି ଉପରେ ନିର୍ଭର କରି ପାରମ୍ପରିକ ପରିବା ଓ ଧାନ ଚାଷ ସହିତ ଚିନାବାଦାମ, ବିରି, ମୁଗ ଚାଷ କରିଥାନ୍ତି। ବିଶେଷକରି ପରିବା ଚାଷର ପ୍ରାଧାନ୍ୟ ହେତୁ ଏହି ଅଞ୍ଚଳର ହାଟ ବଜାରରେ ଏହା ମିଳିଛି। ବିଡମ୍ବନାର ବିଷୟ ଏବେ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ଏବଂ ଅଦିନିଆ ବର୍ଷା ପ୍ରଭାବରେ ବହୁବାର ଫସଲ ହାନି ଘଟୁଛି। ଚଳିତବର୍ଷ ବର୍ଷା ପରେ ବନ୍ୟା ପରିସ୍ଥିତି ଧାନ ଓ ପନିପରିବା ଫସଲ ସମୂଳେ ନଷ୍ଟ ହୋଇଛି। ଧାରକରଜ କରି ଚାଷୀମାନେ ଚାଷ କରିଥିଲେ। ଫସଲହାନି ଦେଖି ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। କିପରି ଋଣ ଶୁଝିବ ଚାଷୀଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ନରେନ୍ଦ୍ର ଧଳ କହିଛନ୍ତି, ଏଠାକାର ପରିବାଗୁଡ଼ିକ ଆମଦାନୀ ସମୟରେ ସଂରକ୍ଷଣ କରି ରଖିବାର ସରକାରୀ ଶୀତଳଭଣ୍ଡାର ବ୍ୟବସ୍ଥା ନ ଥିବାରୁ ଆଳୁ ଏବଂ ପନିପରିବା ଚାଷରୁ ଚାଷୀ ବିମୁଖ ହେଉଛନ୍ତି। ଅନ୍ୟପକ୍ଷରେ ଏଠିକାର ମାଟି ଆଖୁ, ଫୁଲ, ନଳିତା ଚାଷ ନିମନ୍ତେ ଉପଯୋଗୀ ହୋଇଥିଲେ ମଧ୍ୟ ସରକାରୀ ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ମିଳୁ ନ ଥିବା ଏବଂ ଉଦ୍ୟାନ କୃଷି ବିଭାଗର ସ୍ଥାଣୁତା ହେତୁ ଅଞ୍ଚଳରେ ଭିତ୍ତିଭୂମି ଥାଇ ମଧ୍ୟ ଚାଷ ବଢ଼ି ପାରୁନାହିଁ। ଏ ନେଇ ଚାଷୀ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ଚାଷୀ ହିମାଂଶୁ ବିଶ୍ୱାଳ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଗତ ବର୍ଷଗୁଡ଼ିକରେ ୧୮ ହଜାର ହେକ୍ଟର ଜମିରେ ଧାନଚାଷ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ୧୦ ହଜାର ୩ ଶହ ହେକ୍ଟର ଜମିରେ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଭିନ୍ନ ଭିନ୍ନ କାରଣରୁ ୮ ହଜାର ହେକ୍ଟର ଜମିରେ ଏବେ ଚାଷ ହେଉନାହିଁ। ସମବାୟବିତ୍ ମଳୟ ଦାସ କହିଛନ୍ତି, ବ୍ଲକରେ ଏବେ ୧୬ଟି ସମବାୟ ସମିତି ସହ ଲାଇସେନ୍ସପ୍ରାପ୍ତ ଦୋକାନ ମାଧ୍ୟମରେ ସାର ଓ ଔଷଧ ବିକ୍ରି କରିବାକୁ ସ୍ଥିର କରାଯାଇଛି। ବିଲରେ ଧାନ ରୁଆ ବୁଣା ପରେ ପଟାସ ଓ ଗ୍ରୋମୋର ବ୍ୟବହାର ପାଇଁ ସେବା ସମବାୟ ସମିତି କି ଲାଇସେନ୍ସପ୍ରାପ୍ତ ଦୋକାନରେ ମିଳୁନାହିଁ। ଫଳରେ ଚାଷୀ ଚାଷ ପ୍ରତି ମନ ବଳାଉନାହିଁ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଶରତ ନାୟକଙ୍କୁ ପଚାରିବାରେ ଚାଷର ଉନ୍ନତୀକରଣ ପାଇଁ ବିଭିନ୍ନ ଯୋଜନା ସହ ଅଧିକ ଅମଳକ୍ଷମ ନୂତନ ବିହନ ବ୍ୟବହାର କରିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ସମସ୍ତ ସରକାରୀ ଗୋଦାମରେ ସାର ମିଳୁଛି ବୋଲି ସେ କହିଛନ୍ତି।

# ବୁଲା ଗୋରୁଙ୍କ ବେକରେ ଲାଗିଲା ରେଡିୟମ ବେଲ୍ଟ


ଗୋରୁଙ୍କ ବେକରେ ରେଡିୟମ ବେଲ୍ଟ ଲଗାଯାଉଛି।

ଡେରାବିଶ, ୨୭।୭(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଡାଳିଜୀ ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାର ଆଲୋକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ବୁଲା ଗୋରୁଗାଈ ଓ ଷଣ୍ଢଙ୍କ ବେକରେ ରେଡିୟମ ବେଲ୍ଟ ବନ୍ଧା ଯାଇଛି। ଶ୍ରାବଣ ମାସ ଆଗମନରେ ପଡିଆ ଓ ବିଲବାଡ଼ିରେ ପାଣି ଜମି ରହିଛି। ଫଳରେ ବୁଲା ଗାଈଗୋରୁ ଓ ଷଣ୍ଢ ରାଜରାସ୍ତାରେ ବୁଲୁଛନ୍ତି। କଟକ-ଚାନ୍ଦବାଲି ରାଜ୍ୟ ରାଜ୍ୟପଥ ଏକ ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଚିତ। ଫଳରେ ଏହି ରାସ୍ତାରେ ଦୈନନ୍ଦିନ ଗାଡ଼ି ଧକ୍କାରେ ବହୁ ବୁଲା ଗୋରୁଗାଈ ଓ ଷଣ୍ଢଙ୍କ ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳିଛି। ଉକ୍ତ ସମସ୍ୟାକୁ ହୃଦୟଙ୍ଗମ କରି ବୁଲା ଗୋରୁଗାଈଙ୍କୁ ମୃତ୍ୟୁ ମୁଖରୁ ରକ୍ଷା ପାଇଁ ଆଶାର ଆଲୋକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ଟ୍ରଷ୍ଟର ସଭାପତି ସାରଦା ପ୍ରସାଦ ଜେନାଙ୍କ ନେତୃତ୍ୱରେ ରାଜ୍ୟ ରାଜପଥର ଚାନ୍ଦୋଳଠାରୁ ତିନିମୁହାଣି ପର୍ଯ୍ୟନ୍ତ ଶତାଧିକ ବୁଲା ଗୋରୁଗାଈ ଓ ଷଣ୍ଢଙ୍କ ବେକରେ ରେଡିୟମ ବେଲ୍ଟ ବନ୍ଧା ଯାଇଛି। ଫଳରେ ଅତି ସହଜରେ ଗାଡ଼ି ଚାଳକମାନଙ୍କୁ ଗୋରୁଗାଈ ଦୃଷ୍ଟି ଗୋଚର ହେବା ସହିତ ବହୁମାତ୍ରାରେ ଦୁର୍ଘଟଣାକୁ ଏଡାଇ ଦିଆଯାଇପାରିବ ବୋଲି ସଭାପତି ଜେନା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ଜପିନ୍ କୁମାର ଜେନା, ନେହା ନିଲମ୍, ନମିତା ଦାସ, ପ୍ରଭୁ ପ୍ରସାଦ ମିଶ୍ର, ଆୟୁଷ୍ମାନ ଜେନା, ବିଶ୍ୱ ରଞ୍ଜନ ମିଶ୍ର, ନରେନ୍ଦ୍ର କୁମାର ନାୟକ, ନରୋତ୍ତମ ନାୟକ, ପ୍ରଜ୍ଞାଶିଷ ଜେନା ଓ ପ୍ରାଜ୍ଞ ପାର୍ଥସାରଥୀ ଜେନା ପ୍ରମୁଖ ସାମିଲ ହୋଇଛନ୍ତି।

# ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୨୭।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲ୍ଲା ଯୋଗାସନ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା ସହରର ଗୋପସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ନିରଞ୍ଜନ ବେହେରାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆର ସିଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ବିଶିଷ୍ଟ ଶିକ୍ଷାବିତ୍ ପ୍ରତିଜ୍ଞା ସାମଲ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ସିଲ୍ ପ୍ରଦାନ କରିଥିଲେ। ଅତିଥିମାନେ ଦୈନ୍ୟଦିନ ଜୀବନରେ ଯୋଗର ଆବଶ୍ୟକତା ବିଷୟରେ ଆଲୋଚନା ସହ ଏଭଳି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହ ସଂଘର ଉତ୍ତୋରତର ଉନ୍ନତି କାମନା କରିଥିଲେ। ଶିକ୍ଷାବିତ୍ ଶ୍ରୁତି ଶାୟନ୍ତିନୀ ଏହାକୁ ସଞ୍ଚାଳନ କରିଥିଲେ। ଏହି ଅବସରରେ ଉପଦେଷ୍ଟା ସ୍ୱପ୍ନାଂଶୁ କୁମାର ଦାସ, ସମ୍ପାଦକ ସଞ୍ଜୟ କୁମାର ମଥାନ, ରାଜ୍ୟ ସମ୍ପାଦକ ମନୋଜ କୁମାର ମୁଖାର୍ଜୀ, ସହସମ୍ପାଦକ ଡ. ଆଲୋକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରୁ ପ୍ରତ୍ୟେକ ୧୪ଟି ଇଭେଣ୍ଟ ପାଇଁ ଯୋଗାସନ ପ୍ରତିଯୋଗିତା କରାଯାଇଥିଲା। ଏହାକୁ ସଭ୍ୟ ଭରତ କୁମାର ସାହୁ, ଯୁଗ୍ମ ସମ୍ପାଦକ ପଦ୍ମ ଲୋଚନ ଦାସ ଓ ୧୪ ଜଣ ବିଚାରକ ପରିଚାଳନା କରିଥିଲେ। କୃତକାର୍ଯ୍ୟ ହୋଇଥିବା ସର୍ବମୋଟ ୭୨ଜଣ କୃତୀ ପ୍ରତିଯୋଗୀମାନଙ୍କ ନାମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭାଗ ନେବା ପାଇଁ ସ୍ଥିର କରାଯାଇଥିଲା। ସର୍ବମୋଟ ୨୦୩ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଶେଷରେ ଯୋଗଗୁରୁ ସଞ୍ଜୟ କୁମାର ମଥାନ ଧନ୍ୟବାଦ ଦେଇଥିଲେ।



ସଭାରେ ଯୋଗ ଦେଇଥିବା ଅତିଥିମାନେ।

# ଜିଲ୍ଲାପାଳଙ୍କ ନଦୀବନ୍ଧ ପରିଦର୍ଶନ, ସମୀକ୍ଷା ବୈଠକ


ବୈଠକରେ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଓ ଅନ୍ୟମାନେ।

ମାର୍ଶାଘାଇ, ୨୭।୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ାର ନୂତନ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ରବିବାର ମାର୍ଶାଘାଇ ଗସ୍ତରେ ଆସି ପ୍ରଥମେ ଜଳ ନିକାସନ ବଙ୍ଗଳା ନିକଟରେ ଲୁଣା ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। ଜଳସମ୍ପଦ ବିଭାଗର ଏହି ବନ୍ଧକୁ ଜିରୋ ପଏଣ୍ଟଠାରୁ ଜମ୍ବୁ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ହେଉଛି। ତେବେ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ଏହି ବନ୍ଧ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ନିକଟରୁ କେନାଲ ବ୍ରିଜ ପର୍ଯ୍ୟନ୍ତ ନଦୀ ସୁରକ୍ଷା କେନାଲ ବନ୍ଧ ଖୋଳି ମୁକୁଳା କରିଦେଇଛନ୍ତି। ବର୍ତ୍ତମାନ ନଦୀରେ ବନ୍ୟା ଆସୁଥିବାରୁ ମୁକୁଳା ବନ୍ଧକୁ ନେଇ ମାର୍ଶାଘାଇ ସମେତ ଆଖପାଖ ଅଞ୍ଚଳ ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଯାହାକୁ ନେଇ ଜିଲ୍ଲାପାଳ ଆୟାର ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ମାର୍ଶାଘାଇ ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ସମ୍ଭାବ୍ୟ ବନ୍ୟାସ୍ଥିତି ଉପରେ ଏକ ସମୀକ୍ଷା ବୈଠକ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସେଠୀ, ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା, ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରେୟାଂଶୁ କର, ସିଡିପିଓ ଶୈଳବାଳା ଚାଷୀ, ଜିପିଡିଓ ସୋନାଲି ବେଉରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ସମ୍ଭାବ୍ୟ ବନ୍ୟା ସ୍ଥିତିରେ ପ୍ରାଣୀ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ଟିକା ଓ ଔଷଧ ରଖିବାକୁ ପରାମର୍ଶ ଦେଇଥିଲେ। ବନ୍ୟା ପରେ କୃଷି ବିଭାଗ, ରାଜସ୍ୱ ବିଭାଗ ମିଳିତ ଭାବେ ସର୍ଭେ କରି ରିପୋର୍ଟ ପ୍ରସ୍ତୁତି କରିବା, ବିଶେଷ କରି ନଦୀବନ୍ଧ ବାଡ଼ ଉପରେ ତୀକ୍ଷ୍ଣ ନଜର ରଖିବା ପର୍ଯ୍ୟାପ୍ତ ପରିମାଣର ବାଲିବସ୍ତା ମହଜୁଦ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକ ପରେ ଜିଲ୍ଲାପାଳ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲ କାର୍ଯ୍ୟାଳୟ, ଜଳପୋକ, ଆଇତିପୁର ଓ ଡିହ ବଳରାମପୁର ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ, ୨୭।୭ (କଳ୍ପତରୁ ନାୟକ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ପୌରପରିଷଦ ୧୦ ନମ୍ବର ୱାର୍ଡ ୨୨୯ ନଂ. ବୁଥ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୪ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମନ୍ କି ବାତ୍ ସଂଯୋଜକ ତଥା ବରିଷ୍ଠ ଭାଜପା ନେତା ରବୀନ୍ଦ୍ର ବିଶ୍ୱାଳ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପରିଷଦ ସଦସ୍ୟ ସୁନାକର ବେହେରା ଯୋଗଦେଇ ମନ୍ କି ବାତ୍ ଶୁଣିଥିଲେ। ପ୍ରଧାନମନ୍ତ୍ରୀ ମୋଦି ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ସାରା ଦେଶର ନାଗରିକଙ୍କୁ ଦେଶର ବିଭିନ୍ନ ସମସ୍ୟା, ସମାଧାନ ଓ ଦେଶପ୍ରେମ ଜାଗ୍ରତ କରି ସୁଦୃଢ଼ ରାଷ୍ଟ୍ର ଗଠନ ପାଇଁ ବାର୍ତ୍ତା ଦେଇଥିବା ପ୍ରକାଶ କରିଥିଲେ। ଏଥିରେ ଭାଜପା ଯୁବନେତା ଭାରତ ଭୂଷଣ ଦାସ, ଆଇନଜୀବୀ ପ୍ରମୋଦ ସାହୁ, କାଉନସିଲର ବିଦ୍ୟାଧର ସେଠୀ, ପୂର୍ବତନ ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡା ଓ ଉପେନ୍ଦ୍ର ନାୟକ, ଜିଲ୍ଲା ଭାଜପା ସମ୍ପାଦକ ଚନ୍ଦନ ପାତ୍ର, ପୂର୍ବତନ କାଉସିଲର ପଦକ୍ଷରବିନ୍ଦ ସାହୁ, ମନୋଜ ନାୟକ, ସମୀର ପାତ୍ର, ସୁଧାଂଶୁ ଯେନା, ଭରତ ଭଦ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ସରସ୍ୱତୀ ସାହୁ ଓ ରିଲିୟା ମଲିକ, ସମ୍ପାଦକ ପୁଷ୍ପଲତା ମଲିକ, ବେବିନା ସାହୁ, ମମତା ସାହୁ, ବିଦୁଲତା ସାହୁ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ଶେଷରେ ଆଇନଜୀବୀ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଅଗଷ୍ଟ ୧୦ରେ ହେବ ରକ୍ତଦାନ ଶିବିର

## ପରମହଂସ ପ୍ରଜ୍ଞାନନ୍ଦଜୀ ଜୟନ୍ତୀ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ, ୨୭।୭ (କଳ୍ପତରୁ ନାୟକ)

ପରମହଂସ ପ୍ରଜ୍ଞାନନ୍ଦଜୀ ୬୬ତମ ଜୟନ୍ତୀ ଉପଲକ୍ଷେ ଅଗଷ୍ଟ ୧୦ରେ ରକ୍ତଦାନ ଶିବର ଆୟୋଜନକୁ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପଟ୍ଟାମୁଣ୍ଡାଇ ହରିହରାନନ୍ଦ ଧ୍ୟାନ ମନ୍ଦିର ବେଲତଳଠାରେ ଅନୁଷ୍ଠିତ ହୋଇଯାଇଛି। ବାବା ଦୁଷ୍ମନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ୱାମୀ ସୁଗିଦାନନ୍ଦ ଗିରି, ସ୍ୱାମୀ ବ୍ରଜେଶାନନ୍ଦ ଗିରି, ସ୍ୱାମୀ ଧ୍ୟାନ ନିସ୍ତାନନ୍ଦ ଗିରି, ବାବା ଗୋପୀନାଥ କର, ବାବା ବ୍ରଜ କିଶୋର ପଣ୍ଡା, ବାବା ଅଭିମନ୍ୟୁ ପଢିହାରୀ ସମେତ ବହୁ ଶିଷ୍ୟଗଣ ଉପସ୍ଥିତ ରହିଥିଲେ। ଅଗଷ୍ଟ ୧୦ତାରିଖ ସକାଳ ୯ଟାରୁ ଅପରାହ୍ନ ସାଢେ଼୨ଟା ପର୍ଯ୍ୟନ୍ତ ରକ୍ତଦାନ ଶିବିର କରାଯିବାକୁ ନିଷ୍ପତ୍ତି ନିଆଯାଇଛି।


ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ମାନବ ଅଧିକାର ଜିଲ୍ଲା କାର୍ଯ୍ୟନିର୍ବାହୀ ସଭାପତି ହେଲେ ଗୋପାଳ

ରାଜକନିକା,୨୭।୭(ରବୀନ୍ଦ୍ର କୁମାର ଦାସ)

କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର ଜିଲ୍ଲା କାର୍ଯ୍ୟନିର୍ବାହୀ ସଭାପତି ଭାବେ ଗୋପାଳ ପ୍ରସାଦ ଦାସଙ୍କୁ ଚୟନ କରାଯାଇଛି। ସୂଚନା ମୁତାବକ, ରାଜକନିକା ବ୍ଲକ ଅନ୍ତର୍ଗତ କାଳିକାପୁର ଗାଁର ଗୋପାଳଙ୍କୁ ଦିଲ୍ଲୀ ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର କାର୍ଯ୍ୟାଳୟ ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ସୂଚନା ମିଳିଛି। ତେବେ ସେ କେନ୍ଦ୍ରାପଡ଼ା ଜିଲ୍ଲାର ଅବହେଳିତ, ନିଷ୍ପେସିତ ଓ ନ୍ୟାୟ ନ ପାଉଥିବା ଲୋକଙ୍କ ପାଇଁ କାମ କରି ଲୋକମାନଙ୍କୁ ନ୍ୟାୟ ଦେବେ ବୋଲି କହିଛନ୍ତି। ତାଙ୍କର ଏହି ନିଯୁକ୍ତି ପରେ ଜିଲ୍ଲାରୁ ଶୁଭେଚ୍ଛାର ଶୁଅ ଛୁଟିଛି।

# ମେଡିକାଲ ଟେଣ୍ଡରରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡ଼ା, ୨୭।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ଅବହେଳା ପରେ ଏବେ ଟେଣ୍ଡର ପରିଚାଳନାରେ ଅନିୟମିତତା ହେଉଛି। ଏପରି ଅଭିଯୋଗ ଉତ୍କଳ ଏଣ୍ଟରପ୍ରାଇଜର୍ସର ମାଲିକ ଶେଖ୍ ମହମ୍ମଦ ନିୟାଜଉଦ୍ଦିନ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଅଭିଯୋଗପତ୍ର ଶୁକ୍ରବାର ଦେଇଛନ୍ତି। ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଆଶା ରଖିଛନ୍ତି। ସେ କହିଛନ୍ତି, ଗତ ଜୁନ ୧୨ ତାରିଖରେ ମେଡିକାଲର ଆଇଇସି (ସୂଚନା, ଶିକ୍ଷା ଓ ପ୍ରଚାର ପ୍ରସାର) ସମ୍ବନ୍ଧୀୟ ସାମଗ୍ରୀ ପାଇଁ ଟେଣ୍ଡର ବାହାରି ଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପୁରୀ ଓ ଯାଜପୁର ଜିଲ୍ଲାର ବ୍ୟବସାୟ ଅନୁଷ୍ଠାନ ଏହି ଟେଣ୍ଡରରେ ସାମିଲ ହୋଇଥିଲେ। ଜୁଲାଇ ୭ରେ ଏହି ଟେଣ୍ଡର ପତ୍ର ଖୋଲାଯାଇଥିଲେ ମଧ୍ୟ ଫିନାନ୍ସିଆଲ ବିଡ୍‌କୁ ଜାଣିଶୁଣି ଅଟକା ଯାଇଥିଲା। ସମସ୍ତ ଟେଣ୍ଡରପତ୍ର ଆବେଦନକାରୀଙ୍କ ସମ୍ମୁଖରେ ଏହା ଖୋଲାଯିବ ବୋଲି କହିଥିଲେ ମଧ୍ୟ କୌଣସି ସୂଚନା ଦିଆ ନ ଯାଇ ଗତ ୧୮ ତାରିଖରେ ପୁରୀ ଓ ଯାଜପୁରର ବ୍ୟବସାୟୀଙ୍କୁ ମଞ୍ଜୁରୀ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାକୁ ପ୍ରାଧାନ୍ୟ ଦିଆ ଯାଇ ନାହିଁ । ଟେଣ୍ଡର ମଞ୍ଜୁରୀରେ ବ୍ୟାପକ ଅନିୟମିତତା ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧୀକାରୀ ଡା. ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ସମ୍ପୃକ୍ତ ଟେଣ୍ଡର ପତ୍ର ଦାଖଲକାରୀ କେତେକ ଆବଶ୍ୟକ କାଗଜ ଦାଖଲ କରି ନ ଥିବା ପ୍ରାଥମିକ ସ୍ତରରେ ସୂଚନା ମିଳିଛି। ତେବେ ଏ ନେଇ ସେ ତଦନ୍ତ କରିବେ ବୋଲି କହିଛନ୍ତି।

# ବୀର ଯବାନଙ୍କ ବଳିଦାନ ଚିରସ୍ମରଣୀୟ

## ୨୬ ତମ କାର୍ଗିଲ ବିଜୟ ଦିବସ

ରାଜନଗର, ୨୭।୭ (ଭାସ୍କର ରାଉତରାୟ)

ରାଜନଗର ସୈନିକ ସଂଘ ପକ୍ଷରୁ ୨୬ତମ କାର୍ଗିଲ ବିଜୟ ଦିବସ ଶନିବାର ପାଳିତ ହୋଇଯାଇଛି। କେସି ମଣ୍ଡପ ପରିସରରେ ଆୟୋଜିତ ବିଜୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ପାଇଁ ଜୀବନକୁ ବାଜି ଲଗାଇ ପ୍ରାଣବଳୀ ଦେଇଥିବା ଆମ ବୀର ଯବାନଙ୍କ ବଳିଦାନ ଚିର ସ୍ମରଣୀୟ ହୋଇ ରହିବ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର ସ୍ୱାଧୀନତା ପୂର୍ବ ଓ ପର ସମୟର ଭାରତ ମୁକାବିଲା କରିବା ଯୁଦ୍ଧ ବିଭୀଷିକା ସମ୍ପର୍କରେ ଅଭିଭାଷଣ କଥା ମାଧ୍ୟମରେ ଜାତୀୟ ଚେତନାର ବାର୍ତ୍ତା କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ, ତହସିଲଦାର ଯୀଶୁକୃଷ୍ଣ ଦାସ, ଆଇଆଇସି ନରେଶ କୁମାର ସାହୁ କାର୍ଗିଲ୍ ବିଜୟ ଦିବସ ଉପରେ ଅଭିଭାଷଣ ରଖିଥିଲେ। ସୈନିକ ସଂଘର ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ପୌରୋହିତ କରିଥିଲେ। ଖବରଦାତା ଭାସ୍କର ରାଉତରାୟ ସଂଯୋଜନାରେ ଆୟୋଜିତ ବିଜୟ ଉତ୍ସବରେ ସଂଘର ମହାସଚିବ ଅଚ୍ୟୁତାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଭଗବତୀ ରାଉତ ବିଜୟ ଜେନା, ଅନୀଲ ବଳ, ଅଭିରାମ ସାହୁ, ଗାଳ୍ପିକ ପ୍ରଦୀପ ନାୟକ, କ୍ଷୀରୋଦ ମଲ୍ଲିକ, ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ମହାପାତ୍ର ରାଜନଗରରେ ଏକ ଶହୀଦ ସ୍ତମ୍ଭ ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟକ ସାହୁ ଏହାକୁ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ରାଜନଗର ବିଧାୟକ ସାହୁ ଅଂଚଳର ପରଲୋକ ଗମନ କରିଥିବା ସୈନିକମାନଙ୍କ ପତ୍ନୀ ବସନ୍ତଲତା ମହାପାତ୍ର, ଜେମାଲତା ଦେବୀ, ବିଦ୍ୟୁଲତା ବେହୁରା, ସୁଜାତା ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୈନିକ ମାନଗୋବିନ୍ଦ ସ୍ୱାଇଁ ମାନପତ୍ର ପାଠ କରିଥିବାବେଳେ କଳ୍ପତରୁ ପରିଡ଼ା ଧନ୍ୟବାଦ ଦେଇଥିଲେ। ସୈନିକ ସଂଘର ଅକ୍ଷୟ କୁମାର ନାୟକ, ରମାକାନ୍ତ ମହାନ୍ତି, ସୁବାସ ଚନ୍ଦ୍ର ସ୍ୱାଇଁ, ରଶ୍ମି ରଞ୍ଜନ ରାଉତ, ରବୀନ୍ଦ୍ର ନାଥ ଶର୍ମା, ତ୍ରିଲୋଚନ ପାଢ଼ୀ ,ରବୀନ୍ଦ୍ର ମହାରଣା, ସଚିତାନନ୍ଦ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ।



ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ଓ ଅନ୍ୟମାନେ।

# ୧୧ନଂ. ୱାର୍ଡରେ ସରକାରୀ ଜମି ଜବରଦଖଲ ଅଭିଯୋଗ

## ପଟ୍ଟାମୁଣ୍ଡାଇ ପୌର ପରିଷଦ

■ଜମି ଅଭାବରୁ ଆଗେଇ ପାରୁନି ସରକାରୀ ପ୍ରକଳ୍ପ
■ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ନିକଟରେ ଦାବି

ପଟ୍ଟାମୁଣ୍ଡାଇ, ୨୭।୭ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁ ସରକାରୀ ଜମି ଜବରଦଖଲରେ ରହିଛି। ଜମି ବ୍ୟବସାୟୀଙ୍କଠାରୁ ସାଧାରଣ ଲୋକେ ସରକାରୀ ଜମି ନେଇ ତା' ଉପରେ ଘର କରିବା ସହ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରୁଛନ୍ତି। ଏହି ତହସିଲ ଅନ୍ତର୍ଗତ ପୌରପରିଷଦ ୧୧ନଂ. ୱାର୍ଡ ସଂଖ୍ୟାଲଘୁ ବସ୍ତିର ଅନେକ ସରକାରୀ ଜମି ମଧ୍ୟ ଜବରଦଖଲ ହୋଇଛି। ଏଠାରେ ସରକାରଙ୍କ ପକ୍ଷରୁ ଉନ୍ନୟନମୂଳକ ପ୍ରକଳ୍ପ କରିବାରେ ବାଧା ସୃଷ୍ଟି ହେଉଥିବାବେଳେ ଜବରଦଖଲ ଯୋଗୁ ସରକାରୀ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସରକାରୀ ପ୍ରକଳ୍ପ କାମ ଆରମ୍ଭ ନ ହେଲେ ଅନୁଦାନ ଫେରିଯିବାର ଆଶଙ୍କା ଦେଖାଦେଇଛି। ଯାହାକୁ ନେଇ ବସ୍ତିବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଓ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇବା ସହ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିମନ୍ତେ ପଟ୍ଟାମୁଣ୍ଡାଇ ପୌରପରିଷଦର ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ନିରପେକ୍ଷ ତଦନ୍ତ କରି ଜବରଦଖଲ ଜମି ଉଚ୍ଛେଦ ପାଇଁ ସେମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ପଟ୍ଟାମୁଣ୍ଡାଇ ସହର ମଧ୍ୟସ୍ଥଳ ପୌରପରିଷଦର ୧୧ନଂ. ୱାର୍ଡ ସଂଖ୍ୟାଲଘୁ ବସ୍ତି ରହିଥିବାବେଳେ ଏଠାରେ ମୁସଲମାନ ସଂଖ୍ୟା ଢେର ଅଧିକ। ଏହି ବସ୍ତି ମଧ୍ୟରେ ଥିବା ପଡ଼ିଆରେ ବିଭିନ୍ନ ଜାତୀୟ ଉତ୍ସବ, ଇସଲାମ ଧର୍ମର ବିଭିନ୍ନ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଖୁବ୍‌କମ ଜାଗା ଉପରେ ଏହି ବସ୍ତି ଗଢ଼ି ଉଠିଥିବାରୁ କମ୍ ଜାଗାରେ ବହୁ ପରିବାର ଘର କରି ରହୁଛନ୍ତି। ଜାଗା ଅଭାବରୁ ବସ୍ତିର ରାସ୍ତାଗୁଡିକ ଅଣଓସାରିଆ ହୋଇରହିଛି। ଫଳରେ ଯାତାୟାତ କ୍ଷେତ୍ରରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଜଳ ନିଷ୍କାସନ ପାଇଁ ଥିବା ଡ୍ରେନଗୁଡ଼ିକ ଆବର୍ଜନାରେ ପୋତି ହୋଇଯାଇଛି। ଫଳରେ ଜଳ ନିଷ୍କାସିତ ହୋଇ ନ ପାରି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଏକମାତ୍ର ସଂଖ୍ୟାଲଘୁ ବସ୍ତି ରହିଥିବାରୁ ଏହାର ବିକାଶ ପାଇଁ ସରକାର ଓ ପୌର ପରିଷଦ ଅନେକ ଯୋଜନା ହାତକୁ ନେଇଛନ୍ତି। ବସ୍ତିରେ ଜାଗା ସମସ୍ୟା ବିଭିନ୍ନ ଯୋଜନା ଓ ସରକାରୀ ପ୍ରକଳ୍ପ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଛି। ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଗଲାବେଳେ ସରକାର ଓ ପ୍ରଶାସନ ହରଡ଼ଘଣାରେ ପଡ଼ୁଛନ୍ତି। ଜବରଦଖଲ ଯୋଗୁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସରକାରୀ ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ନ ହେଲେ ସରକାରୀ ଅନୁଦାନ ଫେରିଯିବାର ଆଶଙ୍କା ଦେଖାଦେଇଛି। ବସ୍ତିରେ ପ୍ରକଳ୍ପ ପାଇଁ ମଞ୍ଜୁର ଅନୁଦାନ ଫେରିଯିବା ଖବର ମିଳିବା ପରେ ସଂଖ୍ୟାଲଘୁ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଓ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଏହି ବସ୍ତିରେ ସରକାରୀ ପ୍ରକଳ୍ପଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନିମନ୍ତେ ବସ୍ତିବାସିନ୍ଦାମାନେ ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ବସ୍ତିବାସିନ୍ଦାଙ୍କ ସ୍ମାରକପତ୍ର ଆଧାର କରି ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ମୁସଲମାନବସ୍ତି ମଧ୍ୟରୁ ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପୌର ପରିଷଦ ୨୭।୯।୨୦୨୪ରେ ଚିଠି ନଂ. ୩୦୭୪ରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। ରାଜ୍ୟ ସରକାର ତଥା ନୂତନ ଜିଲ୍ଲାପାଳ ପଟ୍ଟାମୁଣ୍ଡାଇ ମୁସଲମାନ ବସ୍ତିରେ ସରକାରୀ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଜବରଦଖଲ ହୋଇଥିବା ସରକାରୀ ଜମି ଉଚ୍ଛେଦ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ବସ୍ତିବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହୋଇଛି। ଏ ସଂକ୍ରାନ୍ତରେ ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶଙ୍କୁ ପଚାରିବାରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଟାକେରା ଘାଟି ଦୁର୍ଘଟଣା, ୩ ମୃତକଙ୍କ ପରିଚୟ ମିଳିଲା

ନୟାଗଡ଼/ଦଶପଲ୍ଲା,୨୭।୭ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଟାକେରା ଘାଟିରେ ଶନିବାର ସନ୍ଧ୍ୟାରେ ଘଟିଥିଲା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ୨ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଗୁରୁତର ହୋଇଥିଲେ। ତେବେ ମୃତକଙ୍କ ପରିଚୟ ରବିବାର ଜଣାପଡ଼ିଛି। ମୃତକମାନେ ହେଲେ ଛତିଶଗଡ଼ ଇନ୍ଦ୍ରପ୍ରସ୍ତର ଦୀପକ ଚୌହାନ(୨୫), ଆନ୍ଧ୍ରପ୍ରଦେଶର ଜି. ଆପଲ ନାଇଡୁ, ଦଶପଲ୍ଲା ଦୁର୍ଗାବଜାରର ଅଜୟ ମେହେର(୩୧)। ସେହିପରି ଦୁଇ ଆହତ ହେଲେ ଛତିଶଗଡ଼ର ପଙ୍ଖରା ଜୀଉସ (୩୫)ଓ ବିଶାଖାପାଟଣାର କୋୟା ମୋହନ(୩୫)। ଉଭୟଙ୍କୁ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷେ ୩ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ୨୭ ଆମ୍ବ,ପଣସ ଚାରା ରୋପଣ

ନୟାଗଡ,୨୭।୭ (ଲୋକନାଥ ମିଶ୍ର)

ଶରଣକୁଳ ନିକଟସ୍ଥ ହରିହରପୁର ପଞ୍ଚାୟତ ପଥରଗଡର ଭଣ୍ଡାର ପାହାଡ ପାଦଦେଶରେ ୨୭ଟି ଆମ୍ବ ଓ ପଣସ ଚାରା ରୋପଣ କରାଯାଇଛି । ରାସ୍ତା କଡରେ ସଂପୃକ୍ତ ଦୁଇଟି ଗଛ ଲଗାଯାଇଛି। ଲୋକ ସ୍ୱର ସଙ୍ଗଠନର ଉପସଭାପତି ସଂସାରୀ ସାହୁ, କୃଷ୍ଣଚନ୍ଦ୍ର ପାଲାର, କୃଷକ ନେତା ଭାଗବତ ପରିଡା, ସମରେନ୍ଦ୍ର ସ୍ୱାଇଁ, ଦିଲୀପ ପ୍ରଧାନ, ସାମାଜିକ କର୍ମୀ ସଲିଳ ବାଳା ପ୍ରଧାନ, ମହିଳା ନେତ୍ରୀ ପ୍ରମିଳା ପ୍ରଧାନ, ବାସନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଚାରା ରୋପଣ କରିଥିଲେ । ଗଛ ଗୁଡିକ କିପରି ଛୋଟରୁ ବଡ ହେବ ତାର ରକ୍ଷଣାବେକ୍ଷଣ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ଜଳସେଚନ ବିଭାଗ କାର୍ଯ୍ୟାଳୟ ଖୋଲିଲା ନାହିଁ

ଖଣ୍ଡପଡା,୨୭।୭ (ଅଜୟ କୁମାର ମହାରଣା)

ବ୍ଲକ ମୁଖ୍ୟାଳୟ ତଥା ଖଣ୍ଡପଡା ସହରରେ ସମସ୍ତ ବିଭାଗର କାର୍ଯ୍ୟାଳୟ ଥିଲେ ମଧ୍ୟ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନାହିଁ। କଣ୍ଟିଲୋଠାରେ ୬୦ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ରହିଥିବା ଜଳ ସମ୍ପଦ ବିଭାଗର କାର୍ଯ୍ୟାଳୟ ଅଧୀନରେ ମହାନଦୀ ଓ ଏହାର ଶାଖା କୁସୁମୀ, କୁଆଁରିଆ, କମେଇ, ଡ଼ାହୁକା ନଦୀର ପ୍ରାୟ ୩୮ କି.ମି. ଦୈର୍ଘ୍ୟ ମାଳବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଥିଲା। ମାଳବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱରେ କଣ୍ଟିଲୋରେ ଅବସ୍ଥାପିତ ଜଣେ କନିଷ୍ଠ ଯନ୍ତ୍ରୀ ପରିଚାଳନା କରିବାରେ ସମସ୍ୟା ସୃଷ୍ଟି ହେବାରୁ ୧୯୮୨ ମହାନଦୀର ପ୍ରଳୟଙ୍କରୀ ବନ୍ୟା ପରେ କାର୍ଯ୍ୟ ଭାର ଲାଘବ କରିବା ପାଇଁ ଖଣ୍ଡପଡାରେ ଅନ୍ୟ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହାର କାର୍ଯ୍ୟାଳୟ ଖଣ୍ଡପଡ଼ାରେ ଏକ ଭଡାଘରେ ଚାଲିଥିଲା।

କଣ୍ଟିଲୋ ସେକ୍ସନ ଅଧୀନରେ ମହାନଦୀର ଦକ୍ଷିଣପାର୍ଶ୍ୱ ମାଳବନ୍ଧ ସହ କମେଇ ଶାଖା ନଦୀର ମାଳବନ୍ଧ ସମୁଦାୟ ପ୍ରାୟ ୨୧ କି.ମି. ଦୀର୍ଘ ମାଳବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଖଣ୍ଡପଡ଼ାରେ ଅବସ୍ଥାପିତ ଖଣ୍ଡପଡ଼ା ଜଳ ସମ୍ପଦ ସେକ୍ସନ ଅଫିସ ଅଧୀନରେ କୁଆଁରିଆ, କୁସୁମୀ ଆଦି ପ୍ରାୟ ୧୮ କି.ମି ଦୀର୍ଘ ମାଳବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ ଦୀର୍ଘ ବର୍ଷ ହେଲା ଖଣ୍ଡପଡାରେ ଭଡା ଘରେ ଚାଲିଥିବା କାର୍ଯ୍ୟାଳୟଟିକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବନ୍ଦ କରିଦିଆଯାଇଛି। ବିଶେଷ କରି କଣ୍ଟିଲୋରେ ରହିଥିବା କାର୍ଯ୍ୟାଳୟଟିକୁ ସମ୍ପ୍ରସାରଣ କରାଯାଇ ସେଠାରେ ଜଣେ ସହକାରୀ ଯନ୍ତ୍ରୀଙ୍କୁ ଅବସ୍ଥାପିତ କରାଯାଇଛି।

ଖଣ୍ଡପଡା ପାଇଁ ନିଯୁକ୍ତି ପାଇଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ କଣ୍ଟିଲୋ କାର୍ଯ୍ୟାଳୟରେ ତାଙ୍କ ଅଫିସ କାର୍ଯ୍ୟ ସଂପାଦନ କରୁଥିଲେ। ବିଭାଗୀୟ କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟଟିଏ ଖଣ୍ଡପଡାରେ ନ ଥିବାରୁ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଅଧିକାଂଶ ସମୟ କଣ୍ଟିଲୋସ୍ଥିତ କାର୍ଯ୍ୟାଳୟ ଓ ନୟାଗଡସ୍ଥିତ ଜଳ ସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବସି ଫାଇଲ କାମ କରୁଛନ୍ତି। ଦୀର୍ଘ ବର୍ଷ ଧରି ଏପରି ସ୍ଥିତିରେ କନିଷ୍ଠଯନ୍ତ୍ରୀ କାର୍ଯ୍ୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ସଚିବ, ବିଭାଗୀୟ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଶୈବପୀଠକୁ ନାହିଁ ରାସ୍ତା



ଶୈବପୀଠକୁ ପଡ଼ିଥିବା ମାଟିରାସ୍ତା।

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ଯୋଗିଆପଲ୍ଲୀ ପଞ୍ଚାୟତ ଅଧୀନ ଲକ୍ଷ୍ମୀପ୍ରସାଦ ମୌଜାରେ ଅବସ୍ଥିତ ପ୍ରାଚୀନ ଶୈବପୀଠ ପ୍ରଭୁ ଶ୍ରୀ ନୀଳକଣ୍ଠେଶର ଦେବଙ୍କ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି। ମାତ୍ର ଏଥିପ୍ରତି ପ୍ରଶାସନିକ ଅଧିକାରୀ ନତୁବା ପଞ୍ଚାୟତ ଲୋକପ୍ରତିନିଧିମାନେ କେହି ହେଲେ ଧ୍ୟାନ ଦେଉ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଉକ୍ତ ଶୈବପୀଠକୁ ସଂଯୋଗ କରୁଥିବା ମାଟି ରାସ୍ତା ଦେଇ ଶ୍ରଦ୍ଧାଳୁ ଭକ୍ତମାନେ ବର୍ଷ ତମାମ ମନ୍ଦିରକୁ ଯାତାୟାତ କରୁଛନ୍ତି। ଏବେ ବର୍ଷାଦିନ ହୋଇଥିବାରୁ ଉକ୍ତ ରାସ୍ତା ସାରା କାଦୁଅରେ ପୋତି ହୋଇ ପଡିଛି। ଫଳରେ ଶ୍ରଦ୍ଧାଳୁ ଭକ୍ତମାନେ କାଦୁଅ ପଙ୍କ ରାସ୍ତା ଦେଇ ଶୈବ ପୀଠକୁ ଯାତାୟାତ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ ରାଜୁଡା ଅମଳରୁ ସ୍ଥାପିତ ଏହି ପୁରାତନ ଶୈବପୀଠର ଉନ୍ନତିକରଣ ପ୍ରତି ବ୍ଲକ୍ ପ୍ରଶାସନ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେହିପରି ଶୈବପୀଠକୁ ସଂଯୋଗ କରୁଥିବା ମାଟି ରାସ୍ତାର ସିମେଣ୍ଟ କଂକ୍ରିଟକରଣ ନିମନ୍ତେ ଯୋଗିଆପଲ୍ଲୀ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ମୋରମ ଚାଲାଣ ପ୍ରତି ପ୍ରଶାସନର ଅଙ୍କୁଶ ନାହିଁ



ମୋରମ ଚାଲାଣ ପାଇଁ ବ୍ୟବହୃତ ହେଉଥିବା ରାସ୍ତା।

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତର ବରକୋଳି ମୌଜାରେ ଥିବା ସଂରକ୍ଷିତ ଜଙ୍ଗଲ ଜମିରୁ ବହୁ ବର୍ଷ ଧରି ଅବାଧରେ ମୋରମ ଚାଲାଣ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଚୋରାରେ ମୋରମ ଚାଲାଣ ଯୋଗୁ ଜଙ୍ଗଲ ସମ୍ପଦ ଓ ମୃର୍ତ୍ତିକା କ୍ଷୟ ହେବା ସହ ଏକଦା ବନୀକରଣ ଯୋଜନାରେ ବନ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ରୋପଣ କରାଯାଇଥିବା ବୃକ୍ଷରାଜି ନଷ୍ଟ ହେବାରେ ଲାଗିଛି। ପ୍ରଶାସନିକ ସ୍ଥାଣୁତାର ସୁଯୋଗ ନେଇ ଅବାଧରେ ଉକ୍ତ ସ୍ଥାନରୁ ଚୋରାରେ ମୋରମ ଚାଲାଣ କରି କେତେଜଣ ମୋଟା ଅଙ୍କର ଟଙ୍କା ଆୟ କରୁଥିବା ବେଳେ ରାଜ୍ୟ ସରକାର ଏ ବାବଦରେ ବିପୁଳ ପରିମାଣର ରାଜସ୍ୱ ହରାଉଥିବା ଅଭିଯୋଗ ହେଉଛି।

ପ୍ରକାଶଥାଉକି ରାଜ୍ୟ ସରକାର ବନୀକରଣ ଯୋଜନାରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ତହସିଲ ପ୍ରଶାସନର ଅଣଦେଖା ଯୋଗୁ ମାଫିଆମାନେ ବେଶ ସକ୍ରିୟ ହୋଇ ଉଠିଥିବା ଅଭିଯୋଗ ହେଉଛି। ଏଥି ପ୍ରତି ଖଣ୍ଡପଡ଼ା ତହସିଲଦାର ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଓଡ଼ଗାଁ ଘରୋଇ ବସ୍ ମାଲିକ ସଂଘର ବନ୍ଧୁ ମିଳନ

ଓଡ଼ଗାଁ,୨୭।୭ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଘରୋଇ ବସ ମାଲିକ ସଂଘର ବନ୍ଧୁ ମିଳନ ଉତ୍ସବ ସ୍ଥାନୀୟ ହ୍ୱାଇଟ ହାଉସ କଲ୍ୟାଣୀ ମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ସଂଘର ସଭାପତି ଶ୍ରୀଧର ପ୍ରଧାନ ଏବଂ ସମ୍ପାଦକ ମୁନା ବାବୁଙ୍କ ଉଦ୍ୟମରେ ଅନୁଷ୍ଠିତ ମିଳନ ମହୋତ୍ସବରେ ନୟାଗଡ଼ ଜିଲା ଘରୋଇ ବସ ମାଲିକ ସଂଘର ସଭାପତି ମନୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିବର୍ଷ ଜିଲା ସଂଘ ତରଫରୁ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଖଣ୍ଡପଡ଼ା, ରଣପୁର, ଦଶପଲ୍ଲା,ପୁରୀ, ଭୁବନେଶ୍ୱର,ବୌଦ୍ଧ,ଗଞ୍ଜାମ ଜିଲାରୁ ବୁଗୁଡ଼ା,ହିଞ୍ଜିଳିକାଟୁ,ଆସ୍କା ବ୍ରହ୍ମପୁର, ଭଞ୍ଜନଗର ସଂଘ ସମୂହର ଶତାଧିକ ପ୍ରମୁଖ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଓଡ଼ଗାଁ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବେଠିଆ ସାହିରେ ସେବା ଉତ୍ସବ



ସ୍ୱାସ୍ଥ୍ୟ ସେବା ଶିବିରରେ ରୋଗୀମାନଙ୍କ ଚିକିତ୍ସା ଚାଲିଛି।

ଗଣିଆ,୨୭।୭ (ସନ୍ତୋଷ କୁମାର ପ୍ରଧାନ)

### ସ୍ୱାସ୍ଥ୍ୟ ସଚେତନତା ଶିବିର

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ନବମ ବାର୍ଷିକ ସେବା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସେବା ଉତ୍ସବ ସମିତି ନୟାଗଡ଼ ଓ ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ମିଳିତ ଉଦ୍ୟମରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଚଷମା ବଣ୍ଟନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ପ୍ରାୟ ୨୫୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଓ ପ୍ରାୟ ୨୦ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷେ ସେବା ସମିତି ସଦସ୍ୟଙ୍କ ଦ୍ୱାରା ମନୁଷ୍ୟ ଓ ବନ୍ୟଜନ୍ତୁ ମଧ୍ୟରେ ବିବାଦ ପ୍ରତିବିଧାନ ସମ୍ପର୍କରେ ସଚେତନ ସଭା ଓ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା । ଦୂର୍ଗମ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଗରିବ ଲୋକଙ୍କୁ ସାସ୍ଥ୍ୟ ସେବା ଯୋଗାଇ ଦେବା ସେବା ସମିତିର ମୂଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ଶିବରାମ ମହାପାତ୍ର କହିଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ.ଅରବିନ୍ଦ ଦାସ ଏବଂ ଡ.ବାଳକୃଷ୍ଣ ମହାରଣା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ବଂଶୀଧର ସାହୁ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଖବରଦାତା କମଳ ଲୋଚନ ଦଳେଇ, ସମୀର ବେହେରା, ବିଜୟାନନ୍ଦ ତରେଇ, ସନ୍ତୋଷ କୁମାର ପ୍ରଧାନ, ପ୍ରତାପ କୁମାର ରାଉତ, ଓ ବିଶ୍ୱରଞ୍ଜନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ସନୟା



ସନୟାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ରଣପୁର,୨୭।୭(ସୁକାନ୍ତ କିଶୋର ଡାକୁଆ)

ଓଡିଶା ସାହିତ୍ୟ ଏକାଡେମୀର ୬୮ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ କନିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ନୟାଗଡ଼ ଜିଲା ରଣପୁର ଅଞ୍ଚଳର ଛାତ୍ରୀ ସନୟା ସୁପ୍ରିୟା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସନୟା ସୁପ୍ରିୟା ରଣପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ। ଏହି ସ୍ୱନକ୍ଷତ୍ର ଦିବସ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଥିଲା। ଏଥିରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ସନୟାଙ୍କୁ ଟ୍ରଫି ଓ ମାନପତ୍ର ସହ ନଗଦ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ସନୟାଙ୍କ ମାଆ ସନ୍ଧ୍ୟାରାଣୀ ଜଣେ ଶିକ୍ଷୟିତ୍ରୀ ଓ ବାପା ରବୀନ୍ଦ୍ର ସେଠୀ ଜଣେ ପାଥୋଲୋଜିଷ୍ଟ।

# ଅଭିଯୋଗ ସତ୍ତ୍ୱେ ଅଚଳ ନଳକୂପ ମରାମତି ହେଲାନି

ଖଣ୍ଡପଡ଼ା,୨୭।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତି ଢୋଲମରା ଗ୍ରାମର ବଡ଼ସାହିସ୍ଥିତ ଭାଗବତ ଗୃହ ପଛ ପାର୍ଶ୍ୱରେ ଅବସ୍ଥିତ ନଳକୂପଟି ଆଜକୁ କିଛି ଦିନ ହେଲା ଅଚଳ ଅବସ୍ଥାରେ ପଡ଼ିରହିଛି । ଉକ୍ତ ନଳକୂପର ପାଣି ଉପରେ ଗ୍ରାମର ୭ ଓ ୮ ନମ୍ବର ୱାର୍ଡର ୫୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୨ଶହରୁ ଅଧିକ ଲୋକ ନିର୍ଭର କରି ଚଳନ୍ତି । ମାତ୍ର ନଳକୂପଟି ଅଚଳ ଅବସ୍ଥାରେ ପଡି ରହି ଥିବାରୁ ପାନୀୟଜଳ ସଂଗ୍ରହ ନିମନ୍ତେ ଗ୍ରାମର ମହିଳାମାନେ ସାମ୍ପ୍ରତିକ ପରିସ୍ଥିତିରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ଅଚଳ ନଳକୂପଟିର ମରାମତି ନିମନ୍ତେ ଗ୍ରାମବାସୀ ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳଘର ଶୂନ ବୋଲି ଜଣାପଡିଛି। ପ୍ରଶାସନର ଅବହେଳା ଯୋଗୁ ସ୍ଥାନୀୟ ବାସିନ୍ଦା ପାନୀୟଜଳ ମୁନ୍ଦାଏ ସଂଗ୍ରହ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଜଟିଆପଲି ମୁଣ୍ଡିଆ ତଳେ ଚାରା ରୋପଣ

ଦଶପଲ୍ଲା,୨୭।୭(ପ୍ରକାଶ କୁମାର ପାଣି)

ଜଙ୍ଗଲ ସୁରକ୍ଷା ସହିତ ଚାରା ରୋପଣ ପ୍ରତି ସଚେତନତା ସୃଷ୍ଟି ପାଇଁ ଶନିବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତ ଜଟିଆପଲି ମୁଣ୍ଡିଆ ତଳେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଶିକ୍ଷକ ତଥା ପରିବେଶ ପ୍ରେମୀ ଅଜୟ ବେହେରା ଓ ଅଧିକାର ମିତ୍ର ପ୍ରଦୀପ ସାହୁଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ଯୁବକମାନେ ପ୍ରାୟ ୩୫୦ ବର, ଅଶ୍ୱସ୍ତ ଓ ଜାମୁ ଚାରା ରୋପଣ କରିଥିଲେ । ପ୍ରତିଟି ଚାରାକୁ ବଞ୍ଚାଇବା ଓ ବଢ଼ାଇବା ଦାୟିତ୍ୱ ମଧ୍ୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏଥିସହିତ ପରିବେଶ ସୁରକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଯୁବକମାନଙ୍କ ଭୂମିକା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଦଶପଲ୍ଲା ପ୍ରକଳ୍ପ ଅଧିକାର ପ୍ରଭାତ କୁମାର ସାହୁ ସହଯୋଗ କରିଥିଲେ।

# ସିଭିଲ ସୋସାଇଟି ପକ୍ଷରୁ କାର୍‌ଗିଲ ଦିବସ ପାଳିତ

ନୟାଗଡ଼,୨୭।୭(ଲୋକନାଥ ମିଶ୍ର)

ନୟାଗଡ଼ ସିଭିଲ ସୋସାଇଟି ତରଫରୁ କାର୍‌ଗିଲ୍ ଦିବସ ଶନିବାର ଏକ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ସୋସାଇଟିର ଅଧ୍ୟକ୍ଷ ଭଗବତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୋସାଇଟିର ଚେୟାରମ୍ୟାନ ଗୋଦାବରୀଶ ସାହୁ ଯୋଗ ଦେଇ କାର୍‌ଗିଲ୍ ଦିବସରେ ଶହୀଦ ହୋଇଥିବା ଯବାନମାନଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରା ଯୋଗଦାନ କରି କହିଲେ, ୧୯୯୯ ମହାବାତ୍ୟା ସାଙ୍ଗକୁ କାର୍‌ଗିଲ୍ ଯୁଦ୍ଧ ଅବିସ୍ମରଣୀୟ ହୋଇ ରହିଛି । ଅନ୍ୟତମ ଅତିଥି ଭାବେ ସିଭିଲ ସୋସାଇଟିର ଉପସଭାପତି ଶ୍ରୀକାନ୍ତ ଖଟେଇ ଯୋଗଦେଇ କାର୍‌ଗିଲ୍ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିଭଳି ଶହୀଦମାନଙ୍କ ଉପଲକ୍ଷେ ସିଭିଲ ସୋସାଇଟିର ବିଶିଷ୍ଟ ସେନାନୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ କୁମାର ସାହୁ, ସୁବାସ ଚନ୍ଦ୍ର ତ୍ରିପାଠୀ, ଜଗନ୍ନାଥ ପ୍ରଧାନ, ଅନାଦି ଚରଣ ମହାନ୍ତି, ବସନ୍ତ କୁମାର ପଣ୍ଡା, ରବି ନାରାୟଣ ମିଶ୍ର, ପ୍ରକାଶ ଚନ୍ଦ୍ର ସାହୁ, ହାଡୁବନ୍ଧୁ ମହାପାତ୍ର, ପ୍ରମୋଦ କୁମାର ମହାପାତ୍ରଙ୍କ ସମେତ ମୁଖ୍ୟ ଅତିଥ ନୟାଗଡ଼ ଏସ୍‌ଡିପିଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସିଭିଲ ସୋସାଇଟିର ସମ୍ପାଦକ ବିବରଣୀ ପାଠ କରିଥିଲେ।



କାର୍‌ଗିଲ ଦିବସ ସଭାରେ ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

# ନୀରବି ଯାଇଛି ଗୋବର୍ଦ୍ଧନଙ୍କ ମୃଦଙ୍ଗର ସ୍ୱର

### ବାୟକ ସମ୍ରାଟଙ୍କ ସ୍ମୃତିଚାରଣ ସଭା

ନୟାଗଡ଼,୨୭।୭ (ଲୋକାନାଥ ମିଶ୍ର)




ସ୍ମୃତିସଭାରେ ଯୋଗଦେଇଥିବା ଅତିଥି ବୃନ୍ଦ।

ବାୟକ ସମ୍ରାଟ ଗୋବର୍ଦ୍ଧନ ବେହେରାଙ୍କ ମୃଦଙ୍ଗର ସ୍ୱର ନୀରବି ଯାଇଛି। ସନ୍ଧ୍ୟାରେ ଆଉ ଶୁଭୁନି ମୃଦଙ୍ଗର ନାଦ। ସନ୍ଧ୍ୟା ହେଲେ ବାୟକ ସମ୍ରାଟ ଗୋବର୍ଦ୍ଧନ ବେହେରା ମୃଦଙ୍ଗଟିଏ ଧରି ନିଜ ବାସଭବନ ସମ୍ମୁଖରେ ବସିଯାନ୍ତି। ଶିଷ୍ୟମାନେ ଗୁରୁଙ୍କ ତାଳେ ତାଳେ ମୃଦଙ୍ଗ ବଜାଇଥାନ୍ତି। ତେବେ ଗୋବର୍ଦ୍ଧନ ବେହେରାଙ୍କ ପରଲୋକ ପରେ ନୟାଗଡ଼ ବ୍ଲକର ସାଲୁଣୀ ବାସିନ୍ଦା ବି ଝୁରି ହେଉଛନ୍ତି। ଏହି ଅବସରରେ ବାୟକ ସମ୍ରାଟ ଗୋବର୍ଦ୍ଧନ ବେହେରାଙ୍କ ଦ୍ୱାଦଶରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପାଲାଗାୟକ ପରିଷଦର ସଂଗଠନ ସମ୍ପାଦକ ତଥା ଅଖଣ୍ଡ ପୁରୀଜିଲାର ଉପସଭାପତି ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ସଭାପତି ଗାୟକ ସିଦ୍ଧାନ୍ତଦର୍ଶୀ ମଦନମୋହନ ଜେନା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବେଦପାଠ କରିଥିଲେ ଗାୟକ ବେଦ ସୌରଭ ପଣ୍ଡିତ ନାରାୟଣ ଶୁକ୍ଳ। ଏଥିରେ ରାଜ୍ୟ ପାଲାକାର କଲ୍ୟାଣପାଣ୍ଠିର ଅଧ୍ୟକ୍ଷ ଗାୟକ ସୁଧାକର ଯୁଧିଷ୍ଠିର ପରିଜା ବିଶିଷ୍ଟ ଅତିଥି ଭାବେ, ଗାୟକ ବେଦ ବିଶାରଦ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ଗାୟକ ଜ୍ଞାନବାରିଧି ପଣ୍ଡିତ ଭାସ୍କର ଚନ୍ଦ୍ର ସାହୁ ସମ୍ମାନିତ ବକ୍ତା ଓ ରାଜ୍ୟ କଳା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ପଣ୍ଡିତ ପ୍ରିୟପ୍ରସାଦ ମିଶ୍ର ଏବଂ ବରୁଣେଇ ମଣ୍ଡଳର ସମ୍ପାଦକ ଡ. ମିହିର କୁମାର ଆଚାର୍ଯ୍ୟ ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦାନ କରିଥିଲେ। ଅବିଭକ୍ତ ପୁରୀଜିଲାର ସମସ୍ତ ମଣ୍ଡଳ ଏବଂ ଅନ୍ୟ ଜିଲାରୁ ପାଲା ଏବଂ ସଂକୀର୍ତ୍ତନ ଦଳର ଗାୟକ, ବାୟକ ଓ ପାଳିଆ ଆଦି ୫ଶହରୁ ଊର୍ଦ୍ଧ୍ୱ କଳାକାର ଭାଗ ନେଇଥିଲେ।

ସଭା ମଝିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇ ବାୟକ ସମ୍ରାଟ ଗୋବର୍ଦ୍ଧନଙ୍କ ଜନ୍ମ, ମୃତ୍ୟୁ, ସାର୍ଥକ ଜୀବନ ଓ ଗୁରୁବାଦ ଉପରେ ବକ୍ତବ୍ୟ ରଖିଥିଲେ। ସନ୍ଥ ଲଡୁକିଶୋର ଶୁକ୍ଳ, ନୟାଗଡ଼ ମଣ୍ଡଳର ଉପସଭାପତି ଗାୟକ ପୀୟୂଷ ବିଶ୍ୱନାଥ ସ୍ୱାଇଁ, ବାୟକ ଗୁଣରତ୍ନ ଗୁରୁ ଧୀରେନ୍ଦ୍ର କୁମାର ଲେଙ୍କା, ବାୟକ ରତ୍ନ ଗୁରୁ ସୁବାସ ଚନ୍ଦ୍ର ଦାସ, ରାଜ୍ୟ ବାୟକ ପରିଷଦର ସଭାପତି ଗାୟକ ରମେଶ ଚନ୍ଦ୍ର ସାସମଲ, ସମ୍ପାଦକ ବାୟକ ପ୍ରମୋଦ କୁମାର ପାଲଟାସିଂହ, ବସନ୍ତ କୁମାର ଦାସ, ଦୀନବନ୍ଧୁ ପୃଷ୍ଟି, ଶିବକୁମାର ଦାସ, ସନାତନ ବାରିକ, କୈଳାସ ଚନ୍ଦ୍ର ରାଉତ ଓ ରବୀନ୍ଦ୍ର କୁମାର ମୁଦୁଲି, ବିଶିଷ୍ଟ ସଂକୀର୍ତ୍ତନ ଗାୟକ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବାବା ଭଗବାନ ଦାସଜୀ ମହାରାଜଙ୍କ ଉଦ୍‌ବୋଧନ ଦେଇଥିଲେ। ଗାୟକ ପ୍ରଦୀପ କୁମାର ଅତବୁଦ୍ଧି ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ଯାଜପୁର ଟାଉନ,୨୭ା୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଯାଜପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ସୁଆର ବନ୍ଧମୁଣ୍ଡା ଅଞ୍ଚଳର ବାବୁଲା ଦାସ(୪୦)। ଅଭିଯୁକ୍ତ ନାବାଳିକାଙ୍କୁ ଚକୋଲେଟ ଦେବାକୁ କହି ଅସଦାଚରଣ କରିଥିଲେ। ଏନେଇ ନାବାଳିକାଙ୍କ ମା' ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ତୃପ୍ତୀମୟୀ ରାଉତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତ ଜଣକ ନାବାଳିକାଙ୍କ ସମ୍ପର୍କୀୟ ମାମୁ ହେବେ ବୋଲି ଜଣାପଡ଼ିଛି।

### ଯାଜପୁରରେ ଜିଲାସ୍ତରୀୟ ଲୋକ ଅଦାଲତ

ଯାଜପୁର ଟାଉନ,୨୭ା୭(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ସ୍ୱତନ୍ତ୍ର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ଓ ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୩୬ ଚେକ୍ ବାଉନ୍ସ ସମ୍ବନ୍ଧୀୟ ମାମଲା ଫଇସଲା କରାଯାଇ ୧, ୮୭, ୧୧, ୪୪୭ ଟଙ୍କା ଆଦାୟ କରାଯାଇଛି। ଅତିରିକ୍ତ ଜିଲା ଓ ଦୌରାଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ଏସ୍‌ଡିଜେଏମ ସୁମିତ୍ରା ବିଶ୍ୱାଳ ଅଂଶଗ୍ରହଣ କରି ମାମଲାଗୁଡ଼ିକ ଫଇସଲା କରିଥିଲେ। ସେହିପରି ଯାଜପୁର ରୋଡ୍ ଏବଂ ଚଣ୍ଡିଖୋଲ କୋର୍ଟର ବିଚାରପତିମାନେ ମଧ୍ୟ ଅଂଶଗ୍ରହଣ କରି ମାମଲା ଫଇସଲାରେ ସହଯୋଗ କରିଥିଲେ। ଏହି ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଲିପା ମହାନ୍ତି ପରିଚାଳନା କରିଥିଲେ। ପ୍ରାଧିକରଣର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ନଦୀରେ ବୁଡ଼ି ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁ

ଧର୍ମଶାଳା,୨୭ା୭(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ଚହଟା ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ପାଣିରେ ବୁଡ଼ି ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ମହାନ୍ତ(୭୫)। ସେ ସକାଳ ୯ଟାରେ ସ୍ଥାନୀୟ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ଗୋଡ଼ ଖସିଯିବାରୁ ବନ୍ୟାସ୍ରୋତରେ ଭାସିଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୬/୨୫ ରୁଜୁ ହୋଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

# ୭ ପଞ୍ଚାୟତରେ ପଶିଲା ପାଣି



ଦଶରଥପୁର ବ୍ଲକର ଆଦର୍ଶ ବିଦ୍ୟାଳୟ ବନ୍ୟାପାଣି ଘେରରେ ରହିଛି।



ଦଶରଥପୁର ବ୍ଲକର ଏକ ଗାଁରେ ବନ୍ୟାପାଣି ପଶିରହିଛି।

- କୂଳ ଲଙ୍ଘିଲା ବୈତରଣୀ, କାଣୀ ନଦୀ
- ୨ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଧାନ ଜମିରେ ମାଡ଼ିଗଲା ବନ୍ୟାଜଳ

ଝୁମ୍ପୁରୀ,୨୭ା୭(ସରୋଜ ନାୟକ): ଉପରମୁଣ୍ଡରେ ପ୍ରବଳ ବର୍ଷା ଫଳରେ ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ଆସିଛି। ଦଶରଥପୁର ବ୍ଲକ୍‌ର ତଳିଆ ୭ ପଞ୍ଚାୟତରେ ପାଣି ପଶିଛି। ବନ୍ୟା ଆଶଙ୍କାରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ରବିବାର ସନ୍ଧ୍ୟାସୁଧା ଦଶରଥପୁରଠାରେ ବୈତରଣୀ ନଦୀର ବନ୍ୟାଜଳ ବିପଦ ସଂକେତ ୮ ଫୁଟ ଉଚ୍ଚରେ ପ୍ରବାହିତ ହେଉଥିବାରୁ ବ୍ଲକ୍‌ର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। କଟିକଟା ପଞ୍ଚାୟତର ମାଝିସାହି, ଦଶରଥପୁର ପଞ୍ଚାୟତର ଜୟନ୍ତରା ମହାପାତ୍ର ସାହି, କସପା ପଞ୍ଚାୟତର କମାଳପୁର ଗ୍ରାମର ୧୦୦ରୁ ଅଧିକ ପରିବାର ପାଣି ଘେରରେ ଅଛନ୍ତି। କାଣୀନଦୀରେ ପ୍ରବଳ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ କସପା, ମଲ୍ଲିକାପୁର ପଞ୍ଚାୟତର ବହୁ ଗ୍ରାମରେ ପାଣି ପଶିଛି।

ସେହିପରି ବୈତରଣୀର ମୁଖ୍ୟବନ୍ଧ ଅର୍ଦ୍ଧାଲୁଆ ଓ ଦେୱାନୀ ପାଟଣାଠାରେ ଘଳିଆ ପଡ଼ିଥିବାରୁ ଘାଇ ଆଶଙ୍କା ରହିଛି। କାଣୀନଦୀର କଣ୍ଟପଡ଼ାଠାରେ ପୂର୍ବରୁ ମୁକୁଳା ଥିବା ଘାଇରେ ବନ୍ୟାଜଳ ପ୍ରବାହିତ ହୋଇ ବ୍ଲକର ପ୍ରାୟ ୨ ହଜାରରୁ ଅଧିକ ହେକ୍ଟର ଚାଷ ଜମିରେ ପାଣି ମାଡ଼ିଯାଇଛି। ବନ୍ୟାଫଳରେ କସପା, ମଲ୍ଲିକାପୁର, ଦୁଦୁରାଅଣ୍ଟା, ଦଉପୁର, ଶୁଶୁଆ, ଖାନନଗର, କମାରଡ଼ିହ, କୟାଁ, କଟିକଟା, ଦଶରଥପୁର, ପ୍ରଭୃତି ପଞ୍ଚାୟତର ପ୍ରାୟ ୨୦ରୁ ଅଧିକ ଗ୍ରାମରେ ବନ୍ୟାଜଳ ପ୍ରବେଶ କରିଛି।

ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର ମଲ୍ଲିକାପୁର, କସପା, ଦଶରଥପୁର ପଞ୍ଚାୟତର ପାଣି ଘେରରେ ଥିବା ଲୋକଙ୍କ ସମସ୍ୟା ବୁଝିଛନ୍ତି। ବନ୍ୟା ଘେରରେ ଥିବାଲୋକଙ୍କୁ ତୁରନ୍ତ ରିଲିଫ୍ ଓ ପାଣି ଘେରରେ ଥିବା ଲୋକଙ୍କୁ ଡଙ୍ଗା ଯୋଗାଇ ଦେବାକୁ ସେମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ପାଣି ଘେରରେ ଥିବା ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସହ ପାଣିବୋତଲ ଓ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଡିଓ ଆକାଶ ପଟ୍ଟନାୟକ କହିଛନ୍ତି।

ଜିଲାପାଳ ଅମ୍ବର କୁମାର କର, ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନିଷ ଅଗ୍ରୱାଲ, ଏଡ୍‌ଏମ୍ ଯୁଧିଷ୍ଠିର ନାୟକ, ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ବିଡିଓ ଆକାଶ ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ପ୍ରମୁଖ ପାଣି ଘେରରେ ଥିବା କଟିକଟା ପଞ୍ଚାୟତର ମାଝି ସାହି, ଜୟନ୍ତରାର ମହାପାତ୍ର ସାହି ଲୋକଙ୍କ ଅବସ୍ଥା ନିରୀକ୍ଷଣ କରିଛନ୍ତି। ନିଜାମପୁର ପଞ୍ଚାୟତର ନୂଆପାଟଣାଠାରେ ଦବି ଥିବା ମୁଖ୍ୟ ବନ୍ଧକୁ ପରିଦର୍ଶନ କରିବା ସହିତ କୟାଁ ପଞ୍ଚାୟତର ବନ୍ୟା ପ୍ଲାବିତ ବିଭିନ୍ନ ଗ୍ରାମ ପରିଦର୍ଶନ କରି ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟାଞ୍ଚଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ମୃତକଙ୍କ ପରିବାରକୁ ସହାୟତା

ବରୀ,୨୭ା୭(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ ରମ୍ଭା ପଞ୍ଚାୟତ ପଘିଡ଼ା ଗ୍ରାମର କାହ୍ନା ମଲ୍ଲିକ ରଶି ଲଗାଇ ଆତ୍ମହତ୍ୟା କରିଥିବାରୁ ତାଙ୍କ ପରିବାରକୁ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ସହାୟତାର ହାତ ବଢ଼ାଇଛନ୍ତି। ବିଧାୟକ ମୃତକଙ୍କ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା କରିବା ସହ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ଘର ଏହି ପଞ୍ଚାୟତର ୨ନମ୍ବର ୱାର୍ଡରେ ହୋଇଥିବାବେଳେ ଏଠାରେ ଶତାଧିକ ଦଳିତ ପରିବାର ବସବାସ କରନ୍ତି। ରାଶନ ସାମଗ୍ରୀ ପାଇଁ ସେମାନଙ୍କୁ ୩ କିମି ଯିବାକୁ ପଡୁଛି। ସେହିପରି ବିଦ୍ୟୁତ୍ ଭୋଲ୍ଟେଜ କମ ରହୁଥିବାରୁ ଛାତ୍ରୀଛାତ୍ର ପାଠ ପଢିବାରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ବିଧାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ସ୍ଥାନୀୟ ନଦୀରେ ଏକ ସେତୁ ନିର୍ମାଣ କରାଗଲେ ରମ୍ଭା, ଉଦୟନାଥପୁର ଓ ଅରଙ୍ଗାବାଦ ପଞ୍ଚାୟତର ଲୋକେ ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ ବିଧାୟକଙ୍କୁ ଜଣାଇଛନ୍ତି। ବିଧାୟକ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ଗସ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଭକ୍ତ ବନ୍ଧୁ ନାୟକ ଓ ଭରତ ଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କାରଖାନା ବସ୍ ଧକ୍କାରେ ଜଣେ ମୃତ



ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ସ୍ଥାନୀୟ ଲୋକଙ୍କ ସହ ରାସ୍ତାରୋକୋ କରିଛନ୍ତି।

**କ୍ଷତିପୂରଣ ଦାବିରେ ରାସ୍ତାରୋକୋ**

କଳିଙ୍ଗନଗର,୨୭ା୭(ଶୁଭାଶିଷ ରାଉତ): କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ କାରଖାନା ନିକଟରେ ରବିବାର ଟାଟା କମ୍ପାନୀର ଏକ ଷ୍ଟାଫ ବସ୍ ଚଢ଼ିଯିବାରୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଜିନ୍ଦଲ ଷ୍ଟେନଲେଶ କାରଖାନାର କର୍ମଚାରୀ ଅଭିମନ୍ୟୁ ମହାନ୍ତ(୪୫)। ତାଙ୍କ ଘର ସୁକିନ୍ଦା ଥାନା ବନ୍ଧଗାଁ ଅଞ୍ଚଳରେ। ଗୁରୁତର ଜଣକ ସୁକିନ୍ଦା ଥାନା ବନ୍ଧଗାଁ ପଞ୍ଚାୟତ ରାଙ୍କିଆ ଗାଁର ଲକ୍ଷ୍ମୀଧର ମହାକୁଡ଼(୩୫) ବୋଲି ଜଣାପଡ଼ିଛି। ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପରେ ଉତ୍ତେଜନା ଦେଖାଦେଇଛି। ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ମେଡିକାଲ ପଠାଇଥିଲେ। ଏହାପରେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଓ ସ୍ଥାନୀୟ ବାସିନ୍ଦା ଟାଟା ଟ୍ରେନିଂ ସେଣ୍ଟର୍ ସମ୍ମୁଖରେ ମୃତଦେହ ରଖି ଡୁବୁରୀ–ଯାଜପୁର ରୋଡ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ୪ ଘଣ୍ଟା ଧରି ଆନ୍ଦୋଳନ କରାଯାଇଥିଲେ ମଧ୍ୟ ଗୁରୁତରଙ୍କୁ ନେବାକୁ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ଫଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ବଢିଥିଲା। ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ବାବଦକୁ ୩୦ ଲକ୍ଷ ଓ ପରିବାରର ଜଣଙ୍କୁ କାରଖାନାରେ ନିଯୁକ୍ତି ଦେବାକୁ ଦାବି କରିଥିଲେ। ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ପୁଅ ସବ୍ୟସାଚୀ ବଳସାମନ୍ତ ପହଞ୍ଚିବାରୁ ଆନ୍ଦୋଳନକାରୀ ଓ ସବ୍ୟସାଚୀଙ୍କ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଖବର ଲେଖା ହେବାବେଳକୁ ଆନ୍ଦୋଳନ ଜାରି ରହିଥିଲା।

### ମହିଳାଙ୍କ ଆତ୍ମହତ୍ୟା

ଦଶରଥପୁର, ୨୭ା୭(ସୁଶାନ୍ତ କୁମାର ବେହୁରିଆ) ଦଶରଥପୁର ବ୍ଲକ ଅଧୀନ ମଙ୍ଗଳପୁର ଥାନା କମାରଡିହି ପଞ୍ଚାୟତସ୍ଥିତ ସହିମାଡ଼ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ସ୍ତ୍ରୀ (୩୦) ବେକରେ ରସି ଲଗାଇ ରବିବାର ଆତ୍ମହତ୍ୟା କରିଛନ୍ତି। ବିବାହର ଏକ ବର୍ଷ ପରେ ସେ ଏକ କନ୍ୟାକୁ ଜନ୍ମ ଦେଇଥିଲେ। ପାରିବାରିକ ଝଗଡ଼ା ନେଇ ସ୍ତ୍ରୀ ବେକରେ ପିନ୍ଧା ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ଅପରପକ୍ଷେ ବାପ ଘର ଲୋକେ ତାଙ୍କ ଝିଅକୁ ଶାଶୁ ଘର ଲୋକେ ମାରି ଦେଇଛନ୍ତି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଏତଲା ପାଇବା ପରେ ମଙ୍ଗଳପୁର ପୋଲିସ ସ୍ୱାମୀଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

### ବନ୍ୟାଞ୍ଚଳ ସ୍ଥିତି ସମୀକ୍ଷା କଲେ ଗୌତମ ରାୟ

ଦଶରଥପୁର,୨୭ା୭(ସୁଶାନ୍ତକୁମାରବେହୁରିଆ): ଦଶରଥପୁର ବ୍ଲକ ଅଧୀନ ବୈତରଣୀ ଓ ଏହାର ଶାଖା କାଣୀନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇଛି। ରବିବାର ମଧ୍ୟାହ୍ନରେ ବରିଷ୍ଠ ଭାଜପା ନେତା ଗୌତମ ରାୟ କସପା ପଞ୍ଚାୟତର ବ୍ରହ୍ମଚାରୀ ପାଟଣା, ପଲ୍ଲାସାହି, କମାଳପୁର, ଆଖୁଆସାହି, କଣ୍ଟପଡ଼ା ଆଦି ବନ୍ୟାଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ କାଣୀ ନଦୀ ବନ୍ଧରେ ହୋଇଥିବା ଘାଳିଆଗୁଡ଼ିକୁ ତୁରନ୍ତ ମରାମତ ପାଇଁ ଜଳ ସମ୍ପଦ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ଓଲଟିଲା ବୋଲବମ୍ ଭକ୍ତଙ୍କୁ ନେଇ ଯାଉଥିବା ଟ୍ରାକ୍ଟର: ୫ ଆହତ



ଜଳାଶୟକୁ ଓଲଟିପଡ଼ିଥିବା ଟ୍ରାକ୍ଟରକୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରୁଛନ୍ତି।

ରସୁଲପୁର,୨୭ା୭(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମ ନିକଟରେ ରବିବାର ଅପରାହ୍ନରେ ବୋଲବମ୍ ଭକ୍ତଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଫଳରେ ୫ଜଣ ଭକ୍ତ ଆହତ ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପ୍ରଦାନ ପରେ ସେମାନେ ସୁସ୍ଥ ଥିବା ଜଣାପଡ଼ିଛି।

ଅର୍ଥଗାଁ ପଞ୍ଚାୟତରୁ ୨ଟି ଟ୍ରାକ୍ଟରରେ ଭକ୍ତମାନେ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ପୀଠକୁ ଯାଉଥିଲେ। ଉକ୍ତ ପୀଠ ପାର୍ଶ୍ୱଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଜଳଉଠାଇ ସୋମବାର ମହାଦେବଙ୍କୁ ଜଳଲାଗି କରିଥାଆନ୍ତେ। ସେଥି ମଧ୍ୟରୁ ଗୋଟିଏ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଜଳାଶୟକୁ ଖସି ପଡିଥିଲା। ଉକ୍ତ ଟ୍ରାକ୍ଟରରେ ୧୫ ଭକ୍ତଥିଲେ। ଟ୍ରାକ୍ଟରଟି ଖସି ପଡୁଥିବା ଦେଖି କେତେଜଣ ଭକ୍ତ ଆଗୁଆ ପାଣି ଭିତରକୁ ଡେଇଁ ପଡିବାରୁ ସୁରକ୍ଷିତ ରହିଯାଇଥିଲେ। ଅନ୍ୟ ୫ ଭକ୍ତ ଆହତ ହୋଇଥିଲେ। ଖବର ପାଇ ରସୁଲପୁର ଦମକଳ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ସହାୟତାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଏ ସମ୍ପର୍କରେ ସୂଚନା ପାଇ କୁଆଖିଆ ପୋଲିସ ପହଞ୍ଚିଥିଲା। ପୋଲିସ ଓ ଦମକଳ ବାହିନୀ ସହାୟତାରେ ଏକ ଜେସିବି ମେଶିନ ଲଗାଇ ଟ୍ରାକ୍ଟରଟିକୁ ପାଣିରୁ ଉଦ୍ଧାର କରାଯାଇଥିଲା। ଆଉ କେହି ଭକ୍ତ ବୁଡିଯାଇଥିବା ସନ୍ଦେହକରି ଦମକଳ କେନ୍ଦ୍ରର କର୍ମଚାରୀ ଜଳାଶୟରେ ଖୋଜାଖୋଜି କରିଥିଲେ। ଉକ୍ତ ଦୁର୍ଘଟଣାରେ କୌଣସି ଭକ୍ତଙ୍କ ବିଶେଷ କ୍ଷତି ହୋଇ ନ ଥିବା ଜଣାଯାଇଛି। ମହାଦେବଙ୍କ କୃପାରୁ ଭକ୍ତ ଅଳ୍ପକେ ବର୍ତ୍ତିଗଲେ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## ଛାତ୍ରୀ ନିର୍ଯାତନା: 'ଶକ୍ତିଶ୍ରୀ' କମିଟିକୁ ଜଣାଇବାକୁ ପରାମର୍ଶ




ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁରରୋଡ୍,୨୭ା୭ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗରସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ବ୍ରଜକିଶୋର ପତି ଯୋଗଦେଇ ଛାତ୍ରୀ କଲେଜସ୍ତରରେ କୌଣସି ସମୟରେ ନିର୍ଯାତନାର ଶିକାର ହେଲେ 'ଶକ୍ତିଶ୍ରୀ' କମିଟିରେ ଜଣାଇବାକୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ଜନନୀ ମାଝୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶକ୍ତିଶ୍ରୀ ସାଥୀ ଛାତ୍ରୀ ଶର୍ମିଷ୍ଠା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଶକ୍ତିଶ୍ରୀ କମିଟିର ସଂଯୋଜିକା ଅଧ୍ୟାପିକା ତାରିଣୀ ତନୟା ସର ଗଠିତ କମିଟିର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଲଳିତା ସାହୁ ଯୋଗଦେଇ ଶକ୍ତିଶ୍ରୀ ଦ୍ୱାରା ଛାତ୍ରୀମାନେ ନିଶ୍ଚିତଭାବେ ଆଭ୍ୟାନ୍ତରିଣ ସମସ୍ୟାର ସାହଯୋଗ ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସସ୍ମିତା ଆଚାର୍ଯ୍ୟ, ରୋଜାଲିନା ମହାନ୍ତି, ଅଧ୍ୟାପକ ପ୍ରଶାନ୍ତ ରାଉତ, ଅରୁଣ ମିଶ୍ର, ସନ୍ତୋଷ ଜେନା, ମଳୟ ମଲ୍ଲିକ, ପଦ୍ମଭୂଷଣ ରାଉତରାୟ, ଅଧ୍ୟାପିକା ଯାଜ୍ଞେଶରୀ ପଲେଇ, ଝୁନୁମଣି ଜେନା, ଲିପ୍ସା ମିଶ୍ର ପ୍ରମୁଖ ଯୋଗଦେଇ 'ଶକ୍ତିଶ୍ରୀ' ସଂପର୍କରେ ସଚେତନତା ବର୍ତ୍ତାଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦୁର୍ଗାବତୀ ସ୍ୱାଇଁ, ବିଚିତ୍ର ଦଳାଇ, ପ୍ରବିତ୍ର ମୋହନ ଜେନା, ପ୍ରଶାନ୍ତ କୁମାର ଦାସ, କବିତା କଲ୍ଲୋଳିନୀ ସିହ୍ନା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ମଳୟ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ଧର୍ମଶାଳା ମିଡିଆ କ୍ଲବର ସ୍ୱନକ୍ଷତ୍ର ଦିବସ

କାଏମା,୨୭ା୭(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ମିଡିଆ କ୍ଲବର ତୃତୀୟ ସ୍ୱନକ୍ଷତ୍ର ଦିବସ ସଭାପତି ସୁଧାକର ରାଉତଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା ଷ୍ଟାଡିୟମ ପରିସରରେ ରବିବାର ପାଳିତ ହୋଇଯାଇଛି। ଏହିଅବସରରେ 'ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ସମ୍ମାନିତ ଅତିଥି ଭାବେ ରାଜଧାନୀ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ଶକୁନ୍ତଳା ବଳିୟାରସିଂ, ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ଖବରଦାତା ଦିଲୀପ କୁମାର ବିଷୋଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବସନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ।

ଉତ୍ସବରେ ସାହିତ୍ୟିକ ରାଜକିଶୋର ପାଢ଼ୀ, କଟକ–ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ବିଶ୍ୱରଞ୍ଜନ କର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀନାରାୟଣ ମହାନ୍ତି, ଯୁବଉଦ୍ୟୋଗୀ ପ୍ରଦୀପ୍ତ କୁମାର କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ଖବରଦାତା ବିମଳ ପତି, ପ୍ରଫୁଲ୍ଲ ରାଉତ, ସେକ ଆଲାଉଦିନ, ତ୍ରିଲୋଚନ ବେହେରା, ରାଜତିଳକ ମହାନ୍ତି, ଗୟାଧର ନାୟକ, ଦୀପକ ଦାସ, ଶୁଶାନ୍ତ ନାୟକ, ଗଗନ ଦାସ, ଅଶୋକ ଦାସ, ଶୁଶାନ୍ତ ଗୋଚ୍ଛାୟତ, ଶିବପ୍ରସାଦ ମହାନ୍ତି ସହଯୋଗ କରିଥିଲେ। ବରିଷ୍ଠ ଖବରଦାତା ଗୁଲମ ଗୋସ, ରଞ୍ଜନ ଓଝା, ଶୁଭକାନ୍ତ ନାୟକ, ପ୍ରମୋଦ ରାଉତ, ସୁଶାନ୍ତ ବେହେରାଙ୍କ ସମେତ ଅଞ୍ଚଳର ସାହିତ୍ୟିକ, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତଥିଲେ। ଖବରଦାତା ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।




ଅତିଥିଙ୍କ ଗହଣରେ ମିଡିଆ କ୍ଲବର କର୍ମକର୍ତ୍ତା।

## ଲଳିତଗିରିରେ ଡାକ ମେଳା



ଡାକ ସଚେତନତା ମେଳାରେ ଯୋଗଦେଇଥିବା ଅତିଥି।

ଚଣ୍ଡିଖୋଲ,୨୭ା୭(ପ୍ରଦୀପ୍ତ କୁମାର ପୃଷ୍ଟି): ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରିଠାରେ କେନ୍ଦ୍ରାପଡ଼ା ଦକ୍ଷିଣ ଉପ ଡାକ ମଙ୍ଗଳ ପକ୍ଷରୁ ଶନିବାର ଏକ ସଚେତନତା ଡାକମେଳା ଅନୁଷ୍ଠିତ ହୋଇଯାଇଛି। ଅସ୍ମିତା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମଣ୍ଡଳ ଅଧୀକ୍ଷକ ଦେବପ୍ରସାଦ ଶତପଥୀ ଯୋଗଦେଇ ଭାରତ ସରକାରଙ୍କ ଦ୍ୱାରା ଡାକ ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରକାଶ କରିବା ସହ ସଞ୍ଚୟ ଓ ଡାକ ବିମା ଯୋଜନାର ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଣ୍ଡିଆନ ପୋଷ୍ଟଲ ପେମେଣ୍ଟ ଶାଖା ପରିଚାଳକ ଦୁର୍ଗା ମାଧବ ପରିଡ଼ା, ଲଳିତଗିରି ସରପଞ୍ଚ ବଳରାମ ବେହେରା, ସମିତିସଭ୍ୟ ଧ୍ରୁବଚରଣ ସାମଲ ଓ ପୂର୍ବତନ ସମିତି ସଭ୍ୟ ରୁଦ୍ର ନାରାୟଣ ସିଂହ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଡାକ ବିଭାଗ ପକ୍ଷରୁ କରାଯାଉଥିବା ସଚେତନତା ଶିବିର ସାଧାରଣ ଲୋକଙ୍କ ପାଇଁ ସହାୟକହେବ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଡାକଘର ପରିଚାଳକ ରଶ୍ମିରେଖା ବଳ, ମିନତି ବେହେରା, ସୁଶାନ୍ତ କୁମାର ପ୍ରଧାନ, ଅଭିଜିତ ସାହୁ ଓ ହିମାଂଶୁ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶତାଧିକ ମହିଳାପୁରୁଷ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ।

**ସିମେଣ୍ଟ ବାଲିଗୋଳା ମେଶିନରେ ଚାପି ହୋଇ ଶ୍ରମିକ ଗୁରୁତର**

ପାରାଦୀପ,(ଶରତ ରାଉତ): ପାରାଦୀପ ରଙ୍ଗିଆଗଡ଼ସ୍ଥିତ ପୌରପରିଷଦ ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର)ଠାରେ ରବିବାର ଦୁର୍ଘଟଣା ଘଟିଛି। ସେଠାରେ ଏକ ନୂତନ ବିଲ୍ଡିଂ ପାଇଁ ସିମେଣ୍ଟ ବାଲିଗୋଳା ମେଶିନ ଆସିଥିଲା। ଏହି ମେଶିନରେ ଜଣେ ଶ୍ରମିକଙ୍କ ଡାହାଣ ଗୋଡ଼ ପଶି ଯାଇଥିଲା। ଫଳରେ ତାହା କଟିଯାଇଛି।ଗୁରୁତର ଅବସ୍ଥାରେ ତାଙ୍କୁ ଅନ୍ୟ ଶ୍ରମିକମାନେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

# ଅଞ୍ଜନାଙ୍କ ପରିବର୍ତ୍ତେ ଅନିତାଙ୍କୁ ନିଯୁକ୍ତି ନିର୍ଦ୍ଦେଶ

**ପୁଟିଙ୍ଗ-୨ ଅଙ୍ଗନୱାଡି କର୍ମୀ ନିଯୁକ୍ତି ମାମଲାରେ ହାଇକୋର୍ଟଙ୍କ ରାୟ**

- ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ବଳରେ ନିଯୁକ୍ତି ହୋଇଥିଲା
- କ୍ରାଇମବ୍ରାଞ୍ଚ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉଲ୍ଲେଖ କରିଥିଲା

ଜଗତ୍‌ସିଂହପୁର, ୨୭।୭ (ପ୍ରମୋଦ କୁମାର ନାୟକ)

୨୦୧୦ରେ ତିର୍ତ୍ତୋଲ ବ୍ଲକ ପୁଟିଙ୍ଗ ଗ୍ରାମ ଅଧୀନ ୪ନଂ. ୱାର୍ଡରେ ଖୋଲାଯାଇଥିବା ଅଙ୍ଗନୱାଡି କେନ୍ଦ୍ର-୨ରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ଭୁଲ୍ ଥିଲା। ପୁଟିଙ୍ଗ ଗ୍ରାମର ଅନିତା ପରିଡ଼ାଙ୍କ ପରିବର୍ତ୍ତେ ଏହି ଗ୍ରାମର ଅଞ୍ଜନା ସ୍ୱାଇଁ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି କରିଥିବା ଭଳି ଅଭିଯୋଗ ହୋଇଥିଲା। ଏନେଇ ଦୀର୍ଘ ୧୫ ବର୍ଷ ହେବ ବିବାଦ ଲାଗି ରହିଥିଲା। ଶେଷରେ ଉଚ୍ଚ ନ୍ୟାୟାଳୟ ମାମଲା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବିଚାରପତି ଶଶିକାନ୍ତ ମିଶ୍ର ଅଞ୍ଜନାଙ୍କ ପରିବର୍ତ୍ତେ ଅନିତାଙ୍କୁ ଏହି କେନ୍ଦ୍ର ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଧାରରେ ଗତ ୧୭ ତାରିଖ ପତ୍ରସଂଖ୍ୟା ନଂ.୩୧୯୨୪ (୬)ରେ ଆଡ୍‌ଭୋକେଟ ଜେନେରାଲ, ମହିଳା ଓ ଶିଶୁ ବିକାଶ ସଚିବ, ଜଗତ୍‌ସିଂହପୁର ଅତିରିକ୍ତ ଜିଲାଜଜ୍ ଓ ତିର୍ତ୍ତୋଲ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଏହି ଅଙ୍ଗନୱାଡ଼ି କର୍ମୀଙ୍କ ନିଯୁକ୍ତି ସମୟରେ ଯେଉଁମାନେ ମାଟ୍ରିକ ପାସ୍ ସହ ଉଚ୍ଚ ଶିକ୍ଷା ଲାଭ କରିଥିବେ, ସେମାନଙ୍କୁ ଅଧିକ ୫% ଓ ଶାରୀରିକ ଭିନ୍ନକ୍ଷମଙ୍କୁ ଆଉ ୫% ନମ୍ବର ଦିଆଯିବା ଘୋଷଣା କରାଯାଇଥିଲା। ଏହି ଆଧାରରେ ପୁଟିଙ୍ଗ ଗ୍ରାମର ଅନିତା ମାଟ୍ରିକରେ ୫୯.୪୬%, ସ୍ନାତକରେ ଆଉ ୫% ସହ ସର୍ବମୋଟ ୬୪.୪୬% ମାର୍କ ପାଇଥିଲେ। ଯେହେତୁ ଅନିତା ସର୍ବୋଚ୍ଚ ନମ୍ବର ରଖିଥିଲେ, ତେଣୁ ସେ ଏହି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀଭାବେ ନିଯୁକ୍ତି ପାଇବା କଥା। କିନ୍ତୁ ଅନିତାଙ୍କ ପରିବର୍ତ୍ତେ ଅଞ୍ଜନାଙ୍କୁ ତତ୍କାଳୀନ ତିର୍ତ୍ତୋଲ ବ୍ଲକ ସିଡିପିଓ ଏହି ପଦବୀରେ ନିଯୁକ୍ତି ଦେଇଥିଲେ। ଏହି ନିଷ୍ପତ୍ତିକୁ ବିରୋଧ କରି ଅନିତା ପ୍ରଥମେ ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ଓ ପରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସଫଳ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୧ରେ ଗୋପାଳପୁର ଗ୍ରାମ ପଞ୍ଚାୟତର ରଶ୍ମିରଞ୍ଜନ ଦାଶ ନାମକ ଯୁବକ ସୂଚନା ଅଧିକାର ଆଇନ ବଳରେ ପାଇଥିବା ତଥ୍ୟ ଅନୁଯାୟୀ, ଅଞ୍ଜନା ଦେଇଥିବା ପ୍ରମାଣପତ୍ର ଜାଲ ଥିବା ଦର୍ଶାଇଥିଲେ। ଏହାକୁ ଆଧାର କରି ରଶ୍ମିରଞ୍ଜନଙ୍କ ସମେତ ପ୍ରଭାତ କୁମାର ସ୍ୱାଇଁ, କମଳଲୋଚନ ବିଶ୍ୱାଳ, ଗଗନ ସାହୁ, ଧୀରେନ୍ଦ୍ର ବିଶ୍ୱାଳ, କେଦାରନାଥ ବିଶ୍ୱାଳ ଓ ଅନ୍ୟମାନେ ପ୍ରଥମେ ଭିଜିଲାନ୍ସ ଓ ପରେ ହାଇକୋର୍ଟ ଯାଇଥିଲେ। କୋର୍ଟରେ ମାମଲା ରୁଜୁ ସହ ୮ ସପ୍ତାହ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ବିଚାରପତି ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟରେ ଜାଲ ଭିନ୍ନକ୍ଷମ ସାର୍ଟିଫିକେଟ ବଳରେ ଅଞ୍ଜନା ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଥିବା ଦର୍ଶାଯାଇ ତିର୍ତ୍ତୋଲ ଥାନାକୁ ଅବଗତ କରାଯାଇଥିଲା। ଏହାପରେ ତିର୍ତ୍ତୋଲ ଥାନା ପକ୍ଷରୁ ଦଫା ୪୨୦/୪୬୮/୪୭୧ ଆଇପିସିରେ ମାମଲା (ନଂ.୧୫୮/୨୩) ରୁଜୁ ସହ ତଦନ୍ତ ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟର ସତ୍ୟତା ଥିବାରୁ ଅଞ୍ଜନାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ତିର୍ତ୍ତୋଲ ପୋଲିସ ପକ୍ଷରୁ ତିର୍ତ୍ତୋଲ ସିଡିପିଓଙ୍କୁ ୨୦୨୪ ଜାନୁଆରୀ ୪ରେ ଅବଗତ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ, କ୍ରାଇମବ୍ରାଞ୍ଚ ଓ ତିର୍ତ୍ତୋଲ ପୋଲିସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହୋଇଥିଲା। ଏ ସମ୍ପର୍କରେ ୨୦୨୪ ଏପ୍ରିଲ ୨୮ରେ ଧରିତ୍ରୀରେ ଖବର ପ୍ରସାରଣ ପରେ ପ୍ରଶାସନ ଚେଇଁ ଉଠିଥିଲା। ବିଳମ୍ବରେ ହେଉ ବରଂ ସିଡିପିଓଙ୍କ ରିପୋର୍ଟ ଆଧାରରେ ଜଗତ୍‌ସିଂହପୁର ଉପଜିଲାପାଳ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଅଞ୍ଜନାଙ୍କୁ ୨୦୨୪ ଜୁନ୍ ୧୩ରେ ଚାକିରିରୁ ବହିଷ୍କାର କରିଥିଲେ। କିନ୍ତୁ ପରେ ତିର୍ତ୍ତୋଲସ୍ଥିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ୨୦୨୪ ଜୁଲାଇ ୧୦ରେ ଏହି ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଅଞ୍ଜନା ଉଚ୍ଚ ନ୍ୟାୟାଳୟରେ ସ୍ଥିତାବସ୍ଥା ବଜାୟ ରଖିବା (ଷ୍ଟେ) ପାଇଁ ନିବେଦନ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରିଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଅନେକ କଥା ପଦାକୁ ଆସିଥିଲା। କୋର୍ଟ ଜାଣିବାକୁ ପାଇଥିଲେ ଯେ ୨୦୧୧ରେ ଅନିତା ଡବ୍ଲ୍ୟୁପି(ସି) ନଂ. ୧୦୪୦୨/୨୦୧୧ରେ ଦ୍ୱିତୀୟ ପକ୍ଷ ଭାବେ ମାମଲା ଲଢ଼ିଥିଲେ। ଏହାକୁ ବିଚାରକୁ ନେଇ ବିଚାରପତି ୨୦୨୫ ଜୁଲାଇ ୧୫ରେ ରାୟ ପ୍ରକାଶ କରି ଦ୍ୱିତୀୟ ପକ୍ଷ ଅନିତାଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏକ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବାଣିଜ୍ୟ ମେଳା ଉଦ୍‌ଯାପିତ**

ପାରାଦୀପ, ୨୭।୭ (ଶରତ ରାଉତ)

ପାରାଦୀପ ବିଜୁ ମଇଦାନରେ ଆୟୋଜିତ ବାଣିଜ୍ୟ ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ପାରାଦୀପ ବନ୍ଦର ସିଏମ୍‌ଇ ସୁଶୀଲ ଚନ୍ଦ୍ର ନାହକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ କୈଳାସ ଚନ୍ଦ୍ର ସାହୁ ଓ କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଦୀର୍ଘ ୧୯ ଦିନ ଧରି ଏହି ମେଳା ଚାଲିଥିଲା। ପାଖାପାଖି ୧୫୦ ଷ୍ଟଲରେ ବ୍ୟବସାୟ ହୋଇଥିଲା। ଓର୍‌ମାସ, ହସ୍ତଶିଳ୍ପ ଓ ଟ୍ରାଇଫେଡ୍ ଷ୍ଟଲଗୁଡ଼ିକରେ ଅଧିକ ବ୍ୟବସାୟ ହୋଇଥିଲା। ମୋଟ ଉପରେ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ଆୟୋଜକ ଅରୂପାର ସିଇଓ ଅଶୋକ କୁମାର ସାହୁ ସୂଚନା ଦେଇଛନ୍ତି। ଅରୂପା ହସ୍ତଶିଳ୍ପ ଓ ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବାଣିଜ୍ୟ ମେଳା ଆୟୋଜନ କରି ସାରା ଓଡ଼ିଶାରେ ପ୍ରଶଂସିତ ହୋଇପାରିଛି ବୋଲି ମୁଖ୍ୟ ଅତିଥି ନାହକ ସଭାରେ କହିଥିଲେ। ଏହି ବାଣିଜ୍ୟ ମେଳାରେ ଚାନ୍ଦୁଆ, କତା, ସମ୍ବଲପୁରୀ ଡ୍ରେସ୍, ମାଣିଆବନ୍ଧ ଶାଢ଼ି, ଡ୍ରେସ୍, ଗୁଜୁରାତି ବେଡ୍‌ଶିଟ୍, ପଞ୍ଜାବି ସୁଟ୍, ରାଜସ୍ଥାନ ଜୋତା, କୋଲକାତାର ଲାଖ ଚୁଡ଼ି, ବନାରସି ଶାଢ଼ି ଷ୍ଟଲ୍‌ରେ ସ୍ଥାନୀୟ ଲୋକଙ୍କ ଚାହିଦା ରହିଥିଲା।

## ଅଜଣା ମୃତଦେହ ଜବତ

କୁଜଙ୍ଗ,୨୭।୭(ମନୋଜ ପ୍ରଧାନ): ପାରାଦୀପ-ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗଡ଼କୁଜଙ୍ଗ ନୂଆଗାଁକୁ ସଂଯୋଗ କରୁଥିବା ରାସ୍ତାରୁ ରବିବାର ରାତିରେ ପୋଲିସ ଏକ ଅଜଣା ମୃତଦେହ ଜବତ କରିଛି। ଜଣେ ଲୋକ ଉକ୍ତ ରାସ୍ତାରେ ପଡ଼ିଥିବା ନେଇ ଅଭୟଚାନ୍ଦପୁର ପୋଲିସ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଘଟଣା ସ୍ଥଳରେ ପହଞ୍ଚିବା ପରେ ସମ୍ପୃକ୍ତ ବ୍ୟକ୍ତି ମୃତ ବୋଲି ଜଣାପଡ଼ିଥିଲା। ତାଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଜଣେ ମାନସିକ ବିକାରଗ୍ରସ୍ତ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗତ ସପ୍ତାହେ ହେବ ସମ୍ପୃକ୍ତ ବ୍ୟକ୍ତି ମହାବୀର ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବୁଲୁଥିଲେ। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ ସମୀର କୁମାର ରାଉତ କହିଛନ୍ତି।

## ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଗାଡ଼ି



ନାଉଗାଁ, ୨୭।୭(ସୁଧା ବେହୁରା)- ନାଉଗାଁ ଥାନା ଅନ୍ତର୍ଗତ ଖଇରା-ପାଳସାହି ନିକଟରେ ଏକ ସିମେଣ୍ଟ ବୋଝେଇ ଗାଡି ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଗାଡ଼ିଟି ଓଲଟିବା ପରେ ସ୍ଥାନୀୟ ଲୋକେ ଗାଡ଼ିର ଝରକା ଭାଙ୍ଗି ଚାଳକଙ୍କୁ ଉଦ୍ଧାର କରିଛନ୍ତି। ସୂଚନାଯୋଗ୍ୟ, ଏକ ୪୦୭ ଗାଡି ସିମେଣ୍ଟ ନେଇ ଜଗତ୍‌ସିଂହପୁରରୁ ନାଉଗାଁ ଅଭିମୁଖ ଆସୁଥିଲା। ଶିଖରଘାଟ-ବାଲିଭଉଁରୀ ପୂର୍ତ୍ତ ବିଭାଗ ରାସ୍ତାର ଖଇରା ନିକଟ ଏକ ପୋଖରୀ ପାଖରେ ଗାଡିଟି ଭାରସାମ୍ୟ ହରାଇ ପାଣି ଭିତରକୁ ଓଲଟି ପଡ଼ିଥିଲା। ଫଳରେ ଗାଡିରେ ଥିବା ସିମେଣ୍ଟଗୁଡ଼ିକ ନଷ୍ଟ ହୋଇଯାଇଛି।

## ସାପ କାମୁଡ଼ାରେ ଚାଷୀମୃତ

ବାଲିକୁଦା, ୨୭।୭(ତାପସ ସ୍ୱାଇଁ): ବିଲରେ କାମ କରୁଥିବା ବେଳେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା ଅଧୀନ ଖାଲଗାଁ ପଞ୍ଚାୟତ ଖାଲଗାଁର ବାବାଜି ସେଠୀ(୬୦)। ସେ ଦିନ ମଜୁରିଆ ଭାବେ ମଧ୍ୟ କାର୍ଯ୍ୟ କରନ୍ତି। ରବିବାର ସକାଳେ ଜଣେ ବ୍ୟକ୍ତିଙ୍କ ବିଲକୁ ଧାନ ରୋଇବା ପାଇଁ ବାବାଜି ଯାଇଥିଲେ । ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ବିଲରେ କାମ କରୁଥିବା କେତେଜଣ ଲୋକ ତାଙ୍କୁ ନେଇ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ବାବାଜିଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ତାରପୁର ବାନାମ୍ବର ଘାଟରୁ ପାଣି ଉଠାଇଲେ କାଉଡ଼ିଆ


କାଉଡ଼ିଆମାନେ ଘାଟରୁ ପାଣି ଉଠାଇ ଶୈବପୀଠକୁ ଯାଉଛନ୍ତି।

ରଘୁନାଥପୁର,୨୭।୭(ରାଜେନ୍ଦ୍ର ନାରାୟଣ ସିଂହ)

ଶ୍ରାବଣ ତୃତୀୟ ସୋମବାରରେ ପାଣି ଢାଳିବା ଲାଗି ରଘୁନାଥପୁର ବ୍ଲକ ତାରପୁର ମହାନଦୀକୂଳସ୍ଥିତ ବାନାମ୍ବର ଘାଟରେ ରବିବାର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କ ଭିଡ଼ ଜମିଥିଲା। କାଉଡ଼ିଆମାନେ ସେଠାରୁ ପାଣି ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା କରିଛନ୍ତି। ଶନିବାରଠାରୁ ଘାଟକୁ ମାନସିକଧାରୀଙ୍କ ଆଗମନ ହୋଇଥିଲା। ରବିବାର କ୍ରମଶଃ ବୃଦ୍ଧି ପାଇଥିଲା। ଶତାଧିକ ଯାନବାହନ ନଦୀବନ୍ଧରେ ଜାମ ହେବାରୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସକୁ କାଠିକର ପାଠ ହୋଇଥିଲା। କାଉଡ଼ିଆମାନେ ଦୁଇ କାନ୍ଧରେ କଳସ ରଖି ମହାନଦୀରେ ବୁଡ଼ି ପାଣି ଆଣିବା ପରେ ପୂଜାର୍ଚ୍ଚନା କରିଥିଲେ। ପରେ ବାନାମ୍ବର ମହାଦେବଙ୍କ ଚତୁଃପାର୍ଶ୍ୱରେ ପ୍ରଦକ୍ଷିଣ କରି ଝିପିଝିପି ବର୍ଷାରେ ନିଜର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ। ଏଠାରୁ ପାଣିନେଇ କାଉଡ଼ିଆମାନେ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ ରୁଦ୍ରେଶ୍ୱର, ନୀଳ କଣ୍ଠେଶ୍ୱର, ସର୍ପେଶ୍ୱର, ଇଶାଣେଶ୍ୱର, ଗ୍ରାମେଶ୍ୱର, ଶଙ୍କରେଶ୍ୱର ଓ ଅନ୍ୟାନ୍ୟ ଶୈବପୀଠକୁ ଯାତ୍ରା କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପାଣିଉଠା ସ୍ଥଳରେ ରଘୁନାଥପୁର ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହାଛଡ଼ା ତାରପୁର ବାଇପାସ୍‌ଠାରୁ ଜଇପୁର ଛକ ପର୍ଯ୍ୟନ୍ତ କାଉଡ଼ିଆଙ୍କ ଲମ୍ବା ଲାଇନ ଲାଗିଥିବା ରାସ୍ତାରେ ପୋଲିସ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିଲା। ଘାଟ କମିଟି ପକ୍ଷରୁ ବିଷ୍ଣୁ ବିଶ୍ୱାଳ, ବିପିନ ବିହାରୀ ଦାଶ, ଅକ୍ଷୟ କୁମାର ଦଳାଇ, ମଧୁସୂଦନ ସାହୁ, ପ୍ରତାପ ଚନ୍ଦ୍ର ରାଉତ, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ତାରପୁର ବାଇପାସ୍ ବଜାରରେ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ କାଉଡ଼ିଆଙ୍କ ପାଇଁ ମାଗଣା ଖାଦ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଥିଲା।

## ତ୍ୟାଗର ପୂଜାରୀ ଥିଲେ ମାଳତୀ ଚୌଧୁରୀ

ଜଗତ୍‌ସିଂହପୁର, ୨୭।୭ (ପ୍ରମୋଦ କୁମାର ନାୟକ)

ସ୍ୱାଧୀନତା ସଂଗ୍ରାମରେ ଜଗତ୍‌ସିଂହପୁର ଖେରସସ୍ଥିତ ଚୌଧୁରୀ ପରିବାରର ଅବଦାନ ଅତୁଳନୀୟ। ଯେତେବେଳେ ମହିଳାମାନେ ଘରର ଚାରିକାନ୍ଥ ଭିତରେ ଓଢ଼ଣି ଭିତରେ ସୀମିତ ଥିଲେ, ସେତେବେଳେ ଚୌଧୁରୀ ପରିବାରର ଅନ୍ୟତମ ବୋହୂ ମାଳତୀ ଚୌଧୁରୀ କେବଳ ନାରୀସମାଜ ନୁହେଁ, ସାରା ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। ସମ୍ଭ୍ରାନ୍ତ ପରିବାରର ବୋହୂ ହୋଇ ସୁଦ୍ଧା ନିରାଡ଼ମ୍ବର ଜୀବନଯାପନ କରୁଥିଲେ। ସମାଜରେ ଦେଖାଦେଇଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର ପାଇଁ ସେ ବଳିଷ୍ଠ ପଦକ୍ଷେପ ନେବା ସହ ସମାଜ ପାଇଁ ତାଙ୍କ ତ୍ୟାଗ ନିଆରା ବାର୍ତ୍ତା ଦେଇଥିଲା। ତାଙ୍କ ଦେଶପ୍ରେମ, ତ୍ୟାଗ ଓ ଜୀବନାଦର୍ଶ ସବୁବେଳେ ମନେରହିବ। ସ୍ଥାନୀୟ ଚାତ୍ରାସ୍ଥିତ ଅଳକା ଆଶ୍ରମ ପରିସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅଗ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଏହା କହିଛନ୍ତି। ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଅତୁଲ ବିକ୍ରମ ପ୍ରଧାନ, ମୁଖ୍ୟବକ୍ତା ଅଧ୍ୟାପକ ପ୍ରତାପ କୁମାର ଲେଙ୍କା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତ ଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠକ ଲାଲା ସଂଗ୍ରାମ କେଶରୀ ରାୟ, ଖବରଦାତା ଶଶାଙ୍କ ଶେଖର ପଣ୍ଡା, ଶୁଭକାନ୍ତ ପଢ଼ିଆରୀ, ସବିତା ମହାନ୍ତି, ଅଜୟ ଗୋଛାୟତ ପ୍ରମୁଖ ସାମିଲ ଥିଲେ। ଶେଷରେ ଶିକ୍ଷାବିତ୍ ବିଜୟ କୁମାର ରଥ ଧନ୍ୟବାଦ ଦେଇଥିଲେ ।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୫୬ ମାମଲା

କୁଜଙ୍ଗ, ୨୭।୭(ମନୋଜ ପ୍ରଧାନ)

କୁଜଙ୍ଗ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ଦେୱାନି ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ଦୀପ୍ତି ପ୍ରକାଶ ବ୍ରହ୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୧୫୬ ମାମଲାର ବିଚାର ହୋଇଥିବା ବେଳେ ୯ଟି ପଇସଲା ହୋଇଛି। ଦେୱାନି ଅଦାଲତର ବିଚାରପତି ଡ.ବିଶ୍ୱଭୂଷଣ ନାୟକ ଓ ଜେଏମ୍‌ଏଫ୍‌ସି ରାଜେଶ ମିଶ୍ର ଉପସ୍ଥିତ ରହି ବିଭିନ୍ନ ମାମଲାର ସମାଧାନ କରିଥିଲେ। କୁଜଙ୍ଗ ଓକିଲ ସଂଘର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

## ସର୍ବଭାରତୀୟ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟରେ ପାରାଦୀପ ଦ୍ୱିତୀୟ



ପାରାଦୀପ,୨୭।୭(ଶରତ ରାଉତ)

ଚେନ୍ନାଇ ନଇଭେଲିଠାରେ ଆୟୋଜିତ ସର୍ବଭାରତୀୟ ବୃହତ୍ ବନ୍ଦର ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟରେ ପାରାଦୀପ ବନ୍ଦର ଦଳଗତ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ଟୁର୍ନାମେଣ୍ଟ ଦୁଇଦିନ ଧରି ହୋଇଥିଲା। ଏଥିରେ ପାରାଦୀପ ବନ୍ଦରର ଖେଳାଳି ମନୋଜ କୁମାର ମହନ୍ତ, ଦୀପକ କୁମାର ଷଡ଼ଙ୍ଗୀ, ଦିଲୀପ କୁମାର ବେହେରା, ରଞ୍ଜିତ କୁମାର ବୋମାଇ ଭାଗ ନେଇଥିଲେ। ପାରାଦୀପ ଗଲ୍ଫ କ୍ଲବର ଏହି ଖେଳାଳିମାନଙ୍କର ଏହା ପ୍ରଥମ ଦଳଗତ ସଫଳତା ବୋଲି କୁହାଯାଇଛି। ପ୍ରଥମ ସ୍ଥାନରେ ଟୁଟିକୋରିନ ପୋର୍ଟ ରହିଥିବା ଜଣାପଡ଼ିଛି।

## ବୃକ୍ଷ ମାନବ ସମାଜ ପାଇଁ ଜୀବନ ସଦୃଶ

ରଘୁନାଥପୁର, ୨୭।୭(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଇପୁରସ୍ଥିତ ଜୟ ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ନୂତନ ଭାବେ ନିର୍ମାଣ କରାଯାଉଥିବା ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟମାନେ ଚାରା ରୋପଣ କରି ସମାଜକୁ ଗଛ ଲଗାଇବା ଦେଶ ବଞ୍ଚାଇବା ବାର୍ତ୍ତା ପ୍ରଦାନ କରିଥିଲେ। କମିଟିର ସଭାପତି ଭ୍ରମରବର ନାୟକ ବିଶ୍ୱ ପରିତାପନ ଓ ଅସନ୍ତୁଳିତ ଜଳବାୟୁ ପରିବର୍ତ୍ତନ ପାଇଁ ମାନବ ସଭ୍ୟତା ଦାୟୀ ବୋଲି ପ୍ରକାଶ କରିଥିଲେ। ବୃକ୍ଷ ମାନବ ସମାଜ ପାଇଁ ଜୀବନ ସଦୃଶ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ମହିଳାମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଚାରା ରୋପଣ କରିଥିଲେ। କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ସାମଲ, ହେମନ୍ତ କୁମାର ସାହୁ, ବାନାମ୍ବର ସେନାପତି, ବୁଲା ସାହୁ, ମାନସ ପୃଷ୍ଟି, ଲିପା ପାତ୍ର, ପାଣ୍ଡୁ ଦାସ, ରନୁଆ ଦାସ ଓ ପ୍ରମିଳା ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

କୁଜଙ୍ଗ,୨୭।୭(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ ଗ୍ରାମପଞ୍ଚାୟତର ସରପଞ୍ଚ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସରପଞ୍ଚ ସସ୍ମିତା ବେହେରା ପାରାଦୀପ ଗଡ ଗ୍ରାମରେ ୱାର୍ଡ ନଂ.୫ ଓ ୬ ରେ ଜଳ ନିଷ୍କାସନ ସମସ୍ୟା ଦୂର କରିବା ପାଇଁ ପାଇପ ଲାଇନ ଡ୍ରେନ ନିର୍ମାଣ କରିଛନ୍ତି। ଏହାକୁ ସେ ଉଦ୍‌ଘାଟନ କରିବା ସହ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଚୂନ ବେଲାରି ଗ୍ରାମର ମା'କେନ୍ଦୁଆଣି ମନ୍ଦିର ପୀଠରେ ଆନନ୍ଦ ବଜାର/ଭୋଗ ମଣ୍ଡପ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ରଶେଖର ଚୌଧୁରୀ, ଦେବ ଦୁର୍ଲଭ କର, ଶୁକଦେବ ତରାଇ, ଲିପୁନ ବେହେରା, ବାପିନା ପଣ୍ଡା, ଫୁଲ ସାହୁ, ଲୋକନାଥ ବେହେରା, ୱାର୍ଡ ସଭ୍ୟା ନଳିନୀ ପ୍ରଭା ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ର ସାହିତ୍ୟ ଏକାଡେମୀର ଗ୍ରାମାଲୋକ କାର୍ଯ୍ୟକ୍ରମ

କୁଜଙ୍ଗ, ୨୭।୭(ମନୋଜ ପ୍ରଧାନ)

କୁଜଙ୍ଗ ଅନ୍ତର୍ଗତ କରଡୁଠାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କୁଜଙ୍ଗର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଶିକ୍ଷା ଅନୁଷ୍ଠାନ 'ମେଘମହ୍ଲାର' ମିଳିତ ଆନୁକୂଲ୍ୟରେ ଗ୍ରାମାଲୋକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଘମହ୍ଲାର ସଭାପତି କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଛଅ ଜଣ ସାହିତ୍ୟିକ ଯୋଗଦେଇ ସ୍ୱଲିଖିତ ଗଳ୍ପ, କବିତା ପାଠ କରିବା ସହ ଆଲୋଚନା କରିଥିଲେ। ଏହି ଅବସରରେ ସନ୍ତୋଷ ସାମଲଙ୍କ 'ଛୋଟା ସାରଙ୍କ ଚାହାଳି',ଦୀପ୍ତି ଖଣ୍ଡୁଆଳଙ୍କ 'ଏତଲାକାରୀ', ରଘୁନାଥ ସାହୁଙ୍କ 'ଆଇନା'ଆଦି ଉପରେ ବିଶ୍ଲେଷଣ କରାଯାଇଥିଲା। ସେହିପରି ରାମଚନ୍ଦ୍ର ମହାନ୍ତିଙ୍କ ରଚନା ଉପରେ ପୀତାମ୍ବର ତରାଇଙ୍କ 'ବିଶ୍ଳେଷଣ କରିଥିଲେ। ପ୍ରଭାତୀ ମାଝୀ 'ଅଳକା ସାନ୍ୟାଲ' କବିତା ଓ କେଶବ ଚନ୍ଦ୍ର ଦଳାଇ ଓଡିଆ କାବ୍ୟ କବିତାରେ 'ମାନବବାଦ' ପ୍ରବନ୍ଧ ପାଠ କରିଥିଲେ। ବିଭୁତି ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।ଏହି କାର୍ଯ୍ୟକ୍ରମରେ ବହୁ ଲେଖକ,କବି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ୨ୟ ଅଧିବେଶନରେ କବି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଭାତ ମାଝୀଙ୍କ ସଂଯୋଜନାରେ ମୃତ୍ୟୁଞ୍ଜୟ ଜୟସିଂହ, ରମେଶ ବେହେରା,ଜୟନ୍ତୀ କୁମାରୀ ଦାସ, ଅଞ୍ଜନା ନାୟକ, ଗୌରହରି ବାରିକ,ଆଶିଷ ପରିଜା,ନାରାୟଣ ନାୟକ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## ପୀଡ଼ିତା, ପୋଲିସକୁ ଭେଟିଲା ନାରୀ ନ୍ୟାୟବାହିନୀ ଟିମ୍

**କୁଜଙ୍ଗରେ ନାବାଳିକା ଗର୍ଭବତୀ ଘଟଣା**

**ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି**

କୁଜଙ୍ଗ,୨୭।୭(ମନୋଜ ପ୍ରଧାନ)



ପୀଡିତାଙ୍କୁ ଭେଟିବାକୁ ଆସିଥିବା ନାରୀ ନ୍ୟାୟବାହିନୀ ଟିମ୍ ।

କୁଜଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ୭ ମାସର ଗର୍ଭବତୀ ଘଟଣା ସାରା ରାଜ୍ୟରେ ଚହଳ ପକାଇଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ପାଇଁ ନାରୀ ନ୍ୟାୟ ବାହିନୀର ଏକ ଟିମ୍ କୁଜଙ୍ଗରେ ପହଞ୍ଚି ଥାନାଧିକାରୀ ବଂଶୀଧର ପ୍ରଧାନଙ୍କୁ ଭେଟିବା ସହ ପୀଡ଼ିତା ପରିବାରକୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ନାରୀ ନ୍ୟାୟ ବାହିନୀର ଆବାହିକା ଡ. ପ୍ରଫେସର ଗାୟତ୍ରୀ ବିଶ୍ୱାଳ ଏହି ଟିମ୍‌ର ନେତୃତ୍ୱ ନେଇଥିଲେ। ଘଟଣାରେ ଗିରଫ ହୋଇଥିବା ୨ ଭାଇଙ୍କ ବ୍ୟତୀତ ଆଉ କେହି ଅଭିଯୁକ୍ତ ଅଛନ୍ତି କି ନାହିଁ ତାହାର ତଦନ୍ତ କରିବାକୁ ନାରୀ ବାହିନୀ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏଥିସହ ଦୋଷୀଙ୍କୁ କିପରି କଠୋର ଦଣ୍ଡ ଦିଆଯିବ, ସେଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଅନ୍ୟପଟେ ଗର୍ଭବତୀ ନାବାଳିକାଙ୍କ ଥଇଥାନକୁ ନେଇ ଆଲୋଚନା କରିଥିଲେ। ଗର୍ଭବତୀ ନାବାଳିକା ବର୍ତ୍ତମାନଠାରୁ ପିଲା ଜନ୍ମ କରିବା ପର୍ଯ୍ୟନ୍ତ ଓ ପରବର୍ତ୍ତୀ ସମୟରେ ମା' ଏବଂ ଜନ୍ମିତ ଶିଶୁ କେଉଁଠି ଓ କିପରି ଥଇଥାନ ହେବେ, ସେ ନେଇ ନାରୀ ନ୍ୟାୟ ବାହିନୀର ଟିମ୍ ଗୁରୁତ୍ୱାରୋପ କରିଥିଲେ। ପରେ ପୀଡ଼ିତାଙ୍କ ଘରେ ଏକ ଟିମ୍ ପହଞ୍ଚି ପୀଡ଼ିତା ଓ ପରିବାରଙ୍କୁ ଭେଟିଥିଲେ। ପୀଡ଼ିତାଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ବିଭିନ୍ନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ମାତ୍ର ତାଙ୍କ ବାପା ଜଣେ ନିଶାସକ୍ତ ହୋଇଥିବାରୁ ଏସବୁ ଆର୍ଥିକ ସହାୟତାରେ ପୀଡ଼ିତା ଓ ଗର୍ଭସ୍ଥ ଶିଶୁର ଯତ୍ନ ପରିବର୍ତ୍ତେ ଅନ୍ୟ ବାଟରେ ବିନିଯୋଗ ହେଉଥିବା ଜାଣି ନାରୀ ନ୍ୟାୟ ବାହିନୀ ଟିମ୍ ଉଦ୍‌ବେଗ ପ୍ରକାଶ କରିଥିଲା। ଏଭଳି ସ୍ପର୍ଶକାତର ଘଟଣାକୁ ଗୁରୁତର ଭାବେ ନେଇ ସରକାର ଉପଯୁକ୍ତ ଥଇଥାନ କରିବାକୁ ଟିମ୍ ପକ୍ଷରୁ ଦାବି କରାଯାଇଥିଲା। ଏହି ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଶ୍ରୀ କଳ୍ପନା ରାଉତରାୟ, ସୃଷ୍ଟି ସୌମେନ, ଶେଫାଳୀ ଶର୍ମା ଓ ଆଇନଜୀବୀ ବିଶ୍ୱରଞ୍ଜନ ମହାରଥା ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ କାଠକୋଟ ପଞ୍ଚାୟତ ବାଣଶରା ଗ୍ରାମର ଭାଗ୍ୟଧର ଦାଶ ଓ ପଞ୍ଚାନନ ଦାଶ ଗିରଫ ହୋଇ ଜେଲ ଯାଇଛନ୍ତି।

**ସଂକ୍ଷେପରେ**

## ୧୨ ଫୁଟର ଅହିରାଜ ଉଦ୍ଧାର



ପାତ୍ରପୁର,୨୭।୭(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଅନ୍ତର୍ଗତ ଦମୋଦରପଲ୍ଲି ଗ୍ରାମରୁ ରବିବାର ୧୨ ଫୁଟ ଲମ୍ବର ଏକ ଅହିରାଜ ଉଦ୍ଧାର ହୋଇଛି । ଅପରାହ୍ନରେ ଗ୍ରାମର ଦୀନବନ୍ଧୁ ପ୍ରଧାନ ତାଙ୍କ ଗୁହାଳ ନିକଟରେ ଅହିରାଜଟି ଏକ ଡମଣା ସାପକୁ ଖାଉଥିବା ଦେଖି ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ । ସ୍ନେକ ହେଲ୍ପ ଲାଇନ ସଦସ୍ୟ ରାମଚନ୍ଦ୍ର ସାହୁ ପହଞ୍ଚି ଅହିରାଜକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଛନ୍ତି।

## ଦାରିଙ୍ଗବାଡ଼ି ବ୍ଲକ: ବିଏସ୍ଏନ୍ଏଲ୍ ସେବା ବ୍ୟାହତ ଉପଭୋକ୍ତା ହଟହଟା

ଦାରିଙ୍ଗବାଡ଼ି,୨୭।୭(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ବିଏସ୍ଏନ୍ଏଲ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଗତ ୧ ବର୍ଷ ଧରି ସିଆଙ୍ଗବାଲି ପଞ୍ଚାୟତରେ ବିଏସଏନଏଲ ମୋବାଇଲ ସେବା ଅଚଳ ହୋଇଥିବା ବେଳେ ସିମନବାଡ଼ି ଏବଂ ଗଦାପୁର ପଞ୍ଚାୟତରେ ପ୍ରାୟ ୧ ମାସ ହେଲା ମୋବାଇଲ ସେବା, ଇଣ୍ଟରନେଟ ଅଚଳ ହୋଇପଡ଼ିଛି। ସେହିପରି ଦାରିଙ୍ଗବାଡ଼ି, ପ୍ଲିହେରୀ, ଦାସିଂବାଡ଼ି, ସୋନପୁର ଆଦି ପଞ୍ଚାୟତ ଅଞ୍ଚଳରେ ୩ ଦିନରୁ ଉର୍ଦ୍ଧ୍ୱ ହେବ ସେବା ବ୍ୟାହତ ହୋଇଛି। ସିଆଙ୍ଗବାଲି, ସିମନବାଡ଼ି ଏବଂ ଗଦାପୁର ଅଞ୍ଚଳବାସୀ ମୋବାଇଲ ସେବା ଅଚଳ ଯୋଗୁ ଅନଲାଇନ କାର୍ଯ୍ୟ ଓ ରନ୍ଧନ ଗ୍ୟାସ ବୁକିଂ କରପାରୁନାହାନ୍ତି। ଉପଭୋକ୍ତା ମାନେ ସିମ ଆକ୍ଟିଭ ରଖିବା ପାଇଁ ନେଟୱର୍କ ନ ଥିଲେ ମଧ୍ୟ ଅନ୍ୟ ନେଟୱର୍କକୁ ଯାଇ ଭାଉଚର ପକାଇ କ୍ଷତି ସହୁଛନ୍ତି। ଏ ନେଇ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ବିଭାଗ ଆଜି, କାଲି କହି ଟାଳଟୁଳ ନୀତି ଅବଲମ୍ବନ କରୁଛି। ସିମନବାଡ଼ିରେ ନେଟୱର୍କ ଶୁକ୍ରବାର ସକାଳ ସୁଦ୍ଧା ସ୍ୱାଭାବିକ ହୋଇଯିବ ବୋଲି ବିଏସଏନଏଲ୍ ଡିଜିଏମ ବୃନ୍ଦାବନ ମାଝୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରବିବାର ପର୍ଯ୍ୟନ୍ତ ସ୍ୱାଭାବିକ ହୋଇନଥିବାରୁ ଅସନ୍ତୋଷ ଦେଖାଯାଇଛି। ଏହା ପ୍ରତିବାଦରେ ସିମନବାଡ଼ି ଅଞ୍ଚଳବାସୀ ଆସନ୍ତା ମଙ୍ଗଳବାର ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ବଣିକ ସଂଘ ସଭାପତି ମହେଶ କୁମାର ସାହୁ, ସାମାଜିକ କର୍ମୀ ପରମେ ପ୍ରଧାନ କହିଛନ୍ତି।

## ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଗୋପାଳପୁର,୨୭।୭(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ବିକ୍ରମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ବିଇଓ ଦେବେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ କହଁର ଗତ କିଛିମାସ ହେଲା ବିନା ଦରଖାସ୍ତରେ ଛୁଟିରେ ରହିଥିଲେ। ସପ୍ତାହକ ତଳେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ଦୀର୍ଘଦିନର ଅନୁପସ୍ଥିତିକୁ ନେଇ ବିଇଓ ବେହେରାଙ୍କ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ କହଁରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଉତ୍ତର ସନ୍ତୋଷଜନକ ହୋଇ ନ ଥିବାରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି । ନିଲମ୍ବନ ଆଦେଶ ହଟିବା ଯାଏଁ ସେ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ହାଇସ୍କୁଲରେ ଉପସ୍ଥାନ ଦେବାକୁ ନିର୍ଦ୍ଦେଶ ହୋଇଛି।

## ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ବାଲିଗୁଡ଼ା,୨୭।୭(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ସମ୍ମୁଖ ୫୯ ନଂ. ଜାତୀୟ ରାଜପଥରେ ରବିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଗୋଟିଏ ବାଇକ୍ ଚୁରମାର୍ ହୋଇଥିବା ବେଳେ ଜଣେ ଚାଳକ ଗୁରୁତର ଓ ଅନ୍ୟ ଚାଳକ ଜଣକ ଆହତ ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଛି ପୋଲିସ୍। ଗୁରୁତର ଆହତ ସୀତାପଡ଼ି ଗ୍ରାମର ରଘୁନାଥ ମଲ୍ଲିକଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଫୁଲବାଣୀସ୍ଥିତ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ଆବାସ ଅପେକ୍ଷାରେ ୧.୭୫ ଲକ୍ଷ ପରିବାର

ଛତ୍ରପୁର, ୨୭।୭(ସନ୍ତୋଷ ପାଢ଼ୀ)

**ଗଞ୍ଜାମ ଜିଲା**

- ଦିଗହରା ହେଉଛି ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ ) ଯୋଜନା
- ମଞ୍ଜୁରୀରେ ବିଳମ୍ବ ଯୋଗୁ ଗୃହନିର୍ମାଣ ଅଧାପନ୍ତରିଆ

ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନା ଦିଗହରା ହୋଇପଡିଛି। ଲକ୍ଷାଧିକ ପରିବାର ଏହି ଯୋଜନାରେ ଆବାସ ଖଣ୍ଡେ ପାଇବା ପାଇଁ ବର୍ଷ ବର୍ଷ ଅପେକ୍ଷା କରି ରହୁଛନ୍ତି। ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେର ହିତାଧିକାରୀଙ୍କୁ ଏଯାଏ କୌଣସି ସୁଫଳ ମିଳିନାହିଁ। ବର୍ଷେ ପରେ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ ) ଯୋଜନାରେ ଆବାସ ନିର୍ମାଣ ସରୁନି। ଠିକ ସମୟରେ ଆବାସ ନିର୍ମାଣ ପାଇଁ ପ୍ରଶାସନ ମଞ୍ଜୁରୀ ଦେବାରେ ବିଳମ୍ବ କରୁଛି। ଏଥିଯୋଗୁ ଗଞ୍ଜାମ ଜିଲାରେ ୧.୭୫ ଲକ୍ଷ ପରିବାର ଆବାସ ଅପେକ୍ଷାରେ ରହିଛନ୍ତି।

ଜିଲାରେ ୨୨ ବ୍ଲକରେ ୫୦୩ ପଞ୍ଚାୟତ ରହିଛି। ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ସ୍ତର ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥାଏ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଗଞ୍ଜାମ ଜିଲା ପରିଷଦକୁ ପ୍ରଦତ୍ତ ତଥ୍ୟ ଅନୁସାରେ ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ଗଞ୍ଜାମ ଜିଲାର ୨୨ ବ୍ଲକରେ ୩୬ ହଜାର ୨୮୭ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ନିର୍ମାଣ ଲାଗି ମଞ୍ଜୁରୀ ମିଳିଥିଲା। ସେଥିରୁ ୩୦ ହଜାର ୪୬୩ ଆବାସ ନିର୍ମାଣ ସରିଥିବା କୁହାଯାଇଛି। ତେବେ ଜିଲାରେ ଲକ୍ଷାଧିକ ପରିବାର ଝାଟିମାଟି ଓ ପକ୍କା ଘରେ ରହୁଛନ୍ତି। ଏମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘରଟିଏ ପାଇଁ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡିଓ ଓ ଜିଲାପାଳଙ୍କୁ ଜଣାଇ ଆସୁଥିଲେ ମଧ୍ୟ ସୁଫଳ ପାଉନାହାନ୍ତି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ପ୍ଲସ ନାମରେ ଜିଲାରେ ସର୍ଭେ କରିବାକୁ ସ୍ଥିର ହୋଇଥିଲା। ଏଥିରେ ଜିଲାର ୫୦୩ ପଞ୍ଚାୟତର ୧ ଲକ୍ଷ ୭୫ ହଜାର ୫୦୪ ପରିବାର ଆବାସ ପାଇବା ପାଇଁ ପଞ୍ଜୀକରଣ ହୋଇଥିଲେ। ସରକାରୀ ଅଧିକାରୀମାନେ ଘରକୁ ଘର ବୁଲି ଏହି ସର୍ଭେ କରିଥିଲେ। ବର୍ତ୍ତମାନ ପଞ୍ଚାୟତ ସ୍ତରରେ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ ଚାଲିଛି। ଏହାପରେ ବ୍ଲକ ସ୍ତରରେ ଏବଂ ପରେ ଜିଲା ସ୍ତରରେ ଯାଞ୍ଚ ହେବ। ସମସ୍ତ ପ୍ରକ୍ରିୟା ପରେ କେବେ ଏହି ଯୋଜନାରେ ଆବାସ ମିଳିବ ସେନେଇ ହିତାଧିକାରୀମାନେ ଚିନ୍ତାରେ ରହିଛନ୍ତି।

୨୦୨୪-୨୫ରେ ଜିଲାର ୪୦୫୪ ପରିବାରଙ୍କୁ ଅନ୍ତ୍ୟୋଦୋୟ ଗୃହ ଯୋଜନାରେ ଆବାସ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିଲା। ଏଥିପାଇଁ ବର୍ଷେ ୩୩୮୦ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଛି। ଫଳରେ ଆବାସ ଅଧାପନ୍ତରିଆ ହୋଇପଡିଛି। ଏହି ଯୋଜନାରେ ୨୦୨୫-୨୬ରେ ଜିଲାର ୪୭୭୫ ପରିବାରଙ୍କୁ ସାମିଲ କରାଯାଇଥିଲା। ମାତ୍ର ଏଥିପାଇଁ କୌଣସି ଅର୍ଥ ମଞ୍ଜୁର କରାଯାଇନି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ ) ଯୋଜନାରେ ଆବାସ ନିର୍ମାଣ ପାଇଁ ପୂର୍ବରୁ ୧ ଲକ୍ଷ ୩୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୧ ଲକ୍ଷ ୨୦ ହଜାର ଟଙ୍କା ମିଳୁଛି। ୩ ମାସ ମଧ୍ୟରେ ଆବାସ ନିର୍ମାଣ କଲେ ଅତିରିକ୍ତ ୨୦ ହଜାର ଟଙ୍କା ଏବଂ ୬ ମାସ ମଧ୍ୟରେ ନିର୍ମାଣ କଲେ ଅତିରିକ୍ତ ୧୦ ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି। ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ଏବଂ ଏମ୍‌ଜିଏନଆରଇଜିଏସ୍‌ରେ ଏହି ଆବାସ ନିର୍ମାଣ ଲାଗି ୧୬ ହଜାର ଟଙ୍କାର ଶ୍ରମ ପାଇଁ ମଜୁରି ମିଳୁଛି।

## ଅଗ୍ନିକାଣ୍ଡ: ୩ ପରିବାରର ୮ ବଖରା ଭସ୍ମୀଭୂତ



ଅଗ୍ନି ବିପନ୍ନଙ୍କ ସହ କଥା ହେଉଛନ୍ତି ଅତିରିକ୍ତ ତହସିଲଦାର।

ଖଲ୍ଲିକୋଟ,୨୭।୭(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାରର ୮ ବଖରା ଘର ଭସ୍ମୀଭୂତ ହେବା ସହ ଲକ୍ଷାଧିକ ଟଙ୍କା ଏବଂ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ଗ୍ରାମର ବି.ସନ୍ତୋଷୀ ପାତ୍ର, ଏନ. ଶାନ୍ତି ପାତ୍ର ଓ କେ. ପୂର୍ଣ୍ଣଚନ୍ଦ୍ର ପାତ୍ର ଦିନମଜୁରିଆ ହୋଇଥିବାରୁ ସେମାନେ ଧାନ ବିଲରେ କାମ କରିବାକୁ ଯାଇଥିବା ବେଳେ ଘରେ ଅଗ୍ନିକାଣ୍ଡ ଘଟିଛି। ନିଆଁ କିପରି ଲାଗିଲା ଜଣା ପଡି ନ ଥିଲେ ମଧ୍ୟ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଗ୍ରାମବାସୀଙ୍କଠାରୁ ଶୁଣିବାକୁ ମିଳୁଛି। ପ୍ରଥମେ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବରପାଇ ଖଲ୍ଲିକୋଟ ଏବଂ ରମ୍ଭା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୩ ପରିବାରର ଘରେ ଥିବା ଧାନ, ଚାଉଳ, ପେଡି, ଆଲମାରୀରେ ଥିବା ଲୁଗାପଟା, ଟଙ୍କା, ସୁନା ଆଦି ସବୁ ପୋଡି ଯାଇଥିଲା। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ, କେଶପୁର ଆର୍ଆଇ ମୋହନ ପାତ୍ର ପ୍ରମୁଖ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିବିପନ୍ନଙ୍କୁ ପାଲ ପ୍ରଦାନ କରାଯାଇଛି।

ଅଗ୍ନି ବିପନ୍ନ ଏନ. ଶାନ୍ତିଙ୍କ ସ୍ୱାମୀ ଏନ. ତାରେଶ୍ୱର ପାତ୍ର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଛନ୍ତି। ସେହିପରି ବି .ସନ୍ତୋଷୀଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଥିବା ବେଳେ ସେ ଦିନ ମଜୁରି କରି ରଖିଥିବା ଟଙ୍କାରେ ନିଆଁ ଲାଗିଯାଇଛି। ସେ ଓଦା ଏବଂ ଅଧାପୋଡା ୫୦୦ ଟଙ୍କିଆ ନୋଟ ବିଡାକୁ ଧରି ଦାଣ୍ଡରେ ଭୋ ଭୋ କାନ୍ଦି ଗଡୁଥିବା ଦେଖାଯାଇଥିଲା। ସର୍ବସ୍ୱ ହରାଇଥିବା ୩ ଗରିବ ପରିବାରକୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲା ଲେଖକ ସାମ୍ମୁଖ୍ୟର ସାହିତ୍ୟ ଆସର




ସାହିତ୍ୟ ସୃଜନ ସମାବେଶରେ ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ସହ ଅନ୍ୟମାନେ।

ଫୁଲବାଣୀ,୨୭।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଲେଖକ ସାମ୍ମୁଖ୍ୟର ମାସାନ୍ତ ରବିବାସରୀୟ ସାହିତ୍ୟ ସୃଜନ ସମାବେଶ ଗୋଛାପଡାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଲେଖକ ସାମ୍ମୁଖ୍ୟର ନୂତନ ଶାଖା ଗୋଛାପଡାଠାରେ ଉଦଘାଟିତ ହୋଇଥିଲା। ଜିଲା ଲେଖକ ସାମ୍ମୁଖ୍ୟ ସଭାପତି ରବୀନ୍ଦ୍ରନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କବି ବିଦେଶୀ ନାୟକ ଓ ଶିକ୍ଷାବିତ ତ୍ରିଲୋଚନ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଉତ୍ତମ ଚିକିତ୍ସିକା ଭାବେ ସାଇସ୍ତା ପରବିନ, ଉତ୍ତମ ସ୍ୱାସ୍ଥ୍ୟ ସେବକ ଭାବେ ପ୍ରଶାନ୍ତ କୁମାର ସାହୁ, ଆଦର୍ଶ ଶିକ୍ଷକ ଭାବେ ରମେଶ କୁମାର ସାହୁ, ଶିଶିର କୁମାର ରାଉତରାୟ, ଉତ୍ତମ ନାଟ୍ୟଗୁରୁ ଭାବେ ପଞ୍ଚୁଦେବ ପ୍ରଧାନ, ମେଧାବୀ ଛାତ୍ର ଅନିରୁଦ୍ଧ ସାହୁ ଏବଂ ସୁକୁମାରୀ କହଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ଧଳ ମଞ୍ଚ ସଂଯୋଜନା କରିଥିବା ବେଳେ ଉପ ସଭାପତି ଅଶୋକ କୁମାର ମିଶ୍ର ଅତିଥି ପରିଚୟ ଓ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଜ୍ୟୋତିର୍ମୟୀ କହଁର, ଅଧ୍ୟାପିକା ହରପ୍ରିୟା ମିଶ୍ର, ଛାତ୍ରଛାତ୍ରୀ ଓ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଲେଖକ ସମ୍ମୁଖ୍ୟ ଉପସଭାପତି ବିଜୟ କୁମାର ମହାନ୍ତି, ପୁର୍ଣ୍ଣେନ୍ଦୁ ତ୍ରିପାଠୀ, ବନ ବିହାରୀ ନନ୍ଦ, ନବ କିଶୋର ରଥ, ଦୁର୍ଯ୍ୟୋଧନ ପ୍ରଧାନ, ଆରତି ପରିଛା, ବନିତା ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ନୂତନ ଗୋଛାପଡା ଶାଖାର ସଭାପତି ଭାବେ ମୋହନ ଦିଗାଲ, ଉପ ସଭାପତି ପ୍ରେମଲତା ସାହୁ, ସମ୍ପାଦକ ନାଭିଦତ୍ୟ ଦିଗାଲ, ସହ ସମ୍ପାଦକ ନୀଳକାନ୍ତି ସାହୁ, ସଂଗଠନ ସମ୍ପାଦକ ଅର୍ଜୁନ କହଁର, କୋଷାଧ୍ୟକ ଗୌରାଙ୍ଗ କହଁର ପ୍ରମୁଖ ମନୋନୀତ ହୋଇଥିଲେ।

## ତୁରୁବୁଡିରେ ଲାଗିଲା ୫ଶହ ଚାରା

ପାତ୍ରପୁର,୨୭।୭(ଉମା ଚରଣ ନେପାକ)

ବ୍ରହ୍ମପୁର ବନଖଣ୍ଡ ଅଧୀନ ସାମନ୍ତିଆପଲ୍ଲୀ ବନାଞ୍ଚଳର ତୁରୁବୁଡିଠାରେ ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ସାମିଲ ହୋଇ ଚାରାରୋପଣ କରିଥିଲେ। ଟିକିଟି କଂଗ୍ରେସ ନେତା ରବୀନ୍ଦ୍ର ଦ୍ୟାନ ସାମନ୍ତରା, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୟ ଦାସବର୍ମା, ତୁରୁବୁଡି ସମିତିସଭ୍ୟ ଭାରତ ଭୂଷଣ ସାହୁ, ପ୍ରମୋଦ ସାହୁ, ଉମାକାନ୍ତ ସାହୁ, କିଶୋର ଚନ୍ଦ୍ର ସାହୁ, ସନ୍ତୋଷ ଦାସ, ଭୋଳେଶ୍ୱର ସାହୁ ,ପ୍ରଦ୍ୟୁମ୍ନ କୁଣ୍ଡ, ବିଜୟ ରଣା, ଏ. ମୋହନ ରାଓ, ଫରେଷ୍ଟର ରାଜେନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୫ଶହରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

## ମଲାଡ଼ରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ

ଗଞ୍ଜାମ,୨୭।୭(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାର୍ଯ୍ୟ ଚାଲିଛି। କୁଶପଲ୍ଲୀଠାରେ ୮ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ, ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମଲାଡ଼ କାଞ୍ଚନେଶ୍ୱର ହାଇସ୍କୁଲ ଖେଳ ପଡିଆ ନିର୍ମାଣ, ୮ ଲକ୍ଷରେ ରାଉଳିବନ୍ଧ ଡ୍ରେନ ଓ ବରୋଦା ଗ୍ରାମରେ ୨ଟି ଗାର୍ଡ ୱାଲ ନିର୍ମାଣ ଚାଲିଛି। ଏସବୁ କାର୍ଯ୍ୟକୁ ସରପଞ୍ଚ ମମତା ବେହେରା ନିଜେ ଅନୁଧାନ କରୁଛନ୍ତି। ନିମ୍ନମାନର କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସରପଞ୍ଚଙ୍କ ଅନୁଧାନ ବେଳେ ସମିତି ସଭ୍ୟ ପ୍ରତିନିଧି ଲିଙ୍ଗରାଜ ମହାପାତ୍ର, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା, ଭାଜପା ମଣ୍ଡଳ ସଭାପତି ଟୁକୁନା ସାହୁ, ସନ୍ତୋଷ ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## ପିଏମ୍ ସୂର୍ଯ୍ୟ ଘର ଯୋଜନା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଛତ୍ରପୁର,୨୭।୭(ଦିଲ୍ଲୀପ ସାମଲ)

ପରିବେଶ ସୁରକ୍ଷା ପାଇଁ ଅକ୍ଷୟ ଶକ୍ତିର ବ୍ୟବହାର କରି ବିଦ୍ୟୁତ୍ ବିଲ କମାଇବା ଉଦ୍ଦେଶ୍ୟରେ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁରସ୍ଥିତ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ହୋଇଥିବା ଏହି କାର୍ଯକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଏନଏସି ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ୟୁଥ ମାସ ସେବା ସଂଘର ସମ୍ପାଦକ ସୟଦ ମୁକ୍ତାର, ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାଶ, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ, ଠିକାଦାର ବଇଁଶୀ ସାହୁ ପ୍ରମୁଖ ଯୋଗଦେଇ ପରିବେଶ ବଞ୍ଚାଇବାରେ ଏହି ଯୋଜନାର ପ୍ରମୁଖ ଭୂମିକା ରହିଥିବା କହିଥିଲେ । ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସବସିଡ଼ି ବିଷୟରେ ସ୍ୱୀକୃତିପ୍ରାପ୍ତ ଭେଣ୍ଡର ଜୟପ୍ରଭା ଇଲେକ୍ଟ୍ରିକାଲ ଆଣ୍ଡ ଇଞ୍ଜିନିୟର ସଂସ୍ଥାର ଅବିନାଶ ପରିଡା ଉପସ୍ଥିତ ରହି ଉପଭୋକ୍ତାମାନଙ୍କୁ ବୁଝାଇଥିଲେ। ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୟଦ ମୁକ୍ତାର ଧନ୍ୟବାଦ ଅର୍ପଣ କରିଥିଲେ।

## ଲାୟନ୍ସ କ୍ଲବର ଅଧିଷ୍ଠାନ ସମାରୋହ

କବିସୂର୍ଯ୍ୟନଗର,୨୭।୭ (କୃପାସିନ୍ଧୁସ୍ୱାଇଁ)

କବିସୂର୍ଯ୍ୟନଗର ଲାୟନ୍ସ କ୍ଲବ ସଭାପତି ରୂପେ ରବିବାର କୃପାସିନ୍ଧୁ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏନେଇ ଅନୁଷ୍ଠିତ ଅଧିଷ୍ଠାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଲାୟନ୍ସ ପିଡ଼ିଜି, ପିଏମ୍‌ଜେଏଫ ତଥା ଇଷ୍ଟାଲେସନ ଅଫିସର ହରିହର ଦାସ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ପୂର୍ବତନ ସଭାନେତ୍ରୀ ଇ. ମାହେଶ୍ୱରୀ ଦୋରା ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଜାତୀୟ ସଙ୍ଗୀତ ଗାନ, ଇନଭୋକେଶନ, ପିସ୍ ପ୍ରେୟାର, ବିଶ୍ୱଶାନ୍ତି ପାଇଁ ମିନିଟିଏ ନୀରବ ପ୍ରାର୍ଥନା ହୋଇଥିଲା । ଇନଷ୍ଟାଲେଶନ ଅଫିସର ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ନୂତନ ସଭାପତି ଖବରଦାତା ଇଂ. କୃପାସିନ୍ଧୁ ସ୍ୱାଇଁ ନିଜ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସର୍ଭିସ ଚେୟାର ପରଶନ ଇଂ. ଦିଲ୍ଲୀପ ଖଣ୍ଡୁଆଳ, ଡାଇରେକ୍ଟର ସୁକୁମାର, ଡାଇରେକ୍ଟର ଡ଼. ଭାଗୀରଥି ଶତପଥୀ, ଡାଇରେକ୍ଟର ଡ଼. ଅକ୍ଷୟ ମିଶ୍ର, ନୂତନ ଉପସଭାନେତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର, ନୂତନ ସମ୍ପାଦକ ପ୍ରଭାସ ଚନ୍ଦ୍ର ନାହାକ, କୋଷାଧ୍ୟକ୍ଷ ସୁପ୍ରଭା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଡାଇରେକ୍ଟର ସୁକୁମାର ମାଝୀ ଧନ୍ୟବାଦ ଦେଇଥିଲେ ।

## ଥାନା ଚାରିପଟୁ ଜବରଦଖଲ ଉଚ୍ଛେଦ ଆରମ୍ଭ



ଜବରଦଖଲରେ ଥିବା ଲୋକଙ୍କ ବାସସ୍ଥାନକୁ ଉଚ୍ଛେଦ କରାଯାଇଛି।

ଦାରିଙ୍ଗବାଡ଼ି,୨୭।୭(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଚାରିପଟକୁ ଜବରଦଖଲ କରି ଏକାଧିକ ଲୋକ ବସବାସ କରୁଛନ୍ତି। ଏଥିଯୋଗୁ ଥାନା ପରିସର ଦିନକୁ ଦିନ ସଙ୍କୁଚିତ ହୋଇପଡୁଛି। ତେବେ ରବିବାରଠାରୁ ଥାନା ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ ଆରମ୍ଭ କରାଯାଇଛି। ଥାନା ଅଧିକାରୀ ତଥା ଡିଏସ୍‌ପି କନକ କୁମାର ମାଝୀଙ୍କ ନେତୃତ୍ୱରେ ସଦଳବଳ ଉପସ୍ଥିତିରେ ଥାନା ମୁଖ୍ୟ ଫାଟକଠାରୁ ବସ୍‌ଷ୍ଟାଣ୍ଡ ରୋଡରେ ଉଚ୍ଛେଦ ଆରମ୍ଭ ହୋଇଛି। ଥାନା ସମ୍ମୁଖ ଏବଂ ପଛପାଖ ସମସ୍ତ ଅଞ୍ଚଳ ଦୀର୍ଘବର୍ଷ ହେଲା ଜବରଦଖଲ ହୋଇ ରହିଛି। ଥାନାର ଏବେ ପକ୍କା କଂକ୍ରିଟ ପାଚେରି ନିର୍ମାଣ କରାଯିବାକୁ ରହିଛି। ତେଣୁ ପୋଲିସ ବଡ଼ ପଦକ୍ଷେପ ନେଇ ଜବରଦଖଲ ଉଚ୍ଛେଦ କରୁଥିବା ଡିଏସ୍‌ପି ମାଝୀ କହିଛନ୍ତି। ପ୍ରଥମ ଦିନ ଛୋଟବଡ଼ ବାସଗୃହ ସମେତ ଦୋକାନ ଗୃହ ଆଦି ଉଚ୍ଛେଦ କରାଯାଉଛି।

# ବର୍ଷ ସାରା ମିଳିବ ପଣସ

ଫୁଲବାଣୀ, ୨୭।୭ (ରାକେଶ କୁମାର ରାଉତ)

**ପ୍ରକ୍ରିୟାକରଣ ୟୁନିଟ୍ ପ୍ରସ୍ତୁତ କରିବ କଞ୍ଚା, ପାଚିଲା ପଣସରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ**

ପଣସ କଠା ତରକାରୀ ହେଉ ଅବା ଚିପ୍‌ସର ସ୍ୱାଦ ନିଆରା। ବର୍ଷର ନିର୍ଦ୍ଦିଷ୍ଟ ସମୟରେ ଏହା ମିଳେ। ଆଉ ପଣସ ପାଇଁ ବର୍ଷର ସେହି ଗୋଟିଏ ସମୟକୁ ଅପେକ୍ଷା କରିବାକୁ ପଡ଼ିବନି। ଏଣିକି ବର୍ଷସାରା ଉପଲବ୍ଧ ହେବ ପ୍ରକ୍ରିୟାକୃତ କଠା ପଣସ ଓ ଚିପ୍‌ସ। ପ୍ୟାକେଟରେ ମିଳିବ ପନିର କଟ୍ ଓ ଚିପ୍‌ସ। ପ୍ୟାକେଟ ଖୋଲି ତରକାରି କରିହେବ ଅବା ଚିପ୍‌ସ ଛାଣି ହେବ ।

ହଳଦୀ ଓ ଅଦା ପାଇଁ ପ୍ରସିଦ୍ଧି ଲାଭ କରିଥିବା କନ୍ଧମାଳ ଜିଲାର ଅନ୍ୟତମ ପ୍ରମୁଖ କୃଷି ଉତ୍ପାଦ ହେଉଛି ପଣସ। ମାତ୍ର ଏଯାଏ ଚାଷୀଙ୍କୁ ପ୍ରକୃତ ଲାଭ ମିଳିପାରିନାହିଁ। ଜ୍ୟାକଫ୍ରୁଟ ମିଶନ ଜରିଆରେ ଏବେ କନ୍ଧମାଳର ପଣସରୁ ହେଉଥିବା ଉତ୍ପାଦ ଯଥା ପନିରକଟ, ପଣସ ଚିପ୍‌ସ ଓ ପଣସ ପାଉଡର୍‌କୁ ଜାତୀୟ ସ୍ତରରେ ପରିଚିତ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ବଜାରରେ ଏସବୁ ସାମଗ୍ରୀର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟିକ ଭିତ୍ତିରେ ଏହାର ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆଯାଉଛି। ଚଳିତ ବର୍ଷ ପ୍ରାୟ ୫୦୦ କୁଇଣ୍ଟାଲ ପଣସ ପ୍ରକ୍ରିୟାକରଣ ପାଇଁ ଯୋଜନା ହୋଇଛି। କନ୍ଧମାଳ ଆପେକ୍ସ ସ୍ପାଇସେସ ଆସୋସିଏଶନ ଫର୍ ମାର୍କେଟିଂ ଏହାର ଦାୟିତ୍ୱ ନେଇଛି।

ଜିଲାରେ ପ୍ରତି ବର୍ଷ ୬ ଲକ୍ଷ ଟନ୍ ପଣସ ଓ ୯ ଲକ୍ଷ ଟନ୍ ଆମ୍ବ ଅମଳ ହୁଏ। ଏଥିରୁ ଅଧିକ ପରିମାଣର ଫଳ ବଣ ଜଙ୍ଗଲରେ ଗଛରୁ ପ୍ରାକୃତିକ ଭାବେ ମିଳିଥାଏ। କିଛି ଉଦ୍ୟାନ କୃଷି ଜରିଆରେ ମଧ୍ୟ ଚାଷ ହେଉଛି। ତେବେ ଶୀତଳଭଣ୍ଡାର ଓ ପ୍ରକ୍ରିୟାକରଣ ଶିଳ୍ପ ନ ଥିବାରୁ ଜିଲାରେ ଉତ୍ପାଦିତ ଆମ୍ବ ଓ ପଣସ ବିଶେଷ କାମରେ ଲାଗୁ ନ ଥିଲା। ଏଥିରେ ପରିବର୍ତ୍ତନ ଆଣିବାକୁ ଗତବର୍ଷଠାରୁ ସରକାରୀ ସ୍ତରରେ ପଦକ୍ଷେପ ଆରମ୍ଭ ହୋଇ ଓଡ଼ିଶା ଜ୍ୟାକଫ୍ରୁଟ ମିଶନରେ କନ୍ଧମାଳ ସମେତ କଳାହାଣ୍ଡି, କୋରାପୁଟ ଓ ଢେଙ୍କାନାଳ ଜିଲାକୁ ସାମିଲ କରାଯାଇଛି। ରାଜ୍ୟ ଉଦ୍ୟାନ ବିଭାଗ ତତ୍ତ୍ୱାବଧାନରେ ଚାଲିଥିବା ଏହି ମିଶନରେ କନ୍ଧମାଳ ଜିଲାର କଳିଙ୍ଗାଠାରେ ଥିବା ଉଦ୍ୟାନ କୃଷି ତାଲିମ କେନ୍ଦ୍ର ପରିସରରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏକ ପଣସ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରାଯାଇଛି। ଏଠାରେ କଞ୍ଚା ଓ ପାଚିଲା ପଣସର ପ୍ରକ୍ରିୟାକରଣ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ସହ ସଂରକ୍ଷଣ ହେବ। ୫ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଏକ ଶୀତଳ ଭଣ୍ଡାର ମଧ୍ୟ ନିର୍ମାଣ ହୋଇଛି। ଏହି ଉଦ୍ୟୋଗ ଦୈନିକ ୫୦୦ କିଲୋ ପର୍ଯ୍ୟନ୍ତ ପଣସ ପ୍ରକ୍ରିୟାକରଣ କ୍ଷମତା ରଖିଛି। ୟୁନିଟ ପରିଚାଳନା ଦାୟିତ୍ୱ ଜିଲାର ଅଗ୍ରଣୀ କୃଷି ଉଦ୍ୟୋଗ ସଂସ୍ଥା 'କସମ' ନେଇଛି।

ଗତ ବର୍ଷଠାରୁ ପରୀକ୍ଷାମୂଳକ ଭାବେ ଏହି ୟୁନିଟ୍ ପଣସର ବିଭିନ୍ନ ଉତ୍ପାଦ ପ୍ରସ୍ତୁତି ଆରମ୍ଭ କରି ବଜାରରେ ଚାହିଦା ଅନୁସାରେ ଉତ୍ପାଦନ କ୍ଷମତା ବଢ଼ାଇବାକୁ ଲକ୍ଷ୍ୟ ରଖିଥିବା କସମ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକ କହିଛନ୍ତି। ଏଠାରେ ଉଭୟ କଞ୍ଚା ଓ ପାଚିଲା ପଣସକୁ ପ୍ରକ୍ରିୟାକରଣ କରି ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଛି। କଞ୍ଚା ପଣସରୁ ତିଆରି ହେଉଛି ପନିର କଟ୍। ଏହା ତରକାରି ପାଇଁ ବ୍ୟବହୃତ ହୋଇପାରିବ। ପଣସର ମଝି ଦଣ୍ଡାକୁ ଶୁଖାଇ ସେଥିରୁ ପ୍ରସ୍ତୁତ ହେଉଥିବା ଗୁଣ୍ଡ ମଧୁମେହ ରୋଗୀଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପାଚିଲା ପଣସରୁ ପ୍ରସ୍ତୁତ ହେଉଛି ମଣ୍ଡ ଅଟା। ତେବେ ୟୁନିଟର ପ୍ରମୁଖ ଉତ୍ପାଦ ହେଉଛି ପଣସ ଚିପ୍‌ସ । ଅଧା ପାଚିଲା ପଣସରୁ ପ୍ରସ୍ତୁତ ହେଉଥିବା ଏହି ଚିପ୍‌ସର ଚାହିଦା ବଜାରରେ ରହିଛି ବୋଲି କସମ ସମ୍ପାଦକ ପଟ୍ଟନାୟକ କହନ୍ତି। ଆଳୁ, ଦେଶୀଆଳୁ, କଞ୍ଚା କଦଳୀ ଭଳି ପଣସ ଚିପ୍‌ସ ମଧ୍ୟ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବଜାରକୁ ପଠାଯାଉଛି। ଫୁଲବାଣୀ ସହର ସମେତ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରରେ କସମ ତା'ର ଅଧିକୃତ ବିକ୍ରେତା ନିଯୁକ୍ତି କରି ଏହାର ବଜାର ବ୍ୟବସ୍ଥାକୁ ଦୃଢ କରୁଛି।



ପ୍ରକ୍ରିୟାକରଣ ମେଶିନ୍।

# କାଣୀ ନଦୀବନ୍ଧର ୫ ସ୍ଥାନରେ ଘଳିଆ

## ବୈତରଣୀରେ ଭାସି ଜଣେ ଯୁବକ ନିଖୋଜ

- ବୈତରଣୀ ମୁହାଣ କଣ୍ଟପଡ଼ା ନିକଟରେ ଚାଷ ଜମିରେ ବନ୍ୟାପାଣି
- ରାସ୍ତାରେ ଅଟକି ରହିଛନ୍ତି ପ୍ରାୟ ୧୫ ହଜାର ବୋଲବମ ଭକ୍ତ
- ନୂଆ ଜିଲାପାଳଙ୍କ ବନ୍ୟା ସ୍ଥିତି ସମୀକ୍ଷା

ଯାଜପୁର/ଦଶରଥପୁର(ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ),୨୭।୭



କାଣୀ ନଦୀବନ୍ଧରେ ହୋଇଥିବା ଘାଇରେ ବାଲିବସ୍ତା ପକାଯାଇଛି ।



କାଣୀ ନଦୀର ପଛପଡ଼ା ନିକଟରେ ଘଳିଆ ମରାମତି କରାଯାଉଛି ।



ବନ୍ୟାପାଣି ଘେରରେ କୟାଁ ଗାଁ ।

ବୈତରଣୀର ଶାଖା କାଣୀ ନଦୀର ବାମପାର୍ଶ୍ୱ ନଦୀବନ୍ଧର ୫ଟି ସ୍ଥାନରେ ରବିବାର ଅତଡ଼ା ଖସି ଘଳିଆ ସୃଷ୍ଟି ହୋଇ ବନ୍ୟା ପାଣି ପଶି ଯିବାରୁ ଦଶରଥପୁର ବ୍ଲକ କଶପା ପଞ୍ଚାୟତର ପଛପଡା ଗ୍ରାମ ଜଳମଗ୍ନ ହୋଇଛି। ଏହା ଘାଇ ସୃଷ୍ଟିର ପୂର୍ବାବସ୍ଥା ହୋଇଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ଦେଇ ନଦୀବନ୍ଧର ମରାମତି କରାଯାଇଥିଲେ ହେଁ ତାହା ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ସଫଳ ହୋଇ ପାରି ନ ଥିଲା। ନଦୀବନ୍ଧରୁ ବନ୍ୟାପାଣି ଲିକେଜ୍ ହେବା ଫଳରେ ପଛପଡ଼ା, ବ୍ରହ୍ମଚାରୀପାଟଣା, ନୂଆଶାସନ, ପଲ୍ଲାସାହି ଓ କମାରପୁର ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ଏହାସହ ଜୟନ୍ତରା ପଞ୍ଚାୟତ ଚାନ୍ଦକୁଡ଼ା ଗ୍ରାମର ସନ୍ତୋଷ କୁମାର ଜେନା(୩୦) ବୈତରଣୀ ନଦୀରେ ଭାସି ଯାଇଥିବା ସୂଚନା ମିଳିଛି। ଦଶରଥପୁର ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଚାଲିଛି। ବୈତରଣୀ ନଦୀର ବନ୍ୟାଜଳ ପ୍ରବେଶ କରି ଧରମପୁର ଓ ଗହିରାପାଳ ଜଳମଗ୍ନ ହୋଇଛି। ଅପରପାର୍ଶ୍ୱରେ କାଣୀ ନଦୀର ଗୋକୁଳାମୁହାଣ ନିକଟରେ ଦୁଦୁରାଅଣ୍ଟା, ମଲ୍ଲିକାପୁର, ନିଜାମପୁର, ସୁସୁଆଁ, ଖାଲକୁଡ଼ା ପଞ୍ଚାୟତର ପ୍ରାୟ ୩୦ ଗ୍ରାମର ବହୁ ହଜାର ହେକ୍ଟର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଛି। ବନ୍ୟା ଦୁର୍ଗତମାନେ ବିଭିନ୍ନ ସ୍କୁଲରେ ଆଶ୍ରୟ ନେଇଛନ୍ତି। କୟାଁଗୋଲାଠାରୁ ଭଦ୍ରକ ଜିଲା ଆଖଣ୍ଡଳମଣିକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର ସାଠିବାଙ୍କୁଡ଼ା ଗ୍ରାମ ନିକଟରେ ୫ ଫୁଟ ଉର୍ଦ୍ଧ୍ୱରେ ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ଆଖଣ୍ଡଳମଣିକୁ ଯାଉଥିବା ପ୍ରାୟ ୧୫ ହଜାର ବୋଲବମ ଭକ୍ତ କୟାଁଗୋଲାଠାରୁ ମଙ୍ଗଳପୁର ମଧ୍ୟରେ ବିଭିନ୍ନ ସ୍ଥାନରେ ଅଟକିରହିଛନ୍ତି। ମଙ୍ଗଳପୁର ପୋଲିସ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ ଯାଜପୁର ଓ ଭଦ୍ରକକୁ ସଂଯୋଗ କରୁଥିବା କୟାଁଗୋଲା ସେତୁକୁ ସିଲ କରି ଦିଆଯାଇଛି।



କୟାଁଗୋଲାଠାରୁ ଆରଡି ରୋଡ୍‌ରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପୋଲିସ ଯାତାୟାତ ବନ୍ଦ କରିଛି ।

ଯାଜପୁରରେ ନୂଆକରି ଜିଲାପାଳ ଭାବେ ଯୋଗଦେଇଥିବା ଅମ୍ବର କୁମାର କର ଜିଲା କାର୍ଯ୍ୟାଳୟର ଓସାନ ଭି.ସି. କକ୍ଷରେ ବନ୍ୟା ସ୍ଥିତି ସମ୍ପର୍କରେ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଛନ୍ତି। ଏହି ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ମନୀଷ ଅଗ୍ରୱାଲ ଉପସ୍ଥିତ ଥିଲେ। ଯାଜପୁର ଜିଲାର ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ଯୋଗୁ ଯାଜପୁର ଓ ଦଶରଥପୁର ଦୁଇଟି ବ୍ଲକର ୧୩ଟି ପଞ୍ଚାୟତର ୨୪ ଗାଁ ପ୍ରଭାବିତ ହୋଇଛି। ୬,୫୯୪ ଲୋକ ପ୍ରଭାବିତ ହୋଇଥିବାବେଳେ ୬୪୪ ଲୋକଙ୍କୁ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଛି। ଦୁଇଟି ରିଲିଫ ସେଣ୍ଟର୍‌ରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦିଆଯାଉଛି। ୪ଟି ମେଡିକାଲ ଟିମ୍ ଓ ଗୋଟିଏ ଭେଟେରିନାରୀ ଟିମ୍‌କୁ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଛି। ବର୍ତ୍ତମାନ ବୈତରଣୀ ନଦୀରେ ଜଳ ସ୍ତର କମୁଛି। ଜିଲାପାଳ ବନ୍ୟାଜଳରେ ପ୍ରଭାବିତ ଲୋକମାନଙ୍କୁ ଆଶ୍ରୟସ୍ଥଳରେ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଛାଡ଼ିଲା ପରେ ନଳକୂପ, ପାନୀୟ ଜଳପ୍ରକଳ୍ପଗୁଡ଼ିକୁ ବିଶୁଦ୍ଧୀକରଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଦଶାଶ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱର ଘାଟ, କୟାଁଗୋଲା ଓ ଅନ୍ୟାନ୍ୟ ଜାଗାରୁ ସୋମବାର ସକାଳେ ମଧ୍ୟ ବୋଲବମ ଭକ୍ତମାନେ ପାଣି ଉଠେଇବାକୁ ଥିବାରୁ ସେଠାରେ ଅଗ୍ନିଶମ ବାହିନୀ ଓ ବିଭାଗୀୟ ଅଧିକାରୀମାନେ ସଜାଗ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶଟ ସର୍କିଟ କିମ୍ବା ବୈଦ୍ୟୁତିକ ସମସ୍ୟା ଦେଖାଦେଲେ ଟୋଲ ଫ୍ରି ନମ୍ବର ୧୯୧୨ରେ କଲ୍ କଲେ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପରେ ଜିଲାପାଳ ଓ ଅତିରିକ୍ତ ରିଲିଫ କମିଶନର ଦଶରଥପୁର ବ୍ଲକର ବନ୍ୟାଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହିତ ଆଲୋଚନା କରିଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଧୀକ୍ଷଣ ଯନ୍ତ୍ରୀ, ଜିଲା ଜରୁରିକାଳୀନ ଅଧିକାରୀ, ଜିଲା ଯୋଗାଣ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଆଖୁଆପଦା ନିକଟରେ ବିପଦସଙ୍କେତ ୧୮.୩୩ ମିଟର ରହିଥିବାବେଳେ ରବିବାର ସନ୍ଧ୍ୟା ସୁଦ୍ଧା ୧୭.୬୬ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଛି। ବଲ୍ଲଭୀଘାଟରେ ବିପଦସଙ୍କେତ ୧୩.୩୪ ମିଟର ରହିଥିବାବେଳେ ୧୨.୯୦ ମିଟର ଏବଂ ଦଶରଥପୁର ଠାରେ ୯.୫୪ ମିଟର ବିପଦସଙ୍କେତ ଥିବାବେଳେ ୧୧.୫୦ ମିଟର ବନ୍ୟାଜଳ ପ୍ରବାହିତ ହେଉଛି। ବୈତରଣୀ ନଦୀର ତଳମୁଣ୍ଡ ଦଶରଥପୁରଠାରେ ପ୍ରାୟ ୨ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।



ଜିଲାପାଳ ଅଧିକାରୀମାନଙ୍କ ସହ ବନ୍ୟା ମୁକାବିଲା ନେଇ ଆଲୋଚନା କରୁଛନ୍ତି ।



ଜିଲାପାଳ ଅଧିକାରୀଙ୍କ ସହ ଏକ ବିଦ୍ୟାଳୟରେ ପହଞ୍ଚି ବନ୍ୟାବିପନ୍ନଙ୍କୁ ଭେଟୁଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଭୂତି



@ ବିଶ୍ୱଜିତ୍



@ ଦିଲୀପ



@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜେଲ୍ ଗଲେ ଶିକ୍ଷକ

## ୧୫ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

ରାଜନଗର, ୨୭।୭(ଭାସ୍କର ରାଉତରାୟ): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଜଣ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶିକ୍ଷକଙ୍କୁ ଶନିବାର ପୋଲିସ ଉଠାଇ ନେଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ଦଫା ୧୨୬ (୨), ୧୧୫ (୨), ୭୪, ୭୯, ୧୨ ପୋକ୍‌ସୋ ଆକ୍ଟରେ ନଂ. ୯୧/୨୦୨୫ରେ ମାମଲା ରୁଜୁ ହୋଇଛି। ରବିବାର ଆଇଆଇସି ବିମଳ କୁମାର ମଲ୍ଲିକ, ରାଜନଗର ଥାନା ଏସ୍‌ଆଇ ଚନ୍ଦ୍ରିକା ମହାପାତ୍ର ପୀଡ଼ିତା ଛାତ୍ରୀଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଛନ୍ତି। ପୋଲିସ ବୟାନ ରେକର୍ଡ କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ରବିବାର ଗିରଫ ଦର୍ଶାଇ କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାତକୁ ପଠାଇ ଦିଆଯାଇଛି।

ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ଦୀର୍ଘଦିନ ହେଲା ଅସଦାଚରଣ କରି ଆସୁଥିଲେ। ଶନିବାର ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଭିନ୍ନ ଭିନ୍ନ କଥଣ କହି ଘରକୁ ଡାକିଥିଲେ। ଜଣେ ଛାତ୍ରୀ କାନ୍ଦି ଏ ନେଇ ଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି, ୨ ପଞ୍ଚାୟତର ସରପଞ୍ଚଙ୍କ ସମ୍ମୁଖରେ ଅଭିଯୋଗ କରିଥିବା ଛାତ୍ରୀଙ୍କ ଅଭିଭାବକଙ୍କ ଉପସ୍ଥିତିରେ ସେମାନଙ୍କ ଅଭିଯୋଗ ସମ୍ପର୍କରେ ପଚରା ଯାଇଥିଲା। ଛାତ୍ରୀମାନେ ବିଜ୍ଞାନ ଶିକ୍ଷକ ସେମାନଙ୍କ ସହିତ ଶୁକ୍ରବାର ଓ ପୂର୍ବରୁ ଅସଦାଚରଣ କରି ଆସୁଥିବା ସମ୍ପର୍କରେ କହିଥିଲେ। ଏପରିକି ଏ ସମ୍ପର୍କରେ କାହାରିକୁ ଅଭିଯୋଗ କଲେ ପରୀକ୍ଷାରେ ମାର୍କ କାଟି ଦେବେ ବୋଲି ଧମକ ଦେଇଥିବା ସେମାନେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଶିକ୍ଷକଙ୍କୁ ଏ ସମ୍ପର୍କରେ ପଚରାଯିବାରେ ସେ ଘଟଣାକୁ ସ୍ୱୀକାର କରିବା ସହ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ପ୍ରଧାନଶିକ୍ଷକ ଗଣମାଧ୍ୟମକୁ କହିଥିଲେ। ପ୍ରଧାନଶିକ୍ଷକଙ୍କୁ ସପ୍ତମ ଶ୍ରେଣୀର ୭ ଜଣ ଓ ନବମ ଶ୍ରେଣୀର ୮ ଜଣ ଛାତ୍ରୀ ଲିଖିତ ଭାବେ ଏ ସମ୍ପର୍କରେ ଜଣାଇଥିଲେ। ସମସ୍ତଙ୍କ ସମ୍ମୁଖରେ ପଚରାଉଚରା ବେଳେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଏନେଇ ସମାନ ଅଭିଯୋଗ ଆଣିବା ସହିତ ଲୋକଲଜ୍ଜା ଭୟରେ ସେମାନେ ପୂର୍ବରୁ ଅଭିଯୋଗ କରି ନ ଥିବା କହିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ଆଇଆଇସି ମଲ୍ଲିକ ବିଦ୍ୟାଳୟରେ ପୀଡିତା ଛାତ୍ରୀମାନଙ୍କୁ ପଚରାଉଚରା କରିବା ପରେ ବିଜ୍ଞାନ ଶିକ୍ଷକଙ୍କୁ ଉଠାଇ ଥାନାକୁ ନେଇ ଯାଇଥିଲେ।

# ସବୁଠି କୁମ୍ଭୀର ଆତଙ୍କ

- ଚାଷଜମି, ପୋଖରୀ ଓ ଆଡ଼ିବନ୍ଧରୁ ହେଉଛି ଉଦ୍ଧାର
- ନଦୀ, ନାଳ ଅଞ୍ଚଳରେ କୁମ୍ଭୀର ଗଣନା ହେଉନାହିଁ
- ସାଇନ୍‌ବୋର୍ଡରେ ସୀମିତ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୭।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଏଣ୍ଡୁଲାପୁର ଓ ଡାଙ୍ଗମାଳ ଗ୍ରାମରେ ଶନିବାର ଭୟ ଓ ଆତଙ୍କ ନିରାକରଣର ଦିନ ଥିଲା। ଦୁଇ ଗ୍ରାମର ଅଧିବାସୀ ତୁରନ୍ତ ଆତଙ୍କ ସୃଷ୍ଟି କରିଥିବା କୁମ୍ଭୀର ଗ୍ରାମରୁ ଯାଉ ବୋଲି ଆଶା ରଖିଥିଲେ। ବନ ବିଭାଗ କର୍ମଚାରୀଙ୍କ ପ୍ରାୟ ୩ ଘଣ୍ଟାର କସରତ ପରେ ଏହି କୁମ୍ଭୀର ଧରାପଡ଼ିବା ସହ ସ୍ଥାନାନ୍ତର ହୋଇଥିଲା। ଏହି ଆତଙ୍କ ଏବେ ଏଠି ସେଠି ସବୁଠି ଦେଖାଦେଇଛି। ୨ ମାସ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ୧୫ଟି ସ୍ଥାନରେ କୁମ୍ଭୀର ବୁଲିବା ଦେଖାଦେଇଛି। ବିଶେଷକରି ବନ୍ୟା ପରେ ଚାଷ ଜମି, ନଦୀ କୂଳ ଆଡିବନ୍ଧ, ଗ୍ରାମ ପୋଖରୀ ସୁରକ୍ଷିତ ନୁହେଁ। ଗତ ସପ୍ତାହରେ ଯାଜପୁର ଜିଲା ଦଶରଥପୁର ବ୍ଲକ ଗୁଣ୍ଡୁଣୀପଡ଼ା ଗ୍ରାମର ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଥିବାବେଳେ ଜୁନରେ ରାଜକନିକା ବ୍ଲକ ଅଞ୍ଚଳରେ କୁମ୍ଭୀର ଆଁରେ ଜଣେ ମହିଳାଙ୍କ ଜୀବନ ଯାଇଛି। ସେହିପରି ୧୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଗତ ୨ ମାସରେ ଗୃହପାଳିତ ପ୍ରାଣୀଙ୍କ ଜୀବନହାନି ହୋଇଛି। ବନ ବିଭାଗ ପକ୍ଷରୁ ହେଉଥିବା ଜନ ସଚେତନତା ଏତେ ସୁଦୂରପ୍ରସାରୀ




ବାଉଁଶଗଡ଼ି ନଦୀ କୂଳରେ କୁମ୍ଭୀର ସଚେତନତା ଫଳକ ଲାଗିଛି ।

ହେଉନାହିଁ। ନଦୀ, ନାଳ ଅଞ୍ଚଳରେ ଥିବା କୁମ୍ଭୀରଙ୍କ ଗଣନା ହେଉ ନ ଥିବାରୁ ଜାତୀୟ ଉଦ୍ୟାନ ଭିତରକନିକା ଅଞ୍ଚଳରେ କୁମ୍ଭୀର ବଂଶ ବୃଦ୍ଧି ହେଉଥିଲେ ମଧ୍ୟ ଏହାର ନିରାକରଣ ବ୍ୟବସ୍ଥା ନାହିଁ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ପରିବେଶବିତ୍ ତଥା କଇଁଛ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ବଉଳା କୁମ୍ଭୀର ପାଇଁ ଭିତରକନିକା ପ୍ରସିଦ୍ଧ। ଭିତରକନିକାରେ ଗତ କୁମ୍ଭୀର ଗଣନା ସମୟରେ ୧୮୨୬ କୁମ୍ଭୀର ରହିଥିବା ଜଣାପଡିଛି। ଏଠାରେ ଧଳା କୁମ୍ଭୀର ସହ ଅନ୍ୟ ଦୁଇ ପ୍ରଜାତି କୁମ୍ଭୀର ମଧ୍ୟ ଦେଖାଗଲାଣି। ତେବେ ଜାତୀୟଉଦ୍ୟାନର ସୀମିତ ଅଞ୍ଚଳରେ ଏହି ସଂରକ୍ଷିତ ପ୍ରାଣୀଙ୍କ ବଂଶବୃଦ୍ଧି ଜିଲା ଓ ବାହାର ଜିଲାରେ ଆତଙ୍କ ଖେଳାଇଛି। ଗତ ୧୦ ବର୍ଷର ହିସାବକୁ ନିଆଗଲେ ପ୍ରାୟ ଶତାଧିକ ଲୋକ କୁମ୍ଭୀର ଆକ୍ରମଣରେ ମୃତାହତ ହେଲେଣି। ସେହିପରି ଜାଲ ଓ ଅନ୍ୟ କାରଣରୁ ୨୫ରୁ ଉର୍ଦ୍ଧ୍ୱ କୁମ୍ଭୀରଙ୍କ ଜୀବନ ଯାଇଛି। ସଂଖ୍ୟା ଗଣନାରେ ସାମିଲ ନ ଥିବା ନଦୀ ନାଳ ଅଞ୍ଚଳରେ କୁମ୍ଭୀର ବୁଲୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଯାଜପୁରର କୟାଁଗୋଲା, ଦଶରଥପୁର, ଭଦ୍ରକର ବିଭିନ୍ନ ନଦୀକୂଳବାସୀ ଆତଙ୍କିତ ହେଉଛନ୍ତି। ଜାତୀୟଉଦ୍ୟାନ ବାହାରେ ଥିବା ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଓ ରାଜନଗରରେ କୁମ୍ଭୀର ପ୍ରତି ସାବଧାନ ସାଇନବୋର୍ଡରେ ସଚେତନତା କାର୍ଯ୍ୟକ୍ରମ ସୀମିତ ରହୁଛି। ଡେରାଡୁନସ୍ଥ ୱାଇଲ୍ଡଲାଇଫ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆର ପୂର୍ବତନ ବନ୍ୟପ୍ରାଣୀ ବିଶେଷଜ୍ଞ ବି.ସି. ଚୌଧୁରୀ କହିଛନ୍ତ, ସୀମିତ ଅଞ୍ଚଳରେ ବଉଳା କୁମ୍ଭୀରଙ୍କ ଅତ୍ୟଧିକ ବଂଶବୃଦ୍ଧି ଚିନ୍ତାର କାରଣ ନିଶ୍ଚିତ ହେବ। ଖାଦ୍ୟ, ପ୍ରଜନନ ପାଇଁ ପାର୍ଟନର, ବସା ସ୍ଥାପନ ସହିତ ଅନ୍ୟ ସମସ୍ୟା ରହିବ। ଯାହା କଳହର ସୂତ୍ରପାତ କରିବା ସହିତ ବଂଶବୃଦ୍ଧି ପାଇଁ ନିକଟସ୍ଥ ଅଞ୍ଚଳକୁ ବ୍ୟବହାର କରିବେ। ଏଠାରେ ଅତ୍ୟଧିକ ବଂଶବୃଦ୍ଧିକୁ ରୋକିବାକୁ ୧୯୯୧ ମସିହାରେ କେନ୍ଦ୍ର ସରକାରଙ୍କ ବନ୍ୟ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କୁମ୍ଭୀରଙ୍କ ଅତ୍ୟଧିକ ବଂଶବୃଦ୍ଧି ଯୋଗୁ ବର୍ଷା ଓ ବନ୍ୟା ସମୟରେ ବାହାର ଅଞ୍ଚଳକୁ ପଳାଇବା ସାଧାରଣ କଥା। ଫଳରେ ମଣିଷ ଓ କୁମ୍ଭୀର ଲଢ଼େଇ ଅତ୍ୟଧିକ ହେବ। ଏହାକୁ ରୋକିବା ସହିତ ଲୁଣା ଅଞ୍ଚଳରେ ମାଛ ବଂଶ ବୃଦ୍ଧି ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ୧୯୭୫ ମସିହାରେ ଭିତରକନିକାରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ ଏହାର ସଂରକ୍ଷଣ ଜରୁରୀ ଥିଲା। ୧୯୯୧ରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ୧୯୯୫ ମସିହାରେ ସଂରକ୍ଷଣ କାର୍ଯ୍ୟକ୍ରମକୁ ବନ୍ଦ ରଖାଗଲା। ଆରମ୍ଭ ସମୟରେ ମାତ୍ର ୭୪ଟି କୁମ୍ଭୀର ଥିବାବେଳେ ୨୦ ବର୍ଷରେ ଏହା ୧୦୦୦କୁ ବୃଦ୍ଧି ପାଇସାରିଥିଲା। ଏହାସତ୍ତ୍ୱେ ଏବେ ମଧ୍ୟ କୁମ୍ଭୀର ଅଣ୍ଡା ସଂଗ୍ରହ ଓ ହାଚେରୀରେ ସଂରକ୍ଷଣ କରାଯାଉଛି। ସୀମିତ ଅଞ୍ଚଳରେ ଏହି ପ୍ରାଣୀଙ୍କ ଅତ୍ୟଧିକ ବଂଶ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଘାତକ ହେବ। ଏ ସମ୍ପର୍କରେ ଏସିଏଫ୍ ମାନସ କୁମାର ଦାସଙ୍କୁ ପଚାରିବାରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟକ୍ରମ ବନ୍ଦ ହୋଇଛି। ବର୍ଷା, ବନ୍ୟା ଓ ଅନ୍ୟ ସମୟରେ କୁମ୍ଭୀର ପ୍ରତି ସାବଧାନ ରହିବାକୁ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଛନ୍ତି।

# ହୋର୍ଡିଂ ପାଇଁ ଅନୁକମ୍ପା

ନୟାଗଡ଼,୨୭।୭(ଲୋକନାଥ ମିଶ୍ର)



ନୟାଗଡ଼ ସହରରେ ଲାଗିଥିବା ହୋର୍ଡିଂ।

- ସରକାର ହରାଉଛନ୍ତି ରାଜସ୍ୱ
- ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକୁ ଅଣଦେଖା
- ଅନୁମତି ନ ନେଇ ବ୍ୟକ୍ତିଗତ ଘରେ ଲାଗିଛି ହୋର୍ଡିଂ
- ୭ ବର୍ଷ ହେଲା ହୋର୍ଡିଂ ଟେଣ୍ଡର କରାଯାଇନି
- ସାମୟିକ ଧରପଗଡ଼ କରି ମ୍ୟୁନିସିପାଲିଟି ଚୁପ୍

ନୟାଗଡ଼ ସହରରେ ମାଳ ମାଳ ହୋର୍ଡିଂ ଝୁଲୁଛି। କେତେକ ସରକାରୀ ସ୍ଥାନରେ ଓ ଆଉ କେତେକ ବ୍ୟକ୍ତିଗତ ଛାତରେ ଲାଗିଛି। ସବୁଠାରେ ବେଆଇନ ଭାବେ ହୋର୍ଡିଂ ଲାଗିଛି ବୋଲି ଅଭିଯୋଗ ହୋଇ ଆସୁଛି। ୭ରୁ ଊର୍ଦ୍ଧ୍ୱ ବର୍ଷ ଧରି ନିଲାମ ନ ହେବାରୁ ସରକାର ରାଜସ୍ୱ ହରାଉଛନ୍ତି। ନିଲାମ ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ନୟାଗଡ଼ ମ୍ୟୁନିସିପାଲିଟିକୁ ବାରମ୍ବାର ଚିଠି ଆସିଥିଲେ ମଧ୍ୟ ଏ ଦିଗରେ ପଦକ୍ଷେପ ନାହିଁ। ସରକାର ଟିକସ ହରାଉଥିବାବେଳେ ଘର ମାଲିକ, ବିଜ୍ଞାପନ ଦାତା, ବିଜ୍ଞାପନ ପାଇଁ ସ୍ଥାନ ଯୋଗାଉଥିବା ବ୍ୟକ୍ତି, ମ୍ୟୁନିସିପାଲିଟି କର୍ମଚାରୀ, କେତେଜଣ କାଉନସିଲର ଲାଭରେ ରହୁଥିବା ଅଭିଯୋଗ ହେଉଛି। ଏଭଳିସ୍ଥଳେ ଗତ ୨୫ ତାରିଖରେ ନୟାଗଡ଼ ମ୍ୟୁନିସିପାଲିଟିରେ ନୟାଗଡ଼ ସହରର ବେଆଇନ ହୋର୍ଡିଂ ନେଇ ପ୍ରଶ୍ନ ଉଠିଥିଲା। ତେବେ ହୋର୍ଡିଂ ପାଇଁ କେବେ ଟେଣ୍ଡର ହେବ କୁହାଯାଇ ନ ଥିଲା। କିନ୍ତୁ ଧରପଗଡ଼କୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଥିଲା।

ହୋର୍ଡିଂ ଓ ବିଭିନ୍ନ ପ୍ରକାରର ବୋର୍ଡ, ବ୍ୟାନର ଲଗାଇବା ପାଇଁ ମ୍ୟୁନିସିପାଲିଟି ଟେଣ୍ଡର କରିଥାଏ। ତେବେ ଟେଣ୍ଡର ଟଙ୍କା ଠିକରେ ମିଳୁ ନ ଥିବାରୁ ମ୍ୟୁନିସିପାଲିଟି ୨୦୧୯ ମାର୍ଚ୍ଚରୁ ଆଉ ଟେଣ୍ଡର କରୁନି। ହୋର୍ଡିଂ ଟେଣ୍ଡରକୁ ନିଜ ଅଧୀନରେ ରଖିଥିଲା। ତେବେ ହୋର୍ଡିଂ ନିୟମକୁ କଡାକଡି ପାଳନ କରାଯାଉ ନ ଥିବାରୁ ମ୍ୟୁନିସିପାଲିଟି ରାଜସ୍ୱ ହରାଇଚାଲିଛି। ବ୍ୟକ୍ତିଗତ କୋଠାରେ ହୋର୍ଡିଂ ଓ ବିଭିନ୍ନ ପ୍ରକାରର ବୋର୍ଡ, ବ୍ୟାନର ଲଗାଇଲେ ମ୍ୟୁନିସିପାଲିଟି ପକ୍ଷରୁ ଅନୁମତି ନେବାକୁ ପଡେ। ତେବେ ବିନା ଅନୁମତିରେ ଘରୋଇ କୋଠାରେ ହୋର୍ଡିଂ ଓ ବିଭିନ୍ନ ପ୍ରକାରର ବୋର୍ଡ, ବ୍ୟାନର କିପରି ଲଗା ଯାଉଛି ତାହା ସନ୍ଦେହ ଘେରରେ। କାଉନସିଲରମାନେ ଏନେଇ ବୈଠକରେ ଆଲୋଚନା କରି କାହିଁକି ଏନେଇ ନିୟମ କରୁ ନାହାନ୍ତି। ସରକାରଙ୍କ ରାଜସ୍ୱକୁ କାହିଁକି ଜାଣିଶୁଣି ହାତ ଛଡା କରୁଛନ୍ତି ତାହା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ସେହିପରି ସରକାରୀ ଜମିରେ ଝୁଲୁଥିବା ହୋଡିଂ ଓ ବିଭିନ୍ନ ପ୍ରକାରର ବୋର୍ଡ, ବ୍ୟାନର ପାଇଁ କିଏ ଅନୁମତି ଦେଉଛି। ଏଗୁଡିକ ଯଦି ବେଆଇନ ତେବେ ତାହା ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏନେଇ ଆଇନଜୀବୀ ରଣଜିତ୍ ଦାଶ କୁହନ୍ତି, ମ୍ୟୁନିସିପାଲିଟି ତାର ଆୟ ବଢ଼ାଇବା ପାଇଁ ହୋର୍ଡିଂ ଟେଣ୍ଡର କରିବାର ଆବଶ୍ୟତା ରହିଛି। ଯଦି କାଉନସେଲିଂ ବଡିଂ ଟେଣ୍ଡର କରିବାକୁ ଅନିଚ୍ଛୁକ ତେବେ ହୋର୍ଡିଂ ପ୍ରକ୍ରିୟାରେ ସ୍ୱଚ୍ଛ ରଖାଯିବା ଦରକାର। ବର୍ଷକୁ କେତେ ହୋର୍ଡିଂରୁ ଟିକସ ମିଳୁଛି ଏନେଇ ସାର୍ବଜନୀନ କରିବା ଦରକାର। ତାହା କରାଯାଉନି। ଏଣୁ ହୋର୍ଡିଂରେ ଚଞ୍ଚକତା କରି ରୋଜଗାର ଚାଲିଛି ବୋଲି କହିଥିଲେ। ଜଣେ ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ କୁହନ୍ତି, ମ୍ୟୁନିସିପାଲିଟି ନିଜର ଆୟ ପାଇଁ ସରକାରୀ ନୀତି ନିୟମ ଅନୁସାରେ ପଦକ୍ଷେପ ନେଇ ପାରିବ। ବ୍ୟକ୍ତିଗତ କୋଠାରେ ହୋର୍ଡିଂ ମାରିବାରେ ଘର ମାଲିକମାନଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଏଥିରେ କିଛି କାଉନସିଲର, କର୍ମଚାରୀଙ୍କ ରୋଜଗାର ରହିଛି। ପୁଣି ଟେଣ୍ଡର ନ ହେଲେ କାଉନସିଲର ଓ କର୍ମଚାରୀଙ୍କ ମଧ୍ୟ ଅନୁରୂପ ଭାବେ ରୋଜଗାର ହେଉଛି। ଏଣୁ ଜାଣି ଶୁଣି ଟେଣ୍ଡର କରାଯାଉନି ବୋଲି କହିଛନ୍ତି। ରଞ୍ଜନରଶ୍ମୀ ଜେନା କହିଥିଲେ ଗତ ୨୫ ତାରିଖରେ ମ୍ୟୁନିସିପାଲିଟିର ଅଧିବେଶନରେ ମୁଁ ପୁରୀ ଏମ୍‌ପିଙ୍କ ପ୍ରତିନିଧି ଭାବେ ଯୋଗ ଦେଇଥିଲି। ନୟାଗଡ ସହରର ହୋର୍ଡିଂ ଉପରେ ପ୍ରଶ୍ନ କରିଥିଲି। ହେଲେ ଠିକ ଉତ୍ତର ପାଇଲି ନାହିଁ। ହୋର୍ଡିଂ ପାଇଁ ଟେଣ୍ଡର ହୋଇ ନ ଥିବା କୁହାଯାଇଥିଲା। ୨୦୨୪ରେ କିଛି ଟଙ୍କା ରାଜସ୍ୱ ମିଳିଥିଲା। ତେବେ ଟେଣ୍ଡର ହେବ କି ନାହିଁ ସ୍ପଷ୍ଟ କରାଯାଇ ନାହିଁ।

## ମହିଳା ମୃତ, ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ବାପା


ମୃତା ସୀତା ଖିଲାରଙ୍କ ଫାଇଲ ଫଟୋ।

ନୂଆଗାଁ,୨୭।୭ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଫାଣ୍ଡି ରାଧାନାଥପୁରରେ ରବିବାର ଜଣେ ବିବାହିତ ମହିଳାଙ୍କ ମୃତ୍ୟୁ ଘଟିଛି । ଖବର ପାଇ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ନେଇ ମହିଳାଙ୍କ ବାପା ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ନୂଆଗାଁ ଥାନାରେ ଏକ ମାମଲା(ନଂ.୧୬୪/୨୫) ରୁଜୁ କରି ପୋଲିସ ମହିଳାଙ୍କ ମୃତଦେହକୁ ଜବତ କରିଥିଲା। ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି ।

ନୂଆଗାଁ ବ୍ଲକ ଓଡ଼ଗାଁ ଥାନା ସିଙ୍ଗାରପଲି ପଞ୍ଚାୟତ କଇଥପଲି ଗ୍ରାମର ବୈକୁଣ୍ଠ ମହାକୁଡ ନିଜ ଝିଅ ସୀତା ଖିଲାରକୁ ନୂଆଗାଁ ଥାନା ରାଧାନାଥପୁର ଗ୍ରାମର ସୂର୍ଯ୍ୟମଣୀ ଖିଲାରଙ୍କୁ ୪ ବର୍ଷ ପୂର୍ବେ ବୈଦିକ ରୀତିନୀତିରେ ବିବାହ କରାଇଥିଲେ । ତେବେ ରବିବାର ଝିଅ ଅସୁସ୍ଥ ଥିବା ନେଇ ଖବର ପାଇ ଡାକ୍ତରଖାନାକୁ ଆସିଥିଲେ। ହେଲେ ଝିଅ ସୀତାର ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ । ଏହା ପରେ ବୈକୁଣ୍ଠ ଝିଅକୁ ହତ୍ୟା କରାଯାଇଥିବା ନେଇ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୈକୁଣ୍ଠ କରିଥିବା ଅଭିଯୋଗ ମୁତାବକ ବିବାହ ସମୟରେ ନିଜର ସାମର୍ଥ୍ୟ ଅନୁସାରେ ଯୌତୁକ ଦେଇ ଝିଅକୁ ବିବାହ କରାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଶାଶୁଘର ପକ୍ଷରୁ ଅଧିକ ଯୌତୁକ ଦାବି କରି ସୀତାକୁ ନିର୍ଯାତନା ଦେଉଥିଲେ । ଏପରିକି ସୂର୍ଯ୍ୟମଣୀ ସେହି ଗ୍ରାମର ଜନୈକ ମହିଳା ସହିତ ଅନୈତିକ ସମ୍ପର୍କ ରଖି ଝିଅକୁ ନିର୍ଯାତନା ଦେଉଥିବା ମଧ୍ୟ ବୈକୁଣ୍ଠ ଅଭିଯୋଗ କରିଛନ୍ତି। ତେଣୁ ସୂର୍ଯ୍ୟମଣୀଙ୍କ ପରିବାର ଲୋକେ ମିଶି ଝିଅକୁ ହତ୍ୟା କରିଥିବା ନେଇ ବୈକୁଣ୍ଠ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ନୂଆଗାଁ ଥାନାରେ ମାମଲା ରୁଜୁ କରିବା ସହ ସ୍ୱାମୀ ସୂର୍ଯ୍ୟମଣୀକୁ ଅଟକ ରଖି ପଚାରା ଉଚରା କରୁଥିବା ନୂଆଗାଁ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି।

## ନଦୀରେ ବନ୍ୟା ଆସିଲେ ଜଳ ଯୋଗାଣ ବାଧାପ୍ରାପ୍ତ


ନଦୀ ଭିତରେ ଥିବା ପିଣ୍ଡି।

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କଣ୍ଟିଲୋ ପଞ୍ଚାୟତବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ମହାନଦୀରେ ବନ୍ୟା ଆସିଲେ କଣ୍ଟିଲୋକୁ ପାନୀୟ ଜଳ ଯୋଗାଣ ଏକ ପ୍ରକାର ବନ୍ଦ ହୋଇଯାଏ। ବନ୍ୟା ଜଳ ବୃଦ୍ଧି ପାଇଲେ ମୋଟର ପମ୍ପ ବସିଥିବା ସିମେଣ୍ଟ ଚଟାଣ ବୁଡି ଯାଏ। ଏଥିପାଇଁ ବନ୍ୟାଜଳ ବୃଦ୍ଧି ପାଇବା ପୂର୍ବରୁ ମୋଟର ପମ୍ପକୁ ବାହାର କରି ନିଆଯାଏ। ଫଳରେ ଜଳଯୋଗାଣ ବାଧାପ୍ରାପ୍ତ ହୁଏ। ଲୋକମାନେ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇଁ ଡ଼ହଳ ବିକଳ ହୁଅନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବହୁ ବର୍ଷ ହେବ ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଣ୍ଟିଲୋ ପଞ୍ଚାୟବାସୀଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ପ୍ରାୟ ୫୦ବର୍ଷ ତଳେ ମହାନଦୀ କୂଳରେ ଏକ ପିଣ୍ଡି ନିର୍ମାଣ କରାଯାଇଥିଲା। ସେଠାରେ ୪୦ ଅଶ୍ୱ ଶକ୍ତି ସମ୍ପନ୍ନ ବିଦ୍ୟୁତ ଚାଳିତ ମୋଟର ପମ୍ପ ସ୍ଥାପନ କରାଯାଇ ମହାନଦୀରୁ ଜଳ ଉଠାଯାଇ ବିଶୋଧନ କରାଯିବା ପରେ ଅଞ୍ଚଳବାସୀଙ୍କୁ ଯୋଗାଇ ଦିଆଯାଉଛି। ହେଲେ ବନ୍ୟାଜଳ ବଢ଼ିଲେ ସେହି ମୋଟର ପମ୍ପକୁ ଉଠାଇ ନିଆଯାଇଥାଏ। ଏଥିପାଇଁ ଲୋକମାନେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଯେଉଁମାନଙ୍କ ଘରେ କୂଅ, ପୋଖରୀ କିମ୍ବା ନଳକୂପ ଅଛି ସେମାନେ ସେହି ପାଣିକୁ ପାନୀୟ ଜଳ ଉପରେ ବ୍ୟବହାର କରିବାକୁ ବାଦ୍ୟ ହୋଇଥାଆନ୍ତି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ସାଧାରଣରେ ଦାବି ହୋଇଛି।

## କାର୍‌ଗିଲ ବିଜୟ ଦିବସ ପାଳିତ

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆସ୍ଥିତ ସ୍ଥାନୀୟ ବିଧାୟକଙ୍କ ପାର୍ଟି ଅଫିସରେ ରବିବାର ବରିଷ୍ଠ ଭାଜପା ନେତା ତଥା ବରିଷ୍ଠ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣାଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ସହ ୨୬ ତମ କାର୍‌ଗିଲ ଦିବସ ପାଳନ କରାଯାଇଥିଲା। ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ସେନାନିମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା।

## ଜଗନ୍ନାଥ ପ୍ରସାଦ, ବୋଦସାରେ ବଢୁଛି ନିଶାଦ୍ରବ୍ୟ କାରବାର

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ୍ ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମରେ ନିଶାଦ୍ରବ୍ୟର ଅବାଧ କାରବାରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଖଣ୍ଡପଡା ଓ ବୋଲଗଡ଼ ବ୍ଲକ ସୀମାନ୍ତ ଜଗନ୍ନାଥପ୍ରସାଦ ଅଞ୍ଚଳ କେତେଜଣ ନିଶା ବେପାରୀଙ୍କ ଆଡ୍ଡାସ୍ଥଳି ପାଲଟିଛି । ପ୍ରତ୍ୟେହ ଚୋରାରେ ଦେଶୀ ମଦ ବିକ୍ରି ହେଉଥିବା ବେଳେ ନିଶାସେବନକାରୀ ମାନେ ସେହି ଅଞ୍ଚଳରୁ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଭାଙ୍ଗ ଓ ଧଳା ଜହର ଅବାଧ କିଣୁଛନ୍ତି । ଏଥିପାଇଁ ସେହି ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ ହୋଇଛି । ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳରେ ଚାଲିଥିବା ନିଶାଦ୍ରବ୍ୟ କାରବାର ରୋକିବାକୁ ଦାବି ହୋଇଛି। ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ପଞ୍ଚାୟତରେ ନିଶାଦ୍ରବ୍ୟର ଅବାଧ କାରବାର ଯୋଗୁ ପଞ୍ଚାୟତବାସୀ ଅତିଷ୍ଠ ହୋଇ ପଡିଛନ୍ତି । ବିଭିନ୍ନ ଗ୍ରାମରେ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଭାଙ୍ଗ, ଗଞ୍ଜେଇ ଓ ଧଳାଜହରର ଅବାଧ କାରବାର ଚାଲିଥିବା ଅଭିଯୋଗ ହେଉଛି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଭୂତି


@ ବିଶ୍ୱଜିତ୍


@ ଦିଲୀପ


@ ସୁମନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବନ୍ୟାରେ ଭାସିଗଲା ବ୍ୟାରିକେଡ୍

### କାଉଡିଆଙ୍କ ସୁରକ୍ଷା ପାଇଁ ନିର୍ମାଣ ହୋଇଥିଲା

ଖଣ୍ଡପଡା,୨୭।୭ (ଅଜୟ କୁମାର ମହାରଣା)

କାଉଡ଼ିଆଙ୍କ ସୁରକ୍ଷା ପାଇଁ ଜଳ ସଂପଦ ବିଭାଗ ପକ୍ଷରୁ କଣ୍ଟିଲୋ ମହାନଦୀ କୂଳ ମନ୍ଦିର ପଶ୍ଚିମ ପାର୍ଶ୍ୱ ପାଣିପମ୍ପଠାରୁ ଗଙ୍ଗା ମନ୍ଦିର, ଉତ୍ତରଦ୍ୱାର ନଦୀ ଘାଟ ଓ ମହିମା ଆଶ୍ରମ ସମ୍ମୁଖ ନଦୀ ଘାଟରେ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। କାଉଡିଆମାନେ ମହାନଦୀର ଗଭୀରପାଣିକୁ ନ ଯାଇ ନଦୀସ୍ରୋତରୁ ସୁବିଧାରେ ଜଳଭାର ସଂଗ୍ରହ କରୁଛନ୍ତି । ତେବେ ଶନିବାର ମହାନଦୀରେ ଜଳପତନ ବୃଦ୍ଧି ହେଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ନବ ନିର୍ମିତ ବାରିକେଡ୍‌ଗୁଡିକ ଭାସି ଯାଉଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଶନିବାର ଓ ରବିବାର ବହୁ ମହାନଦୀ ଘାଟରୁ ପାଣି ଉଠାଇ ବିଭିନ୍ନ ଶୈବ ପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି। ଖଣ୍ଡପଡା ଅଗ୍ନିଶମ ବାହିନୀ ନଦୀକୂଳରେ କାଉଡିଆମାନଙ୍କ ଉପରେ ନଜର ରଖିଛନ୍ତି। ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ଓ କଣ୍ଟିଲୋ ପୋଲିସ ପ୍ରତିଘାଟରେ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଛି। ବହୁ ମହିଳା, କଲେଜ ପଢୁଆ ଝିଅ, ଯୁବତୀମାନେ ଏହି ପାଳିରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି।


ବନ୍ୟାଜଳରେ ବ୍ୟାରିକେଡ୍ ଭାଙ୍ଗିପଡ଼ିଛି।

## ପ୍ରଭାବଶାଳୀଙ୍କ କବ୍‌ଜାରେ ସରକାରୀ ଜମି

ଖଣ୍ଡପଡ଼ା,୨୭।୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ବିଭିନ୍ନ ଅଞ୍ଚଳରେ ମୂଲ୍ୟବାନ ସରକାରୀ ଜମି, ସଂରକ୍ଷିତ ଜଙ୍ଗଲ ଓ ଜମିକୁ କେତେକ ପ୍ରଭାବଶାଳୀ ବ୍ୟକ୍ତିମାନେ ବର୍ଷବର୍ଷ ଧରି ନିଜ ଅକ୍ତିଆରରେ ରଖିଥିବା ଜଣାପଡିଛି। ଖଣ୍ଡପଡ଼ା ତହସିଲ ପ୍ରଶାସନ ଏ ସମ୍ପର୍କରେ ଅବଗତ ଥିଲେ ହେଁ ଜବରଦଖଲକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନୀରବଦ୍ରଷ୍ଟା ସାଜିଥିବା ଜଣାପଡିଛି। ପ୍ରଭାବଶାଳୀ ବ୍ୟକ୍ତିମାନେ ପ୍ରଶାସନିକ ଅଧିକାରୀଙ୍କୁ କରାୟତ କରି ମୂଲ୍ୟବାନ ସରକାରୀ ଜାଗାରେ ସ୍ଥାୟୀ ଗୃହ ନିର୍ମାଣ କରିଥିବା ବେଳେ କେତେକ ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ବାସଗୃହ ନିର୍ମାଣ ହୋଇଥିବା ନଜରକୁ ଆସୁଛି । ଖଣ୍ଡପଡା ସହରର ଉମାଦେବୀ ଛକ ପାର୍ଶ୍ୱସ୍ଥ ସରକାରୀ ଜାଗାରୁ କେତେକାଂଶରେ ଜବରଦଖଲ ଉଚ୍ଛେଦ କରାଯାଇ ପ୍ରଶାସନ ପକ୍ଷରୁ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଯାଇଥିବା ବେଳେ ବସଷ୍ଟାଣ୍ଡ ପାର୍ଶ୍ୱ ଜାଗା ଓ ସମ୍ମୁଖଭାଗ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବାରେ ତହସିଲ ପ୍ରଶାସନ ସମ୍ପୂର୍ଣ୍ଣ ରୁପେ ବିଫଳ ହୋଇଛି। ଫଳରେ ଉକ୍ତ ସ୍ଥାନରେ ୬.୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ବିଜ୍ଞାନ ପାର୍କ ଓ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ କଲ୍ୟାଣ ମଣ୍ଡପ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇପାରୁ ନ ଥିବା ଜଣାପଡିଛି । ସେହିପରି ଖଣ୍ଡପଡ଼ା ସହରର ବାଇପାସ ରାସ୍ତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଛପାଖ , ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ ଓ ପାର୍ଶ୍ୱସ୍ଥ ମୂଲ୍ୟବାନ ସରକାରୀ ଜାଗାକୁ କେତେକ ବ୍ୟକ୍ତି ବର୍ଷ ବର୍ଷ ଧରି ଜବରଦଖଲ କରି ରଖିଥିବା ଜଣାପଡିଛି ।

ଖଣ୍ଡପଡ଼ା ତହସିଲ ଓ ଏନଏସି କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ଅନେକ ଏକର ମୂଲ୍ୟବାନ ସରକାରୀ ଜାଗାରେ ପ୍ରଭାବଶାଳୀ ବ୍ୟକ୍ତିମାନେ ରାଜ୍ କରୁଥିବାରୁ ବୁଦ୍ଧିଜୀବୀ ମହଲରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ସେହିପରି ଜବରଦଖଲକାରୀଙ୍କ ଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ସରକାରଙ୍କ ପକ୍ଷରୁ ମଞ୍ଜୁର ଅନୁଦାନ ଅର୍ଥ ଫେରି ଯିବାର ଆଶଙ୍କା ସୃଷ୍ଟି ହୋଇଛି । ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମୂଲ୍ୟବାନ ସରକାରୀ ଜାଗାରୁ ସମସ୍ତ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ତହସିଲ, ପୋଲିସ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୨ ନାବାଳିକାଙ୍କୁ ବଳାତ୍କାର

## ମାଲକାନଗିରି ଜିଲା

ମାଲକାନଗିରି/କୋରୁକୋଣ୍ଡା, ୨୭।୭(ଦୁର୍ଯ୍ୟୋଧନ ପାତ୍ର/ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ମୁଦୁଲିପଡ଼ା ଓ ଓର୍କେଲ ଥାନା ଅଞ୍ଚଳରେ ୨ଜଣ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ମୁଦୁଲିପଡା ଅଞ୍ଚଳର ନାବାଳିକାଙ୍କୁ ଗତ ୧୦ ମାସ ପୂର୍ବେ ଜଣେ ଯୁବକ ବଳାତ୍କାର କରିଥିବା ବେଳେ ସେ ଗର୍ଭବତୀ ଥିଲେ। ଶନିବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। କିନ୍ତୁ କୌଣସି କାରଣରୁ ସନ୍ତାନଟିର ମୃତ୍ୟୁ ଘଟିଥିଲା। ଏ ସମ୍ବନ୍ଧରେ ପରିବାର ଲୋକେ ମୁଦୁଲିପଡ଼ା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେହିପରି ଓର୍କେଲ ଥାନା ଅଞ୍ଚଳରେ ଲିଫ୍ଟ ଦେବା ବାହାନାରେ ଜଣେ ନାବାଳିକାଙ୍କୁ



ଗିରଫ ଦୟା ମାଢ଼ୀ ।

ବଳାତ୍କାର କରାଯାଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୨୦୦/୨୫ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଦୟା ମାଢ଼ୀଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ବର୍ଷ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିଜ ମାମୁ ଘରେ ରହୁଥିଲେ। ଗତ ୧୪ ତାରିଖରେ ସେ ମାମୁ ଘରୁ ନିଜ ଗାଁକୁ କିଛିଦିନ ପାଇଁ ଯାଇଥିଲେ। ଗତ ୨୦ ତାରିଖରେ ସେ ଘରୁ ବାହାରି ଏକ ବସ୍ ଯୋଗେ ଆସି ମାମୁ ଘର ଗାଁ ଛକରେ ଓହ୍ଲାଇ ଚାଲି ଚାଲି ଯାଉଥିଲେ। ସେହି ସମୟରେ ମାମୁ ଘର ଗାଁର ଜଣେ ବ୍ୟକ୍ତି ଦୟା ମାଢ଼ୀ ବାଇକ୍‌ରେ ସେହି ରାସ୍ତା ଦେଇ ଯାଉଥିଲେ। ତାଙ୍କୁ ସେ ମାମୁଘରେ ଛାଡ଼ିଦେବି କହି ବାଇକ୍‌ରେ ବସାଇ ନେଇଥିଲେ। କିନ୍ତୁ ସେଠାରୁ ନାବାଳିକାଙ୍କୁ ଚିତ୍ରକୋଣ୍ଡା ଡ୍ୟାମ୍ ବୁଲାଇ ଆଣିବି ବୋଲି କହି ନେଇଯାଇଥିଲେ। ତେବେ ଡ୍ୟାମ୍ ଅଞ୍ଚଳରୁ ବୁଲାବୁଲି ସାରି ଫେରିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ଏହାର ସୁଯୋଗ ନେଇ ଦୟା ହାତୀଆମ୍ବ ଗ୍ରାମ ନିକଟ ଜଙ୍ଗଲରେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ରାତି ପ୍ରାୟ ୮ଟାରେ ଦୟା ତାଙ୍କୁ ନେଇ ମାମୁ ଘର ଗାଁରେ ଛାଡ଼ି ଦେଇଥିଲେ। ରାତି ହୋଇ ଯାଇଥିବାରୁ ନାବାଳିକା ଜଣକ ଭୟରେ ମାମୁ ଘରକୁ ନ ଯାଇ ଉକ୍ତ ଗ୍ରାମର ଜଣେ ପରିଚିତଙ୍କ ଘରେ ରହିଥିଲେ। ପରଦିନ ସକାଳେ ସେ ମାମୁ ଘରକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ତାଙ୍କ ମାମୁ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଡାକିଥିଲେ। ବୈଠକରେ ଗ୍ରାମର ସମସ୍ତେ ଉପସ୍ଥିତ ଥିବାବେଳେ ଦୟା ଫେରାର ହୋଇଯାଇଥିଲେ। ଗ୍ରାମବାସୀଙ୍କ ପରାମର୍ଶ କ୍ରମେ ପୀଡ଼ିତାଙ୍କ ମାମୁ ଶନିବାର ଓର୍କେଲ ଥାନାରେ ଦୟାଙ୍କ ନାମରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଅଭିଯୁକ୍ତ ଦୟାଙ୍କୁ କୁଡୁମୁଲୁଗୁମ୍ମା ଫାଣ୍ଡି ଅଞ୍ଚଳର ଏକ ଗ୍ରାମରୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କୁ ରବିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀ ମାଇନା କରାଯାଇଛି।

# ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର

ବାସୁଦେବପୁର, ୨୭।୭(ନାରାୟଣ ପ୍ରସାଦ ବାରିକ/କାଳିପଦ ରାୟ)

## ଘର ଭିତରୁ ମିଳିଲା ରକ୍ତ ଜୁଡୁବୁଡୁ ମୃତଦେହ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ବିଦେଇପୁର ପଞ୍ଚାୟତର ପାରାପୋଖରୀ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ଫେରାର ହୋଇଯାଇଥିବାବେଳେ ରବିବାର ସକାଳେ ଘର ଭିତରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ମିଳିଛି। ମୃତା ମହିଳା ହେଲେ ଗ୍ରାମର ଗୁରୁବାରୀ ଜେନା(୪୫)। ଟଙ୍କା ପାଇଁ ତାଙ୍କ ସ୍ୱାମୀ ଗୋପୀନାଥ ଜେନା (୫୮) କୌଣସି ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଗୁରୁବାରୀଙ୍କ ମୁଣ୍ଡ, ହାତ ଓ ଦେହର କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଅଧିକ ରକ୍ତସ୍ରାବ ହୋଇ ଜୀବନ ଯାଇଛି। କଷିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ଭଦ୍ରକରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଗୋପୀନାଥ ବାସୁଦେବପୁର ଥାନା ଅଧୀନ ଅତୁଆଁ ଗ୍ରାମର ବାସିନ୍ଦା। ସେ ପାରାପୋଖରୀ ଗ୍ରାମର ଗୁରୁବାରୀଙ୍କୁ ଦ୍ୱିତୀୟ ବିବାହ କରି ରହୁଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ତାଙ୍କର ଦୁଇପୁଅ ଓ ଗୋଟିଏ ଝିଅ ଅଛନ୍ତି। କିଛିଦିନ ତଳେ ଗୁରୁବାରୀ ତାଙ୍କ ପୈତୃକ ସମ୍ପତ୍ତିରୁ କିଛି ଜମି ବିକ୍ରି କରି ଟଙ୍କା ରଖିଥିଲେ। ସେହି ଟଙ୍କାକୁ ନେବା ପାଇଁ ଗୋପୀନାଥ ତାଙ୍କୁ ମାରଧର କରୁଥିବା ପୁଅ ଝିଅମାନେ ପ୍ରକାଶ କରିଛନ୍ତି। ପୁଅ ଝିଅ ବିବାହ କରି ଅନ୍ୟତ୍ର ରହୁଥିବାବେଳେ ଗୋପୀନାଥ ଓ ଗୁରୁବାରୀ ଏକାଠିରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତା ଗୁରୁବାରୀଙ୍କ ଝିଅ କୁନିଲତାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା (ନଂ.୧୧୩/୨୫) ରୁଜୁ କରାଯାଇଛି। ଅଭିଯୁକ୍ତ ଫେରାର ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କୁ ଧରାଯିବ ବୋଲି ଥାନାଧିକାରୀ ପଣ୍ଡା କହିଛନ୍ତି।

# କମ୍ପାନୀ କ୍ୟାଣ୍ଟିନରେ ମହିଳାଙ୍କୁ ଅସଦାଚରଣ

ଯୋଡ଼ା, ୨୭।୭(ମାନସ ମହାନ୍ତି)

## ଅଭିଯୋଗ କରିବାରୁ କାମରୁ ବିଦା ହେଲେ

କେନ୍ଦୁଝର ଜିଲା ଯୋଡ଼ା ସହରର ଜଣେ ମହିଳାଙ୍କୁ କାର୍ଯ୍ୟକ୍ଷେତ୍ରରେ ଅସଦାଚରଣ ଅଭିଯୋଗ ହୋଇଛି। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମାତ୍ର ସେ ଅଭିଯୋଗ କରିବା ପରେ ତାଙ୍କୁ କର୍ମକ୍ଷେତ୍ରରୁ ବାହାର କରିଦିଆଯାଇଛି।

ଅଭିଯୋଗ ମୁତାବକ, ଯୋଡ଼ା ଶହୀଦନଗର ଅଞ୍ଚଳର ମହିଳା ସ୍ଥାନୀୟ ଏକ କମ୍ପାନୀରେ ଠିକାସଂସ୍ଥା ଅଧୀନରେ କ୍ୟାଣ୍ଟିନ କାର୍ଯ୍ୟରେ ନିୟୋଜିତ ଥିଲେ। କ୍ୟାଣ୍ଟିନରେ କାର୍ଯ୍ୟ କରୁଥିବା ଚନ୍ଦନ କୁମାର ସେଠୀ ନାମକ ଯୁବକ ତାଙ୍କୁ ବିଭିନ୍ନ ସମୟରେ ଅସଦାଚରଣ କରୁଥିଲେ। ଚନ୍ଦନ ଆତ୍ମହତ୍ୟା କରିବେ ବୋଲି କହି ବ୍ଲାକ୍‌ମେଲିଂ ମଧ୍ୟ କରୁଥିଲେ। ଏନେଇ ମହିଳା ଜଣକ ଫେବୃଆରୀ ୧୬ରେ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ରବି ନାରାୟଣ ସାହୁ ନାମକ ଯୁବକ ଚନ୍ଦନଙ୍କୁ ସହଯୋଗ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ଯୋଡ଼ା ଥାନାରେ ଏକ ମାମଲା(ନଂ.୩୫/୨୦୨୫) ରୁଜୁ ହୋଇଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇନାହିଁ ବୋଲି ମହିଳାଙ୍କ ସ୍ୱାମୀ କହିଛନ୍ତି। ନ୍ୟାୟ ମିଳିବା ପରିବର୍ତ୍ତେ ଟାଟାଷ୍ଟିଲ୍ ଠିକା ସଂସ୍ଥା ମହିଳାଙ୍କୁ କାର୍ଯ୍ୟରୁ ବିଦା କରିଦେଇଥିବା ମହିଳାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଫଳରେ କାର୍ଯ୍ୟହରା ହୋଇ ସେ ମାନସିକ ବିଷାଦଗ୍ରସ୍ତ ହୋଇଛନ୍ତି। ଏପରିକି କମ୍ପାନୀର ବରିଷ୍ଠ ଅଧିକାରୀ, ଠିକାସଂସ୍ଥା କର୍ତ୍ତୃପକ୍ଷ ସମସ୍ତଙ୍କୁ ଅଭିଯୋଗ କରି ବି ନିରାଶ ହୋଇଥିବା କହିଛନ୍ତି। ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି, ଏହା ପୁରୁଣା ମାମଲା ହୋଇଥିବାରୁ ଏହାକୁ ଅଗ୍ରାଧିକାରଭିତ୍ତିରେ ଗୁରୁତ୍ୱର ସହିତ ନିଆଯିବ।

# ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା

ରାଜଗାଙ୍ଗପୁର, ୨୭।୭ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ତଥା କାଂଶବାହାଲ ଫାଣ୍ଡି ଅଧୀନ ସାଗଯୋର ପଞ୍ଚାୟତ କଦେଲଡ଼ିପା ଗ୍ରାମରେ ଶନିବାର ରାତିରେ ସ୍ୱାମୀଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି ସ୍ତ୍ରୀ। ରାଜଗାଙ୍ଗପୁର ପୋଲିସ ଅଭିଯୁକ୍ତ ସ୍ତ୍ରୀ ସଙ୍ଗୀତା ବାରା(୨୫)ଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ସୋମବାର ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରାଯିବ। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ. ୩୭୪/୨୫ ରୁଜୁ କରିଛି।

ସୂଚନା ଅନୁଯାୟୀ, କଦେଲଡିପା ଗ୍ରାମରେ ସୁଦୀପ ବାରା ସ୍ତ୍ରୀ ସଙ୍ଗୀତା ଓ ୨ ପୁଅଙ୍କ ସହ ରୁହନ୍ତି। ସୁଦୀପ ସବୁବେଳେ ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡ଼ା କରନ୍ତି। ଅନୁରୂପଭାବେ ଶନିବାର ରାତିରେ ମଦ ପିଇ ଘରକୁ ଫେରିବା ପରେ ସ୍ତ୍ରୀଙ୍କ ସହ ଝଗଡ଼ା କରିଥିଲେ। ଫଳରେ ସ୍ତ୍ରୀ ନିଜ ମାନସିକ ଭାରସାମ୍ୟ ହରାଇ ଘରେ ଥିବା ଏକ ଶାବଳରେ ପିଟିପିଟି ତାଙ୍କୁ ହତ୍ୟା କରିଥିଲେ। ରବିବାର ସକାଳେ ଏହି ଖବର କାଂଶବାହାଲ ଫାଣ୍ଡି ଅଧିକାରୀ ପ୍ରଭସିମରଣ ସିଂ ପାଇବା ପରେ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ସେଠାରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ସଫେଇ ଆଳରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଲୁଟ୍



ପୋଲିସ ପକ୍ଷରୁ ଜାରି ହୋଇଥିବା ଦୁର୍ବୃତ୍ତଙ୍କ ଫଟୋଚିତ୍ର।

## ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଠକେଇର ଶିକାର

ବଡ଼ବିଲ, ୨୭।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ୨ ଦୁର୍ବୃତ୍ତ ଜଣେ ମହିଳାଙ୍କଠାରୁ ସଫେଇ ଆଳରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ଚମ୍ପଟ ମାରିଛନ୍ତି। ଏ ନେଇ ଠକେଇର ଶିକାର ହୋଇଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ମ୍ୟାନେଜର ସୁଲୋଚନା ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବଡ଼ବିଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଇତିହାସ ବିଭାଗ ଅଧ୍ୟାପକ ଗୋଲକ ବିହାରୀ ଗିରି ଓ ତାଙ୍କ ସ୍ତ୍ରୀ ସୁଲୋଚନା ପ୍ରଧାନ ବଡ଼ବିଲ ସୁନ୍ଦରାବସ୍ତିସ୍ଥିତ ଘରେ ରହୁଛନ୍ତି। ଶନିବାର ପୂର୍ବାହ୍ନରେ ଗୋଲକ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ସହ ଦେଖା କରିବାକୁ ଯାଇଥିବା ବେଳେ ସେହି ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସୁଲୋଚନାଙ୍କୁ ପିତଳ ଜିନିଷ ସଫେଇ କରିବା ନିମନ୍ତେ ଆସିଥିବା କହିବା ସହ ପିତଳ ଜିନିଷ ମାଗି ସଫା କରି ଫେରାଇ ଦେଇଥିଲେ। ପରେ ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହିବାରୁ ସୁଲୋଚନା ପିନ୍ଧିଥିବା ହାର, କାନଫୁଲ ଓ ବଳା ଖୋଲି ସଫେଇ କରିବାକୁ ଦେଇଥିଲେ। ଅତି ଚତୁରତାର ସହିତ ଦୁର୍ବୃତ୍ତ ଆଖି ସାମ୍ନାରେ ସୁନା ଅଳଙ୍କାର ସବୁ ହାତେଇ ସେଠାରୁ ଚମ୍ପଟ ମାରିଥିଲେ। ଗୋଲକ ଘରେ ପହଞ୍ଚିବା ପରେ ଘଟଣା ବିଷୟରେ ଜାଣି ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୦୫/୨୦୨୫)ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା କ୍ଲୋଜ୍ ସର୍କିଟ କ୍ୟାମେରାର ଫୁଟେଜ୍ ତନଖି କରି ତଦନ୍ତ କରୁଛି। ୨ ଦୁର୍ବୃତ୍ତଙ୍କ ଫଟୋଚିତ୍ରକୁ ଥାନା ପକ୍ଷରୁ ସୋସିଆଲ ମିଡିଆରେ ପ୍ରସାର କରି ଜନସାଧାରଣଙ୍କୁ ସତର୍କ ରହିବା ସହ ସେମାନଙ୍କୁ ଦେଖିଲେ ପୋଲିସକୁ ସୂଚନା ଦେବାକୁ ନିବେଦନ କରାଯାଇଛି।

## BUSINESS

# ରେଳ ଉପକରଣ ରପ୍ତାନିରେ ଭାରତ ଆଗୁଆ

ଭୁବନେଶ୍ୱର, ୨୭।୭(ଅନୁରାଧା ମହାରଣା)



ଭାରତ ରେଳ ଉପକରଣ ରପ୍ତାନିରେ ଆଗୁଆ ରହିଛି। 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ଦି ୱାର୍ଲ୍ଡ' ଦୃଷ୍ଟିକୋଣ ଭାରତୀୟ ରେଳ ଉତ୍ପାଦନ କ୍ଷେତ୍ରରେ ଏକ ବଡ଼ ପ୍ରଭାବ ପକାଇଛି। ଭାରତ ଏବେ ଅନେକ ଉନ୍ନତ ଦେଶକୁ ରେଳ ଉପକରଣ, କୋଚ ଓ ଲୋକୋମୋଟିଭ ରପ୍ତାନି କରୁଛି। କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଗୁଜରାଟର ଭଦୋଦରାସ୍ଥିତ ସାଭଲିରେ ଥିବା ଆଲଷ୍ଟମ ଫ୍ୟାକ୍ଟ୍ରି ପରିଦର୍ଶନ କରିବା ଅବସରରେ ଏପରି ମତ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ସମୟରେ ଆଲଷ୍ଟମ ଅଧିକାରୀ ଓ କର୍ମଚାରୀମାନେ ରେଳ ମନ୍ତ୍ରୀଙ୍କୁ ଫ୍ୟାକ୍ଟ୍ରିରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତି ସହ ନିର୍ମିତ 'ନମୋ ଭାରତ' କୋଚଗୁଡ଼ିକର ଆଧୁନିକ ଡିଜାଇନ ଓ ଗୁଣବତ୍ତାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଆଲଷ୍ଟମ ଟିମ୍ ମନ୍ତ୍ରୀଙ୍କୁ ରକ୍ଷଣାବେକ୍ଷଣ କାର୍ଯ୍ୟ, ସାମଗ୍ରୀ ବ୍ୟବହାର ଏବଂ ଯୋଗାଣକାରୀ ସଂଯୋଗ ବିଷୟରେ ସୂଚନା ଦେଇଥିଲେ। ସେନ୍ସର ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ନିୟମିତ ରକ୍ଷଣାବେକ୍ଷଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଭାରତରେ ଡିଜାଇନ ହୋଇଥିବା ରେଳ ଉପକରଣ ପାଇଁ ମନ୍ତ୍ରୀ ଆଲଷ୍ଟମକୁ ଅଭିନନ୍ଦନ ଜଣାଇଥିଲେ। ଏହି ଫ୍ୟାକ୍ଟ୍ରିରୁ ନିର୍ମିତ କୋଚ, ଲୋକୋମୋଟିଭ, ବଗି ଓ ପ୍ରପଲସନ ସିଷ୍ଟମ ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର, ଫ୍ରାନ୍ସ, ଜର୍ମାନୀ, କାନାଡା, ମେକ୍ସିକୋ ଆଦି ଦେଶକୁ ରପ୍ତାନି ହେଉଛି। ରେଳ ମନ୍ତ୍ରୀ କହିଛନ୍ତି, ସାଭଲି ଫ୍ୟାକ୍ଟ୍ରି ଭଦୋଦରା ଅଞ୍ଚଳର ଅର୍ଥନୀତିକୁ ମଜଭୁତ କରିଛି, ସ୍ଥାନୀୟ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିଛି ଏବଂ ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହୋଇଛି। ଆଲଷ୍ଟମ ଭାରତରେ ପ୍ରାୟ ୭,୦୦୦ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଛି, ଯେଉଁମାନେ ରୋଲିଂ ଷ୍ଟକ ଓ ସିଗନାଲିଂ ସିଷ୍ଟମ କ୍ଷେତ୍ରରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୩୦୦ ଜଣ ଅନ୍ତର୍ଜାତୀୟ ପ୍ରକଳ୍ପରେ ସାମିଲ ଅଛନ୍ତି। ମନ୍ତ୍ରୀ ଆଲଷ୍ଟମର ତାଲିମ କାର୍ଯ୍ୟକ୍ରମରେ ଆଗ୍ରହ ପ୍ରକାଶ କରି ଗତି ଶକ୍ତି ବିଶ୍ୱବିଦ୍ୟାଳୟ ସହ ସହଯୋଗ ପାଇଁ ପରାମର୍ଶ ଦେଇଛନ୍ତି। ସେ ଆଲଷ୍ଟମ ଓ ପଶ୍ଚିମ ରେଳପଥର ଭଦୋଦରା ଡିଭିଜନ ମଧ୍ୟରେ ଚାଲିଥିବା ତାଲିମ ସହଭାଗିତାକୁ ପ୍ରଶଂସା କରିଛନ୍ତି। ମନ୍ତ୍ରୀ ଆଲଷ୍ଟମ ଟିମକୁ ଭାରତୀୟ ରେଳପଥ ପାଇଁ ବୃହତ ଅଫ-କ୍ୟାମ୍ପସ ଓ ଅନସାଇଟ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି। ସେ ରେଳ ଅଧିକାରୀ ଓ ସେମାନଙ୍କ ଦଳକୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗୀଦାରି ପାଇଁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ତାଙ୍କ ସହ ଭଦୋଦରା ଏମପି ଡ. ହେମାଙ୍ଗ ଯୋଶୀ, ସାଭଲି ବିଧାୟକ କେତନଭାଇ ଇନାମଦାର, ପଶ୍ଚିମ ଓ ମଧ୍ୟ ରେଳପଥର ଜେନେରାଲ ମ୍ୟାନେଜର, ଭଦୋଦରା ଓ ଅହମଦାବାଦର ଡିଆରଏମ ଏବଂ ଅନ୍ୟ ବରିଷ୍ଠ ରେଳ ଅଧିକାରୀ ଉପସ୍ଥିତ ଥିଲେ।

# ଜାତୀୟ ସିଇଓ କନ୍‌କ୍ଲେଭ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୭

ଦି ଇଣ୍ଟରଭ୍ୟୁ ଟାଇମ୍‌ସ ପକ୍ଷରୁ ଆୟୋଜିତ ଜାତୀୟ ସିଇଓ କନ୍‌କ୍ଲେଭ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅକଲ୍ୟାଣ୍ଡରେ ଭାରତର କନ୍‌ସଲ୍ ଜେନେରାଲ୍ ଡ. ମଦନ ମୋହନ ସେଠୀ, ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ମାନସ ରଞ୍ଜନ ପଣ୍ଡା (ପରିଚାଳନା ନିର୍ଦ୍ଦେଶକ, ଓକାକ୍)ଙ୍କ ସମେତ ଡିଜି ଡିଆର୍‌ଡିଓ ଇ ଓ ସିଏସ୍ ଡ. ବି.କେ. ଦାସ୍ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଇଣ୍ଟରଭ୍ୟୁ ଟାଇମ୍ସର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦି ଇଣ୍ଟରଭ୍ୟୁ ଟାଇମ୍ସର ସମ୍ପାଦକ ଡ. ଦିବ୍ୟଜିତ ସାହୁ ସ୍ୱାଗତ ଅଭିଭାଷଣ ସହ ସମ୍ମିଳନୀର ଆଭିମୁଖ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ସ୍ୱାସ୍ଥ୍ୟ, ଲାଇଫ୍ ଷ୍ଟାଇଲ୍, ଦକ୍ଷତା, ଶିକ୍ଷା ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୭।୭

ଦେଶର ଅଗ୍ରଣୀ ରୋଷେଇ ଏବଂ ଘରୋଇ ଉପକରଣ ବ୍ରାଣ୍ଡ ତଥା ଟିଟିକେ ପ୍ରେଷ୍ଟିଜ୍‌ର ନୂତନ ଉତ୍ପାଦ ରେଞ୍ଜ 'କୁକ୍‌ୱେର୍ ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ କୁକ୍‌ୱେର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରି କି ଏହାର ନୂତନ ଉଦ୍ଭାବନ ଆରମ୍ଭ ସହ ସମ୍ପ୍ରତି ଉନ୍ମୋଚିତ ରେଞ୍ଜ୍ ଟ୍ରାଇପ୍ଲି ନିର୍ମାଣର ଅତୁଳନୀୟ ସ୍ଥିରତାକୁ ଏକ ପରିବର୍ତ୍ତନକାରୀ, ମଧୁର କୋଷ-ପାର୍ଟର୍ନ ନନ୍-ଷ୍ଟିକ୍ ଫିନିସ୍ ସହିତ ମିଶ୍ରଣ କରିଥାଏ। ସେହିଭଳି ଭାରତୀୟ ପରିବାରଗୁଡ଼ିକର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ବିକଶିତ, ତ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ ଫ୍ରାଏ ପ୍ୟାନ୍ ଏବଂ କଡ଼ାଇରେ ନନ୍-ଷ୍ଟିକ୍ ଇନୋଭେଶନ୍ ସହ ଟ୍ରିପଲ ସ୍ଥାୟିତ୍ୱ ମିଶ୍ରଣ ପ୍ରଦାନ କରାଯାଏ। ଏହି ଡିଜାଇନ୍ କେବଳ ଆବରଣର ସ୍ଥାୟିତ୍ୱ ବୃଦ୍ଧିକରେ ନାହିଁ ବରଂ ବାରମ୍ବାର ବ୍ୟବହାର ସତ୍ତ୍ୱେ ଦୀର୍ଘସ୍ଥାୟୀ କାର୍ଯ୍ୟଦକ୍ଷତା ମଧ୍ୟ ସୁନିଶ୍ଚିତ କରିଥାଏ। ପ୍ରେଷ୍ଟିଜ୍ ତ୍ରି-ପ୍ଲାଇ ହେକ୍ସାମ୍ୟାଜିକ୍ କୁକ୍‌ୱେର୍ ଉତ୍ପାଦ ଉପରେ ୧୫ବର୍ଷର ୱାରେଣ୍ଟି ଏବଂ ନନ୍-ଷ୍ଟିକ୍ ଆବରଣ ଉପରେ ୩ ବର୍ଷର ୱାରେଣ୍ଟି ରହିଛି । ଏହା ବ୍ରାଣ୍ଡର ଗୁଣବତ୍ତା



ଏବଂ ନିର୍ଭରଯୋଗ୍ୟତାର ନିଶ୍ଚିତତାକୁ ପୁନଃ ନିର୍ଦ୍ଦିଷ୍ଟ କରିଛି। ଉଲ୍ଲେଖଯୋଗ୍ୟ, ଟିଟିକେ ପ୍ରେଷ୍ଟିଜର ଏହି ନୂତନ ରେଞ୍ଜର ପ୍ରାରମ୍ଭିକ ବଜାର ଦର ୨୦ ସିଏମ୍ ମଡେଲ୍ ଫ୍ରାଏ ପ୍ୟାନ୍‌ର ମୂଲ୍ୟ ୨୮୪୫ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ କଡ଼ାଇର ଦର ୨୯୯୫ ଟଙ୍କାରୁ ଆରମ୍ଭ ହେଉଛି, ଯାହା ପ୍ରିମିୟମ୍ ପ୍ରଯୁକ୍ତିବିଦ୍ୟାକୁ ଭାରତୀୟ ଗ୍ରାହକଙ୍କ ପାଖରେ ରଖିଛି। ଟ୍ରାଇ-ପ୍ଲାଇ ହେକ୍ସାମ୍ୟାଜିକ୍‌ର ଶୁଭାରମ୍ଭ ସହିତ ଟିଟିକେ ପ୍ରେଷ୍ଟିଜ୍ ଶିଳ୍ପରେ ଏକ ଅଗ୍ରଣୀ ଶକ୍ତି ଭାବେ ଏହାର ଭୂମିକାକୁ ସୁଦୃଢ଼ କରୁଛି, ଅସାଧାରଣ ରୋଷେଇ ଘରର ନବସୃଜନ ମାଧ୍ୟମରେ କୋଟି କୋଟି ଭାରତୀୟ ପରିବାରଙ୍କ ଜୀବନକୁ ଉନ୍ନତ କରିବା ପାଇଁ ପ୍ରତିବଦ୍ଧ ରହିଛି।

# ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୭

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଡିଆଜିଓ ଇଣ୍ଡିଆ ପରିସରରେ ବିଶ୍ୱ ମ୍ୟାନ୍‌ଗ୍ରୋଭ୍ସ ଦିବସ (ଡବ୍ଲ୍ୟୁଏମ୍‌ଡି) ପାଳିତ ହୋଇଯାଇଛି। ବିଶେଷକରି ଡବ୍ଲ୍ୟୁଏମ୍‌ଡିର ୧୦ ବର୍ଷ ପୂର୍ତ୍ତି ଅବସରରେ ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଙ୍ଗ୍ ୱାଟର ପକ୍ଷରୁ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଏହାର ବ୍ରାଣ୍ଡ ଆମ୍ବାସାଡର ଆୟୁଷ୍ମାନ ଖୁରାନାଙ୍କ ଦ୍ୱାରା ପ୍ରସ୍ତୁତ ହାଇଡେସିବଲ ୩୬୦ ଅଭିଯାନକୁ ନିକଟରେ ଉନ୍ମୋଚନ କରାଯାଇଛି। ଏହି ଅଭିଯାନର କେନ୍ଦ୍ରରେ ଏକ ଚଳଚ୍ଚିତ୍ର ରହିଛି, ଏହା ଭାରତର ମ୍ୟାନ୍‌ଗ୍ରୋଭ୍ସ ଇକୋସିଷ୍ଟମର ସୁନ୍ଦର ରଚନାଗୁଡ଼ିକୁ ପୁନରୁଦ୍ଧାର କରିବାର ଆବଶ୍ୟକତାକୁ ଆଲୋକିତ କରିଛି। ସେହିଭଳି ଦି ମ୍ୟାନ୍‌ଗ୍ରୋଭ୍ସ ରିଜେନେରେଶନ ପ୍ଲେଜ୍ ଶୀର୍ଷକ ଚଳଚ୍ଚିତ୍ରଟି ଭାରତର ଉପକୂଳ ଇକୋସିଷ୍ଟମ ଏବଂ ସେଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଅକ୍ଳାନ୍ତ ଭାବେ କାମ କରୁଥିବା ଲୋକଙ୍କ ପ୍ରତି ଶୁଭେଚ୍ଛା ଜଣାଇଛି। ଇମର୍ସିଭ୍ ଭିଜୁଆଲ୍ ଏବଂ ଆୟୁଷ୍ମାନଙ୍କ ପ୍ରତିଧ୍ୱନିତ ସ୍ୱର ମାଧ୍ୟମରେ କୁହାଯାଉଥିବା ଏହି ଚଳଚ୍ଚିତ୍ରଟି ଜଳବାୟୁ ପରିବର୍ତ୍ତନ, ସ୍ଥିରତା ଏବଂ ତୃଣମୂଳ ସଂରକ୍ଷଣ ପାଇଁ ପ୍ରବର୍ତ୍ତାଉଥିବା ସମ୍ପ୍ରଦାୟଗୁଡ଼ିକର ଭୂମିଗତ ବାସ୍ତବତାକୁ ଜୀବନ୍ତ କରିଥାଏ। ଏ ନେଇ ଡିଆଜିଓ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପୋର୍ଟଫୋଲିଓ ମାର୍କେଟିଂ ମୁଖ୍ୟ ବରୁଣ କୁରିଚ୍ କହିଛନ୍ତି, ଓଡ଼ିଶାରେ ମ୍ୟାନ୍‌ଗ୍ରୋଭ୍ସ ପୁନର୍ଜନ୍ମ ପ୍ରକଳ୍ପ ହେଉଛି ଆମର ଦାବିର ଏକ ଶକ୍ତିଶାଳୀ ପ୍ରକାଶ। ସମ୍ପ୍ରଦାୟ ଚାଳିତ କାର୍ଯ୍ୟ, ନିରନ୍ତର ପ୍ରତିବଦ୍ଧତା ଏବଂ ଅର୍ଥପୂର୍ଣ୍ଣ ପରିବେଶଗତ ପ୍ରଗତି ଆମର ପ୍ରସ୍ତାବ। ପ୍ରକୃତି ସହିତ ଗୋଟିଏ ଦିନ। ଆମେ ମ୍ୟାନ୍‌ଗ୍ରୋଭ୍ସ ଭଳି ପରିବେଶ ପ୍ରଣାଳୀ ଏବଂ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ କାମ କରୁଥିବା ଲୋକଙ୍କ ନୀରବ ଶକ୍ତିକୁ ପାଳନ କରୁଛୁ। ସିଗ୍ନେଚର୍ ପ୍ୟାକେଜଡ ଡ୍ରିଙ୍କିଙ୍ଗ୍ ୱାଟରରେ ଆମେ ସଚେତନ ଜୀବନ ପାଇଁ ଠିଆ ହୋଇଛୁ ।

# ବଜାରରେ ହିରୋ ମୋଟୋକର୍ପର ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ

ଭୁବନେଶ୍ୱର, ୨୭।୭ (ଅଭୟ ଦାଶ)

ହିରୋ ମୋଟୋକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ଏଚ୍‌ଏଫ୍ ଡିଲକ୍ସ ପ୍ରୋ'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରି କି କମ୍ପାନୀ ତା'ର ଏଚ୍‌ଏଫ୍ ଡିଲକ୍ସ ପୋର୍ଟଫୋଲିଓକୁ ମଜଭୁତ କରିଛି। ଅପରପକ୍ଷରେ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଏକ ବିଶ୍ୱସନୀୟ ୯୭.୨ସିସି ଇଞ୍ଜିନ ଦ୍ୱାରା ପରିଚାଳିତ (କ୍ଷମତାପ୍ରାପ୍ତ) ହେଉଥିଲା ବେଳେ ଏହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତାର ଆଉଟପୁଟ୍ ପ୍ରଦାନ କରିଥାଏ। ଏହା ମଧ୍ୟରେ ୮୦୦୦ ଆରପିଏମ୍‌ରେ ୭.୯ ବିଏଚ୍‌ପି ଏବଂ ୬୦୦୦ ଆର୍‌ପିଏମ୍‌ରେ ୮.୦୫ ଏନ୍‌ଏମ୍ ଟର୍କ (କମ୍ପନ) ସାମିଲ ରହିଛି। ସେହିପରି ଆଇ୩ଏସ୍ (ଆଇଡଲ ଷ୍ଟପ୍-ଷ୍ଟାର୍ଟ ସିଷ୍ଟମ) କ୍ଷମତାଯୁକ୍ତ ଉନ୍ନତ ଜ୍ଞାନକୌଶଳ, ନିମ୍ନ-ଘର୍ଷଣଯୁକ୍ତ ଇଞ୍ଜିନ ସହ ବିଶେଷ ଭାବେ ପ୍ରସ୍ତୁତ ଯାନ୍ତ୍ରିକ ଟାୟାର୍ସକୁ



ନେଇ ଏହା ଏକ ପ୍ରଭାବଶାଳୀ ବା ସର୍ବୋତ୍ତମ-ଶ୍ରେଣୀ ମାଇଲେଜ ପ୍ରଦାନ କରୁଛି। ଏହା ଅତି ଆରାମଦାୟକ ଚାଳନାକୁ ମଧ୍ୟ ସୁନିଶ୍ଚିତ କରିଥାଏ। ସେହିଭଳି ଏଚ୍‌ଏଫ୍ ଡିଲକ୍ସ ପ୍ରୋ ବାଧାହୀନ ଦୈନିକ ଚାଳନା ତଥା ଅତୁଳନୀୟ ମୂଲ୍ୟକୁ ନେଇ ନିର୍ମିତ ହୋଇଛି। ଏଚ୍‌ଏଫ୍ ଡିଲକ୍ସ ପ୍ରୋ ସମଗ୍ର ଦେଶରେ ରହିଥିବା ହିରୋମୋଟୋକର୍ପ ବିକ୍ରେତାମାନଙ୍କ ପାଖରେ ଦୁଇଟି ଆକର୍ଷଣୀୟ କଲର (ରଙ୍ଗ- ବ୍ଲୁ ଓ ରେଡ) ସହ ୭୩,୫୫୦ ଟଙ୍କାରେ ଉପଲବ୍ଧ ହେଉଛି। ଏ ସମ୍ପର୍କରେ ହିରୋ ମୋଟୋକର୍ପର ସିବିଓ (ଇଣ୍ଡିଆ ବିଜ୍‌ନେସ୍ ୟୁନିଟ୍) ଆଶୁତୋଷ ବର୍ମା କହିଛନ୍ତି, ଆମେ ଆମର ନୂତନ ମଡେଲ ତଥା ଏଚ୍‌ଏଫ୍ ଡିଲକ୍ସ ପ୍ରୋକୁ ସର୍ବଭାରତୀୟସ୍ତର ଅନାବରଣ କରି ବେଶ୍ ଉତ୍ସାହିତ ଅଛୁ। ଏପରି କି ସମଗ୍ର ଭାରତରେ ଏହାର ବିଶ୍ୱସ୍ତ ସହଭାଗିତାକୁ ନେଇ ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଖରେ ଆମେ ଆଦୃତ ହୋଇପାରିଛୁ। ସେହିଭଳି ଏହାର ନିର୍ଭରଯୋଗ୍ୟ ଇନ୍ଧନ ସଂରକ୍ଷଣ ସହ ନୂତନ ଏଚ୍‌ଏଫ୍ ଡିଲକ୍ସ ପ୍ରୋ ଆମର ଏକ ବିଶ୍ୱାସକୁ ଆଗେଇ ନେଇପାରିଛୁ।

# ୧୦୦୦ କୋଟିରୁ ଅଧିକ ବ୍ୟବସାୟ

ଭୁବନେଶ୍ୱର, ୨୭।୭

ରାଜ୍ୟର ସର୍ବବୃହତ୍ ବ୍ୟବସାୟ ଏବଂ ନେଟ୍‌ୱର୍କିଂ ଇଭେଣ୍ଟ ତଥା ଏକ ୨ ଦିନିଆ ବ୍ୟବସାୟ ସମ୍ମିଳନୀ 'ବିଏନ୍‌ଆଇ ବିଜ୍ ପ୍ରୋ ୨.୦' ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ରେ ଉଦ୍‌ଘାଟିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୪୦ରୁ ଅଧିକ ବିଏନ୍‌ଆଇ ସଦସ୍ୟଙ୍କ ସମେତ ୫ ହଜାରରୁ ଅଧିକ ପରିଦର୍ଶକ ଏବଂ ୯୦ବ୍ରାଣ୍ଡ ସେମାନଙ୍କର ଉତ୍ପାଦ ଏବଂ ସେବା ପ୍ରଦର୍ଶିତ କରିଥିଲେ। ବିଶେଷ କରି ବ୍ୟବସାୟ ପାଇଁ ଏହା ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଉଦ୍‌ଘାଟନୀ ସମାରୋହରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲା ବେଳେ ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ଇପିକଲ୍‌ର ଅଧ୍ୟକ୍ଷ ହେମନ୍ତ ଶର୍ମା ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ମନୋଜ ଲାଲାନି ଏବଂ ଉମଙ୍ଗ ଲାଲାନିଙ୍କ ଦ୍ୱାରା ୨୦୧୮ରେ ପ୍ରତିଷ୍ଠିତ ବିଏନ୍‌ଆଇ ଭୁବନେଶ୍ୱର ପୂର୍ବରୁ ଏହାର ସଦସ୍ୟମାନଙ୍କ ମଧ୍ୟରେ ୧୦୦୦ କୋଟିରୁ ଅଧିକ ଟଙ୍କାର ବ୍ୟବସାୟକୁ ସୁବିଧାରେ ଯୋଗାଇ ଦେଇଛି। ଏହା କେବଳ ଓଡ଼ିଶାରେ ନୁହେଁ ବରଂ ଭାରତ ଏବଂ ବିଶ୍ୱବ୍ୟାପୀ ବ୍ୟବସାୟ ମାଲିକମାନଙ୍କୁ ନୂତନ ଉଚ୍ଚତା ଆରୋହଣ କରିବାରେ ସାହାଯ୍ୟ କରିବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଉମଙ୍ଗ ଲାଲାନି କହିଛନ୍ତି। ବିଏନ୍‌ଆଇ ବ୍ରିଜ୍ ପ୍ରୋ ୨. ୦ ହେଉଛି ସହରର ପ୍ରତ୍ୟେକ ବ୍ୟବସାୟ ମାଲିକଙ୍କ ପାଇଁ ବ୍ୟବସାୟ ନେଟୱର୍କିଂର ଶକ୍ତି ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ। ବିଏନ୍‌ଆଇ ଭୁବନେଶ୍ୱର ଗତ ୭ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ଏବଂ ମୋର ଦୃଷ୍ଟିକୋଣ ହେଉଛି ଏହା ନିକଟ ଭବିଷ୍ୟତରେ ୧ ହଜାରରୁ ଅଧିକ ସଦସ୍ୟଙ୍କ ଏକ ଦୃଢ଼ ସମ୍ପ୍ରଦାୟରେ ପରିଣତ ହେବ ବୋଲି ବିଏନ୍‌ଆଇ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମନୋଜ ଲାଲାନି କହିଛନ୍ତି।

# ଆଗାମୀ କାଲି ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

## ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ



ଦିନକୁ ଦିନ ପୃଥିବୀ ଅସୁସ୍ଥ ହେବାରେ ଲାଗିଛି। ଦ୍ରୁତ ଜଙ୍ଗଲକ୍ଷୟ, ପ୍ରଦୂଷଣ ସହ ଜଳବାୟୁ ପରିବର୍ତ୍ତନ ଆମ ଗ୍ରହ ପାଇଁ ଅସୁସ୍ଥତାର ପ୍ରମୁଖ କାରକ ସାଜିଛି। ଏସବୁ ଠାରୁ ଦୂରେଇ ପୃଥିବୀକୁ ସୁସ୍ଥ ରଖିବା ଲାଗି ପ୍ରାକୃତିକ ସମ୍ପଦର ସୁରକ୍ଷା ସହ ଜୈବ ବିବିଧତା, ପରିବେଶଗତ ସନ୍ତୁଳନ ଜରୁରୀ। ତେଣୁ ଏହି ପରିପ୍ରେକ୍ଷୀରେ ସଚେତନତା ବୃଦ୍ଧି ସକାଶେ ପ୍ରତିବର୍ଷ ଜୁଲାଇ ୨୮ ରେ 'ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ' ପାଳନ କରାଯାଉଛି। ଏହି ଅବସରରେ ପ୍ରାକୃତିକ ସମ୍ପଦ ଏବଂ ପରିବେଶର ସୁରକ୍ଷାକୁ ଗୁରୁତ୍ୱାରୋପ କରାଯାଇଥାଏ। ଚଳିତବର୍ଷ ଏହି ଦିବସ ଲାଗି ଉଦ୍ଦିଷ୍ଟ ବିଷୟବସ୍ତୁ 'ଜୈବ ବିବିଧତାକୁ ସୁରକ୍ଷା, ଅବନତ ପରିସଂସ୍ଥାନକୁ ପୁନରୁଦ୍ଧାର ଏବଂ ଏକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ବିଶ୍ୱବ୍ୟାପୀ ସହଯୋଗର ଜରୁରୀ ଆବଶ୍ୟକତା। ତେଣୁ ଆଗାମୀ କାଲି ଲାଗି ଏହା ଆମ ସମସ୍ତଙ୍କ ପାଇଁ ମଧ୍ୟ କର୍ତ୍ତବ୍ୟ।

### ପ୍ରକୃତିକୁ ସୁରକ୍ଷା ଦେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ



ପ୍ରକୃତି ଆମ ପାଇଁ କେତେ ଉପକାରୀ ତାହା ପ୍ରାୟ ସମସ୍ତେ ଜାଣିଛେ। ତେବେ ଏହାକୁ ସୁରକ୍ଷା ନ ଦେଲେ ଆମର ଭବଷ୍ୟତ ଅସୁରକ୍ଷିତ ହୋଇପଡିବ। ମା' ସହ ଶିଶୁର ସମ୍ପର୍କ ଯେମିତି ଠିକ୍ ସେମିତି ମହାନ ଜନନୀ ପ୍ରକୃତି ସହ ଆମର ନିବିଡ ସମ୍ପର୍କ ରହିଛି। ବିବର୍ତ୍ତନ ଏହାକୁ ଆମ ଜିନ୍‌ରେ ଲିପିବଦ୍ଧ କରିଦେଇଛି। ପ୍ରକୃତିର ସୁରକ୍ଷାକୁ ଆମେ ସମସ୍ତେ ହୃଦୟଙ୍ଗମ କରିବା ନିହାତି ଦରକାର। ପ୍ରକୃତିକୁ ଆମେ ଯେମିତି ଧ୍ୱଂଶ କରିଚାଲିଛେ, ତାହାର ପରିଣାମ ଆମକୁ ହିଁ ଭୋଗିବାକୁ ପଡିବ। ତେଣୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ ଚଳିତ ବର୍ଷର ସ୍ଲୋଗାନ 'ପ୍ରକୃତିକୁ ରକ୍ଷା କର-ନିଜକୁ ରକ୍ଷାକର' ମହତ୍ତ୍ୱକୁ ଉପଲବ୍ଧି କରି ପ୍ରକୃତିର ସୁରକ୍ଷା ପାଇଁ ଆମେ ଚେଷ୍ଟା ଜାରି ରଖିବା ଦରକାର।

- ପ୍ର. ରମେଶ ଚନ୍ଦ୍ର ପରିଡା, ଭୁବନେଶ୍ୱର

### ପ୍ରକୃତିର ସଂରକ୍ଷଣକୁ ପ୍ରାଥମିକତା ଦେବା ଜରୁରୀ



ପ୍ରକୃତି ଆମକୁ ବହୁତ କିଛି ଦେଇଛି- ଜଳ,ଜଙ୍ଗଲ ଜୀବଜଗତ ଇତ୍ୟାଦି। ତେଣୁ ପ୍ରକୃତି ପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ନିହାତି ଆବଶ୍ୟକ। ଆମର ଆଗାମୀ ପିଢ଼ିର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆମେ ସମସ୍ତେ ପ୍ରକୃତିର ସଂରକ୍ଷଣ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ଚେଷ୍ଟା କରିବା- ଏହି ବାର୍ତ୍ତାକୁ ଆଖି ଆଗରେ ରଖି ଆମ ସଙ୍ଗଠନ ମାଧମରେ ପ୍ରତିବର୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରୁ। ଆମେ ଯାଜପୁର ଆଖପାଖ ସ୍କୁଲ ଗୁଡ଼ିକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ପ୍ରକୃତି ଆମକୁ କ'ଣ ଦେଇଛି, ପ୍ରକୃତି ପ୍ରତି ଆମର କଣ କର୍ତ୍ତବ୍ୟ ରହିଛି ଏହା ବିଷୟ ରେ ଆଲୋଚନା କରିବା ସହ ଚାରା ବଣ୍ଟନ କରୁ। ସ୍କୁଲରେ ବୃକ୍ଷ ରୋପଣ କରୁ ଓ ପିଲା ମାନଙ୍କ ମଧରେ ବକ୍ତୃତା ପ୍ରତିଯୋଗିତା ମଧ କରୁ। ସେମାନେ ଘରେ ଖାଉଥିବା ବିଭିନ୍ନ ଫଳ ଏବଂ କୋଳି ମଞ୍ଜି ରଖି କିପରି ବର୍ଷା ଦିନରେ ଫାଙ୍କା ଜାଗା ଗୁଡିକରେ ପକାଇ ନୂଆ ଜଙ୍ଗଲ ସୃଷ୍ଟି କରିପାରିବେ ସେ ଉପରେ ସଚେତନତା ବାର୍ତ୍ତା ଦେଇ ଥାଉ। ବିଗତ ଦୁଇ ଧସନ୍ଧିରୁ ଅଧିକ ବର୍ଷ ହେବ ଆମେ ଏହି ପରିବେଶଧର୍ମୀ କାର୍ଯ୍ୟ କରିଆସୁଛୁ ଓ ଆଗକୁ ମଧ କରି ଚାଲିବୁ।

- ରାଜେଶ କୁମାର ରାଉତ, ଯୁବ ସମାଜସେବୀ, ଯାଜପୁର, ବ୍ୟାସନଗର

### ପରିବେଶ ସଂରକ୍ଷଣ ଦ୍ୱାରା ଆଗାମୀ ପିଢି ସୁରକ୍ଷିତ ରହିବେ



ଆଗେ ଗଛ, ଆଉ ସବୁ ପଛ। ବର୍ତ୍ତମାନ ସ୍ଥିତିରେ ପରିବେଶ ପ୍ରଦୂଷଣ ଯେଉଁ ଜାଗାରେ ପହଞ୍ଚିଲାଣି, ଆମକୁ ଏହି ଉକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପଡିବ ଏବଂ ଅନେକରୁ ଅନେକ ଗଛ ଲଗାଇବାକୁ ପଡିବ। ସେହି ଆଶା ଓ ସଂକଳ୍ପ ନେଇ ୟୁଏସ୍‌ଆଇ ଫାଉଣ୍ଡେସନ୍ ବିଗତ ୨୦୨୨ରୁ ନିରନ୍ତର ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛି ଏବଂ ଲୋକମାନଙ୍କୁ ଗଛ ଲଗାଇବା ପାଇଁ ପ୍ରେରିତ କରୁଛି। ଯାହାର ଫଳ ସ୍ୱରୁପ ଆମେ ଆଜି ୫୭ ପ୍ରକାରର ପ୍ରାୟ ୩୨ହଜାରରୁ ଉର୍ଦ୍ଧ୍ୱ ଗଛ ଲଗାଇବାରେ ସକ୍ଷମ ହୋଇପାରିଛୁ। ବୃକ୍ଷରୋପଣ ସହ ଆମକୁ ପ୍ଲାଷ୍ଟିକ ବ୍ୟବହାର ବିଶେଷ ଭାବରେ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଯେପରିକି ପଲିଥିନ୍ ବ୍ୟବହାର ନ କରିବା ଦିଗରେ ସଚେତନ ହେବା ଆବଶ୍ୟକ। କାରଣ ଏହା ମଧ ପରିବେଶ ପ୍ରଦୂଷଣର ଆଉ ଏକ ପ୍ରମୁଖ କାରଣ। ତେଣୁ ଏଥିପାଇଁ ଆମକୁ ନିଜ ଜୀବନଶୈଳୀକୁ ପରିବର୍ତ୍ତନ କରି ପରିବେଶ ଉପଯୋଗୀ ସାମଗ୍ରୀ ବ୍ୟବହାର କରିବାକୁ ହେବ। ପ୍ରଦୂଷଣ ରୋକିବା ଦ୍ୱାରା ଆମେ କେବଳ ପରିବେଶକୁ ନୁହେଁ ନିଜକୁ ମଧ ସୁରକ୍ଷିତ ରଖିପାରିବା। ଯାହାକି ଆମ ଆଗାମୀ ପିଢି ପାଇଁ ଏବଂ ସୁନ୍ଦର, ପ୍ରଦୂଷଣମୁକ୍ତ ସୁସ୍ଥ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ।

- ଡା. ରଶ୍ମୀରେଖା ସାହୁ, ମ୍ୟାନେଜିଂ ଟ୍ରଷ୍ଟି, ୟୁଏସ୍‌ଆଇ ଫାଉଣ୍ଡେଶନ

# ଚାଷୀ ପଞ୍ଜୀକରଣ ଅବଧି ବଢ଼ିବ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୨୭।୭ (ରବିନାରାୟଣ ଜେନା)

ରାଜ୍ୟରେ ଚାଷୀ ପଞ୍ଜୀକରଣ ଲାଗି ଶେଷ ସମୟସୀମା ଅଗଷ୍ଟ ୨୦ ତାରିଖ ରଖାଯାଇଛି। ଯଦି ସର୍ଭର ଡାଉନ କିମ୍ବା ଅନ୍ୟ କୌଣସି କାରଣରୁ ପଞ୍ଜୀକରଣ ହୋଇପାରୁ ନଥିବା ନେଇ ଅଭିଯୋଗ ଆସେ ତେବେ ଏହାର ଅବଧି ବୃଦ୍ଧି କରାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ, ଯେଉଁ ଚାଷୀମାନଙ୍କର ରେକର୍ଡ ବାପା କିମ୍ବା ଜେଜେ ବାପାଙ୍କ ନାମରେ ଥିବ ସେମାନେ ଅଣ୍ଡରଟେକିଂ ଫର୍ମ ଦାଖଲ କରି ପଞ୍ଜୀକରଣ


କୃଷ୍ଣଚନ୍ଦ୍ର ପାତ୍ର

କରିପାରିବେ। ଏନେଇ ଚାଷୀ ଆନ୍ଦୋଳନର କୌଣସି କାରଣ ନାହିଁ। ସରକାର ଚାଷୀଙ୍କ ହିତ ପାଇଁକାମ କରୁଛନ୍ତି। ଏ ସରକାରରେ ଚାଷୀଙ୍କର କୌଣସି ଅସୁବିଧା କରାଯିବ ନାହିଁ। ଯେଉଁମାନେ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି ସେମାନେ ସଫଳ ହେବେ ନାହିଁ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି ଯେ, ଭାଜପା ସରକାର ଚାଷୀ ସରକାର। ରାଜ୍ୟରେ କ୍ଷମତାକୁ ଆସିବାର କେଇଦିନ ମଧ୍ୟରେ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ଇନ୍‌ପୁଟ ସବସିଡି ପାଇଁ ୮୦୦ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ଏହାବାଦ୍ ଚାଷୀଙ୍କ ଉନ୍ନତି ପାଇଁ ଶୀତଳଭଣ୍ଡାରଠାରୁ ବହୁବିଧ ସୁବିଧା କରାଯାଇଛି ବୋଲି ସେ କହିଥିଲେ।

# ଦନ୍ତାହାତୀ ଆକ୍ରମଣରେ ଜଣେ ମୃତ

## ଖଣ୍ଡ ବିଖଣ୍ଡିତ ଶରୀର ଜବତକଲା ପୋଲିସ, ଆସିଲେନି ଡିଏଫ୍‌ଓ


ଦନ୍ତାହାତୀ


ସାମନ୍ତ ଦିଗାଲ

ଜି.ଉଦୟଗିରି,୨୭।୭ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳରେ କିଛି ମାସ ହେଲା ଦନ୍ତାହାତୀ ଉପଦ୍ରବ ଚଳାଇଛି। ଶନିବାର ରାତିରେ ଜି.ଉଦୟଗିରି ସହରଠାରୁ ମାତ୍ର ୨ କି.ମି. ଦୂର ପାଜିମାହା ଗ୍ରାମ ନିକଟରେ ଦନ୍ତା ଜଣେ ବ୍ୟକ୍ତିଙ୍କୁ ମାରି ଶରୀରକୁ ଖଣ୍ଡ ଖଣ୍ଡ କରିଦେଇଛି। ମୃତକ ହେଲେ ମାଲାଂସୁଗା ଗ୍ରାମର ସାମନ୍ତ ଦିଗାଲ (୫୫)। ପଦାସାହିଠାରେ ମୂଲ ମଜୁରି କାମ ସାରି ସାମନ୍ତ ଓ ଅନ୍ୟ ୨ ଜଣ ଘରକୁ ଫେରୁଥିବା ବେଳେ ଦନ୍ତା ସହ ମୁହାଁମୁହିଁ ହୋଇଥିଲେ। ହାତୀ ଦେଖି ୨ ସାଥୀ ଦୌଡ଼ି ପଳାଇଥିବାରୁ ସେମାନେ ବର୍ତ୍ତିଯାଇଛନ୍ତି। ସାମନ୍ତଙ୍କୁ ଦନ୍ତାଟି ଶୁଣ୍ଢରେ ଧରି ତଳେ କଚାଡ଼ି ଦଳି ଦେଇଥିଲା ବୋଲି ହାତୀମୁହଁରୁ ବଞ୍ଚିଯାଇଥିବା ସଞ୍ଜୀବ ପ୍ରଧାନ କହିଛନ୍ତି। ରବିବାର ସକାଳେ ଜି.ଉଦୟଗିରି ବନ ଅଧିକାରୀ ପ୍ରଶାନ୍ତ ସାହୁ, କଳିଙ୍ଗା ବନଅଧିକାରୀ ରଶ୍ମିତା ବକ୍ସି, ସ୍ଥାନୀୟ ପୋଲିସ ଏସ୍‌ଡିପିଓ ବିଜୟ କୁମାର ବିଂଶି, ଆଇଆଇସି ବିଜୟ କୁମାର ସ୍ୱାଇଁ, ଏସ୍‌ଆଇ ରୂପକ ଦଲେଇ, ରଞ୍ଜିତା ବେହେରା, ଏଏସ୍‌ଆଇ ରବୀନ୍ଦ୍ର ସେଠୀ, ବୁଲୁ ବେହେରା ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣା ଘଟିବାର ୧୮ ଘଣ୍ଟା ପରେ ସୁଦ୍ଧା ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ସାମନ୍ତଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଦେଖି ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା।

ବହୁଦିନ ହେଲା ହାତୀପଲ ଯୋଗୁ ଅଞ୍ଚଳରେ ଧନଜୀବନ ନଷ୍ଟ ହେଉଥିବା ବେଳେ ସେମାନଙ୍କୁ ଘଉଡ଼ାଇବା ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବନ ଅଧିକାରୀ ଡିଏଫଓଙ୍କ ସହ ଆଲୋଚନା କରି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି କହିବା ପରେ ଉତ୍ତେଜନା ଥମିଥିଲା। ପୋଲିସ ସାମନ୍ତଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଅଞ୍ଚଳରେ ପ୍ରଥମ କରି ଏପରି ଘଟଣା ଘଟିଥିବା ବେଳେ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଡିଏଫ୍‌ଓ ପ୍ରତାପ କାଟାପାଲିଙ୍କ ସହ ଯୋଗାଯୋଗ କରିବାରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟଣା ପାଇଁ ଦୁଃଖିତ ବୋଲି କହିଛନ୍ତି। ମୃତକଙ୍କ ପରିବାରକୁ ବର୍ତ୍ତମାନ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆଉ ୯ ଲକ୍ଷ ଟଙ୍କା ସହାୟତା ଦିଆଯିବ। ହାତୀପଲଙ୍କୁ ଟ୍ରାକ କରାଯାଉଛି। ସେମାନଙ୍କୁ ଘଉଡାଇବା ପାଇଁ ଚେଷ୍ଟା ଚାଲିଛି। ବନ କର୍ମଚାରୀମାନେ ଜଙ୍ଗଲରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ପ୍ରତି ଗାଁରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡିଏଫ୍‌ଓ କାଟାପାଲି କହିଛନ୍ତି।

# ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଜୀବନରକ୍ଷା ପ୍ରାଥମିକ ଦାୟିତ୍ୱ: ରାଜସ୍ୱ ମନ୍ତ୍ରୀ

ସମ୍ବଲପୁର,୨୭।୭(ପ୍ରମୋଦ ବହିଦାର)

ରାଜ୍ୟରେ ବାଲେଶ୍ୱର ବ୍ୟତୀତ ଅନ୍ୟ ଜିଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ। ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଲୋକଙ୍କ ଜୀବନ ସୁରକ୍ଷିତ ରଖିବା ରାଜ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱର୍କ(ଓଏସ୍‌ଡବ୍ଲ୍ୟୁଏଏନ୍) ପ୍ରକୋଷ୍ଠରେ ମନ୍ତ୍ରୀ ପୂଜାରୀ ଆଭାସି ମାଧମରେ ରାଜ୍ୟରେ ବନ୍ୟାସ୍ଥିତିର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଓ ବନ୍ୟା ପ୍ରପୀଡ଼ିତ ଜିଲାର ଜିଲାପାଳମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ରାଜ୍ୟର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ, ଦୁଇଦିନ ତଳେ ସେ ରାଜ୍ୟରେ ବନ୍ୟା ପରିସ୍ଥିତିର ସମୀକ୍ଷା କରିଥିଲେ। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ବନ୍ୟାଜନିତ କ୍ଷତି ମାତ୍ରାଧିକ ହେବ ବୋଲି କୁହାଯାଇଥିଲା। ମାତ୍ର ଏଠାରେ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀର ଜଳପତ୍ତନ ହ୍ରାସ ପାଇବାରୁ ଉକ୍ତ ଦୁଇ ଜିଲାରେ ବିଶେଷ କ୍ଷତି ହୋଇନାହିଁ। ସେହିପରି ଯାଜପୁର ଓ ଭଦ୍ରକ ଜିଲା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବା ଶନିବାର ଖବର ମିଳିଥିଲା। ମାତ୍ର ରବିବାର ସକାଳୁ ବୈତରଣୀ ନଦୀର ଜଳପତ୍ତନ ବିପଦ ସଙ୍କେତ ତଳକୁ ଖସି ଆସିଛି। ଫଳରେ ଉପରୋକ୍ତ ୪ଜିଲାରେ ଆଶ୍ରୟ କେନ୍ଦ୍ରଗୁଡ଼ିକରେ ଆଶ୍ରୟ ନେଇଥିବା ଲୋକେ ନିଜ ଘରକୁ ଫେରିଗଲେଣି। ବର୍ତ୍ତମାନ ଏହି ଜିଲାମାନଙ୍କର କ୍ଷୟକ୍ଷତିର ଆକଳନ କରି ଭରଣା ଓ କ୍ଷତିଗ୍ରସ୍ତଙ୍କୁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରାଯିବ। ବନ୍ୟାରେ ଭାଙ୍ଗିଥିବା ଘର ନିର୍ମାଣ ନ ହେବା ପର୍ଯ୍ୟନ୍ତ ରିଲିଫ କେନ୍ଦ୍ରମାନଙ୍କରେ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ମନ୍ତ୍ରୀ ପୂଜାରୀ କହିଛନ୍ତି, ବର୍ତ୍ତମାନ ବାଲେଶ୍ୱର ଜିଲାର ସ୍ଥିତି ଚିନ୍ତାଜନକ ରହିଛି। ଏଥିପାଇଁ ଏଠାରେ ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଓ ଓଡିଆର୍‌ଏଫ୍ ବାହିନୀଙ୍କୁ ନିୟୋଜିତ କରି ସଜାଗ ରହିବାକୁ କୁହାଯାଇଛି। ବନ୍ୟା ପରେ ପାନୀୟ ଜଳକୁ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳର ସମସ୍ତ ଜଳଉତ୍ସଗୁଡ଼ିକୁ ବିଶୋଧନ କରିବା ଲାଗି ମନ୍ତ୍ରୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲାପାଳ ସୁଧାଂଶୁ କୁମାର ଭୋଇ, ଜରୁରିକାଳୀନ ଅଧିକାରୀ ନୂତନ ସେଠ୍‌ଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


**ODISHA TOURISM DEVELOPMENT CORPORATION LIMITED**
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.1592 — Date : 24.07.2025

NOTICE INVITATION FOR BIDS (NIFB)

No.CAD-1302
E-Procurement Notice No. BP-I/16/2025-26 dt.24.07.2025

1. Nature of Work : Empanelment of Architectural Firms for providing comprehensive architectural Services
2. Total No. of Works : 01 No.
3. Bid Security : As per NIT
4. Class of Contractor : As per NIT
5. Other details as follows :

| Sl. No. | Name of the Work | Amount of Bid security (1% of value of work) (Rs) | Cost of bid document + GST@18% (Rs) | Class of Contractor | Duration of Contract |
|---|---|---|---|---|---|
| 1 | Empanelment of Architectural Firms for providing comprehensive architectural Services | 20,000.00 | 10000/- (GST 18%) | As per RFP | Two Years |

Further details can be seen from the Govt. Website **www.etendersodisha.gov.in**

OIPR-37002/11/0098/2526 — Sd./- Supt. Engineer, O.T.D.C. Ltd., BBSR




**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
(District Child Protection Unit)
Odisha State Child Protection Soceity, W&CD Department,
Govt. of Odisha, Ph.: 06622-273343

Letter No. 266/DCPU/SNG/2025 — Date: 25.07.2025

No. g-73: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଲିଟିଲ ଓରଚାଡ଼ ବିଭିଦ, କୁତ୍ରା, ରାଜାବସା, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ.ନଂ.: ୯୯୩୮୧୭୦୪୫୦/ଅଫିସ୍: ୦୬୬୨୨-୨୭୩୩୪୩
ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ.: ୭୯୭୮୯୦୯୦୦୧/ ଅଫିସ୍: ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ/ବୟସ | ଲିଙ୍ଗ | ରହୁଥିବା ଜାଗା/ ଉଦ୍ଧାର ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | ଅନ୍ନା ମେରି ଡୁଙ୍ଗ ଡୁଙ୍ଗ | ୧୭ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି /ଗୋପବନ୍ଧୁପାଲି, ରାଉରକେଲା |  |
| ୨ | ପୂଜା କିସାନ | ୧୩ ବର୍ଷ | ଝିଅ | ଲିଟିଲ ଓରଚାଡ଼ ବିଭିଦ ଫର ଏକଟେସି/ଚାଇଲ୍ଡ ଲାଇନ, ଦିସା |  |

OIPR-33064/11/0018/2526 — District Child Protection Officer, Sundargarh



**ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ**

No. XXXIII-16

**ନୋଟିସ**

**ଆଦେଶ - ୫, ନିୟମ - ୨୦ ଦେୱାନୀ କାର୍ଯ୍ୟବିଧି ସଂହିତା - ୧୯୦୮ ଅନୁଯାୟୀ ଏଲ.ଏ. କେସ୍ ନଂ.- ୫୯/୨୦୨୧**

ଭୂମି ଅଧିଗ୍ରହଣ ଅଧିକାରୀ ତଥା କଲେକ୍ଟର ଖୋର୍ଦ୍ଧା ... ଆବେଦନକାରୀ

ବନାମ

୧. ମାୟା ମହାରଣା, ସ୍ୱାମୀ: କୁଳମଣି ଓଝା, ୨. ସାବିତ୍ରୀ ମହାରଣା, ପିତା: କୁଳମଣି ଓଝା, ସା: ଦାରୁଠେଙ୍ଗ, ୩. ଅମ୍ବିକା ଚୌଧୁରୀ, ସ୍ୱାମୀ: ସୁରେନ୍ଦ୍ର ଚୌଧୁରୀ, ସା/ପୋ.: ମଙ୍ଗଳାବାଗ, ଥା: କଟକ, ଜି.: କଟକ ସଦର, ୪. ପ୍ରେମଲତା ମହାରଣା, ସ୍ୱାମୀ: ମହେଶ୍ୱର ମହାରଣା, ସା/ପୋ./ଥା.: ଗୋପାଳପୁର, ଜି.: କଟକ-୧୧, ୫. ଉଲ୍ଲାସ ମହାରଣା, ସ୍ୱାମୀ: କୃଷ୍ଣଚନ୍ଦ୍ର ମହାରଣା, ୬. ଆଶାଲତା ମହାରଣା, ସା: ପ୍ଲଟ ନଂ.-୪୧, ପୋ: କ୍ୟାପିଟାଲ, ଭୁବନେଶ୍ୱର, ୭. ବିଭୂତି ଭୂଷଣ ମହାରଣା, ୮. ବୀରେନ୍ଦ୍ର ଓଝା, ୯. ନିରଞ୍ଜନ ଓଝା, ୧୦. ସୁକାନ୍ତ ଓଝା, ୧୧. ବିଜୟଲକ୍ଷ୍ମୀ ଓଝା, ୧୨. ରାଜଲକ୍ଷ୍ମୀ ଓଝା, ପିତା: ପ୍ରେମାନନ୍ଦ ଓଝା, ସା: ବାନସାମିଲ, ରାମଚଣ୍ଡୀ, ପୋ: ବୈଦେଶ୍ୱର, ଜିଲ୍ଲା: କଟକ, ୧୩. ଅମ୍ବିକା ପଟ୍ଟନାୟକ, ସ୍ୱାମୀ: ଶିବନାରାୟଣ ପଟ୍ଟନାୟକ, ସା: ଏଚ୍.ଆଇ.ଜି.-୨୬୯, କଳିଙ୍ଗ ବିହାର, ପୋ: ତମାଣ୍ଡୋ, ଥା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୪. ଇତିଶ୍ରୀ ଦାସ, ସ୍ୱାମୀ: ଦେବଦାସ ମହାପାତ୍ର, ସା: ଅଥିଳବାଜ, ପୋ: ଅଭଣା, ଥା: ସୋର, ଜି: ବାଲେଶ୍ୱର, ୧୫. ପୂର୍ଣ୍ଣଚନ୍ଦ୍ର ବେହେରା, ପିତା: ଚକ୍ରଧର ବେହେରା, ସା: ପଥରଗାଡ଼ିଆ, ପୋ: ଦାରୁଠେଙ୍ଗ, ଥା: ଚନ୍ଦକା, ଜି: ଖୋର୍ଦ୍ଧା, ୧୬. ରତ୍ନାକର ଜେନା, ପିତା: ନାଗର ଜେନା, ସା: ପାରାବନ୍ଧ, ପୋ: ଓଡ଼ଗାଁ, ଥା: ଅଗରପଡ଼ା, ଜି: ଭଦ୍ରକ, ୧୭. ନିହାର ରଞ୍ଜନ ସାହୁ, ପିତା: ଭିକାରୀ ଚରଣ ସାହୁ, ସା: ପ୍ଲଟ ନଂ. ୧୦୨୫, ଡୁମଡୁମା ହାଉସିଂ ବୋର୍ଡ଼ କଲୋନୀ, ଫେଜ୍-୨, ଥାନା: ଖଣ୍ଡଗିରି, ଭୁବନେଶ୍ୱର, ଜି: ଖୋର୍ଦ୍ଧା, ୧୮. ରୀତାରାଣୀ ବେହେରା, ପିତା: ମଦନମୋହନ ବେହେରା, ସା/ପୋ: ଭି.ଏସ୍.ଏସ୍. ନଗର, ଥା: ସହିଦନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୧୯. ଗୀତାଞ୍ଜଳୀ ବେହେରା, ସ୍ୱାମୀ: କୃଷ୍ଣଚନ୍ଦ୍ର ବେହେରା, ସା: ପଥରଗାଡ଼ିଆ, ୨୦. ରମେଶ ଚନ୍ଦ୍ର ଗୁପ୍ତା, ପିତା: ବାବୁଲାଲ ଗୁପ୍ତା, ସା: ପ୍ଲଟ ନଂ. ୧୩୧, ପଞ୍ଜାବୀ କଲୋନୀ, ସତ୍ୟନଗର, ଭୁବନେଶ୍ୱର, ଖୋର୍ଦ୍ଧା, ୨୧. ଜୟପାଲ ରାଓ, ପିତା: ରଘୁନନ୍ଦନ ରାଓ, ୨୨. ସୁରେଶ କୁମାର ପାଣ୍ଡେ, ପିତା: ରାମଲାଲ ପାଣ୍ଡେ, ସା: ପ୍ଲଟ ନଂ. ୪୮, ଚିନ୍ତାମଣି ଇଣ୍ଡଷ୍ଟ୍ରି, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ମଞ୍ଚେଶ୍ୱର, ଭୁବନେଶ୍ୱର, ୨୩. ବିଭୂତି ଭୂଷଣ ସାମନ୍ତରାୟ, ପି.: ଶ୍ୟାମସୁନ୍ଦର ସାମନ୍ତରାୟ, ସା/ପୋ.: ନିରାକାରପୁର, ଥା: ଜଙ୍କିଆ, ଜି: ଖୋର୍ଦ୍ଧା, ୨୪. ଆଶିଷ କୁମାର ବିଶ୍ୱାଳ, ପି.: କୃପାସିନ୍ଧୁ ବିଶ୍ୱାଳ, ସା: ଅରେଇକଣ, ପୋ/ଥା.: ଭଣ୍ଡାରୀପୋଖରୀ, ଜି.: ଭଦ୍ରକ, ୨୫. ରଣଜିତ୍ କୁମାର ସାହୁ, ପି.: ସୁଦାମ ଚରଣ ସାହୁ, ସା/ପୋ.: ବାଭଝର, ଥା.: ପରଜଙ୍ଗ, ଜି.: ଢେଙ୍କାନାଳ ..... ବିରୋଧୀପକ୍ଷମାନେ।

ଏତଦ୍ୱାରା ଜଣାଇ ଦିଆଯାଉଅଛି କି, ଆବେଦନକାରୀ ମାଷ୍ଟର ପ୍ଲାନ ରୋଡ ନିର୍ମାଣ ପାଇଁ ଅଧିଗ୍ରହଣ କରିଥିବା ଭୂମିର ସ୍ଥିରୀକୃତ କ୍ଷତିପୂରଣ ଆର୍ଥିକରାଶି ଦେଣ ମଞ୍ଜୁରୀ ନିମନ୍ତେ ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, ସି.ବି.-୧(ଏ) କ୍ୟାଣ୍ଟନମେଣ୍ଟ ରୋଡ଼, କଟକଙ୍କ ଇଜିଲାସ/ଅଦାଲତରେ ଏଲ୍.ଏ. କେସ୍ ନଂ. ୫୯/୨୦୨୧ ମକଦ୍ଦମା ରୁଜୁ କରିଅଛନ୍ତି। ଅଧିଗୃହୀତ ଭୂମିର ବିସ୍ତୃତ ବିବରଣୀ ଯଥା ମୌଜା: ସୁନ୍ଦରପୁର, ଖାତା ନଂ. ୨୩, ପ୍ଲଟ ନଂ. ୫୧୯, ରକବା ଏ୦.୪୦୨ଡି. ଅଟେ। ଉକ୍ତ ବିରୋଧୀ ପକ୍ଷଙ୍କ ମଧ୍ୟରୁ ଯଦି କେହି ମୃତ ଥାଆନ୍ତି ତାଙ୍କ ସ୍ଥଳେ ତାଙ୍କ ଉତ୍ତରାଧିକାରୀ ଏହି ମକଦ୍ଦମାରେ ନିଜ ସ୍ୱତ୍ୱ ବିଷୟରେ ସଫେଇ/ତଦବିର କରିପାରିବେ। ତେଣୁ ଉପରଲିଖିତ ବିରୋଧୀ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଧାର୍ଯ୍ୟ ତା୧୫।୦୯।୨୦୨୫ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଉପରୋକ୍ତ ଇଜିଲାସ/ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସ୍ଥିରୀକୃତ ଆର୍ଥିକ ରାଶି ଦେଣ କାହିଁକି ମଞ୍ଜୁର କରାନଯିବ, ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ। ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଆଇନ ଅନୁଯାୟୀ ମକଦ୍ଦମାର ଶୁଣାଣି ଏବଂ ବିଚାର କରାଯିବ।

ଭୂ-ଅର୍ଜନ ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ, ଅଦାଲତ, କଟକଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ତା୦୨।୦୭।୨୦୨୫ରିଖ। Draft Notice is approved. Petitioner to get it published in any of the four most widely circulated odia daily newspapers namely The Samaj, The Sambad, The Prameya & The Dharitri within 15 days of its receipt.

ସ୍ୱାକ୍ଷର/- ପ୍ରିଜାଇଡିଂ ଅଫିସର
ଭୂ-ଅର୍ଜନ, ଥଇଥାନ ଏବଂ ପୁନର୍ବସତି ପ୍ରାଧିକାରୀ ଅଦାଲତ, କଟକ

OIPR-24351/14/0082/2526



No.CAD-1257

idco | ODISHA NEW OPPORTUNITIES

IDCO/SFP/34/2025 21474 — Date : 21.07.2025

**BID IDENTIFICATION NO. - P&C/ EST/E - 31/ 2025-26**

**NOTICE INVITING REQUEST FOR PROPOSAL (RFP) THROUGH E-PROCUREMENT PORTAL OF GOVT. OF ODISHA**

Odisha Industrial Infrastructure Development Corporation invites Request for Proposal from renowned Firms / Agencies through e-procurement portal of Govt. of Odisha for **"Operation, Maintenance & Management of Flake Ice Unit and Cold Storage at Primary Processing Centre (PPC) of Sea Food in Chhatrapur, Ganjam district of Odisha"**.

Firms/Agencies having experience in day-to-day operation, maintenance & management of Cold Storage/ Block Ice/ shrimp processing business are only invited to submit their proposal. The Bid Document comprising of eligibility Criteria, Instruction to Bidders, Scope of the work, BOQ etc. can be seen in e-procurement portal of Govt. of Odisha from **17:00 Hours of Dt. 01.08.2025 to 17:00 Hours of Dt. 22.08.2025**.

The **pre-bid meeting will be held on Dt.12.08.2025 at 11:30** Hours (Pre bid query must be submitted through mail id cgmpc@idco.in before prebid meeting).

The Technical Bid will be **opened online on 25.08.2025 at 11:30 A.M.** IDCO has the right to accept or reject the Notice/ EOI without assigning any reasons thereof.

OIPR-14003/11/0216/2526 — Sd./- Chief General Manager (P&C)



No.CAD-1261

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD, IDCO, IDCO BALASORE DIVISION**

Tender Call Notice No. BLS/CIV/EST/3855/P-II 1255, — Dated : 22.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work** : Costruction of Approach CC Road to new I/E at Bamapada, Balasore under Land Bank Scheme.
2. **Value of the work** : Rs.79.07 Lakhs
3. **Period of Completion** : 04 (Four) Calendar months
4. **Other details** :

| Procurement Officer | Tender Reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Divsional Head, Balasore Division, IDCO, Balasore | BLS/CIV/EST-04/2025-26 | 30.07.2025 at 17.00 Hrs. | 19.08.2025 up to 17.00 Hrs. |

Further details can be seen from the e-procurement portal, **www.tendersodisha.gov.in** and Corrigendum if any will not be published in newspapers and can be seen in the e-procurement portal **www.tendersodisha.gov.in** and **www.idco.in**.

OIPR-14003/11/0214/2526 — Sd./- Divisional Head, IDCO, Balasore



**Office of District Manager**
**Odisha State Civil Supplies Corporation Ltd., Ganjam**
Phone : 06811-263931
District Website : www.ganjam.odisha.gov.in

Tender No. 4381, 4382, 4383, 4384, 4385, 4386, 4387, 4388, 4389, 4390, 4391, 4392, 4393, 4394, 4395, 4396, 4397, 4398, 4399, 4400, 4401, 4402, 4403, 4404 / Dt.21.07.2025

**No.CAD-1285** : District Manager, Odisha State Civil Supplies Corporation Ltd., Ganjam invites tenders in Double Cover System through ONLINE MODE ONLY for the works below :

| | | |
|---|---|---|
| 1 | Name of the work | Selection and appointment of (i) Level-I Transport Contractor for transporation of foodgrains from FSD, FCI to RRCs (ii) Level-II Transport Contractor for transporation of food grains from RRCs to Retail Centers (FPS) in the district of the State of Odisha |
| 2 | Availability of bid document in the portal | From 23.07.2025 |
| 3 | Last Date / Time for Receipt of bids in the portal | Dt.08.08.2025 up to 05.30 P.M. |
| 4 | Date/Time of Opening of Technical Bid | Dt.12.08.2025 at 10.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Ganjam, Chatrapur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

OIPR-07034/11/0002/2526 — Sd./- District Manager, OSCSC Ltd., Ganjam, Chatrapur

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତକୁ ୨ ସ୍ୱର୍ଣ୍ଣ ସହ ୧୨ ପଦକ

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଉଦ୍‌ଯାପିତ

### ଭାରତୀୟ ଦଳଲାଗି ସର୍ବାଧିକ ପଦକ ଜିତିଲେ କିଟ୍ ଛାତ୍ର

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନେ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ରବିବାର ଉଦ୍‌ଯାପିତ ହୋଇଛି। ଏହି ମେଗା ପ୍ରତିଯୋଗିତାରେ ଭାରତ ୨ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ହାସଲ କରି ପ୍ରତିଯୋଗିତା ଶେଷ କରିଛି। ଭାରତ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସର୍ବାଧିକ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ଫଳରେ ଭାରତ ପଦକ ତାଲିକାରେ ୨୦ଶ ସ୍ଥାନରେ ରହିବାକୁ ସକ୍ଷମ ହୋଇଛି।

ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ କିଟ୍ ଛାତ୍ରୀ ଅଙ୍କିତା ଧ୍ୟାନି ବ୍ୟକ୍ତିଗତ ଶ୍ରେଷ୍ଠ ୯:୩୧.୯୯ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ସାମାଜିକ ବିଜ୍ଞାନର ଦ୍ୱିତୀୟ ବର୍ଷ ଛାତ୍ରୀ ୨୩ ବର୍ଷୀୟା ଅଙ୍କିତାଙ୍କର ପୂର୍ବରୁ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୯:୩୯.୦୦ ସେକେଣ୍ଡ। ସେହିପରି ପ୍ରବୀଣ ଚିତ୍ରାଭେଲ ଟ୍ରିପଲ ଜମ୍ପରେ ଓ ସୀମା ମହିଳା ୫୦୦୦ ମିଟରରେ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ୪x୧୦୦ ରିଲେ ରେସ୍‌ରେ ଭାରତୀୟ ଦଳ ୩୮.୮୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଛି। ଏହି ଦଳରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ, ମୃତ୍ୟୁମ ଜୟରାମ ଦୋଣ୍ଡପଟି ଏବଂ ଏଚ୍‌ପିସି ଆଥଲେଟ୍ ଅନିମେଶ କୁଜୁର ସାମିଲ ଥାଇ ରାଜ୍ୟକୁ ଗର୍ବିତ କରିଛନ୍ତି। ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ ମଣିକାନ୍ତ ହୋବ୍ଲିଧର। ଏହି ୪ ଜଣ ଯାକ ଖେଳାଳି କିଟ୍‌ରେ ଅଧ୍ୟୟନ କରୁଛନ୍ତି। ସେହିପରି ଏହି ବିଶ୍ୱବିଦ୍ୟାଳୟର ମୁନିତା ପ୍ରଜାପତି, ମାନସି ନେଗି ଓ ସେଜାଲ ସିଂଙ୍କ ନେଇ ଗଠିତ ଭାରତୀୟ ମହିଳା ୨୦ କିଲୋମିଟର ରେସ୍‌ୱାକ୍ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ହାସଲ କରିଛି।


ଅନ୍ତିମ ଦିବସ ରବିବାର ପଦକ ବିଜୟୀ ଭାରତୀୟ ପ୍ରତିଯୋଗୀ।

ପ୍ରକାଶ ଯୋଗ୍ୟ ଯେ, ୨୦୧୯ରେ ନାପୋଲିରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଦୂତୀ ଚାନ୍ଦ କିଟ୍‌ର ପ୍ରଥମ ଛାତ୍ରୀ ଭାବେ ଭାରତ ପକ୍ଷରୁ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏଥର ଭାରତୀୟ ପ୍ରତିନିଧି ଦଳରେ ୩୦୦ ଆଥଲେଟ୍ ଓ ୧୦୦ ଅଫିସିଆଲ ସାମିଲ ଥିଲେ। ଏଥିରେ କିଟ୍‌ରୁ ୪୦କୁ ମିଶାଇ ଓଡ଼ିଶାରୁ ମୋଟ ୪୨ ଆଥଲେଟ୍ ସାମିଲ ଥିଲେ। ଭାରତୀୟ ଆଥଲେଟ୍‌ମାନେ ୧୪ଟି ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ (ଏଆଇୟୁ) ଦେଶର ୫ ନୋଡାଲ ସେଣ୍ଟରକୁ ଚୟନ ଟ୍ରାଏଲ୍ସ ଓ ଟ୍ରେନିଂ ପାଇଁ ବାଛିଥିଲା। ଏହା ମଧ୍ୟରୁ କିଟ୍ ବିଶ୍ୱବିଦ୍ୟାଳୟରେ ଆଥଲେଟିକ୍ସ, ଆର୍ଚ୍ଚେରୀ, ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବୁଲ ଟେନିସ ଓ ଭଲିବଲର କୋଚିଂ କ୍ୟାମ୍ପ ଓ ଟ୍ରାଏଲ୍ସ ଅନୁଷ୍ଠିତ ହୋଇଥିଲା। ଏଠାରେ ଅନ୍ତର୍ଜାତୀୟ ସ୍ତରର ଖ୍ୟାତି ସମ୍ପନ୍ନ କୋଚ୍‌ମାନେ ଟ୍ରେନିଂ ଦେଇଥିଲେ। ଭାରତୀୟ ଦଳର ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଆଥଲେଟ ଓ କୋଚିଂ ଷ୍ଟାଫ୍‌ଙ୍କ ଅଭିନନ୍ଦନ ଜଣାଇବା ସହ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସାଇ, ଏଆଇୟୁ ଏବଂ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଭାରତର ପଦକ

**ସ୍ୱର୍ଣ୍ଣ-୨:** ପର୍ନିତ କୌର/କୁଶାଲ ଦଲାଲ (ମିକ୍ସଡ ଟିମ୍ କମ୍ପାଉଣ୍ଡ ଆର୍ଚ୍ଚେରୀ), ସାହିଲ ଯାଦବ (ପୁରୁଷ କମ୍ପାଉଣ୍ଡ ଆର୍ଚ୍ଚେରୀ)
**ରୌପ୍ୟ-୫:** ପର୍ନିତ କୌର (ମହିଳା କମ୍ପାଉଣ୍ଡ ଆର୍ଚ୍ଚେରୀ), କୁଶାଲ ଦଲାଲ/ସାହିଲ ଯାଦବ/ହ୍ରିତିକ ଶର୍ମା (ପୁରୁଷ ଟିମ୍ କମ୍ପାଉଣ୍ଡ ଆର୍ଚ୍ଚେରୀ), ପ୍ରବୀଣ ଚିତ୍ରାଭେଲ (ପୁରୁଷ ଟ୍ରିପଲ ଜମ୍ପ), ସୀମା (ମହିଳା ୫୦୦୦ ମିଟର ରେସ୍), ଅଙ୍କିତା ଧ୍ୟାନି (ମହିଳା ୩୦୦୦ମି. ଷ୍ଟିପଲ ଚେଜ୍)।
**ବ୍ରୋଞ୍ଜ-୫:** ବ୍ୟାଡ୍‌ମିଣ୍ଟନ ମିକ୍ସଡ ଟିମ୍, ବୈଷ୍ଣବୀ ଅଦକର (ମହିଳା ସିଙ୍ଗଲ୍ସ ଟେନିସ), ପର୍ନିତ କୌର/ଅଭନିତ କୌର/ମାଧୁରା ଧମନଗାଁଓକର (ମହିଳା କମ୍ପାଉଣ୍ଡ ଟିମ୍ ଆର୍ଚ୍ଚେରୀ), ସେଜାଲ ସିଂ, ମୁନିତା ପ୍ରଜାପତି, ମାନସି ନେଗି (ମହିଳା ୨୦କିମି ରେସ୍ ୱାକ୍ ଟିମ୍), ଲାଲୁ ପ୍ରସାଦ ଭୋଇ/ଅନିମେଶ କୁଜୁର/ମଣିକାନ୍ତ ହୋବ୍ଲିଧର/ମୃତ୍ୟୁମ ଜୟରାମ ଦୋଣ୍ଡପଟି (ପୁରୁଷ ୪x୧୦୦ ରିଲେ)।

# ଦୀପ୍ ରଞ୍ଜନଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)


ଦୀପ୍ ରଞ୍ଜନ ବିଷୋୟୀ

କାର୍ଡିଫ୍‌ରେ ଅନୁଷ୍ଠିତ ବ୍ରିଟିଶ୍ ଆଣ୍ଡ ଆଇରିଶ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ଦୀପ୍ ରଞ୍ଜନ ବିଷୋୟୀ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉତ୍ତରାଖଣ୍ଡର ମନୋଜ ସରକାରଙ୍କୁ ପାର୍ଟନର କରି ବିଷୋୟୀ ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଇଭେଣ୍ଟରେ ଏହି ପଦକ ପାଇଛନ୍ତି। ଅନ୍ୟତମ ଭାରତୀୟ ଯୋଡ଼ି ନବୀନ ଶିବକୁମାର ଓ ଜଗଦୀଶ ଦିଲୀଙ୍କଠାରୁ ୨୧-୨୩, ୧୮-୨୧ରେ ଦୀପ୍ ରଞ୍ଜନ-ମନୋଜଙ୍କ ଯୋଡ଼ି ପରାସ୍ତ ହୋଇଥିଲେ।

# ଖେଲୋ ଭାରତ ନୀତିରେ ଗାଁ, ଗରିବ, ଝିଅଙ୍କୁ ପ୍ରାଧାନ୍ୟ ଦିଆଯାଇଛି: ପ୍ରଧାନମନ୍ତ୍ରୀ

## ମନ୍ କୀ ବାତ୍

ନୂଆଦିଲ୍ଲୀ, ୨୭।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍' ରେଡିଓ ପ୍ରୋଗ୍ରାମ ଜରିଆରେ ଦେଶକୁ ନୂଆ 'ଖେଲୋ ଭାରତ ନୀତି' ସମ୍ପର୍କରେ ସମ୍ବୋଧିତ କରିଛନ୍ତି। ଚଳିତ ମାସରେ କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଥିବା ଏହି ନୀତିର ଉଦ୍ଦେଶ୍ୟ ହେଉଛି ଭାରତର କ୍ରୀଡ଼ା ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ସହିତ ବିଶ୍ୱ ସ୍ତରରେ ଦେଶକୁ ଏକ କ୍ରୀଡ଼ା ମହାଶକ୍ତି ରୂପେ ପରିଗଣିତ କରିବା।

'ଗାଁ, ଗରିବ ଓ ଝିଅଙ୍କୁ 'ଖେଲୋ ଭାରତ ନୀତି ୨୦୨୫'ରେ ପ୍ରାଧାନ୍ୟ ଦିଆଯାଇଛି। ସ୍କୁଲ ଓ କଲେଜରେ କ୍ରୀଡ଼ା ପ୍ରତ୍ୟେକ ଦିନର ଅଂଶ ହୋଇ ରହିବ। କ୍ରୀଡ଼ା ମ୍ୟାନେଜ୍‌ମେଣ୍ଟ ହେଉ କି ଉପକରଣ ପ୍ରସ୍ତୁତି ଆଦି କ୍ରୀଡ଼ା ସମ୍ପର୍କିତ ଷ୍ଟାର୍ଟଅପ୍ସକୁ ସହାୟତା ଦିଆଯିବ। ମୋତେ ଅନେକ ଯୁବ ଆଥ୍‌ଲେଟ୍ସ ଓ ସେମାନଙ୍କ ବାପା-ମା'ଙ୍କଠାରୁ ମେସେଜ ମିଳିଛି। ସେହି ମେସେଜରେ ସେମାନେ 'ଖେଲୋ ଭାରତ ନୀତି ୨୦୨୫' ପ୍ରଶଂସା କରିଛନ୍ତି। ଭାରତକୁ ଏକ କ୍ରୀଡ଼ା ମହାଶକ୍ତି କରି ଗଢ଼ି ତୋଳିବା ଏହି ନୀତିର ଲକ୍ଷ୍ୟ। କ୍ରୀଡ଼ା ମାଧ୍ୟମରେ ଖେଳାଳି ଓ ଆଥ୍‌ଲେଟଙ୍କ ମଧ୍ୟରେ ଟିମ ସ୍ପିରିଟ୍ ସୃଷ୍ଟି ହୁଏ। ଏହାଦ୍ୱାରା ଯୁବପିଢ଼ି ମଧ୍ୟରେ ଫିଟ୍‌ନେସ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ଏହା ହିଁ ଶକ୍ତିଶାଳୀ ଭାରତ ତିଆରି କରିବାର ବାଟ। ଏଣୁ ଖୁବ୍ ଖେଳ ଓ ଖୁବ୍ ଚମକ' ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

# ଶେଲଟନଙ୍କୁ ହରାଇ ଫୋକିନା ଫାଇନାଲରେ

ୱାଶିଂଟନ, ୨୭।୭ (ଏପି)

ଆଲେଜାଣ୍ଡ୍ରୋ ଡେଭିଡୋଭିଚ୍ ଫୋକିନା ଏଠାରେ ଚାଲିଥିବା ଡି.ସି. ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଚତୁର୍ଥ ସିଡ୍ ବେନ୍ ଶେଲ୍‌ଟନଙ୍କୁ ୬-୨, ୭-୫ ସ୍କୋରରେ ପରାସ୍ତ କରିଛନ୍ତି। ପୂର୍ବରୁ କ୍ୱାର୍ଟରଫାଇନାଲରେ ନମ୍ବର-୧ ସିଡ୍ ଟେଲର ଫ୍ରିଜ୍‌ଙ୍କୁ ହରାଇ ସେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏଠାରେ ୧୨ତମ ସିଡ୍ ତଥା ୨୬ବର୍ଷୀୟ ସ୍ପେନ୍‌ର ଫୋକିନା ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟର ଟାଇଟଲ ପାଇଁ ୭ମ ସିଡ୍ ଆଲେକ୍ସ ମିନାଉରଙ୍କ ସହିତ ମକାବିଲା କରିବେ। ମିନାଉର କୋରେନ୍‌ଟିନ୍ ମୋଟେଟଙ୍କୁ ୬-୪, ୬-୩ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଫୋକିନା ତାଙ୍କ ଚତୁର୍ଥ କ୍ୟାରିୟର ଫାଇନାଲରେ ପ୍ରଥମ ଏଟିପି ଟ୍ରଫି ହାସଲ ଲକ୍ଷ୍ୟରେ ଅଛନ୍ତି। ଫଳାଫଳ ଯାହା ହେଉନା କାହିଁକି ଡି.ସି. ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ପୂର୍ବରୁ ୨୬ ନମ୍ବର ସ୍ଥାନରେ ଥିବା ଏହି ଖେଳାଳି ଆସନ୍ତା ର୍‍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ଥର ଟପ୍ ୨୦ରେ ପ୍ରବେଶ କରିବା ନିଶ୍ଚିତ।

# ଆଦ୍ୟା ଅଭିତ, ସାଇ ଶକ୍ତି ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## ସ୍କୁଲ୍ସ ଓପନ ଚେସ୍

ଭୁବନେଶ୍ୱର, ୨୭।୭ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ବିଜେଇଏମ୍ ସ୍କୁଲ-୨ ଆନୁକୂଲ୍ୟରେ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ମିନି ବର୍ଗରେ ଆଦ୍ୟା ଅଭିତ ଦାସ ଓ ସବ୍‌ଜୁନିୟରରେ ସାଇ ଶକ୍ତି ପଣ୍ଡା ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଏହି ଦୁଇ ପ୍ରତିଯୋଗୀ ପୂରା ୫ ପଏଣ୍ଟ ଲେଖାଏ ହାସଲ କରିଛନ୍ତି। ମିନି ବର୍ଗରେ ସାଇ ସ୍ୱାଗତ ପରିଜା, ମୟଙ୍କ ବରାଳ, ରେୟାଂଶ ମହାନ୍ତି ଓ ଦିବ୍ୟଦୃଷ୍ଟି ଶତପଥୀ ଏବଂ ସବ୍‌ଜୁନିୟର ବର୍ଗରେ ସତ୍ୟମ୍ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ହିମାଂଶୁ ଶେଖର ସାହୁ ଓ ଉଦୟକାନ୍ତ ନାୟକ ଯଥାକ୍ରମେ ୨ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ୧୦ ଖେଳାଳି ସ୍ୱତନ୍ତ୍ର ଏବଂ ୫ ଚେସ୍ ପ୍ରତିଭା ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଜେଇଏମ୍ ସ୍କୁଲ-୨ ପ୍ରିନ୍ସିପାଲ ବରଦା ପ୍ରସାଦ ପାଇକରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍କୁଲର କ୍ରୀଡ଼ା ବିଭାଗ ମୁଖ୍ୟ ଅଜୟ ସରକାର, ଖେଳ ଶିକ୍ଷକ ବସନ୍ତ ପ୍ରଧାନ ଓ ଶିକ୍ଷୟିତ୍ରୀ ନିଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଭାରତ ଓହରିପାରିବ ନାହିଁ

ନୂଆଦିଲ୍ଲୀ, ୨୭।୭

ସେପ୍ଟେମ୍ବରରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ମ୍ୟାଚ୍ ଲାଗି ଅନିଶ୍ଚିତତା ଦେଖାଦେଇଥିବା ବେଳେ ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏସିଆ କପ୍ କିମ୍ବା ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରୁ ଓହରି ପାରିବ ନାହିଁ। ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ପକ୍ଷରୁ ଶନିବାର ଏସିଆ କପ୍ ଲାଗି କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଛି। ଦୁଇ ଦଳ ମଧ୍ୟରେ ସେପ୍ଟେମ୍ବର ୧୪ ତାରିଖରେ ମୁକାବିଲା ହେବ।

ବିସିସିଆଇ ଏବେ ଟୁର୍ନାମେଣ୍ଟରୁ ଓହରିପାରିବ ନାହିଁ। ଏସିସି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଥିଲା। ଭାରତ ଆୟୋଜକ ଦେଶ ହୋଇଥିବାରୁ କିଛି ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଅଧିକାରୀଙ୍କ ସ୍ତରରେ ହୋଇଥିବା ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ଏଣୁ ମ୍ୟାଚ୍ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି। ତେବେ ନିକଟରେ ପାକିସ୍ତାନ ଚାମ୍ପିୟନ୍ସ ବିପକ୍ଷ ମ୍ୟାଚ୍‌ରୁ ଯୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆ ଚାମ୍ପିୟନ୍ସ ଓହରି ଯାଇଥିଲେ। ଏଥିଯୋଗୁ ପାକିସ୍ତାନ ବିପକ୍ଷ ଏସିଆ କପ୍ ମ୍ୟାଚ୍‌ରୁ ଭାରତୀୟ ଦଳ ଓହରିପାରେ ବୋଲି ଚର୍ଚ୍ଚା ଜୋର ଧରିଛି।


# Classified Everyday
0674-2580101, 9692975378



## REAL ESTATE SALE

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati- 8763740343. D-76296

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492. D-1376

A commercial hall at main road facing around 1000 SFT. At- Gajapati Nagar near Kaling Hospital Square, Bhubaneswar for sale. Contact- 7008283108 D-1444




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

2000 square feet Office, Ground Floor, fully furnished, Chandrasekharpur. 8895154066. D-74733




Full body massage experience, good looking therapist @999 (Bhubaneswar). 9078484455. D-1325

Positively health benefits SPA expert female therapist homely atmosphere. 9114559830. D-76295

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LOST

I, Achuta Nanda, S/o late Hrushikesh Nanda, R/o. Qtr. No.54, Gopi Vihar Colony, Brajrajnagar, Jharsuguda, declare that I am the recorded tenant of M.S. Khata No.- 1212/7843, Plot No.- 2255/14255 (0.050 dec). The original sale deed (No. 10862302452, dated 26.06.2023) was lost on 12.07.2025, en route to Lamtibahal despite best efforts, could not be found the same. D-1446

## AFFIDAVIT

Before Executive Magistrate, Bhubaneswar, I, Pranati Gochhayat age about 65years W/o. Umesh Chandra Gochhyat here upon states that earlier I was recognised as Pranati Nayak but affter wards, I, changed my surname from Nayak to Gochhayat because to get the benefits of my husband Umesh Chandra Gochhyat as he is a bank service holder. When I was recognised as Pranati Nayak I bought shares from Bank of Baroda and ICICI Bank in the year 2008. So Pranati Gochhayat and Pranati Nayak are one and same person. D-1440

By virtue of an affidavit sworn before Executive Magistrate, Puri, dated- 18day of july 2025, I, Parthasarathi Baliyarsingh, Address: 46, Radhua, P.O.- Kalyanpur, P.S.- Delang, Dist.- Puri, Odisha, PIN- 752015, declare that I have changed my name from Partha Sarathi Baliyarasing to Parthasarathi Baliyarsingh. Henceforth, I shall be known as Parthasarathi Baliyarsingh for all purposes.
Parthasarathi Baliyarsingh
D-1442

By virtue of an affidavit sworn before Executive Magistrate, Bhadrak, dtd- 07.07.2025, I, Sunita Sutar, D/o- Sudarsan Sutar, Vill- Budang, P.O.- Dolasahi, P.S.- Tihidi, Dist.- Bhadrak, PIN- 756127, declare that I have changed my name from Sumati Sutar to Sunita Sutar. Henceforth, I shall be known as Sunita Sutar for all purposes. D-1445

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଭାସ୍କର ସେଣ୍ଠ**
ଝାରପଡ଼ା, ଭୁବନେଶ୍ୱର
ଆବିର୍ଭାବ: ୧୮।୦୩।୧୯୪୦
ତିରୋଧାନ: ୦୭।୦୮।୨୦୨୪

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା। ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀପୟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:-ସ୍ତ୍ରୀ- କମଳା, ପୁଅବୋହୂ- ଅଶୋକ, ଇତି, ଝିଅଜ୍ୱାଇଁ, ନାତିନାତୁଣୀ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୪୪୧

### ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଜୟଗୋପାଳ ଦାସ**
ବାସୁଦେଇପୁର, ଦାଣ୍ଡମୁକୁନ୍ଦପୁର
ଆବିର୍ଭାବ: ୧୦।୦୨।୧୯୪୦
ତିରୋଧାନ: ୧୮।୦୮।୨୦୧୫

ଆପଣ ଛାଡ଼ିଯାଇଥିବା ସ୍ଥାନ ଅପୂରଣୀୟ ଆପଣଙ୍କ ଅମାୟିକ ବ୍ୟବହାର, ଶ୍ରଦ୍ଧା, ତ୍ୟାଗ ଓ ପରୋପକାର ସବୁଦିନ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଆଦର୍ଶ ଓ ଆଶୀର୍ବାଦ ଆମ ଚଲାପଥକୁ ଆଲୋକିତ କରୁଥାଉ। ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:-ସ୍ତ୍ରୀ- ଇନ୍ଦୁ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି ଓ ନାତୁଣୀମାନେ।

ଧ-୧୪୪୩

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୁଜାତା ନନ୍ଦ**
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୧୮।୦୭।୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ଶୋକସନ୍ତପ୍ତ-
ପ୍ରବୋଧ ନନ୍ଦ, ପିନାକୀ ନନ୍ଦ, ପ୍ରୀତି ପଦ୍ମା ନନ୍ଦ, ନେହା ସାହୁ, ବୈଭବ ଜୋଷୀ, ଓଜେସ୍ ଏବଂ ତେଜସ୍।

ଧ-୧୪୪୭

# ନୀରୋଗ ଜୀବନ ଅନ୍ତରାଳେ...



ଡା. ଆଶିଷ ବାନାର୍ଜୀ

"ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି । ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ । ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଟ୍ଟି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।"







ଏହି ପ୍ରକୃତି କୋଳରେ ଆମେ ଜନ୍ମ ନେଇଛୁ। ଏହାର ମାଟି, ପାଣି, ପବନ ଓ ସୂର୍ଯ୍ୟକିରଣରେ ବଢ଼ୁଛୁ। ଜନ୍ମ ପରେ ମାଆ, ଜେଜେମା'ମାନେ ଆମକୁ ସୂର୍ଯ୍ୟକିରଣରେ ଶୁଆଇ ଦେହରେ ତେଲ ମାଲିଶ କରି ଆମକୁ ବଡ଼ କରିଛନ୍ତି। ନଦୀ, ପୋଖରୀକୁ ଗୋଧୋଇବାକୁ ଗଲେ କିମ୍ବା ଗଙ୍ଗା ନଦୀକୁ ସ୍ନାନ କରିବାକୁ ଗଲେ କେତେକ ସୁସ୍ଥ ସବଳ ଲୋକ ମାଟି ଦେହ ସାରା ଲଗାଇ ବସିଥିବାର ଦେଖୁ। ସମୁଦ୍ରକୂଳରେ ବିଦେଶୀ ପର୍ଯ୍ୟଟକମାନେ ସ୍ୱଳ୍ପବସ୍ତ୍ର ପରିଧାନ କରି ଆଖି ବନ୍ଦ କରି ସୂର୍ଯ୍ୟକିରଣରେ ଶୋଇଥିବାର ଦେଖୁ। ଗାଁ ଗହଳିରେ ବୟସ୍କ ବ୍ୟକ୍ତିମାନେ ଖାଲିପାଦରେ ଚାଲିବା ଦେଖୁ। ଏପରିକି ପରିଣତ ବୟସରେ ପହଞ୍ଚିଥିବା କେତେକ ବ୍ୟକ୍ତି ସାଇକେଲ ଚଲାଇବାର ନଜିର ରହିଛି। ପିଲାବେଳେ ପେଟରେ ବାୟୁ ଜମିଲେ, ପେଟ ଖରାପ ହେଲେ ପେଟରେ ମାଆମାନେ ଜଡ଼ାତେଲ ମାଲିଶ କରି ପୋଖରୀ ପଙ୍କକୁ ପ୍ରଲେପ ଦେଇ କିଛି ସମୟ ରଖି ଗରମ ହୋଇଗଲେ ସଫା କରି ପୁଣି ନୂଆ ପଙ୍କ ଲେପନ ଦେଇ ଏକ ଘଣ୍ଟା ପର୍ଯ୍ୟନ୍ତ ରଖିଥାଆନ୍ତି। ଏହାଦ୍ୱାରା ପେଟ ଗରମ, ପେଟରେ ବାୟୁ ହେବା, ଯନ୍ତ୍ରଣା ଇତ୍ୟାଦି ପେଟ ରୋଗ କେତେକାଂଶରେ ଭଲ ହୋଇଯାଏ।

ଉପରୋକ୍ତ ବ୍ୟକ୍ତିଙ୍କ ବିଷୟରେ ଅନୁଧ୍ୟାନ କଲେ ଆମେ ଦେଖିବା ଏମାନେ ଆମ ତଥା ଆଧୁନିକ ଜୀବନଶୈଳୀ, ଚାକଚକ୍ୟ ଜୀବନ ବିତାଉଥିବା ଲୋକଙ୍କଠାରୁ ବେଶି ସୁସ୍ଥ, ବଳବାନ୍ ଓ ନୀରୋଗ ଅଟନ୍ତି। ଏମାନଙ୍କର ପ୍ରାୟ ଔଷଧ ଦରକାର ପଡ଼େ ନାହିଁ। ବ୍ୟାଧି ପ୍ରତିରୋଧ କ୍ଷମତା ଯଥେଷ୍ଟ ଅଧିକ। ଏମାନଙ୍କୁ ବିକୃତ ଜୀବନଶୈଳୀଜନିତ ରୋଗ ଯଥା- ମଧୁମେହ, ଉଚ୍ଚ ରକ୍ତଚାପ, କିଡ୍‌ନୀ, ଲିଭର, ହାର୍ଟ ଏବଂ ଫୁସ୍‌ଫୁସ୍‌ଜନିତ ରୋଗ ପ୍ରାୟ ହୁଏ ନାହିଁ। ବୟସାଧିକ ହେଲେ ମଧ୍ୟ ଖାଲି ଆଖିରେ ଦେଖିବା, ପଢ଼ିବା ଇତ୍ୟାଦି ଜାବତୀୟ କାର୍ଯ୍ୟ କରିପାରନ୍ତି। ଏମାନେ ପ୍ରାକୃତିକ ପବନରେ ଥକ୍କା ମେଣ୍ଟାନ୍ତି। ଖରାରେ କାର୍ଯ୍ୟ କରନ୍ତି। ରାତିର ଚନ୍ଦ୍ର କିରଣରେ ଖଟ ପକାଇ ଶୋଇଥାଆନ୍ତି। ପ୍ରାକୃତିକ ଉତ୍ସରୁ ପାଣି ପିଇଥାଆନ୍ତି। ତେବେ ଆୟୁର୍ବେଦୀୟ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ଏସବୁ ବିଷୟରେ ଆସନ୍ତୁ ଜାଣିବା।

ଶରୀରରେ ମାଟି ମର୍ଦ୍ଦନ କଲେ ବ୍ୟାଧି ପ୍ରତିରୋଧ କ୍ଷମତା ବଢ଼େ। ମାଟିର ଶୋଷଣ ଗୁଣ ଯୋଗୁ ଏହାର ଜୀବନୀୟ ଶକ୍ତି ଶରୀରକୁ ପ୍ରାପ୍ତି ହୁଏ। ଚର୍ମ ରୋଗ ହୋଇ ନ ଥାଏ। ଖାଲି ମାଟି, ମାଟି ଘରର ଚଟାଣ ଉପରେ ପେଟ ମାଡ଼ି ଶୋଇଲେ ପେଟ ଥଣ୍ଡା ହେବା ସହ ପେଟ ରୋଗ ଦୂର ହୋଇଥାଏ। ପାଚନ ଶକ୍ତି ବଢ଼େ। କାରଣ ଦେହର ଦୂଷିତ ଜିନିଷକୁ ମାଟି ଶୋଷିନିଏ। ଏହି ମାଟି ସ୍ୱଚ୍ଛ ସ୍ଥାନରୁ ନେବା ଉଚିତ, ଯେପରି ସେଠାରେ ଦୂଷିତ ପଦାର୍ଥ ପଡ଼ି ନ ଥିବ କିମ୍ବା ସେଠାରେ କେହି ମଳମୂତ୍ର ତ୍ୟାଗ କରି ନ ଥିବେ। ମାଟି ଆଣିବା ସମୟରେ ସେଥିପ୍ରତି ଧ୍ୟାନ ଦେବା ଦରକାର।

ମାଟିରେ ପ୍ରକୃତିର ସବୁଠୁ ବଡ଼ ଔଷଧୀୟ ଗୁଣ ଅଛି। ଏହି ମାଟି ମଧ୍ୟରୁ ହଳଦିଆ ମାଟି ଭଲ। ଏଭଳି ମାଟି ପଟି ବ୍ୟବହାର କଲେ ତାହା ଭୋକ ବଢ଼ାଏ। ଏପରିକି ପେଟ ରୋଗରୁ ଉପଶମ ଦେବା ସହ ମଧୁମେହକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଶ୍ୱେତ ବର୍ଣ୍ଣର ମାଟିର ପଟି ମସ୍ତିଷ୍କ ଏବଂ ଯକୃତ ରୋଗରୁ ଉପଶମ ଦେଇଥାଏ। କଳା ରଙ୍ଗର ମାଟି ପଟି ବିଷ ଦୋଷ ଦୂର କରିବା ସହ ଚର୍ମ ରୋଗକୁ ଭଲ କରିବାରେ ସାହାଯ୍ୟ କରେ। ଲାଲ ରଙ୍ଗର ମାଟି ପଟି ପେଟ ବ୍ୟଥା, ଆଣ୍ଠୁଗଣ୍ଠି ବାତ (ଆମବାତ) ଏବଂ ପାରାଲିସିସରୁ ଉପଶମ ପାଇଁ ପ୍ରୟୋଗ ହୁଏ।

ସେହିପରି ସୂର୍ଯ୍ୟଙ୍କୁ ସୃଷ୍ଟିର ଆଧାର କୁହାଯାଏ। ସୂର୍ଯ୍ୟକିରଣରୁ ଜୀବନୀୟ ଶକ୍ତି ମିଳିଥାଏ। ଏହା ଜୀବାଣୁନାଶକ, ଦୁର୍ଗନ୍ଧ ଦୂର କରେ, ଶରୀରକୁ ବଳ ପ୍ରଦାନ କରେ ଏବଂ ଘା'କୁ ମଧ୍ୟ ଶୁଖାଇଥାଏ। ପ୍ରାତଃ ଓ ସାୟଂ ସୂର୍ଯ୍ୟକିରଣରୁ ଶରୀରକୁ ଶକ୍ତି ମିଳିଥାଏ। ଏହି ସମୟର କିରଣ ତ୍ୱଚା ଚଳଗ୍ରନ୍ଥି ଶୋଷଣ କରି ବା ଆଲୋକ ସଂଶ୍ଲେଷଣ ପଦ୍ଧତି ଦ୍ୱାରା ଭିଟାମିନ୍- ଡି' ଶରୀରକୁ ପ୍ରାପ୍ତ ହୋଇଥାଏ। ଏହାଦ୍ୱାରା ହାଡ଼ ମଜଭୁତ ହୁଏ। ଫଳରେ ରିକ୍ଲେସ, ଦନ୍ତ ରୋଗ, ଚର୍ମ ରୋଗ, ବଥ, ମାଂସପେଶୀ ବ୍ୟଥା, ଦୁର୍ବଳତା ଓ ସ୍ନାୟୁଜନିତ ରୋଗ ଭଲ ହୋଇଥାଏ।

ସୂର୍ଯ୍ୟ ସ୍ନାନ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ସ୍ନାନ ପାଇଁ ଏକାନ୍ତ ସ୍ଥାନରେ ସ୍ୱଳ୍ପ ବସ୍ତ୍ର ପରିଧାନ କରି ଅଧ ଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ବସିବା ଆବଶ୍ୟକ। ଏହାଦ୍ୱାରା ଲୋମକୂପଗୁଡ଼ିକ ଖୋଲିଯାଏ ଏବଂ ଶରୀରରୁ ଝାଳ ବୋହିଥାଏ। ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ଆବଶ୍ୟକ ମୁତାବକ ଝାଳ ବୋହିବା ଦ୍ୱାରା ଶରୀରରୁ ଦୂଷିତ ପଦାର୍ଥ ଝାଳ ସହ ବାହାରିଯାଏ। କେବଳ ସେତିକି ନୁହେଁ, ସୂର୍ଯ୍ୟ ସ୍ନାନ ଦ୍ୱାରା ଦୃଷ୍ଟି ଶକ୍ତି ମଧ୍ୟ ବଢ଼ିଥାଏ।


ପ୍ରାକୃତିକ ଚିକିତ୍ସାରେ ଜଳର ମହତ୍ତ୍ୱ ମଧ୍ୟ ରହିଅଛି। ଉଷୁମ ପାଣି ଫମେଣ୍ଟ, ଥଣ୍ଡା ପାଣି ପଟି, ପାଣିର ବାମ୍ଫ ଚିକିତ୍ସା କରାଯାଏ। ଜ୍ୱର ସମୟରେ ଶରୀରରେ ବେଶି ଉତ୍ତାପ ବଢ଼ିଲେ ମସ୍ତିଷ୍କରେ ଶୀତଳ ଜଳ ପଟି ପ୍ରୟୋଗ, ଥଣ୍ଡା ଜ୍ୱର ହୋଇଥିଲେ ଉତ୍ତାପ ବଢ଼ିଲେ ପେଟରେ ଅଧା ବେଲା ପାଣି ରଖି ସେଥିରେ ଅଳ୍ପ ଥଣ୍ଡା ଜଳ ମିଶାଇ ତାହାକୁ ଏକ ଛୋଟ ପାତ୍ରରେ ଆଉଟିଲେ ଉତ୍ତାପ କମେ। ପୋଡ଼ିଗଲେ ସେଠାରେ ବରଫ ବା ଶୀତଳ ଜଳ ପ୍ରୟୋଗ, ରକ୍ତସ୍ରାବ ବନ୍ଦ କରିବା ପାଇଁ ଥଣ୍ଡା ପାଣି ବା ବରଫ ପ୍ରୟୋଗ କଲେ ରକ୍ତବାହିନୀଗୁଡ଼ିକ ସଙ୍କୁଚିତ ହୋଇ ରକ୍ତସ୍ରାବ ବନ୍ଦ ହୁଏ।

ଉଷ୍ମ ଜଳରେ ଫମେଣ୍ଟ କଲେ ମାଂସପେଶୀରେ ବାୟୁ ଅଟକିବା, ରକ୍ତ ସମସ୍ୟା ଦୂର ହୋଇଥାଏ। ଏହାଦ୍ୱାରା ରକ୍ତବାହିନୀ ପ୍ରସାରିତ ହେବା କାରଣରୁ ରକ୍ତ ସଞ୍ଚାଳନ ସ୍ୱାଭାବିକ ହୋଇଥାଏ। ଏହାଦ୍ୱାରା ଦୂଷିତ ପଦାର୍ଥଗୁଡ଼ିକ ବାହାରି ଯିବା ଫଳରେ ବାୟୁ ଅଟକିବା ଓ ଯନ୍ତ୍ରଣା ଭଲ ହୁଏ। ଉଷୁମ ପାଣି ଲଘୁ ହୋଇଥିବାରୁ ତାହାକୁ ପିଇଲେ ହଜମ କ୍ରିୟା ବଢ଼ିଥାଏ। ତା'ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଯାଏ। ସେହିପରି ଖୋଲାସ୍ଥାନ ବା ବିଶୁଦ୍ଧ ବାୟୁ ପ୍ରବାହିତ ହେଉଥିବା ସ୍ଥାନରେ ବସିଲେ ପର୍ଯ୍ୟାପ୍ତ ଶୁଦ୍ଧ ଅମ୍ଳଜାନ ଶରୀରକୁ ମିଳିଥାଏ। ଏହାଦ୍ୱାରା ମାନସିକ ଅବସାଦ ଦୂର ହୁଏ। ଶାନ୍ତି ମିଳେ। ଶରୀର ହାଲୁକା ଲାଗେ। ଭଲ ନିଦ ହୁଏ।

ତେଣୁ ଘରର ଚାରି କାନ୍ଥ ମଧ୍ୟରୁ କିମ୍ବା ବାତାନୁକୂଳିତ କୋଠରିରୁ ବାହାରି ପ୍ରାକୃତିକ ପରିବେଶରେ ଅଧିକ ସମୟ ବିତାନ୍ତୁ। ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ପକ୍ଷୀଙ୍କର ସୁମଧୁର ରାବ ଭିତରେ ସମୟ କାଟିଲେ ମନକୁ ଶାନ୍ତି ଆସେ। ନିଜ ଘରର ଚାରି ପାର୍ଶ୍ୱକୁ ଗଛରେ ଭରି ଦିଅନ୍ତୁ। ରୋଗ ହେଲେ ପ୍ରାକୃତିକ ଔଷଧ ଆପଣାନ୍ତୁ। ସୁସ୍ଥ ଓ ନୀରୋଗ ରୁହନ୍ତୁ।


-ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫

## ସକ୍ରିୟ ରହିବ ରକ୍ତ ସଞ୍ଚାଳନ




ଆମ ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହେବା ଦରକାର। ନ ହେଲେ ଏହା ଗୁରୁତର ଆକାର ଧାରଣ କରିବା ସହ ହୃଦ୍‌ଜନିତ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। କେବଳ ସେତିକି ନୁହେଁ ମସ୍ତିଷ୍କର କାର୍ଯ୍ୟଧାରା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୋଇଥାଏ। ଆମ ଶରୀରରେ ରକ୍ତ ସଞ୍ଚାଳନ ସାଧାରଣ ଅବସ୍ଥାରେ ରହିବାର ଏକ ଉପାୟ ରହିଛି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ଏକ ରିଷ୍ଟ ୱାଚ୍ ତିଆରି କରିଛନ୍ତି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ଠିକ୍ ଭାବରେ ଚାଲିବ। ଏହି ଘଣ୍ଟା କିପରି କାମ କରୁଛି ତାହା ଜାଣିବା ପାଇଁ ରକ୍ତ ସଞ୍ଚାଳନଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କଠାରେ ପରୀକ୍ଷା କରିଥିଲେ। ସେମାନେ ଏହି ଘଣ୍ଟା ପିନ୍ଧିବା ଦ୍ୱାରା ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର ରକ୍ତ ସଞ୍ଚାଳନ ଠିକ୍ ରହିଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି। ତା'ସହ ଯଦି ଜଣେ ବ୍ୟକ୍ତି ସବୁବେଳେ ସୁଷମ ଖାଦ୍ୟ ଖାଆନ୍ତି ତେବେ ତାହାର ସୁପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡ଼ିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି।

## ସୁସ୍ଥ କିଡ୍‌ନୀ ପାଇଁ ସତର୍କତା



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ଦୈନନ୍ଦିନ ଜୀବନରେ ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ କିଡ୍‌ନୀ କିପରି ସୁସ୍ଥ ରହିବ ସେ ନେଇ ସତର୍କ ରହିବା ନିହାତି ଦରକାର। ଏଥିରେ ସମସ୍ୟା ଦେଖାଦେଇଛି କି ନାହିଁ ତାହା ଜାଣିବା ପାଇଁ କେତୋଟି ପ୍ରମୁଖ କାରଣ ବିଷୟରେ ଅବଗତ ହେବା ଦରକାର। କିଡ୍‌ନୀ ଖରାପ ହେଲେ ହାତଗୋଡ଼ ଫୁଲିଯାଏ, ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ, ରକ୍ତଚାପ ଅସନ୍ତୁଳିତ ରହେ ଏବଂ ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ମଧ୍ୟ ଉପୁଜେ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ କେତୋଟି ବିଷୟ ପ୍ରତି ଦୃଷ୍ଟି ଦିଅନ୍ତୁ। ପ୍ରଚୁର ପରିମାଣର ପାଣି ପିଅନ୍ତୁ। ଶରୀରରେ ଯୁରିଆ ତତ୍ତ୍ୱ ସନ୍ତୁଳିତ ରଖନ୍ତୁ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମଧ୍ୟ ଅଧିକ ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ତୁରନ୍ତ ବର୍ଜନ କରନ୍ତୁ। କିଡ୍‌ନୀଜନିତ ସମସ୍ୟା ଦେଖାଦେଲେ କିମ୍ବା ଏହାର କୌଣସି ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରୋଗ ଯଦି ଗୁରୁତର ଆକାର ଧାରଣ କରିଛି ସେହି ଅନୁସାରେ ଚିକିତ୍ସିତ ହୁଅନ୍ତୁ।

## ମାନସିକ ରୋଗ : ଭ୍ରାନ୍ତ ଧାରଣା

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭକଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କିମ୍ବା ରୋଗ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ସମ୍ଭାବନା କମି ଯାଇଥାଏ। ବିଭିନ୍ନ ମାନସିକ ସମସ୍ୟାର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧର ଏକ ନିର୍ଦ୍ଦିଷ୍ଟ କୋର୍ସ ରହିଥାଏ, ଯାହା କି ସାଧାରଣତଃ ରୋଗର ତୀବ୍ରତା ଉପରେ ନିର୍ଭର କରିଥାଏ। ଏହି କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।

## ଡାଇବେଟିସ୍‌ର କାରଣ ହୋଇପାରେ ଧୂମପାନ



ଧୂମ ପାନ ଏଭଳି ଏକ ଅଭ୍ୟାସ ଯାହା ସାମୟିକ ଆନନ୍ଦ ଦେଲେ ମଧ୍ୟ ପରୋକ୍ଷରେ କେତେକ ପ୍ରମୁଖ ରୋଗର କାରଣ ସାଜିଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ନିୟମିତ ଧୂମପାନ କରୁଥିବା ବ୍ୟକ୍ତି ଭବିଷ୍ୟତରେ ଡାଇବେଟିସ୍ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଏହି ସର୍ଭେ ପରିସରଭୁକ୍ତ କେତେକ ବ୍ୟକ୍ତିଙ୍କଠାରେ ସେମାନେ ଏଭଳି ଲକ୍ଷଣ ଦେଖିବାକୁ ପାଇଥିଲେ। ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ। ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ। ଉକ୍ତ ରିପୋର୍ଟରେ ଦର୍ଶାଯାଇଛି ଯେ, ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ, ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ।

## ଇନ୍‌ଫେକଶନ କମାଏ ଲେମ୍ବୁପାଣି



ଲେମ୍ବୁପାଣିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଆମ ଶରୀରରେ ଇନ୍‌ଫେକଶନ ବା ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଏହା କେତେକାଂଶରେ ସହାୟକ ହୋଇଥାଏ। ଏଥିରେ ଥିବା ଅଧିକ ଉପକାରୀ ଗୁଣ ଉପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ଆମ ପାଇଁ ଆଉ ଏକ ଉପକାର କରିଥାଏ। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଥାଏ ବୋଲି ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ପାଣିରେ ଫ୍ଲାଭୋନୋଏଡ୍ ନାମକ ତତ୍ତ୍ୱ ରହିଛି। ଏହାଦ୍ୱାରା ପେଟରୋଗ ଆଶଙ୍କା କେତେକାଂଶରେ ଦୂର ହୋଇଥାଏ। ଆପଣ ଚର୍ବି ବୃଦ୍ଧିଜନିତ ସମସ୍ୟା ସହ ଜଡିତ କି? ଯଦି ହଁ, ତେବେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଶରୀରରେ ଚର୍ବି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଲେମ୍ବୁ ପାଣି ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ। ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କ୍ଲାନ୍ତି ଦୂର କରିବାରେ ସହାୟକ ହୋଇଥାଏ।

## ଜାଣିରଖନ୍ତୁ



- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ବିଶେଷ କରି ଏହା ଥଣ୍ଡାରୁ ଆମକୁ ଉପଶମ ଦେଇଥାଏ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।
- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବେ।
- ଯେ କୌଣସି କାମ ଖୁସି ମନରେ କରନ୍ତୁ। ଏହାଦ୍ୱାରା ଆପଣ କାମଟିକୁ ଠିକ୍ ଭାବରେ କରିବା ସହ ଅଧିକ କାର୍ଯ୍ୟ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେବ।

## ଉପାୟ ରହିଛି ହାତ ପାଆନ୍ତାରେ

ଶରୀରକୁ ସୁସ୍ଥ ରଖିବା ପାଇଁ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ। ଏହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବାକୁ ହେଲେ ଯୋଗକୁ ହିଁ ଆମକୁ ବିକଳ୍ପ ଭାବେ ଆପଣେଇବାକୁ ପଡ଼ିବ। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଂଚାଳନ ମଧ୍ୟ ଠିକ୍ ଭାବେ ହୁଏ। ତା'ସହ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଧ୍ୟ ଶକ୍ତ ହୋଇଥାଏ। ନିୟମିତ ଯୋଗ କଲେ ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ମାନସିକ ଚାପ ଆମ ପାଇଁ ସମସ୍ୟା ସାଜିଥାଏ। ଯୋଗ ଦ୍ୱାରା ଏଥିରୁ କେତେକାଂଶରେ ରକ୍ଷା ମିଳିଥାଏ। ସବୁବେଳେ ଯୋଗ କଲେ ଭଲ ନିଦ ହୁଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ଯୋଗ କରିବା ଦ୍ୱାରା ସ୍ମରଣ ଶକ୍ତି ପ୍ରଖର ରହିଥାଏ। ତେଣୁ ନିଜର ଦୈନନ୍ଦିନ ଜୀବନଶୈଳୀରେ ଯୋଗ ସାମିଲ କରିବା ଦରକାର।



## ସ୍ୱାସ୍ଥ୍ୟ ସୂଚନା

- ଏବେ ବର୍ଷା ଦିନ। ତେଣୁ ଏହି ସମୟରେ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସଚେତନ ରୁହନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରିବା ସମୟରେ ଯଦି ଆପଣଙ୍କର କୌଣସି ମେଡିସିନ୍ ଖାଇଲେ ଆଲର୍ଜି ସମସ୍ୟା ରହିଛି ସେ ନେଇ ସୂଚନା ଦିଅନ୍ତୁ।
- ରାତିରେ ଶୋଇବା ପୂର୍ବରୁ ପାଦ ଏବଂ ହାତକୁ ଉଷୁମ ପାଣିରେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।
- ଯଦି ସବୁବେଳେ ଟେନ୍‌ସନର ବଶବର୍ତ୍ତୀ ହେଉଛନ୍ତି ଏବଂ ଯେତେ ଚାହିଁଲେ ମଧ୍ୟ ସେଥିରୁ ମୁକୁଳି ପାରୁ ନାହାନ୍ତି, ତେବେ ଏ ନେଇ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।
- ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ତେଣୁ ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୨-୩ ଲିଟର ପାଣି ପିଇବା ଦରକାର। ହେଲେ ଖାଇବାର ଠିକ୍ ପୂର୍ବରୁ ଏବଂ ଖାଇ ସାରିବା ପରେ ପରେ ପାଣି ପିଅନ୍ତୁ ନାହିଁ। ଖାଇବା ସମୟର ଅଧ ଘଣ୍ଟାଏ ପୂର୍ବରୁ ଏବଂ ଅଧ ଘଣ୍ଟାଏ ପରେ ପାଣି ପିଇଲେ ତାହା ପାଚନ କ୍ରିୟା ଦୃଢ଼ କରିବାରେ ସାହାଯ୍ୟ କରିଥାଏ।
- ପ୍ରତିଦିନ ତଟକା ଫଳମୂଳ ଖାଆନ୍ତୁ। କାରଣ ଏଗୁଡିକରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଛି। ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଆମ ଶରୀର ପାଇଁ ବେଶ୍ ଉପକାରୀ।



# ଇଂଲଣ୍ଡକୁ ସୁନ୍ଦର-ଜାଡେଜାଙ୍କ କଡ଼ା ଜବାବ





ଶତକ ହାସଲ ପରେ ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦର।

## ୩ ଶତକ ସହ ମାଞ୍ଚେଷ୍ଟର ଟେଷ୍ଟ ଡ୍ର' ରଖିଲା ଭାରତ

**ମାଞ୍ଚେଷ୍ଟର, ୨୭।୭**

ଅଧିନାୟକ ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କ ଶତକ ବଳରେ ଭାରତ ଏଠାରେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟକୁ ଡ୍ର ରଖିବାକୁ ସକ୍ଷମ ହୋଇଛି। ପ୍ରଥମ ଇନିଂସରେ ୩୧୧ ରନରେ ପଛୁଆ ଥିବା ଭାରତ ଦ୍ୱିତୀୟ ଇନିଂସରେ ଏକଦା ବିନା ରନରେ ୨ଟି ଉଇକେଟ ହରାଇ ବିପଦରେ ପଡ଼ିଥିବାବେଳେ ଚାପର ସଫଳ ମୁକାବିଲା କରି ୫ମ ଦିବସ ଖେଳ ଶେଷ ବେଳକୁ ୪ ଉଇକେଟ ହରାଇ ୪୨୫ ରନ ସଂଗ୍ରହ କରିଛି। ଗିଲ୍ ୧୦୩ ରନକରି ଆଉଟ ହୋଇଥିବାବେଳେ ଜାଡେଜା ୧୦୭ ଓ ସୁନ୍ଦର ୧୦୧ ରନକରି ଅପରାଜିତ ରହିଛନ୍ତି। ଅସମାପ୍ତ ୫ମ ଉଇକେଟରେ ଜାଡେଜା ଓ ସୁନ୍ଦର ୨୦୩ ରନ ସଂଗ୍ରହ କରି ଇଂଲଣ୍ଡର ବିଜୟ ଆଶାରେ ପାଣି ଭରି ଦେଇଛନ୍ତି। ମ୍ୟାଚ ଡ୍ର ରହିବାରୁ ଉଭୟ ଭାରତ ଓ ଇଂଲଣ୍ଡ ୪ ପଏଣ୍ଟ ଲେଖାଏ ଭାଗ କରିଛନ୍ତି। ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ରହିଛି।

ଚତୁର୍ଥ ଦିବସର ଅସମାପ୍ତ ସ୍କୋର ୧୭୪/୨ରୁ ଭାରତ ଖେଳ ଆରମ୍ଭ କରିଥିଲା। ତୃତୀୟ ଉଇକେଟରେ ୧୮୮ ରନ ଯୋଗ ହେବାପରେ ଲୋକେଶ ରାହୁଲ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ରାହୁଲ ଦୁର୍ଭାଗ୍ୟଜନକ ଭାବେ ଶତକ ହାସଲ କରି ନ ପାରି ୯୦ ରନ କରିଥିବାବେଳେ ବେନ୍ ଷ୍ଟୋକ୍ସଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ଯାଇଥିଲେ। ଗିଲ୍ କିନ୍ତୁ ହାସଲ କରିଥିଲେ କ୍ୟାରିୟରର ୯ମ ଟେଷ୍ଟ ଶତକ। ସ୍କୋର ୨୨୨ ଥିବାବେଳେ ଗିଲ୍ ୧୦୩ ରନକରି ପ୍ୟାଭିଲିୟନ ଫେରିବାରୁ ଭାରତ ପୁଣି ସଙ୍କଟର ସମ୍ମୁଖୀନ ହୋଇଥିଲା। ମାତ୍ର ଅନେକ ମ୍ୟାଚରେ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିବା ଜାଡେଜା ଏଠାରେ ମଧ୍ୟ ଦକ୍ଷତା ଦେଖାଇଥିଲେ। ୱାଶିଂଟନ ସୁନ୍ଦର ତାଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ। ଦୁହେଁ ଦ୍ୱିଶତକୀୟ ଭାଗୀଦାରି ଗଢ଼ି କରି ଇଂଲଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ୧୩୮ ଓଭର ପରେ ଷ୍ଟୋକ୍ସ ମ୍ୟାଚ ଡ୍ର ରଖିବାକୁ ଦୁଇ ଭାରତୀୟ ବ୍ୟାଟରଙ୍କୁ ଅଫର ଦେଇଥିଲେ। ମାତ୍ର ଏହାକୁ ପ୍ରତ୍ୟାଖ୍ୟାନ କରି ଜାଡେଜା କ୍ୟାରିୟରର ୫ମ ଓ ସୁନ୍ଦର ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ଫଳରେ ସହଜରେ ମ୍ୟାଚ ଜିତିବା ନେଇ ସ୍ୱପ୍ନ ଦେଖୁଥିବା ଇଂଲଣ୍ଡକୁ ଶକ୍ତ ଧକ୍କା ଲାଗିଥିଲା। ପୂରା ଦିନରେ କେବଳ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୩୫୮। ଇଂଲଣ୍ଡ ପ୍ରଥମ ଇନିଂସ: ୬୬୯। ଭାରତ ଦ୍ୱିତୀୟ ଇନିଂସ: ୪୨୫/୪ (ରବୀନ୍ଦ୍ର ଜାଡେଜା-୧୦୭*, ଶୁବମନ ଗିଲ୍-୧୦୩, ୱାଶିଂଟନ ସୁନ୍ଦର-୧୦୧*, ଲୋକେଶ ରାହୁଲ-୯୦, କ୍ରିସ୍ ୱୋକ୍ସ-୨/୫୭, ବେନ୍ ଷ୍ଟୋକ୍ସ-୧/୩୩, ଜୋଫ୍ରା ଆର୍ଚର-୧/୭୮)।

### ବ୍ରାଡ୍‌ମ୍ୟାନ, ଗାଭାସ୍କରଙ୍କ ସମକକ୍ଷ ହେଲେ ଗିଲ୍

ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍ ଚଳିତ ସିରିଜରେ ଚତୁର୍ଥ ଶତକ ହାସଲ କରି ଅନେକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ଗତ ୩୫ ବର୍ଷରେ ପ୍ରଥମ ଭାରତୀୟ ବ୍ୟାଟର ଭାବେ ଓଲ୍ଡ ଟ୍ରାଫୋର୍ଡରେ ଶତକ ହାସଲ କରିଛନ୍ତି। ଅନ୍ତିମ ଥର ୧୯୯୦ରେ ସଚିନ ତେନ୍ଦୁଲକର ଇଂଲଣ୍ଡ ବିପକ୍ଷରେ ୧୧୯ ରନର ପାଳି ଖେଳିଥିଲେ। ଟେଷ୍ଟ କ୍ରିକେଟ୍ ଇତିହାସରେ ଗିଲ୍ ତୃତୀୟ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ୪ ଶତକ କରିଛନ୍ତି। ଏହି ତାଲିକାରେ ସାର୍ ଡନ୍ ବ୍ରାଡ୍‌ମ୍ୟାନ ଓ ସୁନୀଲ ଗାଭାସ୍କରଙ୍କ ଭଳି ମହାନ୍ ଖେଳାଳି ରହିଛନ୍ତି। ଏଥିସହିତ ଅଧିନାୟକ ଭାବେ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ କରିଥିବା ଅଧିନାୟକଙ୍କ ତାଲିକାରେ ଗିଲ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଡୁରାଣ୍ଡ କପ୍: ଆଇଟିବିପି ବିଜୟୀ

**କୋକ୍ରାଝର, ୨୭।୭ (ପି.ଟି.)**

ଡୁରାଣ୍ଡ କପ୍ ଫୁଟ୍‌ବଲ ପଦାର୍ପଣରେ ଏହାର ପ୍ରଥମ ମ୍ୟାଚ ଜିତିଛି ଇଣ୍ଡୋ-ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି) ଟିମ୍। ରବିବାର ସ୍ଥାନୀୟ ସାଇ ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ 'ଡି' ଓପନରରେ ଦଳ ୧୦ ଜଣିଆ କର୍‌ବି ଆଙ୍ଗଲଙ୍ଗ ମର୍ନିଂ ଷ୍ଟାରକୁ ୨-୧ ଗୋଲରେ ହରାଇ ଦେଇଛି। ଲୁନ୍‌ମିନ୍‌ଲେନ୍ ହାଓକିପ୍‌ଙ୍କ ଗୋଲ୍ ବଳରେ କର୍‌ବି ଆଙ୍ଗଲଙ୍ଗ ମର୍ନିଂ ଷ୍ଟାର ଏଫ୍‌ସି ପ୍ରଥମେ ଅଗ୍ରଣୀ କରାଇଥିଲେ କିନ୍ତୁ ଫୁଲଙ୍ଗ ଡାଏମାରି ଓ ହେମରାଜ ଭୁଜେଲଙ୍କ ଗୋଲ ଯୋଗୁ ପାରା ମିଲିଟାରୀ ଦଳ ବିଜୟ ଲାଭ କରିବା ସହ ୩ ପଏଣ୍ଟ ଅର୍ଜନ କରିଛି। ମ୍ୟାଚରେ ଉଭୟ ପଦାର୍ପଣକାରୀ ଦଳ ମିଡ୍‌ଫିଲ୍ଡକୁ ସେମାନଙ୍କ ଅକ୍ତିଆରକୁ ନେବା ଲାଗି ଜୋର୍‌ଦାର ଉଦ୍ୟମ କରିଥିଲେ।

## ପଦାର୍ପଣରେ ୧୨ବର୍ଷୀୟା ୟୁ ଜିଦି ପ୍ରଭାବୀ

**ୱାର୍ଲ୍ଡ ସୁଇମିଂ ଚାମ୍ପିୟନଶିପ୍**

**ସିଙ୍ଗାପୁର, ୨୭।୭ (ଏପି)**

ଚାଇନାର ୧୨ବର୍ଷୀୟା ପ୍ରତିଭା ସନ୍ତରଣକାରୀ ୟୁ ଜିଦି ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କର ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିଙ୍ଗାପୁରରେରବିବାର ଆରମ୍ଭ ହୋଇଥିବା ଏହି ୮ଦିନିଆ ଚାମ୍ପିୟନଶିପ୍‌ରେ ସେ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏଥିରେ ତାଙ୍କର ଟାଇମିଂ ୨ମିନିଟ ୧୧.୯୦ ରେକର୍ଡ କରାଯାଇଥିଲା। ୧୬ ଜଣ କ୍ୱାଲିଫାୟର୍ସଙ୍କ ମଧ୍ୟରେ ୧୫ତମ ଦ୍ରୁତତମ ଥିଲେ। ଚଳିତ ସିଜନରେ ତାଙ୍କ ଶ୍ରେଷ୍ଠ ଟାଇମିଂ ୨:୧୦.୬୩ଠାରୁ ସେ ସାମାନ୍ୟ ପଛରେ ରହିଯାଇଥିଲେ। ସିଙ୍ଗାପୁରରେ ସେ ତିନୋଟି ଇଭେଣ୍ଟରେ ଭାଗ ନେଇଛନ୍ତି। ଅନ୍ୟ ଦୁଇ ଇଭେଣ୍ଟ ହେଲା ୪୦୦ମିଟର ବ୍ୟକ୍ତିଗତ ମିଡଲେ ଓ ୨୦୦ମିଟର ବଟରଫ୍ଲାଏ। ୨୦୦ମିଟର ମିଡ୍‌ଲେ ସମ୍ଭବତଃ ତାଙ୍କର ସବୁଠାରୁ ଦୁର୍ବଳ ଇଭେଣ୍ଟ। କିନ୍ତୁ ନିକଟରେ ଚାଇନିଜ ଚାମ୍ପିୟନଶିପ୍‌ରେ ତାଙ୍କ ଟାଇମିଂ ଚଳିତ ସିଜନରେ ବିଶ୍ୱ ଶ୍ରେଷ୍ଠ। ଅନ୍ୟ ଦୁଇଟି ଇଭେଣ୍ଟରେ ତାଙ୍କର ଶ୍ରେଷ୍ଠ ଟାଇମିଂ ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ଟାଇମିଂ ସହ ସମାନ। ସୂଚନାଯୋଗ୍ୟ, ୱାର୍ଲ୍ଡ ସୁଇମିଂ ଗଭର୍ନିଂବଡି ୱାର୍ଲ୍ଡ ଆକ୍ୱାଟିକ୍ସ ପ୍ରତିଯୋଗିତାରେ ଭାଗ ନେବା ଲାଗି ସର୍ବନିମ୍ନ ବୟସ ସୀମା ୧୪ ରଖିଛି। ତେବେ ଏହାଠାରୁ କମ୍ ବୟସର ଜଣେ ସନ୍ତରଣକାରୀ ଯଦି କ୍ୱାଲିଫାଇଂ ଅଙ୍କ ଅତିକ୍ରମ କରେ ତେବେ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଅନୁମତି ରହିଛି।



ୟୁ ଜିଦି

## କଟକ-ସମ୍ବଲପୁର ଫାଇନାଲ



ସାହାଣୀ କପ୍: ଅତିଥିଙ୍କ ଗହଣରେ ସମ୍ବଲପୁର ଦଳର ଖେଳାଳିମାନେ।

**ବ୍ରହ୍ମପୁର, ୨୭।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଆନ୍ତଃ ଜିଲା ପୁରୁଷ ବର୍ଗ ସାହାଣୀ କପ୍ ଫୁଟବଲ ଚାମ୍ପିୟନଶିପ୍‌ର ରବିବାର ସେମିଫାଇନାଲ ମ୍ୟାଚ ବ୍ରହ୍ମପୁର ଜୋନ୍‌ରେ କୋରାପୁଟ ଓ ସମ୍ବଲପୁର ମଧ୍ୟରେ ହୋଇଥିଲା। କୋରାପୁଟ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ୍ ଦେଇଥିବାବେଳେ ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ଗୋଲ୍ ପରିଶୋଧ କରିଥିଲା। ପେନାଲ୍ଟି ଶୁଟ୍ ଆଉଟ୍‌ରେ ସମ୍ବଲପୁର ୫-୪ ଗୋଲରେ କୋରାପୁଟକୁ ହରାଇ ଫାଇନାଲରେ ପ୍ରବେଶ କରିଛି। କଟକ ଓ ସମ୍ବଲପୁର ମଧ୍ୟରେ ପ୍ରଥମ ଫାଇନାଲ ଅଗଷ୍ଟ ୧ରେ ବୌଦ୍ଧରେ ଅନୁଷ୍ଠିତ ହେବ। ଅଗଷ୍ଟ ୩ରେ ଦ୍ୱିତୀୟ ଫାଇନାଲ କେନ୍ଦୁଝର ଷ୍ଟାଡିୟମରେ ଖେଳାଯିବ।

## ଦ୍ୱିତୀୟ ମ୍ୟାଚ୍ ଡ୍ର, ଆଜି ଟାଇବ୍ରେକର

**ମହିଳା ଚେସ୍ ବିଶ୍ୱକପ୍**

**ବାଟୁମି, ୨୭।୭**

ଭେଟେରାନ ଗ୍ରାଣ୍ଡମାଷ୍ଟର (ଜିଏମ୍) କୋନେରୁ ହମ୍ପି ଓ ଇଣ୍ଟରନ୍ୟାଶନାଲ ମାଷ୍ଟର (ଆଇଏମ୍) ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଚାଲିଥିବା ଫିଡେ ମହିଳା ଚେସ୍ ବିଶ୍ୱକପ୍ ଫାଇନାଲର ଦ୍ୱିତୀୟ ମ୍ୟାଚ୍ ୩୪ଟି ମୁଭ୍ସ ପରେ ଡ୍ର' ଭାବେ ଶେଷ ହୋଇଛି। ଫଳରେ ସୋମବାର ହେବାକୁ ଥିବା ଟାଇବ୍ରେକ୍ସ ଜରିଆରେ ବିଜେତା ନିର୍ଣ୍ଣୟ ହେବ। ପ୍ରଥମ ଦୁଇ କ୍ଲାସିକାଲ ମ୍ୟାଚ୍‌କୁ ଡ୍ର' ରଖିଥିବା ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ରାପିଡ ଆଣ୍ଡ୍ ବ୍ଲିଜ ଫର୍ମାଟରେ ମୁକାବିଲା ହେବ। ଏହି ଫର୍ମାଟରେ ୧୫ ମିନିଟ୍ ବିଶିଷ୍ଟ ଦୁଇଟି ଗେମ୍ ଖେଳାଯାଏ ଏବଂ ପ୍ରତ୍ୟେକ ମୁଭ ପରେ ଖେଳାଳିଙ୍କ ଖାତାରେ ୧୦ ସେକେଣ୍ଡ ଯୋଡ଼ା ଯାଏ। ଯଦି ସ୍କୋର ତଥାପି ସମାନ ରୁହେ, ତେବେ ଦୁହିଁଙ୍କ ମଧ୍ୟରେ ୧୦ ସେକେଣ୍ଡର ଇନକ୍ରିମେଣ୍ଟ ଟାଇମ ସହିତ ଏକ ୧୦ ମିନିଟ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ଏହାପରେ ବି ବିଜେତା ନ ମିଳିଲେ, ଦୁହିଁଙ୍କ ମଧ୍ୟରେ ୩ ସେକେଣ୍ଡର ଇନକ୍ରିମେଣ୍ଟ ଟାଇମ ସହିତ ଦୁଇଟି ୫ ମିନିଟ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ଯଦି ଏହା ସତ୍ତ୍ୱେ ସ୍ପଷ୍ଟ ଫଳାଫଳ ନ ମିଳେ, ତେବେ ୨ ସେକେଣ୍ଡର ଇନକ୍ରିମେଣ୍ଟ ଟାଇମ ସହିତ ୩ ମିନିଟ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ।

ଧଳା ଗୋଟିରେ ଖେଳୁଥିବା ଭେଟେରାନ ହମ୍ପି ବିଶପ୍ସ ଯୋଡ଼ି ସହ ଆରମ୍ଭ କରିଥିଲେ। କିନ୍ତୁ ଦିବ୍ୟା ତାଙ୍କ ନାଇଟ୍‌କୁ ଉପଯୁକ୍ତ ସ୍ଥାନରେ ରଖିଥିଲେ, ଯାହା ଫଳରେ ପ୍ରତିପକ୍ଷ ହମ୍ପିଙ୍କୁ ବିଶେଷ ଫାଇଦା ମିଳି ନ ଥିଲା। ମ୍ୟାଚ୍‌ର ମଧ୍ୟାନ୍ତରରେ ଉଭୟ ଖେଳାଳି ନିୟମିତ ବ୍ୟବଧାନରେ ସେମାନଙ୍କ ଗୋଟି ବଦଳାଇଥିଲେ। ଦୁଇ ଖେଳାଳି ବିନା ରିସ୍କରେ ଖେଳୁଥିବାରୁ କାହାକୁ ଫାଇଦା ମିଳି ନ ଥିଲା। ଶେଷରେ ଦୁଇ ଖେଳାଳି ବାରମ୍ବାର ସେମାନଙ୍କ ଗୋଟିକୁ ସମାନ ପୋଜିଶନରେ ଅଦଳ ବଦଳ କରିଥିଲେ; ଯାହା ଫଳରେ ନିୟମ ଅନୁଯାୟୀ ମ୍ୟାଚ୍‌କୁ ଡ୍ର' ଘୋଷିତ କରାଯାଇଥିଲା।



ମ୍ୟାଚ୍ ଡ୍ର' ହେବା ପରେ ଦିବ୍ୟା ଦେଶମୁଖ ଓ କୋନେରୁ ହମ୍ପି ହାତ ମିଳାଉଛନ୍ତି।

## ନଭେମ୍ବର ୭ରେ ୧୦୦୦ ମ୍ୟାଚ୍

**ଭାରତୀୟ ହକିକୁ ୧୦୦ ବର୍ଷ**

**ମହାବଲିପୁରମ, ୨୭।୭ (ପି.ଟି.)**

ଆସନ୍ତା ନଭେମ୍ବର ୭ ତାରିଖରେ ଭାରତୀୟ ହକି ଅଭିଯାନକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ହକି ଇଣ୍ଡିଆ (ଏଚ୍‌ଆଇ)ର ୧୫ତମ କଂଗ୍ରେସରେ କିଛି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଭାରତୀୟ ହକିକୁ ୧୦୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯିବ, ଯେଉଁଥିରେ ଏକାସମୟରେ ୧୦୦୦ ମ୍ୟାଚ୍ ଆୟୋଜନ କରାଯିବ। ଦେଶର ପ୍ରତ୍ୟେକ ଜିଲାରେ ଗୋଟିଏ ଲେଖାଏଁ ପୁରୁଷ ଓ ମହିଳା ମ୍ୟାଚ୍ ଖେଳାଯିବ। ଏଥିରେ ମୋଟ ଉପରେ ୩୬,୦୦୦ ଖେଳାଳି ଭାଗ ନେବେ। ଦେଶର ପ୍ରତ୍ୟେକ କୋଣରୁ ହକି ଖେଳାଳିଙ୍କୁ ଏକତ୍ରିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ଏଥିସହିତ ଜାତୀୟ ଓ ତୃଣମୂଳ ସ୍ତରରେ ପ୍ରତିଯୋଗିତା ଆୟୋଜନ କ୍ଷେତ୍ରରେ ଦିଆଯାଉଥିବା ଆର୍ଥିକ ସହାୟତାରେ ଆଖିଦୃଶିଆ ବୃଦ୍ଧି କରାଯାଇଛି। ଏବେଠାରୁ ଜାତୀୟ ସିନିୟର ପୁରୁଷ ଓ ମହିଳା ଚାମ୍ପିୟନଶିପ୍ ଆୟୋଜନ ଲାଗି ୭୦ ଲକ୍ଷ ଦିଆଯିବ। ସେହିଭଳି ଜୁନିୟର ବାଳକ, ବାଳିକା, ସବ୍-ଜୁନିୟର ବାଳକ ଓ ସବ୍-ଜୁନିୟର ବାଳିକା ଜାତୀୟ ଚାମ୍ପିୟନଶିପ୍ ଲାଗି ୩୦ ଲକ୍ଷ ଲେଖାଏ ଫେଡେରେଶନ ପକ୍ଷରୁ ଦିଆଯିବ। ଏହା ବ୍ୟତୀତ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଓ ଜିଲା ସଂଗଠନକୁ ସମର୍ଥନ କରିବା ପାଇଁ ୨୫ ଲକ୍ଷ ଲେଖାଏ ଦିଆଯିବ। ସ୍ଥାନୀୟ ସ୍ତରରେ ଆର୍ଥିକ ବାଧାକୁ ହ୍ରାସ କରି ଭିତ୍ତିଭୂମିକୁ ସଶକ୍ତ କରିବା, ପ୍ରତିଯୋଗିତାର କ୍ୱାଲିଟିରେ ବୃଦ୍ଧି ଓ ଅଧିକରୁ ଅଧିକ ଦଳକୁ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନୁଦାନରେ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଉଦୀୟମାନ ଖେଳାଳି, କୋଚ୍, ତୃଣମୂଳ ସ୍ତରର ଅଧିକାରୀ ଲାଭବାନ ହେବେ, ଯେଉଁମାନେ ଭାରତୀୟ ହକିର ଭବିଷ୍ୟତର ମେରୁଦଣ୍ଡ ବୋଲି ଏଚ୍‌ଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏଚ୍‌ଆଇ ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, ଭାରତୀୟ ହକିକୁ ୧୦୦ ବର୍ଷ ପୂରିବାକୁ ଯାଉଥିବାରୁ ସାରା ଦେଶରେ ଉତ୍ସବ ଜରିଆରେ ଭାରତୀୟ ହକିକୁ ଆଗକୁ ନେଇଥିବା ପ୍ରତ୍ୟେକ ଖେଳାଳି, କୋଚ୍ ଓ ପ୍ରଶଂସକଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରାଯିବ। ଘୋଷଣା ହୋଇଥିବା ଆର୍ଥିକ ସମର୍ଥନ ଜରିଆରେ ଆମେ ଭବିଷ୍ୟତ ପିଢ଼ିର ସ୍ୱପ୍ନ ଉପରେ ନିବେଶ କରିବୁ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ